# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁନ୍ ୧୯/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 19/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୨୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-


75 Azadi Ka Amrit Mahotsav



PATANJALI®
wellness
Yoga, Ayurveda & Naturopathy
Patanjali Yogpeeth, Haridwar



ରାଷ୍ଟ୍ରହିତରେ ଏହି ବାର୍ତ୍ତାକୁ କୋଟି କୋଟି ଲୋକଙ୍କ ପର୍ଯ୍ୟନ୍ତ ପହଞ୍ଚାନ୍ତୁ ।

# ଅନ୍ତର୍ଜାତୀୟ ଯୋଗ ଦିବସ

**ଜୁନ୍ 21, 2022 ତାରିଖର ଏହି ପବିତ୍ର କାର୍ଯ୍ୟକ୍ରମରେ, ଆସନ୍ତୁ ଆମେ ସମସ୍ତେ ପ୍ରତିଦିନ ଯୋଗଋଷି ସ୍ୱାମୀ ରାମଦେବଜୀଙ୍କ ସହିତ ଦୈନିକ ଆସ୍ଥା ଚ୍ୟାନେଲରେ ପ୍ରାତଃ 5 ଘଟିକାରୁ 7.30 ଘଟିକା ପର୍ଯ୍ୟନ୍ତ ପ୍ରସାରିତ ହେଉଥିବା ଲାଇଭ୍ ଯୋଗ ଅଧିବେଶନ ମାଧ୍ୟମରେ ଯୋଗ କରିବାର ସଂକଳ୍ପ ନେବା । ଯୋଗ ଦିବସରେ ଅନ୍ୟାନ୍ୟ ରାଷ୍ଟ୍ରୀୟ ଏବଂ ଆଞ୍ଚଳିକ ନ୍ୟୁଜ୍ ଚ୍ୟାନେଲରେ ତାଙ୍କୁ ଲାଇଭ୍ ଦେଖନ୍ତୁ ।**

ଆସନ୍ତୁ, ''ଆଜାଦୀ କା ଅମୃତ ମହୋତ୍ସବ''ର ମହାନ୍ ଅବସରରେ ଦୈନିକ ଯୋଗାଭ୍ୟାସ କରି ନିଜକୁ ସବୁ ପ୍ରକାର ରୋଗ ଏବଂ ନିଶା, ହିଂସା, ନକାରାତ୍ମକ ଚିନ୍ତା କିମ୍ବା ଭାବାବେଗ ତଥା ସବୁ ପ୍ରକାର ଅମାନବିକ ପ୍ରବୃତ୍ତିରୁ ମୁକ୍ତ କରିବାର ଶପଥ ନେବା ଏବଂ ଆତ୍ମନିର୍ଭରତାର ଲକ୍ଷ୍ୟକୁ ହାସଲ କରିବା ପାଇଁ ନିଜର ଚିନ୍ତାଧାରା ଓ ଆବେଗରେ ''ସ୍ୱଦେଶୀ''କୁ ଆପଣାଇବା ପାଇଁ ପ୍ରତିବଦ୍ଧ ହେବା ।

ରାଷ୍ଟ୍ର ତଥା ସମର୍ପିତ ପତଞ୍ଜଳି ସ୍ୱେଚ୍ଛାସେବୀଙ୍କ ସହଯୋଗ ସହିତ, ଆମେ ସାରା ଦେଶରେ ପାଖାପାଖି 500 ବ୍ଲକ୍ ଓ 500 ଜିଲ୍ଲାରେ 75ଟି ଐତିହାସିକ ତଥା ସାଂସ୍କୃତିକ ଦୃଷ୍ଟିରୁ ବିଶିଷ୍ଟ ସ୍ଥାନଗୁଡ଼ିକରେ ଯୋଗ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯାଉଛୁ । ନିଜର ଶାରୀରିକ ଏବଂ ମାନସିକ ଶକ୍ତିକୁ ପୁନରୁଜ୍ଜୀବିତ କରିବା ଏବଂ ପାରମ୍ପରିକ ଯୋଗାଭ୍ୟାସ ଓ ଭାରତୀୟ ସଂସ୍କୃତିର ଐତିହ୍ୟରେ ଅଂଶବିଶେଷ ହୋଇ ଗର୍ବିତ ଅନୁଭବ କରିବା ପାଇଁ ଏହି ''ଯୋଗ ମହୋତ୍ସବ''ରେ ଅଂଶଗ୍ରହଣ କରିବା ଲାଗି ଆମେ ଆପଣଙ୍କୁ ଉତ୍ସାହିତ କରୁଛୁ ।

**ପତଞ୍ଜଳି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍:** ପତଞ୍ଜଳି ମୂଳଭୁତ ରୂପେ ପ୍ରମାଣ-ଭିତ୍ତିକ ଗବେଷଣା ଏବଂ ସମକାଳୀନ ବିଜ୍ଞାନ ଉପରେ ଆଧାରିତ ଅଟେ । 500ରୁ ଅଧିକ ଗବେଷଣା ବିଷୟ ଉପରେ ପତଞ୍ଜଳିର ଉନ୍ନତ ଗବେଷଣା ଏବଂ ଅନ୍ତର୍ଜାତୀୟ ଗବେଷଣା ପ୍ରକାଶନ ତଥା ପୁସ୍ତକ ବିଷୟରେ ପଢ଼ିବା ଓ ଜାଣିବା ପାଇଁ ଦୟାକରି ପତଞ୍ଜଳି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ୱେବ୍‌ସାଇଟ୍: **www.patanjali.res.in** ପରିଦର୍ଶନ କରନ୍ତୁ ।




ଏଲୋପାଥିକ୍ ଫାର୍ମାସ୍ୟୁଟିକାଲ୍ସ କମ୍ପାନୀଗୁଡ଼ିକ ଏକ ସାମୂହିକ ମିଥ୍ୟା ଓ ଭ୍ରାନ୍ତି ବ୍ୟାପ୍ତ କରିଛନ୍ତି ଯେ ଖରାପ ଜୀବନଶୈଳୀ, ଦୀର୍ଘସ୍ଥାୟୀ ଅସୁସ୍ଥତା, ଜେନେଟିକ୍ ବିକାର ଆଦିରୁ ଜାତ ରୋଗଗୁଡ଼ିକ ପାଇଁ କୌଣସି ସ୍ଥାୟୀ ସମାଧାନ ନାହିଁ ଏବଂ ସେଗୁଡ଼ିକୁ ଦୁଃସାଧ୍ୟ ରୋଗ ଭାବେ ଘୋଷଣା କରିଦେଇଛନ୍ତି । କିନ୍ତୁ ବିଗତ ତିନି ଦଶନ୍ଧି ଧରି ଆମେ ଯୋଗ ମାଧ୍ୟମରେ ଲକ୍ଷ ଲକ୍ଷ ଲୋକଙ୍କୁ ସେମାନଙ୍କର ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ସ୍ତରରେ ସର୍ବାଙ୍ଗୀନ ସ୍ୱାସ୍ଥ୍ୟ ସମାଧାନ ଯୋଗାଇଆସିଛୁ । ଆମେ ବିପି, ଡାଇବେଟିସ୍, ଥାଇରଏଡ୍, ଶ୍ୱାସରୋଗ, ଗଣ୍ଠିବାତ, ସନ୍ତାନହୀନତା, ଆଙ୍କିଲୁଜିଂ ସ୍ପଣ୍ଡିଲାଇଟିସ୍, ଟାଇପ୍ । ଡାଇବେଟିସ୍, ପାର୍କିନ୍‌ସନ୍ସ, କ୍ରୋନିକ୍ କିଡ୍‌ନୀ ଓ ଲିଭର ରୋଗ ଯେପରିକି ଫ୍ୟାଟି ଲିଭର, ଲିଭର୍ ସିରୋସିସ୍; ଦୀର୍ଘସ୍ଥାୟୀ ଚର୍ମ ସମସ୍ୟା ଯେପରିକି ସୋରିଆସିସ୍, ଏକ୍‌ଜିମା, ଲ୍ୟୁକୋଡର୍ମା ଆଦି ଭଳି ଅନେକ ରୋଗକୁ ଆରୋଗ୍ୟ କରିବା ପାଇଁ ଗବେଷଣା ଏବଂ ପ୍ରମାଣ-ଭିତ୍ତିକ ଚିକିତ୍ସା ସେବା ପ୍ରଦାନ କରିଆସୁଛୁ । ଏଲୋପାଥିକ୍ ଔଷଧ ଉଦ୍ୟୋଗଗୁଡ଼ିକର ଭ୍ରାନ୍ତିକର ବିଜ୍ଞାପନ ଜନସାଧାରଣଙ୍କ ମନରେ ଏହି ଭୁଲ୍ ଧାରଣା ସୃଷ୍ଟି କରାଇଦେଇଛି ଯେ ଏହିସବୁ ରୋଗ ପାଇଁ କୌଣସି ସ୍ଥାୟୀ ସମାଧାନ ନାହିଁ ଏବଂ ସେମାନେ ଏହି ସିଦ୍ଧାନ୍ତକୁ ବିଶ୍ୱାସ କରୁଛନ୍ତି । ଯଦି ଆପଣଙ୍କ ପରିବାରର କେହି ଏପରି ରୋଗରେ ପୀଡ଼ିତ ଅଛନ୍ତି, ଦୟାକରି ନିଃସଙ୍କୋଚରେ ପତଞ୍ଜଳି ୱେଲ୍‌ନେସ୍, ପତଞ୍ଜଳି ଯୋଗପୀଠ ଫେଜ୍-IIରେ ଅତିକମ୍‌ରେ ଏକରୁ ଦୁଇ ସପ୍ତାହ ପାଇଁ ଚିକିତ୍ସା କରନ୍ତୁ ଏବଂ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଆସୁଥିବା ଉନ୍ନତିକୁ ଦେଖନ୍ତୁ ଏବଂ ଉକ୍ତ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକୁ ସବୁଦିନ ପାଇଁ ଦୂର କରନ୍ତୁ ।

ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ

| Patanjali Wellness | Patanjali Yog Gram | Patanjali Niramayam |
|---|---|---|
| 8954890210 | 8954890120 | 7456004597 |

Email: booking@patanjaliwellness.com | Website: www.patanjaliwellness.com

ବୁକିଂ ପାଇଁ ସ୍କାନ୍ କରନ୍ତୁ:-

ଯୋଗ, ଆୟୁର୍ବେଦ, ନେଚୁରୋପାଥି, ବ୍ୟାକରଣ ଏବଂ ଭାଷାଶାସ୍ତ୍ର, ଦର୍ଶନଶାସ୍ତ୍ର'ଏବଂ ଭାରତୀୟ ପ୍ରାଚୀନ ଜ୍ଞାନ ଶିଖିବା ପାଇଁ ଖ୍ୟାତନାମା ଆଦର୍ଶ ବିଶ୍ୱବିଦ୍ୟାଳୟ । ପ୍ରତିବର୍ଷ ଟ.1 ଲକ୍ଷ ମୂଲ୍ୟର ପୁରସ୍କାର ଏବଂ ଅଧ୍ୟୟନ ଶେଷରେ ପ୍ଲେସ୍‌ମେଣ୍ଟର ଗ୍ୟାରେଣ୍ଟି । ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ-

9520984212 | Website: www.universityofpatanjali.com

ଶିକ୍ଷାର ରାଷ୍ଟ୍ରୀୟକରଣ ସହିତ ଆଧୁନିକ ଶିକ୍ଷାର ସମ୍ମିଶ୍ରଣ । ଗୁରୁକୁଳ ଏବଂ ଗୁରୁ-ଶିଷ୍ୟ ସମ୍ପର୍କରେ ପ୍ରାଚୀନ ପରମ୍ପରାକୁ ପୁନରୁଦ୍ଧାର କରିବା ସହ ଦିବ୍ୟ ବ୍ୟକ୍ତିତ୍ୱ ଏବଂ ଦିବ୍ୟ ନେତୃତ୍ୱ ଗଢ଼ିବାର ଏକ ଅଭିଯାନ ।

Website: www.acharyakulam.org

PATANJALI® Ayurved Limited

ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ଦାସତ୍ୱରୁ ନିଜକୁ ମୁକ୍ତ କରିବାର ଶପଥ ଏବଂ ସ୍ୱଦେଶୀ ମାର୍ଗ ଆପଣାଇ ଆତ୍ମନିର୍ଭର ହେବାର ପ୍ରତିବଦ୍ଧତା ।

ଯୋଗ, ଆୟୁର୍ବେଦ ଏବଂ ନେଚୁରୋପାଥି ମାଧ୍ୟମରେ ସମସ୍ତ ରୋଗର ସ୍ଥାୟୀ ସମାଧାନ ପାଇବା ପାଇଁ ଦୟାକରି ଯୋଗଋଷି ସ୍ୱାମୀ ରାମଦେବଜୀଙ୍କ ସହିତ 'ଇଣ୍ଟିଗ୍ରେଟେଡ୍ ଯୋଗ' ଅଭ୍ୟାସ କରନ୍ତୁ ଏବଂ ଇଣ୍ଟିଗ୍ରେଟେଡ୍ ଚିକିତ୍ସା ବିଷୟରେ ପ୍ରାମାଣିକ ଜ୍ଞାନ ପ୍ରାପ୍ତ କରନ୍ତୁ ଏବଂ ଦୁଃସାଧ୍ୟ ରୋଗରୁ ମୁକ୍ତିର ପ୍ରମାଣ ପ୍ରତିଦିନ ଆସ୍ଥା ଚ୍ୟାନେଲ୍‌ରେ ଲାଇଭ୍ ଦେଖନ୍ତୁ

आस्था LIVE — ଦୈନିକ ପ୍ରାତଃ 5.00 ଘଟିକାରୁ 7.30 ଘଟିକା ଏବଂ ରାତ୍ରି ୫.00 ଘଟିକା

संस्कार — ଦୈନିକ ପ୍ରାତଃ ୨.00 ଘଟିକା

INDIA TV — ଦୈନିକ ପ୍ରାତଃ ୫.00 ଘଟିକା

ଏମ୍‌ଏନ୍‌ସିଗୁଡ଼ିକ ଭାରତରୁ 1000 ଲକ୍ଷ କୋଟିରୁ ଅଧିକ ଟଙ୍କା ଲୁଟୁଥିବାର ପ୍ରମାଣ ଦେଖନ୍ତୁ ।

shorturl.at/gnxB5

**ସତ୍ୟେନ୍ଦ୍ର ଜୈନଙ୍କୁ ଜାମିନ ମିଳିଲାନି**

ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇଥିବା ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ଜାମିନ ଆବେଦନକୁ ସ୍ଥାନୀୟ କୋର୍ଟ ଶନିବାର ଖାରଜ କରିଦେଇଛନ୍ତି। ଜୈନ ନିଦ୍ରାହୀନତା ଜନିତ ସ୍ୱାସ୍ଥ୍ୟସମସ୍ୟା ଦର୍ଶାଇ ଜାମିନ ଆବେଦନ କରିଥଲେ। ହେଲେ ବିନା କୌଣସି ମେଡିକାଲ ପ୍ରମାଣରେ ତାଙ୍କୁ ଜାମିନ ମିଳିପାରିବ ନାହିଁ ବୋଲି ସ୍ୱତନ୍ତ୍ର ଜଜ୍ ଗୀତାଞ୍ଜଳି ଗୋଏଲ କହିଛନ୍ତି। ଏହାସହ ଜୈନ୍ ଏକ ପ୍ରଭାବଶାଳୀ ପଦରେ ଥିବାରୁ ଜେଲରୁ ମୁକୁଳିଲେ ତାଙ୍କ ବିରୋଧରେ ଥିବା ପ୍ରମାଣ ନଷ୍ଟ କରିବାର ଆଶଙ୍କା ଥିବା କୋର୍ଟ କହିଛନ୍ତି।

## ସଂକ୍ଷେପରେ

### ବାଂଲାଦେଶରେ ବର୍ଷା ବିପ୍ଳାତ: ୨୫ ମୃତ

**ଢାକା,୧୮।୬:** ବାଂଲାଦେଶରେ ବର୍ଷା ବିପ୍ଳାତ ଯୋଗୁ ବନ୍ୟା ହୋଇଛି। ଅନ୍ୟୁନ ୨୫ ଜଣଙ୍କ ଜୀବନ ଯାଇଥିବା ଶନିବାର ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମୌସୁମୀର ଆଗମନ ପରେ ଗତ ସପ୍ତାହରୁ ଏଠାରେ ବର୍ଷା ଲାଗି ରହିଛି। ପ୍ରାୟ ୪୦ ଲକ୍ଷ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସ୍କୁଲଗୁଡ଼ିକୁ ଆଶ୍ରୟସ୍ଥଳୀ କରାଯାଇଛି। ସିଲ୍‌ହେଟରେ ଥିବା ବାଂଲାଦେଶର ପ୍ରମୁଖ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଅସ୍ଥାୟୀ ଭାବେ ବନ୍ଦ କରାଯାଇଛି। ଶୁକ୍ରବାର ଅପରାହ୍ନରୁ କେବଳ ବଜ୍ରପାତରେ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ଭୂସ୍ଖଳନ ଯୋଗୁ ଆଉ ୪ ଜଣଙ୍କ ଜୀବନ ଯାଇଛି। ସ୍ଥିତି ବେଶ୍ ଗମ୍ଭୀର ଥିବା ସିଲ୍‌ହେଟ୍‌ର ପ୍ରଶାସନିକ ଅଧିକାରୀ ମୋଶାରଫ୍ ହୁସେନ୍ କହିଛନ୍ତି। ସିଲ୍‌ହେଟ୍‌ରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଗତ ମାସରେ ହୋଇଥିବା ବନ୍ୟାଜନିତ କ୍ଷୟକ୍ଷତିରୁ ବାଂଲାଦେଶ ମୁକୁଳି ପାରି ନ ଥିବାବେଳେ ଏବେ ପୁଣି ବର୍ଷାବିପ୍ଳାତ ଯୋଗୁ ସ୍ଥିତି ଆହୁରି ଖରାପ ହୋଇଛି।

### କାବୁଲ ଗୁରୁଦ୍ୱାରାରେ ବିସ୍ଫୋରଣ: ୨ ମୃତ



**କାବୁଲ,୧୮।୬:** ଆଫଗାନିସ୍ତାନ ରାଜଧାନୀ କାବୁଲସ୍ଥିତ ଏକ ଗୁରୁଦ୍ୱାରାରେ ଶନିବାର ସକାଳେ ବିସ୍ଫୋରଣ ଘଟି ୨ ଜଣଙ୍କ ମୃତ୍ୟୁ ହେବା ସହ ଅନେକେ ଆହତ ହୋଇଛନ୍ତି। ଗୁରୁଦ୍ୱାରା ଦଶମେଶ ପିଟ ସାହିବଜୀ ଫାଟକ ନିକଟରେ ଦୁଇଟି ବିସ୍ଫୋରଣ ଘଟିବା ସହ ଏକାଧିକ ଗୁଳିମାଡ଼ ହୋଇଥିଲା। ମୃତକଙ୍କ ମଧ୍ୟରୁ ଜଣେ ଶିଖ୍ ଶ୍ରଦ୍ଧାଳୁ ହୋଇଥିବାବେଳେ ଅନ୍ୟ ଜଣେ ଆଫଗାନ ସୁରକ୍ଷା କର୍ମୀ। ବିସ୍ଫୋରଣ ବେଳେ ଗୁରୁଦ୍ୱାରାରେ ଅନେକ ଶ୍ରଦ୍ଧାଳୁ ଥିଲେ। କେତେଜଣ ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁଦ୍ୱାରା ମଧ୍ୟରେ ୭-୮ ଜଣ ଫସିରହିଥିବା ବିଶ୍ୱାସ କରାଯାଉଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ଗୁଳିମାଡ଼ ଜାରି ରହିଥିଲା ବୋଲି ଭାଜପା ନେତା ମଞ୍ଜିନ୍ଦର ସିଂ ସିର୍ସା ଗଣମାଧ୍ୟମକୁ କହିଛନ୍ତି।

### ପୋଲିସ ଅଫିସରଙ୍କୁ ଗୁଳିକରି ହତ୍ୟା

**ଶ୍ରୀନଗର,୧୮।୬:** ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ଜଣେ ପୋଲିସ ଅଧିକାରୀଙ୍କୁ ଆତଙ୍କବାଦୀମାନେ ଗୁଳିକରି ହତ୍ୟା କରିଛନ୍ତି। ସବ୍‌ଇନ୍ସପେକ୍ଟର ଫାରୁକ୍ ଅହମଦ ମୀର୍ ତାଙ୍କ ଘର ନିକଟ ଧାନ ବିଲରେ କାମ କରୁଥିବାବେଳେ ଆତଙ୍କବାଦୀ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଧାନକ୍ଷେତରୁ ମୃତଦେହ ମିଳିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମୀର୍‌ଙ୍କ ଘର ପାମ୍ପୋରେ ଅଞ୍ଚଳର ସମ୍ବୁରାରେ। ସେ ଆଇଆର୍‌ପି ୨୩ ବାଟାଲିୟନରେ ନିଯୁକ୍ତ ହୋଇଥିଲେ।

# ଅଗ୍ନିପଥକୁ ବିରୋଧ: ୩୬୯ ଟ୍ରେନ୍ ବାତିଲ



ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଦାବିରେ ନୂଆଦିଲ୍ଲୀରେ ଯୁବ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା।

- ବିହାରରେ ବନ୍ଦବେଳେ ପୋଡ଼ାଜଳା
- ପଞ୍ଜାବରେ ରେଳଷ୍ଟେଶନ ଭଙ୍ଗାରୁଜା
- କର୍ନାଟକରେ ପୋଲିସର ଲାଠିଚାର୍ଜ
- ଠିକା ନିଯୁକ୍ତି ଯୋଜନା ପ୍ରତ୍ୟାହାର ଦାବିରେ ରାଜସ୍ଥାନ ମନ୍ତ୍ରୀ ପରିଷଦରେ ପ୍ରସ୍ତାବ ଗୃହୀତ

**ନୂଆଦିଲ୍ଲୀ/ପାଟନା/ଧରୱାଦ/ଥିରୁଭାନନ୍ତପୁରମ,୧୮।୬**

ସେନାରେ ଚୁକ୍ତିଭିତ୍ତିକ ନିଯୁକ୍ତି ଲାଗି କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ବିଭିନ୍ନ ରାଜ୍ୟରେ ବିରୋଧ ଜାରି ରହିଛି। ଫଳରେ ରେଲୱେ ୩୬୯ ଟ୍ରେନ୍ ବାତିଲ କରିଦେଇଛି। ୨୧୦ ମେଲ୍ ଓ ୧୫୯ ଲୋକାଲ ଟ୍ରେନ୍ ବାତିଲ ହୋଇଥିବାବେଳେ ଅନ୍ୟ କେତେକ ମେଲ୍ ଓ ଏକ୍ସପ୍ରେସ୍ ଟ୍ରେନ୍‌କୁ ଆଂଶିକ ବାତିଲ କରାଯାଇଛି। ଠିକା ନିଯୁକ୍ତି ଯୋଜନା ପ୍ରତ୍ୟାହାର ଦାବିରେ ବିଭିନ୍ନ ରାଜ୍ୟରେ ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା। ବିକ୍ଷୋଭକାରୀମାନେ ରେଳ ଓ ରାଜପଥ ଅବରୋଧ କରିବା ସହ କେତେକ କୋଚ୍‌ରେ ନିଆଁ ଲଗାଇଦେଇଥିଲେ। ଆନ୍ଦୋଳନ ସମର୍ଥନରେ ଶନିବାର ବିହାର ବନ୍ଦ ରହିଥିଲା। ବନ୍ଦ ସମର୍ଥକମାନେ ପାଟନା ଜିଲାର ତାରେଗନା ଷ୍ଟେଶନରେ ନିଆଁ ଲଗାଇଦେଇଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ୩୨ ଟ୍ରେନ୍ ବାତିଲ ହୋଇଥିବା ପୂର୍ବତନ ରେଳପଥ ହାଜିପୁର ଜୋନ୍ ପକ୍ଷରୁ କୁହାଯାଇଛି। ଉକ୍ତ ଟ୍ରେନ୍‌ଗୁଡ଼ିକୁ ଶନିବାର ରାତି ୮ରୁ ରବିବାର ଭୋର ୪ଟା ପର୍ଯ୍ୟନ୍ତ ଚାଲିବ ବୋଲି ପୂର୍ବତନ ରେଳପଥ ମୁଖ୍ୟ ଜନସମ୍ପର୍କ ଅଧିକାରୀ ବୀରେନ୍ଦ୍ର କୁମାର କହିଛନ୍ତି। ୩ ଦିନ ମଧ୍ୟରେ ୬୨୦ ଆନ୍ଦୋଳନକାରୀଙ୍କୁ ଗିରଫ କରାଯିବା ସହ ୧୩୦ ଏତଲା ଦାଏର ହୋଇଛି। ଶନିବାର ୧୪୦ ଜଣଙ୍କୁ ଗିରଫ କରାଯାଇଥିବା ବିହାର ଏଡିଜି ସଞ୍ଜୟ ସିଂ କହିଛନ୍ତି।

କର୍ନାଟକରେ ଅଗ୍ନିପଥ ବିରୋଧରେ ଆନ୍ଦୋଳନ ଚଳାଇଥିବା ନିଯୁକ୍ତି ଆଶାୟୀମାନଙ୍କୁ ଘଉଡ଼ାଇବାକୁ ପୋଲିସ ମୃଦୁ ଲାଠିଚାଳନା କରିଥିଲା। ଜିଲାର ବିଭିନ୍ନ ଭାଗରୁ ଆସିଥିବା ନିଯୁକ୍ତି ଆଶାୟୀମାନେ କଳା ଭବନ ନିକଟରେ ରୁଣ୍ଡ ହୋଇ ଅତିରିକ୍ତ ଡେପୁଟି କମିଶନରଙ୍କୁ ସ୍ମାରକପତ୍ର ଦେଇଥିଲେ। ସେମାନଙ୍କୁ କମିଶନରଙ୍କ କାର୍ଯ୍ୟାଳୟକୁ ଯିବାକୁ ଦିଆ ନ ଯିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। କେତେଜଣ ବିକ୍ଷୋଭକାରୀ ଟେକାମାଡ଼ କରିବାରୁ ଏକ ବସ୍ କ୍ଷତିଗ୍ରସ୍ତ ହୋଇଥିଲା। ସେମାନଙ୍କୁ ଘଉଡ଼ାଇବାକୁ ପୋଲିସ ଲାଠିଚାଳନା କରିଥିଲା। କେତେଜଣଙ୍କୁ ଅଟକ ରଖାଯାଇଥିବାବେଳେ ଅନ୍ୟମାନେ ସ୍ଥାନ ଛାଡ଼ି ପଳାଇଥିଲେ। ବେଲାଗାଭି ଜିଲାର କେତେକ ସ୍ଥାନରେ ମଧ୍ୟ ବିକ୍ଷୋଭ ହୋଇଥିଲା। ସେହିପରି କେରଳରେ ଶତାଧିକ ଯୁବଗୋଷ୍ଠୀ ଅଗ୍ନିପଥ ଯୋଜନା ବିରୋଧରେ ରାସ୍ତାକୁ ଓହ୍ଲାଇଥିଲେ। ଥିରୁଭାନନ୍ତପୁରମ ଏବଂ କୋଝିକୋଡେରେ ବିଶାଳ ବିକ୍ଷୋଭ ରାଲି କରାଯାଇଥିଲା। ସେନାରେ ନିଯୁକ୍ତି ଲାଗି ବନ୍ଦ ଥିବା ଲିଖିତ ପରୀକ୍ଷା ତୁରନ୍ତ କରାଇବାକୁ ସେମାନେ ଦାବି କରିଥିଲେ। ଶାରୀରିକ ଓ ମେଡିକାଲ ଫିଟ୍‌ନେସ ପରୀକ୍ଷା ପରେ ଦୁଇବର୍ଷ ହେଲା ଲିଖିତ ପରୀକ୍ଷା ରହିଛି। ଅଗ୍ନିପଥ ଯୋଜନା କାର୍ଯ୍ୟକାରୀ ହେଲେ ଆଶାୟୀମାନଙ୍କୁ ସେନାରେ ସିଧାସଳଖ ନିଯୁକ୍ତି ସୁଯୋଗ ମିଳିବ ନାହିଁ ବୋଲି ସେମାନେ ଆଶଙ୍କା କରୁଛନ୍ତି। ନିଯୁକ୍ତି ଆଶାୟୀମାନେ ରାଜଭବନକୁ ଶୋଭାଯାତ୍ରାରେ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ସେମାନେ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ନ୍ୟାୟ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜଣେ ନିଯୁକ୍ତି ଆଶାୟୀ କହିଛନ୍ତି।

ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଦାବିରେ ରାଜସ୍ଥାନ ମନ୍ତ୍ରୀ ପରିଷଦରେ ଶନିବାର ଏକ ପ୍ରସ୍ତାବ ଗୃହୀତ ହୋଇଛି। ଜମ୍ମୁ-କଶ୍ମୀରରେ ନ୍ୟାଶନାଲ କନ୍‌ଫରେନ୍ସ, ଅପ୍‌ନି ପାର୍ଟି, ଏଏପି ଅଗ୍ନିପଥ ଯୋଜନା ତୁରନ୍ତ ପ୍ରତ୍ୟାହାର ଲାଗି ଦାବି କରିଛନ୍ତି। ହରିୟାଣାରେ ପ୍ରତିବାଦ ଜୋର୍‌ଦାର ହୋଇଥିବାବେଳେ ପଞ୍ଜାବରେ ରେଳଷ୍ଟେଶନ ଭଙ୍ଗାରୁଜା ହୋଇଛି। ହରିୟାଣାର ମହେନ୍ଦ୍ରଗଡ଼ରେ କେତେକ ଗାଡ଼ି ଏବଂ ଏକ ଶୋ'ରୁମ୍‌ର କାଚ ଭାଙ୍ଗିଦିଆଯାଇଛି। ଯୁବକମାନେ ରୋହତକ-ପାନିପଥ ଜାତୀୟ ରାଜପଥକୁ ସୋନିପତ୍‌ଠାରେ ଅବରୋଧ କରିଥିଲେ। ଏହା ବ୍ୟତୀତ କୈଠାଲ, ଫତେହବାଦ, ଜିନ୍ଦ ଜିଲାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଇଣ୍ଟରନେଟ ଏବଂ ଏସ୍‌ଏମ୍‌ଏସ୍ ସେବା ବନ୍ଦ କରିଦିଆଯାଇଛି। ସେହିପରି ପଞ୍ଜାବର ଜଳନ୍ଧରଠାରେ ଜାତୀୟ ରାଜପଥ ଅବରୋଧ କରାଯିବା ସହ ଲୁଧିଆନା ରେଳଷ୍ଟେଶନରେ ଭଙ୍ଗାରୁଜା କରାଯାଇଥିଲା।



କେରଳ ସଚିବାଳୟ ସମ୍ମୁଖରେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରୁଛି।

## ଆନ୍ଦୋଳନକୁ ସମର୍ଥନ ଜଣାଇଲେ ସୋନିଆ



**ନୂଆଦିଲ୍ଲୀ,୧୮।୬**

କେନ୍ଦ୍ର ସରକାରଙ୍କ ନୂଆ ନିଯୁକ୍ତି ଯୋଜନାକୁ ବିରୋଧ କରି ଆନ୍ଦୋଳନ ବଢ଼ିବାରେ ଲାଗିଛି। କଂଗ୍ରେସ ଆନ୍ଦୋଳନକୁ ଦୃଢ଼ ସମର୍ଥନ ଦେବ ବୋଲି ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶନିବାର ହସ୍ପିଟାଲରୁ ନିଯୁକ୍ତି ଆଶାୟୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସୈନ୍ୟବାହିନୀରେ ନୂଆ ନିଯୁକ୍ତି ଯୋଜନା ଦିଶାହୀନ। ନିଯୁକ୍ତି ଆଶାୟୀଙ୍କ ସ୍ୱାର୍ଥକୁ ଧ୍ୟାନ ଦିଆ ନ ଯାଇ ଏଭଳି ଯୋଜନା ଘୋଷଣା କରାଯାଇଛି ବୋଲି କଂଗ୍ରେସ ଅଧ୍ୟକ୍ଷା କହିଛନ୍ତି। ଆନ୍ଦୋଳନକାରୀଙ୍କ ପ୍ରତିବାଦକୁ ଅଣଦେଖା କରି ସରକାର ଉକ୍ତ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଅନେକ ପୂର୍ବତନ ସେନା ଅଧିକାରୀ ମଧ୍ୟ ଅଗ୍ନିପଥ ଯୋଜନାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ନିଯୁକ୍ତି ଆଶାୟୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ କଂଗ୍ରେସ ସେମାନଙ୍କ ସହ ଛିଡ଼ା ହେବ। ଅହିଂସା ଉପାୟରେ ଧୈର୍ଯ୍ୟ ଓ ଶାନ୍ତିର ସହ ଆମେ ଯୋଜନା ବିରୋଧରେ ସ୍ୱର ଉଠାଇବୁ ବୋଲି ସୋନିଆ କହିଛନ୍ତି। ଆନ୍ଦୋଳନ ସମର୍ଥନରେ କଂଗ୍ରେସ ଏମ୍‌ପି ଓ ନେତାମାନେ ରବିବାର ସକାଳେ ନୂଆଦିଲ୍ଲୀର ଜନ୍ତରମନ୍ତରରେ ସତ୍ୟଗ୍ରହରେ ବସିବେ। ଆନ୍ଦୋଳନକାରୀଙ୍କ ସହ ଛିଡ଼ାହେବା ଆମ ଦାୟିତ୍ୱ ବୋଲି ଦଳ ପକ୍ଷରୁ କୁହାଯାଇଛି।

## କୋଭିଡ୍ ପ୍ରଥମ ବର୍ଷରେ ଅବସାଦ, ବ୍ୟଗ୍ରତା ୨୫% ବଢ଼ିଛି: ଡବ୍ଲ୍ୟୁଏଚ୍‌ଓ

**ବେଙ୍ଗାଲୁରୁ,୧୮।୬**

କୋଭିଡ୍ ମହାମାରୀର ପ୍ରଥମ ବର୍ଷରେ ସାରା ବିଶ୍ୱରେ ଅବସାଦ ଓ ବ୍ୟଗ୍ରତା ୨୫ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିଛି। ଏହ ସଂସ୍ଥା ପକ୍ଷରୁ ଶୁକ୍ରବାର ପ୍ରକାଶିତ ମାନସିକ ସ୍ୱାସ୍ଥ୍ୟ ରିପୋର୍ଟ ଅନୁଯାୟୀ କୋଭିଡ୍ ମହାମାରୀ ବିଶ୍ୱର ସବୁଠୁ ବଡ଼ ସଙ୍କଟ। ଏହା କେବଳ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିନାହିଁ, ଅର୍ଥନୀତି ଓ ସମାଜକୁ ଗୁରୁତର ପ୍ରଭାବିତ କରିଛି। ୨୦୧୯ରେ ପ୍ରାୟ ୧୦୦ କୋଟି ଲୋକ ମାନସିକ ବ୍ୟାଧିର ସମ୍ମୁଖୀନ ହୋଇଥିଲେ। ସେଥିରୁ କିଶୋର କିଶୋରୀଙ୍କ ସଂଖ୍ୟା ୧୪ ପ୍ରତିଶତ। ପ୍ରତି ୧୦୦ ମୃତ୍ୟୁରେ ୧ରୁ ଅଧିକ ଆତ୍ମହତ୍ୟା ରହୁଥିବାବେଳେ ୫୮ ପ୍ରତିଶତ ଆତ୍ମହତ୍ୟା ୫୦ ବର୍ଷରୁ କମ୍ ବୟସର ଲୋକଙ୍କ କ୍ଷେତ୍ରରେ ଘଟୁଛି। ମାନସିକ ବିକାରଗ୍ରସ୍ତ ଯୋଗୁ ଅକ୍ଷମତା ଦେଖାଦେଉଛି। ମାନସିକ ରୋଗୀ ଅନ୍ୟ ଲୋକଙ୍କ ତୁଳନାରେ ୧୦ରୁ ୨୦ ବର୍ଷ କମ୍ ବୟସରେ ମୃତ୍ୟୁମୁଖରେ ପଡୁଛନ୍ତି। ଅବସାଦର ସବୁଠୁ ବଡ଼ କାରଣ ଶୈଶବାବସ୍ଥାରେ ଯୌନ ଶୋଷଣ ବୋଲି ଜଣାପଡ଼ିଛି।



ଗୁଜରାଟର ଗାନ୍ଧୀନଗରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମା' ହୀରାବାଈଙ୍କ ୧୦୦ତମ ଜନ୍ମଦିନରେ ଆଶୀର୍ବାଦ ନେଉଛନ୍ତି।

## ଦିନକରେ ୧୩,୨୧୬ ପଜିଟିଭ୍

**ନୂଆଦିଲ୍ଲୀ,୧୮।୬**

**ଜିନୋମ ସିକ୍ୱେନ୍ସିଂ ପାଇଁ ଅଧିକ ନମୁନା ପଠାଇବାକୁ ରାଜ୍ୟକୁ ନିର୍ଦ୍ଦେଶ**

କୋଭିଡ୍-୧୯ ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଶନିବାର ଅଧିକ ୧୩,୨୧୬ ଜଣ ପଜିଟିଭ୍ ଚିହ୍ନଟ ହେବା ଫଳରେ ଦେଶରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪,୩୨,୮୩,୭୯୩ରେ ପହଞ୍ଚିଛି। ସେହିପରି ସକ୍ରିୟ ମାମଲା ସଂଖ୍ୟା ୬୮,୧୦୮କୁ ବୃଦ୍ଧି ପାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡିଛି। ଦୈନିକ ସଂକ୍ରମଣ ୧୩ ହଜାର ଅତିକ୍ରମ କରିବା ୧୧୩ ଦିନ ମଧ୍ୟରେ ପ୍ରଥମ। ଶନିବାର ୨୩ ଜଣଙ୍କ ମୃତ୍ୟୁକୁ ମିଶାଇ ମୋଟ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୫,୨୪,୮୪୦ରେ ପହଞ୍ଚିଛି। ୨୪ ଘଣ୍ଟାରେ ସକ୍ରିୟ ମାମଲା ସଂଖ୍ୟା ୫,୦୪୫ ବୃଦ୍ଧି ପାଇଥିବାବେଳ ଦୈନିକ ପଜିଟିଭିଟି ହାର ୨.୭୩ ପ୍ରତିଶତରେ ପହଞ୍ଚିଛି।

ସଂକ୍ରମଣ ବଢୁଥିବା ଜିଲା ଓ ଅଞ୍ଚଳରୁ ଅଧିକରୁ ଅଧିକ ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ଲାବରେଟୋରି ପଠାଇବା ନିମନ୍ତେ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଆଇଏନ୍‌ଏସ୍‌ଏସିଓଜି ବୈଠକ ବସି କୋଭିଡ୍ ତଥ୍ୟର ସମୀକ୍ଷା କରାଯାଇଥିଲା। କୋଭିଡ୍‌ର କେଉଁ ଭାରିଆଣ୍ଟ ବା ସବ୍‌ଭାରିଆଣ୍ଟ ଯୋଗୁ ସଂକ୍ରମଣ ବଢୁଛି ତାହା ଚିହ୍ନଟ କରିବାକୁ ହେଲେ ଅଧିକ ନମୁନାର ଜିନୋମ ସିକ୍ୱେନ୍ସି କରାଯିବା ଆବଶ୍ୟକ। ଏବେ ମହାରାଷ୍ଟ୍ର, କେରଳ, ଦିଲ୍ଲୀ, କର୍ନାଟକ, ତାମିଲନାଡୁ, ହରିୟାଣା, ଉତ୍ତରପ୍ରଦେଶ, ତେଲଙ୍ଗାନା, ପଶ୍ଚିମବଙ୍ଗ ଏବଂ ଗୁଜରାଟରେ ମାମଲା ସଂଖ୍ୟା ୧,୦୦୦ରୁ ଅଧିକ ରହିଛି। ଭାରତରେ ଏବେ ଓମିକ୍ରନ ଭାରିଆଣ୍ଟର ବିଏ.୪, ବିଏ.୫ ଏବଂ ବିଏ.୨ ଦେଖାଦେଇଛି। କେରଳର ୧୧ ଜିଲା ସମେତ ମୋଟ ୩୨ ଜିଲାରେ ପଜିଟିଭିଟି ହାର ୧୦ ପ୍ରତିଶତରୁ ଅଧିକ ରହିଛି। ଏହା ବ୍ୟତୀତ ଦିଲ୍ଲୀର ୯ ଜିଲା ସମେତ ୩୫ ଜିଲାରେ ସଂକ୍ରମଣ ହାର ୫ରୁ ୧୦ ପ୍ରତିଶତ ରହିଛି।

# ଅଣୁଅସ୍ତ୍ର ବ୍ୟବହାର କରିବ ରୁଷିଆ

**ମସ୍କୋ,୧୮।୬**

ରୁଷିଆ କେବେ ବିଶ୍ୱ ପାଇଁ ବିପଦ ନ ଥିଲା। ହେଲେ ଏଣିକି ନିଜ ସାର୍ବଭୌମତ୍ୱ ରକ୍ଷା ନିମନ୍ତେ ମସ୍କୋ ଅଣୁଅସ୍ତ୍ର ବ୍ୟବହାର କରିବ ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଚେତାବନୀ ଦେଇଛନ୍ତି। ନ୍ୟୁକ୍ଲିୟର ଅସ୍ତ୍ର ବ୍ୟବହାର କରି ରୁଷିଆ ତୃତୀୟ ବିଶ୍ୱଯୁଦ୍ଧକୁ ଆମନ୍ତ୍ରଣ କରିପାରେ ବୋଲି ପାଶ୍ଚାତ୍ୟ ଦେଶ ବାରମ୍ବାର ଅଭିଯୋଗ ଆଣିବାକୁ ନେଇ ଶୁକ୍ରବାର ସେଣ୍ଟ ପିଟର୍ସବର୍ଗ ଇଣ୍ଟରନ୍ୟାଶନାଲ ଇକୋନୋମିକ ଫୋରମ୍‌ରେ ପୁଟିନ୍‌ଙ୍କୁ ପ୍ରଶ୍ନ କରାଯାଇଥିଲା। ପ୍ରତିକ୍ରିୟା ରଖି ପୁଟିନ୍ କହିଛନ୍ତି, ଏହା ସେମାନଙ୍କ ନିଜ ବିବୃତି। କ୍ରମାଗତ ଭାବେ ରାଜନେତାମାନେ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେଇ ଆସୁଛନ୍ତି। ରୁଷିଆକୁ ଉସୁକାଇବା ଭଳି କାର୍ଯ୍ୟ କରାଯାଉଛି। କିନ୍ତୁ ସେହି ଅନୁସାରେ ଆମେ ମଧ୍ୟ ଚୁପ୍ ନ ରହି ତାହାର ଜବାବ ଦେଉଛୁ। ସେମାନେ କେବଳ ଆମ କଥାକୁ ପ୍ରଚାର କରି ରୁଷିଆ ସେମାନଙ୍କୁ ଧମକ ଦେଉଥିବା କହୁଛନ୍ତି। ରୁଷିଆ କାହା ପ୍ରତି ବିପଦ ହେବାକୁ ଚାହେଁ ନାହିଁ। କିନ୍ତୁ ସମସ୍ତେ ଜାଣି ରଖିବା ଉଚିତ ଯେ, ସାର୍ବଭୌମତ୍ୱ ରକ୍ଷା କରିବା ପାଇଁ ରୁଷିଆ ନ୍ୟୁକ୍ଲିୟର ୱିପନ୍ ଭଳି ଘାତକ ଅସ୍ତ୍ର ବ୍ୟବହାର କରିବ। ଏଥିସହ ୟୁକ୍ରେନ୍‌ରେ 'ସ୍ୱତନ୍ତ୍ର ସାମରିକ ଅଭିଯାନ'କୁ ସେ ଯୁକ୍ତିଯୁକ୍ତ ବୋଲି ଦର୍ଶାଇବା ସହ ଏହା ସମ୍ପୂର୍ଣ୍ଣ ଭାବେ ଆଇନଗତ ବୋଲି ପୁଟିନ୍ କହିଛନ୍ତି।



ୟୁକ୍ରେନ୍‌ର ଚେର୍ନିହିଭ୍‌ଠାରେ ଛାତ୍ରୀଛାତ୍ରମାନେ ଗ୍ରାଜୁଏଶନ୍ ଫଟୋଶୁଟ୍ ପାଇଁ ନଷ୍ଟ ହୋଇଯାଇଥିବା ଏକ ଯୁଦ୍ଧବାହାନ ନିକଟରେ ପୋଜ୍ ଦେଉଛନ୍ତି।

ପୂର୍ବ ୟୁକ୍ରେନ୍‌ର ଡୋନବାସ୍ କ୍ଷେତ୍ରରେ ଥିବା ଡୋନେସ୍କ ଏବଂ ଲୁହାନ୍‌ସ୍କକୁ ସ୍ୱାଧୀନ ଘୋଷଣା କରିବା ଉପରେ ପୁଟିନ୍ କହିଛନ୍ତି, ରିପବ୍ଲିକ୍ ଅଫ୍ ଡୋନ୍‌ବାସ୍ ନିଜକୁ ସ୍ୱାଧୀନ କରିବା ପାଇଁ କିଭ୍‌ରୁ ଅନୁମତି ଲୋଡ଼ି ନ ଥିଲେ। ସେମାନେ ନିଜେ ନିଜର ସ୍ୱାଧୀନତା ଘୋଷଣା କରିଥିଲେ। ତାହାକୁ ମାନ୍ୟତା ଦେବା ଆମ ଅଧିକାର ଥିଲା। ତେଣୁ ରିପବ୍ଲିକ୍ ଅଫ୍ ଡୋନ୍‌ବାସ ଲିଡରଙ୍କ ସହ ରୁଷିଆ ଦ୍ୱିପାକ୍ଷିକ ଚୁକ୍ତି କରିଥିଲା। ଜାତିସଂଘ ଚାର୍ଟରର ଅନୁଚ୍ଛେଦ ୧୫୧ ଅନୁସାରେ ମସ୍କୋ ସେମାନଙ୍କୁ ସାମରିକ ସହାୟତା ଯୋଗାଇଛି। ଏପରି କରି ରୁଷିଆ ଉଦାହରଣ ସୃଷ୍ଟି କରିଛି ଏବଂ ସମସ୍ତ କାର୍ଯ୍ୟ ଆଇନ ଅନୁସାରେ ହୋଇଛି। ୟୁକ୍ରେନ୍ ଅଭିଯାନ ଅତ୍ୟାବଶ୍ୟକ ଥିଲା ବୋଲି ସେ ଦୋହରାଇଛନ୍ତି। ଆମେରିକା ଓ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷିଆ ଉପରେ କଟକଣା ଲଗାଇବାକୁ ପୁଟିନ୍ ନିନ୍ଦା କରିଛନ୍ତି। ଶୀତଳ ଯୁଦ୍ଧରେ ଆମେରିକା ନିଜକୁ ବିଜୟୀ ଘୋଷଣା କରିବା ପରେ ପୃଥିବୀରେ ଈଶ୍ୱର ଦୂତ ବୋଲି ମନେକରୁଛି। ରୁଷିଆର ଅର୍ଥନୀତିକୁ ଦୁର୍ବଳ କରିବାକୁ ଆମେରିକା ବିଫଳ ଉଦ୍ୟମ କରିଛି। ମସ୍କୋ ଖୁବଶୀଘ୍ର ଏଭଳି ପାଗଳାମୀ ଏବଂ ବେପରୁଆ କଟକଣାକୁ ପ୍ରତିହତ କରି ଆଗକୁ ବଢ଼ିବ। ରୁଷିଆ ଉପରେ କଟକଣା ଯୋଗୁ ୟୁରୋପରେ ମୁଦ୍ରାସ୍ଫୀତି ରେକର୍ଡ ସ୍ତରରେ ପହଞ୍ଚିଛି। ସାଧାରଣ ଲୋକଙ୍କ ଆବଶ୍ୟକତାକୁ ଅଣଦେଖା କରାଯାଇଛି। କଟକଣା ଫଳରେ ୟୁରୋପୀୟ ସଂଘ ୪୦୦ ବିଲିୟନ୍ ଡଲାରରୁ ଅଧିକ କ୍ଷତି ସହିବ ବୋଲି ପୁଟିନ୍ କହିଛନ୍ତି।

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ୧୧୫ ଦିନ ପୂରିଛି। ପୂର୍ବ ୟୁକ୍ରେନ୍‌ର ଅଧିକ ସହର କବ୍‌ଜା କରିବାକୁ ରୁଷିଆ ସେଲ୍, ମିଶାଇଲ ମାଡ଼ ଜାରି ରଖିଛି। ଏହାର ଇଜିୟମ୍ ସହର ଦଖଲ କରିବା ନିମନ୍ତେ ମସ୍କୋ ବଡ଼ ଧରଣର ପ୍ରସ୍ତୁତି କରୁଥିବା ବ୍ରିଟେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

**ଆମେରିକା ନିଜକୁ ଈଶ୍ୱରଙ୍କ ଦୂତ ଭାବୁଛି: ପୁଟିନ୍**



## ନାଟୋ ଜଳସୀମାରେ ରୁଷୀୟ ଯୁଦ୍ଧଜାହାଜ

**କୋପେନହାଗେନ୍,୧୮।୬**

ରୁଷିଆ ନିଜର ସାର୍ବଭୌମତ୍ୱ ରକ୍ଷା ପାଇଁ ନ୍ୟୁକ୍ଲିୟର ଅସ୍ତ୍ର ବ୍ୟବହାର ନେଇ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଚେତାବନୀ ଦେବା ପରେ ରୁଷୀୟ ଯୁଦ୍ଧଜାହାଜ ଶୁକ୍ରବାର ନାଟୋ ଜଳସୀମା ମଧ୍ୟରେ ପ୍ରବେଶ କରିଛି। ବର୍ନହୋମ୍ ବାଲ୍‌ଟିକ୍ ସାଗର ଦ୍ୱୀପର ଦକ୍ଷିଣରେ ରୁଷୀୟ ଯୁଦ୍ଧଜାହାଜ ୨ ଥର ସୀମା ଉଲ୍ଲଂଘନ କରିଥିବା ଡେନ୍‌ମାର୍କ ସଶସ୍ତ୍ର ବଳ ପକ୍ଷରୁ କୁହାଯାଇଛି। ରୁଷିଆର ଏଭଳି ଉତ୍ତେଜନା ସୃଷ୍ଟିକାରୀ ଓ ଉସୁକାଇବା ଭଳି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ଡେନ୍‌ମାର୍କ ବହିର୍ବ୍ୟାପାର ମନ୍ତ୍ରୀ ଜେପି କୋଫୋଡ୍ କହିଛନ୍ତି। ସ୍ଥାନୀୟ ସମୟ ରାତି ପ୍ରାୟ ସାଢ଼େ ୧୨ଟାରେ ରୁଷିଆର ଏକ ଯୁଦ୍ଧଜାହାଜ ପ୍ରବେଶ କରିଥିଲା। ଏହାର କିଛି ଘଣ୍ଟା ପରେ ପୁଣି ଜାହାଜଟି ସେଠାକୁ ଯାଇଥିବା ଜଣାପଡ଼ିଛି। ଡାନିଶ୍ ନୌସେନା ରେଡିଓ କଣ୍ଟାକ୍ଟ ସ୍ଥାପନ କରିବା ପରେ ଯୁଦ୍ଧଜାହାଜ ଫେରିଯାଇଥିଲା। ରୁଷିଆର ଏଭଳି କାର୍ଯ୍ୟ ସମ୍ପୂର୍ଣ୍ଣ ଦାୟିତ୍ୱହୀନ ଏବଂ ଉତ୍ତେଜନା ସୃଷ୍ଟିକାରୀ ବୋଲି ଜେପି ଟୁଇଟ୍ କରିଛନ୍ତି। ତେବେ ଏହାର କୌଣସି ଠୋସ୍ ପ୍ରମାଣ ଡେନ୍‌ମାର୍କ ଦେଇପାରି ନ ଥିବା କ୍ରେମ୍‌ଲିନ୍ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।



DHARITRI

ରବିବାର, ଜୁନ୍ ୧୯/୨୦୨୨ (୧୬ ପୃଷ୍ଠା) Sunday, June 19/2022 Page 16 ପୃଷ୍ଠା-୧



## ଗଭୀର ସମୁଦ୍ରରେ ପରିଣୀତି

ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ସ୍କୁବା ଡାଇଭିଙ୍ଗ୍ କରୁଥିବାବେଳେ ଗଭୀର ସମୁଦ୍ର ଭିତରୁ ଆବର୍ଜନା ସଂଗ୍ରହ କରୁଥିବାର ଦେଖିବାକୁ ମିଳିଛି।

୦୬

୧୪

## ଗୁରଜିତ କୌରଙ୍କ ଡବଲ ଗୋଲ୍

ଆର୍ଜେଣ୍ଟିନା ବିପକ୍ଷ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚରେ ଭାରତୀୟ ମହିଳା ଦଳର ଗୁରଜିତ କୌର ଡବଲ ଗୋଲ୍ ସ୍କୋର କରିଛନ୍ତି।



# ଚିଲିକାରେ ଡଙ୍ଗା ବୁଡ଼ିଲା

### ଜାଲ, ମାଛ ଭାସିଗଲା

**ଖୋର୍ଦ୍ଧା ଅଫିସ,୧୮।୬**

ଚିଲିକାରୁ ମାଛ ଧରି କୂଳକୁ ଫେରୁଥିବା ଏକ ଡଙ୍ଗା ଶନିବାର କାଳବୈଶାଖୀ ଯୋଗୁ ବୁଡ଼ିଯାଇଥିଲା। ଫଳରେ ଲକ୍ଷାଧିକ ଟଙ୍କାର ମାଛ ଓ ଜାଲ ପାଣିରେ ଭାସିଯାଇଥିବା ବେଳେ ମତ୍ସ୍ୟଜୀବୀମାନେ ପହଁରି ନିଜ ଜୀବନ ବଞ୍ଚାଇଛନ୍ତି। ସୂଚନା ଅନୁଯାୟୀ, ଦୁଇଦିନ ପୂର୍ବରୁ ୪ରୁ ୫ଜଣ ମତ୍ସ୍ୟଜୀବୀ ଚିଲିକାକୁ ମାଛ ଧରିବା ପାଇଁ ଯାଇଥିଲେ। ଶନିବାର ଅପରାହ୍ଣରେ ସେମାନେ ଘରକୁ ଫେରୁଥିଲେ। ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ କାଳୁପଡ଼ାଘାଟରୁ ସୋରଣ ମଧ୍ୟସ୍ଥ ଅଞ୍ଚଳରେ ହଠାତ୍ କାଳବୈଶାଖୀ ☞ପୃଷ୍ଠା-୨



# ଅଗ୍ନିବୀରଙ୍କ ପାଇଁ ପ୍ରତିରକ୍ଷା, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ୧୦% ସଂରକ୍ଷଣ

**ନୂଆଦିଲ୍ଲୀ,୧୮।୬**

### ବୟସସୀମାରେ ୩ ବର୍ଷ କୋହଳ

ସୈନ୍ୟବାହିନୀରେ ଠିକା ନିଯୁକ୍ତି ଲାଗି କେନ୍ଦ୍ର ସରକାର ଆଣିଥିବା 'ଅଗ୍ନିପଥ' ଯୋଜନାକୁ ସାରା ଦେଶରେ ୪ ଦିନ ହେଲା ବିରୋଧ ଜାରି ରହିଛି। ଉକ୍ତ ଯୋଜନା ପ୍ରତ୍ୟାହାର କରିନେବା ଦାବିରେ ବିଭିନ୍ନ ରାଜ୍ୟରେ ବିକ୍ଷୋଭକାରୀମାନେ ସଡ଼କ ଓ ରେଳପଥ ଅବରୋଧ କରିବା ସହ ଭଙ୍ଗାରୁଜା ଓ ପୋଡ଼ାଜଳା ଚଳାଇଛନ୍ତି। ୪ ବର୍ଷ ଠିକା ନିଯୁକ୍ତି ପରେ ଅଗ୍ନିବୀରମାନେ କରିବେ କ'ଣ ଏହାକୁ ନେଇ ଦେଖାଦେଇଥିବା ଦ୍ୱନ୍ଦ୍ୱକୁ ପ୍ରଶମିତ କରିବା ଲାଗି ସ୍ୱରାଷ୍ଟ୍ର ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ସୁରକ୍ଷା ବଳ ନିଯୁକ୍ତିରେ ଅଗ୍ନିବୀରଙ୍କ ନିମନ୍ତେ ୧୦ ପ୍ରତିଶତ ଲେଖାଏ ସ୍ଥାନ ସଂରକ୍ଷଣ ରଖିବାକୁ ଘୋଷଣା କରିଛନ୍ତି। କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ଏବଂ ଆସାମ ରାଇଫଲ୍ସରେ ଅଗ୍ନିବୀରଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ ରହିବ ବୋଲି ଶନିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଏହା ବ୍ୟତୀତ ସିଏପିଏଫ୍ ଏବଂ ଆସାମ ରାଇଫଲ୍ସ ନିଯୁକ୍ତିରେ ଅଗ୍ନିବୀରଙ୍କ ପାଇଁ ସର୍ବୋଚ୍ଚ ବୟସସୀମାରେ ୩ ବର୍ଷ କୋହଳ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଥିବା ଶାହା କହିଛନ୍ତି। ଅଗ୍ନିପଥ ବିରୋଧୀ ଆନ୍ଦୋଳନକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶନିବାର ତିନି ବାହିନୀର ମୁଖ୍ୟଙ୍କ ସହ ବୈଠକ ☞ପୃଷ୍ଠା-୨

# ଟଙ୍କା ନ ଦେଇ ଗାଇଡ୍‌ଲାଇନ୍

**ଭୁବନେଶ୍ୱର,୧୮।୬(ବ୍ୟୁରୋ)**

### ବାତ୍ୟା ନିରୋଧୀ ଭିତ୍ତିଭୂମି ପ୍ରସ୍ତାବ



### ଆର୍ଥିକ ସହାୟତା ପାଇଁ କେନ୍ଦ୍ରକୁ ଲେଖାଯାଇଛି ଚିଠି

### ୭ ବାତ୍ୟାରେ ୩୫ ହଜାର କୋଟି ବରବାଦ

ବିଭିନ୍ନ ସମୟରେ ଦେଖାଦେଉଥିବା ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଗୋଟିଏ ପରେ ଗୋଟିଏ ବାତ୍ୟା ଉପକୂଳ ଅଞ୍ଚଳକୁ ଛାରଖାର କରିଦେଉଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟକୁ ୭ଟି ଭୟଙ୍କର ବାତ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ଏଥିରେ ପ୍ରାୟ ୩୫ ହଜାର କୋଟି ଟଙ୍କାର କ୍ଷୟକ୍ଷତି ହୋଇଛି। କୃଷିକ୍ଷେତ୍ର ସମେତ ଘରଦ୍ୱାର, ରାସ୍ତାଘାଟ, ବିଦ୍ୟୁତ୍ ଭିତ୍ତିଭୂମି ନଷ୍ଟ ହୋଇଯାଉଛି। ଏହାକୁ ଭରଣା କରିବାକୁ ଦୀର୍ଘସମୟ ଲାଗିଯାଉଛି। ବାରମ୍ବାର ବାତ୍ୟା ଯୋଗୁ ଉପକୂଳବର୍ତ୍ତୀ ଅଞ୍ଚଳରେ ବିଦ୍ୟୁତ୍ ଭିତ୍ତିଭୂମି ଗମ୍ଭୀର ଭାବେ ପ୍ରଭାବିତ ହେଉଛି। ଦୀର୍ଘ ସମୟ ଧରି ବାତ୍ୟା ପ୍ରଭାବିତଙ୍କୁ ବିଜୁଳି କଷ୍ଟରେ ରହିବାକୁ ପଡୁଛି। ଏହାକୁ ଦେଖି ରାଜ୍ୟ ସରକାର ବାତ୍ୟା ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ କରିବା ପାଇଁ କେନ୍ଦ୍ର ସରକାରଙ୍କ ସହାୟତା ଲୋଡ଼ିଛନ୍ତି। ତେବେ ବିଡ଼ମ୍ବନା ଯେ ୨ ବର୍ଷ ପୂର୍ବରୁ ରାଜ୍ୟ ସରକାର କେନ୍ଦ୍ରକୁ ଦେଇଥିବା ଏହି ପ୍ରସ୍ତାବ କେବଳ ଗାଇଡ୍‌ଲାଇନରେ ସୀମିତ ରହିଛି। ଏଥିପାଇଁ କେନ୍ଦ୍ରରୁ ସହାୟତା ମିଳୁନାହିଁ କିମ୍ବା ବିଦ୍ୟୁତ୍ ଭିତ୍ତିଭୂମି କାର୍ଯ୍ୟ ଆଗେଇ ପାରୁନାହିଁ।

ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି)ଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ମୁତାବକ କେନ୍ଦ୍ର ସରକାରଙ୍କୁ ଇତିମଧ୍ୟରେ ୪ ଥର ପ୍ରସ୍ତାବ ଦିଆଯାଇଥିଲେ ସୁଦ୍ଧା ଏ ଦିଗରେ କୌଣସି ଅଗ୍ରଗତି ହୋଇ ନାହିଁ କିମ୍ବା କେନ୍ଦ୍ର ନିକଟରୁ ସବୁଜ ସଙ୍କେତ ମିଳିନାହିଁ। କେନ୍ଦ୍ର ସରକାର ନିକଟରେ ଏ ନେଇ କେବଳ ଏକ ଗାଇଡ୍‌ଲାଇନ ପଠାଇଛନ୍ତି। ବାରମ୍ବାର ବାତ୍ୟା ଯୋଗୁ ବିଦ୍ୟୁତ୍ ଭିତ୍ତିଭୂମି ନଷ୍ଟ ହେଉଥିବାରୁ ରାଜ୍ୟ ସରକାର ୨୦୨୦ ଜୁନ୍ ୨୨ରେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବାତ୍ୟା ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ କରିବାକୁ କେନ୍ଦ୍ର ସରକାରଙ୍କୁ ୧୧,୧୧୪ କୋଟି ଟଙ୍କାର ପ୍ରସ୍ତାବ ଦେଇଥିଲେ। କେନ୍ଦ୍ର ଏଥିପାଇଁ ଟଙ୍କାଟିଏ ଦେଇ ନ ଥିବାବେଳେ ରାଜ୍ୟ ସରକାର ମଧ୍ୟ ନିଜସ୍ୱ ପାଣ୍ଠିରେ ଏ ଦିଗରେ କୌଣସି କାମ ଆରମ୍ଭ କରିନାହାନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁ ଉପକୂଳବର୍ତ୍ତୀ ଜିଲାବାସୀଙ୍କୁ ପ୍ରତ୍ୟେକ ବର୍ଷ ବିଦ୍ୟୁତ୍ କଷ୍ଟ ଭୋଗିବାକୁ ପଡୁଛି। ଥରେ ବାତ୍ୟା ହେଲେ ବିଦ୍ୟୁତ୍ ସଂଯୋଗ କରିବାକୁ ମାସ ମାସ ସମୟ ଲାଗିଯାଉଛି। କେବଳ ସମୟ ଲାଗୁ ନାହିଁ, ବରଂ ରାଜକୋଷରୁ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇ ସେହି ପୁରୁଣା ଢାଞ୍ଚାରେ କାମଚଳା ବିଦ୍ୟୁତ୍ ସଂଯୋଗ ଦିଆଯାଉଛି। ପରବର୍ତ୍ତୀ ବାତ୍ୟାରେ ପୁଣି ଉପକୂଳବାସୀଙ୍କୁ ସମଦଶା ଭୋଗିବାକୁ ପଡୁଛି।

୧୯୯୯ରୁ ୨୦୨୧ ମଧ୍ୟରେ ରାଜ୍ୟକୁ ୭ଟି ବାତ୍ୟା ମାଡ଼ ହେଲାଣି। ୧୯୯୯ ମହାବାତ୍ୟା ପରେ ୨୦୧୩ ଅକ୍ଟୋବର୧୨ରେ ଫାଇଲିନ ବାତ୍ୟାକୁ ଦକ୍ଷିଣ ଓଡ଼ିଶା ସମ୍ମୁଖୀନ ହୋଇଥିଲା। ଏଥିରେ ୧୩ ଜିଲାର ୮ ନିୟୁତ ଲୋକ ପ୍ରଭାବିତ ହୋଇଥିଲେ। ୨୩୦୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ସେହିପରି ୨୦୧୪ ଅକ୍ଟୋବର ୧୩ରେ ବାତ୍ୟା ହୁଡ୍‌ହୁଡ୍ ଦକ୍ଷିଣ ଓଡ଼ିଶାକୁ ଧକ୍କା ଦେଇଥିଲା। ଏଥିଯୋଗୁ ପ୍ରାୟ ୧ ହଜାର କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ୨୦୧୮ ଅକ୍ଟୋବରରେ ବାତ୍ୟା ତିତ୍‌ଲି ପୁଣି ଦକ୍ଷିଣ ଉପକୂଳ ଓଡ଼ିଶାକୁ ଛାରଖାର କରି ଦେଇଥିଲା। ଏଥିରେ ଗଞ୍ଜାମ, ଗଜପତି ସମେତ ୧୭ ଜିଲା ☞ପୃଷ୍ଠା-୭

# 'ଭଲ ଅନୁଭୂତି ନେଇ ଭକ୍ତ ଫେରନ୍ତୁ'



'ରଥଯାତ୍ରା ପ୍ରସ୍ତୁତି ଓ ରୂପରେଖ' ପୁସ୍ତିକାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଉନ୍ମୋଚନ କରୁଛନ୍ତି।

**ପୁରୀ ଅଫିସ/ ଭୁବନେଶ୍ୱର,୧୮।୬(ବ୍ୟୁରୋ)**

### ରଥଯାତ୍ରା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

କୋଭିଡ୍ ମହାମାରୀ ଯୋଗୁ ଗତ ୨ବର୍ଷ ହେବ ବିନା ଭକ୍ତରେ ରଥଯାତ୍ରା ସମ୍ପନ୍ନ ହୋଇଥିଲା। ତେବେ ଚଳିତବର୍ଷ ଭକ୍ତଙ୍କ ଗହଣରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହେଉଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିଛନ୍ତି। ଶନିବାର ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତା କରି ରଥଯାତ୍ରା ଯେପରି ଶାନ୍ତିଶୃଙ୍ଖଳାର ସହ ସୁରୁଖୁରୁରେ ସମ୍ପନ୍ନ ହେବ ସେନେଇ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଚଳିତବର୍ଷ ରଥଯାତ୍ରାକୁ ଅଧିକ ଭକ୍ତ ଆସିବେ। ତେଣୁ ସବୁପ୍ରକାର ଆଗୁଆ ବନ୍ଦୋବସ୍ତ ☞ପୃଷ୍ଠା-୭

**ଆଜିର ସମ୍ପାଦକୀୟ** ନିଯୁକ୍ତିକୁ ନେଇ କ୍ରୋଧ

# ତିର୍ତ୍ତୋଲ ବିଧାୟକଙ୍କ ନାଁରେ ଏତଲା ଦେଲେ ସୋମାଲିକା

**ଜଗତ୍‌ସିଂହପୁର ଅଫିସ,୧୮।୬**



ବିଜୟ ଶଙ୍କର ଦାସ



ସୋମାଲିକା ଦାଶ

### ବିବାହ ପାଇଁ ଅପେକ୍ଷା କରି ଫେରି ଯାଇଥିଲେ

ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ (୩୦) ଓ ତାଙ୍କ ପ୍ରେମିକା ତଥା ସ୍ଥାନୀୟ ଦେଉଳୀ ଗ୍ରାମେଶ୍ୱର ଗ୍ରାମର ସଂଗ୍ରାମ କିଶୋର ଦାଶଙ୍କ ଝିଅ ସୋମାଲିକା ଦାଶ (୨୯)ଙ୍କ ବିବାହ ପ୍ରସଙ୍ଗ ଏବେ ଭିନ୍ନ ମୋଡ଼ ନେଇଛି। ଶନିବାର ସୋମାଲିକା ଜଗତ୍‌ସିଂହପୁର ଥାନାରେ ବିଧାୟକ ଦାସଙ୍କ ସମେତ ମାନସ ଦାସ, ଦିଲୀପ କୁମାର ଦାସ, ସୁଜିତ କୁମାର ଦାସ, ତୁଷାର ବିଶ୍ୱାଳ, ସରୋଜ ସ୍ୱାଇଁ, ବସନ୍ତ ମହାପାତ୍ର, ମନୋଜ ଭୋଇ ଓ ଅନ୍ୟମାନଙ୍କ ନାଁରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଉଭୟେ ଜଗତ୍‌ସିଂହପୁର ଜିଲା ସବ୍-ରେଜିଷ୍ଟ୍ରାର(ଡିଏସ୍‌ଆର୍)ଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିବାହ କରିବାର ଥିଲା। ଏହି ଅନୁଯାୟୀ ସେ ସମ୍ପର୍କୀୟମାନଙ୍କ ସହ ଡିଏସ୍‌ଆର୍‌ଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅପେକ୍ଷା କରିଥିଲେ। କିନ୍ତୁ ବିଧାୟକ ଦାସ ଆସି ନ ଥିଲେ। ଏ ସମ୍ପର୍କରେ ବିଧାୟକଙ୍କ ମୋବାଇଲକୁ କଲ୍ କରିଥିଲେ ସୁଦ୍ଧା ସେ ଉଠାଇ ନ ଥିଲେ। ବାଧହୋଇ ବିଧାୟକଙ୍କ ସମ୍ପର୍କୀୟମାନଙ୍କୁ ଏ ବିଷୟରେ ପଚାରିବାରୁ ସେମାନେ ଦୁର୍ବ୍ୟବହାର କରିଥିଲେ ବୋଲି ସୋମାଲିକା ଅଭିଯୋଗ କରିଛନ୍ତି। ବିବାହ ତାରିଖ ସ୍ଥିର ହୋଇନାହିଁ। ଏହାକୁ ପଞ୍ଜୀକରଣ କରିବା ପାଇଁ ହୋଇଥିବା ଆବେଦନ ଅନୁଯାୟୀ, ଆଉ ୬୦ ଦିନ ବାକି ଥିବାରୁ ତା' ଭିତରେ ବିବାହ ହେବ ବୋଲି ବିଧାୟକ ଦାସ କହିଥିଲେ। ମାତ୍ର ସୋମାଲିକା ଏଥିରେ ସନ୍ତୁଷ୍ଟ ହୋଇନାହାନ୍ତି। ଏ ସମ୍ପର୍କରେ ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି, ଅଭିଯୋଗ ଉପରେ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା ଚାଲିଛି ଏବଂ ଖୁବ୍‌ଶୀଘ୍ର ☞ପୃଷ୍ଠା-୭




# ଏପ୍ରିଲ ୧ ସୁଦ୍ଧା ଭୋଟର ତାଲିକାରେ ଆଧାର ସଂଯୋଗ

AADHAAR

**ନୂଆଦିଲ୍ଲୀ,୧୮।୬(ପି.ଟି.):** ଭୋଟର ତାଲିକାରେ ଆଧାର ତଥ୍ୟ ଯୋଡ଼ିବା ଲାଗି ସରକାର ଭୋଟର ପଞ୍ଜୀକରଣ ନିୟମାବଳୀରେ ସଂଶୋଧନ କରିଛନ୍ତି। ଜାଲ୍ ଭୋଟରଙ୍କୁ ବାଦ୍ ଦେବା ଏବଂ ସର୍ଭିସ ଭୋଟରମାନଙ୍କ ପାଇଁ ନିର୍ବାଚନ ଆଇନରେ ଲିଙ୍ଗଭେଦ ଦୂର କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ☞ପୃଷ୍ଠା-୨

**କୌଣସି ବ୍ୟକ୍ତି ହୃଦ୍‌ଘାତ କିମ୍ବା ଅନ୍ୟ ଜଟିଳ ରୋଗରେ ପୀଡ଼ିତ ହେଲେ ଡାକ୍ତର ପ୍ରଥମେ ଡିଜିଟାଲ ଟ୍ୱିନ୍ ଉପରେ ଭର୍ଚୁଆଲି ପରୀକ୍ଷା ନିରୀକ୍ଷା କରି ଜରୁରୀ ଚିକିତ୍ସା ଉପାୟ ଆପଣାଇପାରିବେ। ଡିଜିଟାଲ ଯାଆଁଳାର ଅଧ୍ୟୟନ ଜରିଆରେ କୌଣସି କମ୍ପାନୀ ଜଣଙ୍କ ଦକ୍ଷତା ଚିହ୍ନି ତାଙ୍କୁ ଚାକିରି ଦେଇପାରିବ। ସେହିପରି ଅପରାଧପ୍ରବଣତା ମଧ୍ୟ ଏହି ଟେକ୍ନୋଲୋଜିରୁ ଚିହ୍ନଟ ସମ୍ଭବ। ଏହା ଅବାସ୍ତବ ମନେହେଉଥିଲେ ହେଁ ସମ୍ପ୍ରତି ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ଏହାକୁ ସତରେ ପରିଣତ କରିବାକୁ ଯାଉଛି ବୋଲି ଆମେରିକୀୟ ବୈଜ୍ଞାନିକ ରୋବ୍ ଏଣ୍ଡେର୍‌ଲେ ମତ ଦେଇଛନ୍ତି।**



# ବାସ୍ତବ ହେବ ଡିଜିଟାଲ ଟ୍ୱିନ୍

**ନୂଆଦିଲ୍ଲୀ,୧୮।୬**

ଅତ୍ୟାଧୁନିକ ଟେକ୍ନୋଲୋଜିର ଦୁନିଆରେ ଆମର ପ୍ରାୟ ପ୍ରତ୍ୟେକ ମୁହୂର୍ତ୍ତ ଡିଜିଟାଲ ରୂପରେ ଅନ୍‌ଲାଇନରେ ଉପଲବ୍ଧ। ଘର, ଗାଡ଼ି, ପୋଷା ପ୍ରାଣୀ, ନିଜ ପ୍ରିୟ ସାମଗ୍ରୀ ଏପରି କି ଆମେ ନିଜେ ମଧ୍ୟ ସୋସିଆଲ ମିଡିଆରେ ରହିଛୁ। ଆଗକୁ ଭର୍ଚୁଆଲ ଦୁନିଆ ମେଟାଭର୍ସ ଦ୍ୱାରା ଆମର ଏକ ଅବତାର ଅନ୍‌ଲାଇନ ଭ୍ରମଣ କରିବାକୁ ଯାଉଛି। ଏହା ଉପରେ ଚର୍ଚ୍ଚା ଥମି ନ ଥିବାବେଳେ ଏବେ ଆଉ ଏକ ରୋମାଞ୍ଚକର ଟେକ୍ନୋଲୋଜି ଉପରେ ସମସ୍ତଙ୍କ ଧ୍ୟାନ ଅଟକିଛି। ଏହି ଦଶନ୍ଧିର ଶେଷଆଡ଼କୁ ମଣିଷର ଏକ ଡିଜିଟାଲ ଯାଆଁଳା ବା ଜଣକ ଅବିକଳ ପ୍ରତିରୂପ ଜନ୍ମ ନେବାକୁଯାଉଛି। ଏହା କୌଣସି ସାଧାରଣ ମଣିଷ ଭଳି ବାହାରେ ରହିପାରିବ ନାହିଁ। ଡିଜିଟାଲ ଟ୍ୱିନ୍ କେବଳ ଡିଜିଟାଲ ଜୀବନ ବଞ୍ଚିପାରିବ ଏବଂ ତାହା ସମ୍ପୃକ୍ତ ବ୍ୟକ୍ତିଙ୍କ ଜୀବନୀ ଉପରେ ପୂର୍ବାନୁମାନ କରିପାରିବ ବୋଲି କୁହାଯାଉଛି।

ନିଜ ଭଳି ଆଉ କେହି ଅବିକଳ ଦେଖାଯାଉଥିବା ଅନେକେ ଶୁଣିଥିବେ। ଯାଆଁଳା ଶିଶୁ ମଧ୍ୟ ଏକାପରି ଦେଖାଯାଇଥାନ୍ତି। କିନ୍ତୁ ଏବେ ଡିଜିଟାଲ ରୂପରେ ମଣିଷଙ୍କ ଯାଆଁଳା ମଡେଲ ପ୍ରସ୍ତୁତ କରିବା ନିମନ୍ତେ ଟେକ୍-ରିସର୍ଚ୍ଚରମାନେ ଆଗେଇଛନ୍ତି। ପୂର୍ବରୁ ଏହା କେବଳ ଏକ ୩ଡି କମ୍ପ୍ୟୁଟର ମଡେଲ ଥିଲା। କିନ୍ତୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସହ ଇଣ୍ଟରନେଟର ବ୍ୟବହାର ଦ୍ୱାରା ଉକ୍ତ ଟ୍ୱିନ୍‌କୁ ଜଣଙ୍କ ସହ ସେନ୍ସର ମାଧ୍ୟମରେ ଯୋଡ଼ା ଯାଇପାରିବ। ଏହି ଡିଜିଟାଲ କପି କ୍ରମାଗତ ସେହି ବ୍ୟକ୍ତିଙ୍କ ବିଷୟରେ ଶିଖିବା ସହ ତାଙ୍କ ନିକଟ ଭବିଷ୍ୟତ ଯେପରି ସ୍ୱାସ୍ଥ୍ୟାବସ୍ଥା, କୌଣସି କ୍ଷେତ୍ରରେ ସଫଳତା, ଆଗାମୀ ପଦକ୍ଷେପ ବାବଦରେ ଆଗୁଆ ଅନୁମାନ କରିପାରିବ। ଡିଜିଟାଲ ଟ୍ୱିନ୍‌ର ଅଧ୍ୟୟନ ଦ୍ୱାରା କୌଣସି କମ୍ପାନୀ ଜଣଙ୍କ ଦକ୍ଷତା ଚିହ୍ନି ତାଙ୍କୁ ଚାକିରି ଦେଇପାରିବ। କୌଣସି ବ୍ୟକ୍ତି ହୃଦ୍‌ଘାତ, ମସ୍ତିଷ୍କ କିମ୍ବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ସମ୍ବନ୍ଧୀୟ ଜଟିଳ ରୋଗରେ ପୀଡ଼ିତ ହେଲେ ଡାକ୍ତର ପ୍ରଥମେ ଡିଜିଟାଲ କପି ଉପରେ ଭର୍ଚୁଆଲି ପରୀକ୍ଷଣ ନିରୀକ୍ଷଣ କରି ଠିକ୍ ଉପାୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଚିକିତ୍ସା କରିପାରିବେ। ଜଣଙ୍କ ଅପରାଧ ପ୍ରବଣତା ମଧ୍ୟ ଏଥିରୁ ଚିହ୍ନଟ କରାଯାଇପାରିବ। ଜୀବନ କାଳକୁ ନେଇ ଜଣଙ୍କ ଏକାଧିକ ଟ୍ୱିନ୍ ପ୍ରସ୍ତୁତ କରିହେବ। ଏହା ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କ ଜୀବନ ଆହୁରି ସହଜ ☞ପୃଷ୍ଠା-୨

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ଡିଡୁଲ୍
ପରିବାରବର୍ଗ


ଢୁଢୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ଆଜିର ମନ୍ତବ୍ୟ**

"ଏକବିଂଶ ଶତାବ୍ଦୀରେ ଭାରତର ତ୍ୱରିତ ବିକାଶ ପାଇଁ ନାରୀ ସଶକ୍ତୀକରଣ ଜରୁରୀ। ସେମାନଙ୍କ ଜୀବନକୁ ସହଜ କରିବା ସକାଶେ ସୁଯୋଗ ଦେବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

### ଗଙ୍ଗା ଗଲି ଯେତିକି ଫଳ ପାଇଲି ସେତିକି।

ଯେଉଁ ଯାତ୍ରା ବା କାର୍ଯ୍ୟରେ ବ୍ୟକ୍ତିକୁ ଲାଭ ବଦଳରେ କ୍ଷତି ମିଳିଥାଏ ବା ପ୍ରଶଂସା ବଦଳରେ ନିନ୍ଦା ମିଳିଥାଏ, ସେ ଯାତ୍ରା ବା କାର୍ଯ୍ୟ ପ୍ରତି ବ୍ୟକ୍ତିର ମନ ଛାଡିଯାଇଥାଏ। ତିକ୍ତ ଅଭିଜ୍ଞତା ବ୍ୟକ୍ତିର ମନକୁ ଭାଙ୍ଗିଦେଇଥାଏ ବା ଫିକା କରିଦେଇଥାଏ। ଫଳ ନିଷ୍ଫଳ ହୋଇଯିବାର ପ୍ରକାରାନ୍ତରେ ଅଭିମାନ ପୋଷଣ କରାଯିବା ନେଇ ଏଭଳି ମନ୍ତବ୍ୟ ପ୍ରଦାନ କରାଯାଇଛି।

### ଗଛର ଛାଇ ମଣିଷର ହାଇ ଯହିଁ ପଡେ ତହିଁ ମିଳାଇ ଯାଇ।

ବଡ଼ ଗଛ ମୂଳରେ ସୂର୍ଯ୍ୟକିରଣ ଭଲରେ ପଡିପାରୁ ନ ଥିବାରୁ ସେଠି ଅନ୍ୟ ଛୋଟ ଗଛ ଉଧାଏ ନାହିଁ। ସେହିପରି ମଣିଷର ଈର୍ଷାଳୁ ଭାବ ବା ନିଃଶ୍ୱାସ ଯାହା ଉପରେ ପଡେ ସେ ଆଉ ସେତେ ଅଗ୍ରଗତି କରିପାରି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

## ଅଗ୍ନିବୀରଙ୍କ ପାଇଁ...

ପ୍ରଥମ ପୃଷ୍ଠାରୁ...

କରିଥିଲେ। ବୈଠକର ନିଷ୍କର୍ଷ ସମ୍ପର୍କରେ ସରକାରୀ ଭାବେ କିଛି କୁହାଯାଇ ନ ଥିଲେ ହେଁ ପ୍ରତିରକ୍ଷା କ୍ଷେତ୍ରରେ ଅଗ୍ନିବୀରଙ୍କ ପାଇଁ ୧୦ ପ୍ରତିଶତ କୋଟା ରହିବ ବୋଲି ମନ୍ତ୍ରଣାଳୟ ଘୋଷଣା କରିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟ ଚଳିତ ବର୍ଷ ପାଇଁ ଅଗ୍ନିବୀରଙ୍କ ବୟସସୀମାରେ ୨ ବର୍ଷ କୋହଳ କରି ଏହାକୁ ୨୩ ବର୍ଷକୁ ବୃଦ୍ଧି କରିଛି। ତେଣୁ ପ୍ରଥମ ବ୍ୟାଚ ଅଗ୍ନିବୀର ନିଯୁକ୍ତିରେ ପ୍ରାର୍ଥୀମାନଙ୍କୁ ସର୍ବୋଚ୍ଚ ବୟସସୀମାରେ ୫ ବର୍ଷ କୋହଳ ମିଳିବ ବୋଲି ଶାହା ସୂଚନା ଦେଇଛନ୍ତି। ସିଏପିଏଫ୍‌ରେ ଏକ୍ସ-ସର୍ଭିସମ୍ୟାନ୍‌ଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ ରହିଥିବାବେଳେ ଅଗ୍ନିବୀରଙ୍କ ପାଇଁ ନିଯୁକ୍ତିରେ ଅତିରିକ୍ତ ଭାବେ ୧୦ ପ୍ରତିଶତ କୋଟା ରହିବ। ଏହାଦ୍ୱାରା ସ୍ଥଳସେନା ଯବାନ, ନାବିକ ଏବଂ ବାୟୁସେନା ଏୟାରମ୍ୟାନ୍ ସେମାନଙ୍କ ନିଯୁକ୍ତି କାଳ ଶେଷ ପରେ ଉକ୍ତ କୋଟାରେ ସିଏପିଏଫ୍‌ରେ ଯୋଗଦେଇପାରିବେ।

ପ୍ରତିରକ୍ଷା ମନ୍ତ୍ରଣାଳୟରେ ଅଗ୍ନିବୀରଙ୍କୁ ନିଯୁକ୍ତି ନିମନ୍ତେ ଖାଲି ପଡ଼ିଥିବା ପଦବୀରୁ ୧୦ ପ୍ରତିଶତ ସଂରକ୍ଷଣ ପ୍ରସ୍ତାବକୁ ରାଜନାଥ ସିଂ ଅନୁମୋଦନ କରିଛନ୍ତି। ଭାରତୀୟ ତଟସୁରକ୍ଷା ବାହିନୀ, ପ୍ରତିରକ୍ଷା ସିଭିଲିଆନ ପଦବୀ ଏବଂ ସମସ୍ତ ୧୬ଟି ପ୍ରତିରକ୍ଷା ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ମଧ୍ୟ ୧୦ ପ୍ରତିଶତ ସଂରକ୍ଷଣ ମିଳିବ। ଏକ୍ସ-ସର୍ଭିସମ୍ୟାନଙ୍କ ପାଇଁ ଉପଲବ୍ଧ ସଂରକ୍ଷଣ ପରେ ଏହା ଅତିରିକ୍ତ ସଂରକ୍ଷଣ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କେବଳ ସ୍ୱରାଷ୍ଟ୍ର ଓ ପ୍ରତିରକ୍ଷା ମନ୍ତ୍ରଣାଳୟ ନୁହନ୍ତି, ଅନ୍ୟ ମନ୍ତ୍ରଣାଳୟ ଓ ବିଭିନ୍ନ ଭାଜପା ଶାସିତ ରାଜ୍ୟ ସରକାର ମଧ୍ୟ ଅଗ୍ନିବୀରଙ୍କୁ ନିଯୁକ୍ତି ଦେବା ଲାଗି ବିଚାର କରୁଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏୟାର ଟ୍ରାଫିକ ସେବା, ବିମାନ ଟେକ୍ନିସିଆନ୍ ସେବା, ରକ୍ଷଣାବେକ୍ଷଣ, ମରାମତି, ବିମାନ ଦୁର୍ଘଟଣା ତଦନ୍ତ ସେବା ଆଦିରେ ଅଗ୍ନିବୀରଙ୍କୁ ନିଯୁକ୍ତି ଦେବା କଥା ଚିନ୍ତା କରୁଛି। ସେହିପରି ସଶସ୍ତ୍ର ବଳରେ ୪ ବର୍ଷ ଚାକିରି ଶେଷ ହେବା ପରେ ଅଗ୍ନିବୀରଙ୍କୁ ଗୃହନିର୍ମାଣ ଓ ପେଟ୍ରୋଲିୟମ ମନ୍ତ୍ରଣାଳୟ ଅଧୀନରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରେ ନିଯୁକ୍ତି ଦେବା ଲାଗି ଉଦ୍ୟମ ହେଉଛି ବୋଲି ବିଭାଗୀୟ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି। ଜାହାଜ ଚଳାଚଳ ମନ୍ତ୍ରଣାଳୟ ମଧ୍ୟ ଅଗ୍ନିବୀରଙ୍କୁ ୬ଟି ସେବାରେ ନିୟୋଜିତ କରିବ ବୋଲି ଶନିବାର ଘୋଷଣା କରିଛି। ସେଥିପାଇଁ ସେମାନେ ଆବଶ୍ୟକ ତାଲିମ ନେବା ସହ ନୌସେନାରେ କାର୍ଯ୍ୟ କରିଥିବାର ଅଭିଜ୍ଞତା ରହିଥିବା ଆବଶ୍ୟକ।

ଏହା ବ୍ୟତୀତ ଭାଜପା ଶାସିତ ରାଜ୍ୟଗୁଡ଼ିକ ଅଗ୍ନିବୀରମାନଙ୍କୁ ବିଭିନ୍ନ ବିଭାଗରେ ଥଇଥାନ କରିବା ନିମନ୍ତେ ଘୋଷଣା କରିଛନ୍ତି। ୪ ବର୍ଷ ଅଗ୍ନିବୀର ଭାବେ ନିଯୁକ୍ତି ଶେଷ କରିବା ପରେ ସେମାନଙ୍କୁ ପୋଲିସ, ବିପର୍ଯ୍ୟୟ ପରିଚାଳନା ବିଭାଗରେ ନିଯୁକ୍ତି ଦିଆଯିବ ବୋଲି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଗୁରୁବାର ଘୋଷଣା କରିଥିଲେ। ସେହିପରି ଉତ୍ତରପ୍ରଦେଶ ପୋଲିସ ଓ ଆନୁଷଙ୍ଗିକ ବିଭାଗରେ ନିଯୁକ୍ତି ବେଳେ ଅଗ୍ନିବୀରଙ୍କୁ ପ୍ରାଥମିକତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରତିଶ୍ରୁତି ଦେଇଛନ୍ତି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, କର୍ଣ୍ଣାଟକ ଗୃହମନ୍ତ୍ରୀ ଅରଗ ଜ୍ଞାନେନ୍ଦ୍ର, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ଏବଂ ଅରୁଣାଚଳ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ ମଧ୍ୟ ଅନୁରୂପ ଘୋଷଣା କରିଛନ୍ତି।

## ବାସ୍ତବ ହେବ...

ହୋଇପାରିବ ବୋଲି କୁହାଯାଉଛି। ଆମେରିକୀୟ ଟେକ୍ ବିଶେଷଜ୍ଞ ରୋବ୍ ଏଣ୍ଡେର୍ଲେଙ୍କ ମତରେ ଏହି ଦଶନ୍ଧି ଶେଷ ହେବା ପୂର୍ବରୁ ମନୁଷ୍ୟର ଡିଜିଟାଲ ଟ୍ୱିନ୍‌ସର ପ୍ରଥମ ଭର୍ସନ ଆସିଯାଇଥିବ। ତେବେ ମାନବିକତା, ନୈତିକତା ଦୃଷ୍ଟିକୋଣରୁ ମଧ୍ୟ ଏହା ଉପରେ ଅଧିକ ବିଚାର କରିବାକୁ ପଡ଼ିବ ବୋଲି ରୋବ୍ କହିଛନ୍ତି। ଏହାର ଭୁଲ୍ ବ୍ୟବହାର ରୋକିବା ପାଇଁ ଡିଜିଟାଲ ଟ୍ୱିନ୍‌ର ମାଲିକାନା ସମ୍ପୃକ୍ତ ବ୍ୟକ୍ତିଙ୍କ ପାଖରେ ରହିବା ନିମନ୍ତେ ଆଇନର ଆବଶ୍ୟକତା ପଡ଼ିପାରେ। ମେଟାର ଭର୍ଚୁଆଲ ରିଅଲିଟି ପ୍ଲାଟ୍‌ଫର୍ମରେ ନିଜ ଅବତାରକୁ ଅବିକଳ ଚେହେରା ଦିଆଯାଇପାରିବ। କିନ୍ତୁ ଶରୀରର ସମସ୍ତଙ୍କ ଅଙ୍ଗକୁ ଏହା ପ୍ରତିଫଳିତ କରିପାରିବ ନାହିଁ। ହେଲେ ଡିଜିଟାଲ ଟ୍ୱିନ୍ ଟେକ୍ନୋଲୋଜି ମେଟାଠାରୁ ଆଉ ପାଦେ ଆଗରେ। ଆଗକୁ ଡିଜିଟାଲ ଟ୍ୱିନ୍ ବାସ୍ତବ ହେଲେ ଏହାର ବେଶ୍ ଚାହିଦା ରହିବ। ଔଷଧ, ଟିକା ଆଦି ପାଇଁ ଡିଜିଟାଲ ଟ୍ୱିନ୍ ଉପରେ ପରୀକ୍ଷଣ ଦ୍ୱାରା ଅନେକ ପ୍ରାଣୀଙ୍କୁ ମଧ୍ୟ ରକ୍ଷା କରାଯାଇପାରିବ ବୋଲି କୁହାଯାଉଛି।

## ଏପ୍ରିଲ ୧ ସୁଦ୍ଧା...

ନିୟମାବଳୀରେ ସଂଶୋଧନ ନେଇ କେନ୍ଦ୍ର ଆଇନ ମନ୍ତ୍ରଣାଳୟର ବ୍ୟବସ୍ଥାପିକା ବିଭାଗ ପକ୍ଷରୁ ଶୁକ୍ରବାର ରାତିରେ ବିଜ୍ଞପ୍ତି ଜାରି କରାଯାଇଛି। ଗତବର୍ଷ ଡିସେମ୍ବରରେ ପାର୍ଲାମେଣ୍ଟରେ ନିର୍ବାଚନ ଆଇନ ସଂଶୋଧନ ବିଲ୍ ଗୃହୀତ ହୋଇଥିଲା। ନୂଆ ନିୟମାବଳୀ ଅଗଷ୍ଟ ୧ରୁ କାର୍ଯ୍ୟକାରୀ ହେବ। ଭୋଟର ତାଲିକାରେ ଯେଉଁମାନଙ୍କର ନାମ ରହିଛି, ସେମାନଙ୍କୁ ୨୦୨୩ ଏପ୍ରିଲ ୧ ସୁଦ୍ଧା ଆଧାର ନମ୍ବର ସଂଯୋଗ କରିବାକୁ କୁହାଯାଇଛି। ଏଥିପାଇଁ ନୂଆ ଫର୍ମ ୬ବି ଅଣାଯାଇଛି। ଯେଉଁମାନଙ୍କର ଆଧାର କାର୍ଡ ନାହିଁ, ସେମାନେ ସ୍ୱାସ୍ଥ୍ୟବୀମା ସ୍ମାର୍ଟ କାର୍ଡ, ମନରେଗା ଜବ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଓ ପାନ୍ କାର୍ଡକୁ ପ୍ରମାଣ ଭାବେ ଶେୟାର କରିପାରିବେ। ନୂଆ ନିୟମ ଅନୁଯାୟୀ ବର୍ଷର ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ କିମ୍ବା ଅକ୍ଟୋବର ୧ରେ ୧୮ ବର୍ଷ ହେଉଥିଲେ ଭୋଟର ପଞ୍ଜୀକରଣ ପାଇଁ ତୁରନ୍ତ ଆବେଦନ କରାଯାଇପାରିବ।

## ଚିଲିକାରେ ଡଙ୍ଗା...

ପ୍ରଭାବରେ ବର୍ଷା ଓ ପବନ ହୋଇଥିଲା। ଫଳରେ ମତ୍ସ୍ୟଜୀବୀ ଡଙ୍ଗାର ଭାରସାମ୍ୟ ରଖିବାରେ ବିଫଳ ହେବାରୁ ଡଙ୍ଗାଟି ଓଲଟି ପଡ଼ିଥିଲା। ମତ୍ସ୍ୟଜୀବୀଙ୍କ ଚିତ୍କାର ଶୁଣି ନିକଟରେ ଥିବା ଅନ୍ୟ ମତ୍ସ୍ୟଜୀବୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ମାଛଧରା ଡଙ୍ଗାକୁ ଉଦ୍ଧାର କରି କୂଳକୁ ଆଣିଥିଲେ। କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କ ଘର ବରଡ଼ି ଅଞ୍ଚଳର ବୋଲି ଜଣାପଡ଼ିଛି। ସୂଚନାଥାଉ କି, ମେ' ୫ରେ ମା'କାଳିଜାଇ ପୀଠରୁ ଦର୍ଶନ ସାରି ବାଲୁଗାଁ କୂଳକୁ ଫେରୁଥିବା ଏକ ଯାତ୍ରୀବାହୀ ଡଙ୍ଗା କାଳବୈଶାଖୀ ଯୋଗୁ ଚିଲିକାରେ ବୁଡ଼ିଯାଇଥିଲା। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୧ଜଣଙ୍କୁ ଉଦ୍ଧାର କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଲାଭ ଭାବରେ ଚନ୍ଦ୍ର ରହିଥିବାରୁ ଆଜି ଦିନରେ ଆର୍ଥିକ, ମାନସିକ ଏବଂ ସାମାଜିକ ସ୍ଥିତି ଉନ୍ନତ ରହିବ। ଯେ କୌଣସି ପରିସ୍ଥିତି ଓ ପରିବେଶରେ ନିଜକୁ ଚଳାଇନେଇ ପାରିଲେ କୃତକାର୍ଯ୍ୟ ହେବେ। ବନ୍ଧୁଙ୍କ ଆଗମନରେ କିଛି ସମୟ ଅତିବାହିତ କରିବାକୁ ପଡ଼ିପାରେ। ଦୀର୍ଘ ଦିନରୁ ଥିବା ବିବାଦ ସମାଧାନର ରାସ୍ତା ସୁଗମ ହେବ।

**ବୃଷ** – ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇ ଏକ ପ୍ରକାର ବ୍ୟତିବ୍ୟସ୍ତ ହୋଇପାରନ୍ତି। ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ କାମକରି କିଛିଟା ସଫଳତା ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହେବ।

**ମିଥୁନ** – କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବାରୁ ସେହି କଥା ଭାବି ଅନ୍ୟମନସ୍କ ରହିପାରନ୍ତି। ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ବିତର୍କ ସୃଷ୍ଟି ହେବାର ସମ୍ଭାବନା ରହିଛି। ଯାନବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ। ପଡ଼ୋଶୀଙ୍କ ସହ ସାମାନ୍ୟ କାରଣରୁ ସମ୍ପର୍କ ହାନି ଘଟିପାରେ।

**କର୍କଟ** – ଦକ୍ଷତା ହେତୁ ଅର୍ଥ ଓ ସମ୍ମାନ ଲାଭରେ ଗୌରବାନ୍ୱିତ ମନେ କରିବାର ସୁଯୋଗ ଲଭିବେ। ପାରିବାରିକ ଶୃଙ୍ଖଳା ରକ୍ଷା ଦିଗରେ ଅଭିଜ୍ଞତା ଓ ଦୂରଦର୍ଶିତା ସାହାଯ୍ୟ କରିବ। ସଭାସମିତି, ଆନୁଷ୍ଠାନିକ କାମ ଓ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରତିବନ୍ଧକ କାରଣରୁ କାମ ସଂପନ୍ନ କଷ୍ଟକର ହେବ।

**ସିଂହ** – ଆଜି କାମ ହାସଲ ସକାଶେ ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମାନସିକ ସ୍ଥିରତା ରହି ନ ପାରେ। ଭୁଲ୍ ବୁଝାମଣା କାରଣରୁ ପରିବାରରେ ସମ୍ପର୍କ ହାନି ଆଶଙ୍କା ରହିଛି। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡ଼ିପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ।

**କନ୍ୟା** – ଅତୀତ ଘଟଣା ମନରେ ଆଲୋଡ଼ନ ସୃଷ୍ଟି କରିବା ଫଳରେ ଆପଣ ସ୍ଥିର ଭାବରେ ରହିପାରିବେ ନାହିଁ। ନିଜ ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ମିତ୍ରମାନେ ଶତ୍ରୁତା ଆଚରଣ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କାରଣରୁ ବ୍ୟବସାୟରେ ମନାନ୍ତର ଦେଖାଦେଇପାରେ। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ।

**ତୁଳା** – କର୍ମକ୍ଷେତ୍ରରେ କେତେକ କାର୍ଯ୍ୟରେ ସଫଳତା ହାସଲ କରିବାରେ ନିକଟସ୍ଥ ବନ୍ଧୁମାନେ ସାହାଯ୍ୟ କରିବେ। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଜମିଜମା ପ୍ରଭୃତି କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ଅଫିସରେ ଅଫିସର ମାନଙ୍କ ସହ ମତଭେଦ କିମ୍ବା ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ବିଛା** – ସାହାଯ୍ୟକାରୀ ମନୋବୃତ୍ତି ହେତୁ ସହକର୍ମୀଙ୍କ ସହ ସଦ୍ଭାବ ବୃଦ୍ଧି ହୋଇପାରେ। ଆଜି ଘରକୁ ଫେରିବା ସମୟରେ ମୂଲ୍ୟବାନ୍ ଜିନିଷ ଆଣି ପାରନ୍ତି। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ପାରିବାରିକ ସମସ୍ୟା ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବାର ସୂଚନା ରହିଛି। ସନ୍ତାନହେତୁକ ଚିନ୍ତା ଦୂର ହେବ।

**ଧନୁ** – ନିଜ ଘର ଅପେକ୍ଷା ବାହାର ଲୋକମାନେ ଆପଣଙ୍କୁ ସମର୍ଥନ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସ୍‌ରେ କୌଣସି ବ୍ୟକ୍ତିଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଏଥିପାଇଁ ଜଣାଶୁଣା ବ୍ୟକ୍ତିଙ୍କ ପରାମର୍ଶ ମାନିବା ଠିକ୍ ହେବ।

**ମକର** – ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇଲେ ମଧ୍ୟ ସାମୟିକ ଅସ୍ଥିରତା ଦେଖାଦେବାର ସମ୍ଭାବନା ରହିଛି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା ବିଫଳ ହେବ ନାହିଁ।

**କୁମ୍ଭ** – କର୍ମକ୍ଷେତ୍ରରେ ପ୍ରତ୍ୟେକ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିପାରିବେ। ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ରହିଥିଲେ ମଧ୍ୟ ବାଣିଜ୍ୟ, ବ୍ୟବସାୟରେ ସମସ୍ୟାକୁ ସୁଧାରି ନେବେ। ପରିବହନ କ୍ଷେତ୍ରରେ ଅଯଥା ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପରିବାରରେ ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମୀନ** – କର୍ମକ୍ଷେତ୍ରରେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସାମାଜିକ ସ୍ତରରେ ନୀଚ ବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିରୋଧ ଦୂରେଇ ଯିବ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ। ଆନୁଷ୍ଠାନିକ କାମର ବନ୍ଧୁ ମେଳରେ ପ୍ରଶଂସିତ ହେବେ।

## ୮ଦିନରେ ବଦଳିଗଲା ବ୍ଲଡ୍‌ଗ୍ରୁପ

### ଜୀବନ ସହିତ ଜିଲା ମୁଖ୍ୟ ଚିକିତ୍ସାଳୟର ଖେଳ

ବୌଦ୍ଧ,୧୮।୬ (ସ୍ୱ.ପ୍ର.): ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ପରୀକ୍ଷାଗୁଡିକ ଖାମଖିଆଲିଭାବେ କରାଯାଉଛି। ଏହାର ଏକ ଉଦାହରଣ ଶନିବାର ଦେଖିବାକୁ ମିଳିଛି। ଏହି ହସ୍ପିଟାଲରେ ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ଗ୍ରାମର ବିବେକାନନ୍ଦ ସାହୁଙ୍କର ଏକ ପୁତ୍ର ସନ୍ତାନ ଗତ ଜୁନ୍ ୯ରେ ଜନ୍ମହୋଇଥିଲା। ୧୦ତାରିଖରେ ନବଜାତକର ରକ୍ତ ପରୀକ୍ଷା ରିପୋର୍ଟରେ ବ୍ଲଡ ଗ୍ରୁପ୍ ଏ ପଜିଟିଭ ରହିଥିଲା। ଏହାପରେ ବିବେକାନନ୍ଦ ତାଙ୍କର ଶିଶୁ ପୁତ୍ରକୁ ଧରି ଘରକୁ ଯାଇଥିଲେ। ପୁଅର ଦେହ ଖରାପ ହେବାରୁ ଶନିବାର ପୁଣିଥରେ ଚିକିତ୍ସାଳୟକୁ ଆଣିଥିଲେ ବିବେକାନନ୍ଦ। ଡାକ୍ତରଙ୍କ କହିବା ପରେ ସେ ପୁଣି ଥରେ ରକ୍ତ ପରୀକ୍ଷା କରାଇଥିଲେ। ହେଲେ ରିପୋର୍ଟରେ ବ୍ଲଡ ଗ୍ରୁପ ଏ ନେଗେଟିଭ ଦର୍ଶାଯାଇଥିଲା। ୮ଦିନ ଭିତରେ ଦୁଇ ଦୁଇଟି ଭିନ୍ନ ବ୍ଲଡ୍‌ଗ୍ରୁପ୍ ଦେଖି ସେ ମେଡିକାଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଭୟ କୁମାର ଦାଶଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ଫୋନ ଉଠାଇ ନ ଥିଲେ।


# classifieds Everyday
0674-2580101, 2549302




**GROOM WANTED**

44 ବର୍ଷର ମହିଳା Govt. Officeରେ Clerk postରେ କାର୍ଯ୍ୟରତ। ଘର-ନୟାଗଡ଼। ଘରଜ୍ୱାଇଁ ପ୍ରାଥମିକତା। 8763284487. D-743




**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

Rangabazar Tankapaniroad near SBI bank 1750 sqft plot electricity borewell 40 feet road @1600 per sqft. 8658386267. D-760

Duplex house on corner plot for sale at Gadakana, Bhubaneswar. Contact owner: 9348695941. D-777

**Plot for Sale, 2000sqft (8nos) per sqft-2000/- Yellowzone Gharabari Plot near Tata-ariana, Vipul Garden Backside Ghatikia Mouza- Sankarpur, BBSR. Water & Electricity available 30'Road NH-16 to 1km. Contact: - 7381564227, 8114744495.** D-770

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-. 8114929186.** D-73920

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-772

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

**2& 3BHK ready to move flat for sale at Chintamaniswar & near Palm Heights Sum Hospital and a new construction 3BHK flat start at Nandan Vihar Patia, Bhubaneswar. Contact -9861882233, 9437231479.** D-73324

**LAND FOR SALE- Area: A1.500Dec. BDA YellowZone, Hanspal Bhubaneswar. Contact: 91+7682954721. Brokers Excuse.** D-644

Land for Sale near Adani Dhamra Port, Bhadrak. Area - 4 Acre 10 Decimal, Non Agri. Land (Converted to Gharabari), Clear Title of Land, Single Owner. Rate per Decimal - 2Lakhs, Connected to State Highway. Contact- 9738021978, 8917251410. D-73824

**ଭୁବନେଶ୍ୱର Sum Hospital ଠାରୁ 6k.m. ଦୂରତାରେ କଣ୍ଟାବାଡ଼ NH 16 ରୁ 50mtr ଦୂରରେ boundary, electricity 30ft. ରୋଡ୍ ଥାଇ ଘରବାରି plot ମିଳୁଛି। 9348444368.** D-73261

Land Investments in and around Bhubaneswar. Cost starting from Rs.One Lakh . Outright and Installment facilities available. Mobile: 7682954721. D-73325

**ଭୁବନେଶ୍ୱର ମୌଜା ସୁନ୍ଦରପୁର ଗ୍ଲୋବାଲ ସ୍କୁଲ ପାଖରେ boundary 4050 @ 1300/- ଜମି ବିକ୍ରିହେବ। ଯୋଗାଯୋଗ– 9437090931.** D-769

**Sameday registration & possesion plot near IIT Bhubaneswar @ 4.99lakh. 9777608369, 9777680369.** D-73259

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-773

3BHK ready to move flat (Rs.85-95lakhs, outright) available near Khandagiri. 9040090394, 9040090398. D-73617

**Bhubaneswarରେ plot କିଣନ୍ତୁ ସଙ୍ଗେସଙ୍ଗେ ଘର କରନ୍ତୁ। installment ସୁବିଧା ଅଛି। Contact- 9437250090, 7008265080, 8658227874, 0674-2911635.** D-751

ଭୁବନେଶ୍ୱର ସୁନ୍ଦରପଦା ବେଣାବିଲ ମୌଜାରେ ରାସ୍ତାଥାଇ 5000 ବର୍ଗଫୁଟକୁ 20 ଲକ୍ଷରେ ବିକ୍ରି କରିବି। 9938016295. D-73262

**Residential cum Commercial road side plot, Niali Road @750sqft. residential plots with Boundarywall, Electricity System, Homely Temple, Nakhara 7K.M., BBSR 12 K.M. 8249851363, 7809525452.** D-73919

ଭୁବନେଶ୍ୱର ହଂସପାଳ ଛକ ପାଖରେ ମୋର ଘର ବିକ୍ରି କରାଯିବ। Contact: 9178660666. D-73821

**ଭୁବନେଶ୍ୱର Sum Hospitalରୁ 6K.M. ଦୂରତାରେ 200' NH ପାଖରେ Electricity, 30'road, boundary ଘରବାରି ଥାଇ ଘର କରିବା ପାଇଁ plot ମିଳୁଛି। 9090963952.** D-73255

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda Schoolକୁ ଲାଗି 30' road, electricity ସୁବିଧା ଥାଇ gated society ଘରବାରି plot @9,00,000/- ଘର କରନ୍ତୁ। (Bank loan available). 9437691481.** D-73260

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–**
classifieddharitri@gmail.com




**Construct your home @850/-, 1330/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-73254

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd., 9439856856.** D-698




2BHK with parking available at Bankers Enclave, Palasuni. Contact: 7747006625. D-771

**2BHK with Garage near Tankapani Road, Siridisai Temple. Contact: 7008860369.** D-71644

One Bedroom with attached Toilet & Kitchen in 2nd floor, Jagannath Ashram, Tankapani road, Bhubaneswar. 9438061655. D-73703

3BHK semi-furnished apartment with open parking in Banaja Apartment, Ganganagar, with two balconies for rent readily available. Contact 7770010789. D-757

2000sqft. Second Floor hall with lift near Airport on 100ft. wide Bhimatangi Mainroad for Office or Commercial. 9958003695. D-73618

1BHK, Hall, Store At-Municipaliti Hospital road, Oldtown, BBSR. Contact: 8989466205. D-46575




A2 SPA, a journey from tired to relaxed, address- 4th Floor, Above-Vishal, Palasuni. 9178760530, 9178760540. D-73827

Organic wheatgrass powder helps Diabetes, cancer, piles, acidity, obesity, arthritis, anaemia, Weakness- 8658546824. D-776

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73825

All types hair cutting, body massage by smart lady room services available. Contact: 9938582450. D-71346

Newly open full body massage ladies and gents. 8327740003, 8093860513. D-73921

**Relax, Refresh your body, Mind at Saikrupa Spa with best therapies. 8984068077.** D-668

Mesmerizing, energetic body, mind qualitative relaxing massage experienced therapists. 9668374480. D-73610

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73822


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୩୮,୭୦,୬୪୩ | ୬୩,୩୯,୮୨୦ | ୫୧,୮୯,୫୦,୮୯୦ |
| ଭାରତ | ୪,୩୨,୮୩,୭୯୩ | ୫,୨୪,୮୪୦ | ୪,୨୬,୯୦,୮୪୫ |
| ଓଡ଼ିଶା | ୧୨,୮୮,୮୦୦ | ୯୧୨୬(+୫୩) | ୧୨,୭୯,୪୧୯ |

ଶନିବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବିପଦରେ ୪୮ ସ୍ଥାନର ବାସିନ୍ଦା



## ଭୂତଳ ଜଳ ବିଷାକ୍ତ

■ ଖଣି ଅଞ୍ଚଳରେ ଆଇରନ୍, ପିଏଚ୍ ମାତ୍ରା ଅଧିକ

■ ବଢ଼ୁଛି କିଡ୍‌ନୀ ରୋଗୀଙ୍କ ସଂଖ୍ୟା

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୧୮।୬

ପାନୀୟ ଜଳ ପାଇଁ ଉଦ୍ଦିଷ୍ଟ 'ଆଇଏସ୍: ୧୦୫୦୦-୨୦୧୨' ମାପଦଣ୍ଡ ଅନୁଯାୟୀ ରାଜ୍ୟର ୨୫ ଜିଲାର ୪୮ ସ୍ଥାନର ଭୂତଳ ଜଳ ବ୍ୟବହାର ଅନୁପଯୋଗୀ। ଏହିସବୁ ସ୍ଥାନର ଭୂତଳ ଜଳରେ ପୋଟେନ୍‌ସିଆଲ ଅଫ୍ ହାଇଡ୍ରୋଜେନ(ପିଏଚ୍), ନାଇଟ୍ରେଟ୍, ଫ୍ଲୋରାଇଡ, ଆଇରନ୍, ଟୋଟଲ କୋଲିଫର୍ମ (ଟିସି) ଓ ଫେକାଲ କୋଲିଫର୍ମ (ଏଫ୍‌ସି) ଭଳି ବିଷାକ୍ତ ରାସାୟନିକ ପଦାର୍ଥ ଆଇଏସ୍ ମାପଦଣ୍ଡଠାରୁ ବହୁଗୁଣ ଅଧିକ ରହିଛି। ବିଶେଷକରି ଖଣିଖାଦାନ ଅଞ୍ଚଳର ଭୂତଳ ଜଳରେ ପିଏଚ୍ ଏବଂ ଆଇରନ୍ ମାତ୍ରା ଚିନ୍ତାଜନକ ଥିବା ରିପୋର୍ଟରୁ ଜଣାପଡ଼ିଛି। ୨୦୨୧ ଏପ୍ରିଲ ଏବଂ ଅକ୍ଟୋବରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ ୩୦ ଜିଲାର ୯୧ ସ୍ଥାନର ଭୂତଳ ଜଳ ପରୀକ୍ଷାରୁ ଏହା ସ୍ପଷ୍ଟ ହୋଇଛି। ଏନେଇ ଏସ୍‌ପିସିବି ସଦସ୍ୟ ସଚିବ କେ. ମୁରୁଗେଶନ ଗତ ମେ ୨୩ରେ ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବଙ୍କୁ ଅବଗତ କରାଇଛନ୍ତି। ଏହି ରିପୋର୍ଟ ସଂକ୍ରାନ୍ତରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଅନୀଲ କୁମାର ପଟ୍ଟନାୟକ ଗତ ଜୁନ୍ ୩ରେ ରାଜ୍ୟ ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗୃହ ଓ ନଗର ଉନ୍ନୟନ, ଭୂତଳ ଜଳ ଉନ୍ନୟନ ବିଭାଗକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚିଠି କରିଛନ୍ତି। ତେବେ ଗତ ପ୍ରାୟ ୫ ବର୍ଷ ହେଲା ଭୂତଳ ଜଳ ପରୀକ୍ଷା ଏବଂ କାଗଜପତ୍ରରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଥିବାରୁ ସମ୍ପୃକ୍ତ ଅଞ୍ଚଳରେ କିଡ୍‌ନୀ ଜନିତ ଏବଂ ଅନ୍ୟାନ୍ୟ ଜଳବାହିତ ରୋଗ ବୃଦ୍ଧି ପାଉଥିବା ମତପ୍ରକାଶ ପାଇଛି। ରାଜ୍ୟରେ କେବଳ ନଦୀଜଳ କିମ୍ବା ଭୂପୃଷ୍ଠ ଜଳ ନୁହେଁ, ଭୂତଳ ଜଳ ମଧ୍ୟ ବିଷାକ୍ତ ହୋଇପଡ଼ିଲାଣି। ରିପୋର୍ଟକୁ ଅବଲୋକନ କଲେ ଆଗାମୀ ଦିନରେ ସ୍ୱଚ୍ଛ ପାନୀୟ ଜଳ ମିଳିବା ନେଇ ଆଶଙ୍କା ଉପୁଜିଛି। ଶିଳ୍ପ ଓ ଖଣି ଆଖପାଖ ଅଞ୍ଚଳରେ ଶତାଧିକ ଲୋକ କିଡ୍‌ନୀ ରୋଗରେ ପ୍ରାଣ ହରାଉଥିବା ଅନେକ ନଜିର ରହିଛି। ଯାଜପୁର ଜିଲାର କଳିଙ୍ଗନଗର ଏବଂ ସୁକିନ୍ଦା ଖଣି ଅଞ୍ଚଳକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଗତ ୧୦ ବର୍ଷରେ ଏଠାରେ ପ୍ରାୟ ୫୦୦ ଲୋକ କିଡ୍‌ନୀ ରୋଗରେ ପ୍ରାଣ ହରାଇଥିବାବେଳେ ଏବେ ବି ୧ ହଜାରରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଭୂତଳ ଜଳରେ ଆଇରନ୍ ସହ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥ ରହିଥିବା ପ୍ରମାଣିତ ହୋଇଥିଲେ ହେଁ ପ୍ରଶାସନିକସ୍ତରରେ କୌଣସି ଦୃଷ୍ଟାନ୍ତମୂଳକ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରା ନ ଯିବା ଲୋକଙ୍କ ଜୀବନ ସହିତ ଖେଳିବା ସଦୃଶ ମନେହେଉଛି। ଏସ୍‌ପିସିବିର ରିପୋର୍ଟ ଅନୁସାରେ ଭୁବନେଶ୍ୱରର ଖଣ୍ଡଗିରି, କଳ୍ପନା, ଲକ୍ଷ୍ମୀନଗର, ସାମନ୍ତରାପୁର, ଚନ୍ଦ୍ରଶେଖରପୁର, କ୍ୟାପିଟାଲ ହସ୍ପିଟାଲ ଏବଂ ଗର୍ଭନର ହାଉସ ଅଞ୍ଚଳର ଭୂତଳ ଜଳରେ ପିଏଚ୍ ପରିମାଣ ଅଧିକ ରହିଛି। ସେହିପରି ସମ୍ବଲପୁରର ପାନ୍ଥନିବାସ, ଝାରସୁଗୁଡାର ବଡ଼ମାଲ, ବ୍ରଜରାଜନଗର ମାଇନିଂ ବେଲ୍ଟ, ଆଇବି ଥର୍ମାଲ ପାୱାର ଷ୍ଟେଶନ ଓ ବେଲପାହାଡ, କେନ୍ଦୁଝର ଜିଲାର ଯୋଡ଼ା ଇଷ୍ଟ ଆଇରନ୍ ଓର୍ ମାଇନ୍ସ, ଟାଟା ଷ୍ଟିଲ୍‌ର ଯୋଡ଼ା ୱେଷ୍ଟ ମାଇନ୍ସ, ସିରାଜୁଦ୍ଦିନର ବାଲଦା ବ୍ଲକ ଆଇରନ୍ ଓର୍ ମାଇନ୍ସ, କେ.ଏନ. ରାମ ଆଣ୍ଡ କୋ'ର ରୋଇଡା-୨ ଆଇରନ୍ ଓର୍ ମାଇନ୍ସ, କେପି ଏଣ୍ଟରପ୍ରାଇଜର୍ସର ଠାକୁରାଣୀ ଆଇରନ୍ ଓର୍ ମାଇନ୍ସ ଏବଂ ନୟାଗଡ଼ ଜିଲାର ସଲିଡ୍ ୱେଷ୍ଟ ଡମ୍ପସାଇଟ୍ ନିକଟ ଅଞ୍ଚଳ ଓ ଜିଲା ମେଡିକାଲ ପରିସର ଭୂତଳ ଜଳରେ ପିଏଚ୍ ପରିମାଣ ମାପଦଣ୍ଡଠାରୁ ବହୁ ଗୁଣରେ ଅଧିକ ରହିଛି। ପୁରୀ ସମୁଦ୍ର କୂଳ, ଅନୁଗୋଳ ଟାଉନଶିପ ଓ ବଅଁରପାଳ, ଝାରସୁଗୁଡ଼ା ବେଲପାହାଡ଼, ବ୍ରହ୍ମପୁର ରେଳଷ୍ଟେଶନ ଓ ବଡ଼ବଜାର, ଗଜପତି ଜିଲାର ମ୍ୟୁନିସିପାଲ ସଲିଡ୍ ୱେଷ୍ଟ ଡମ୍ପସାଇଟ୍, କେଲିସାହି, ପାରଳାଖେମୁଣ୍ଡି ଜିଲା ସଦର ଡାକ୍ତରଖାନା ପରିସର ଭୂତଳ ଜଳରେ ନାଇଟ୍ରେଟ୍ ମାତ୍ର ଅଧିକ ରହିଛି। ବାଲେଶ୍ୱର ଜିଲାର କୁଅଁରପୁର ଅଞ୍ଚଳ ଭୂତଳ ଜଳରେ ଫ୍ଲୋରାଇଡ୍ ମାତ୍ରା ଅଧିକ ରହିଥିବା ଜଣାପଡିଛି। ଏହାବାଦ ଭୁବନେଶ୍ୱର ଖଣ୍ଡଗିରି, କଳ୍ପନା-ଲକ୍ଷ୍ମୀନଗର ଅଞ୍ଚଳ, କ୍ୟାପିଟାଲ ହସ୍ପିଟାଲ ଅଞ୍ଚଳ, କଟକ ବାଦାମବାଡ଼ି, ଯାଜପୁର ଜିଲାର କମର୍ଦ୍ଧା ଖଣି ଅଞ୍ଚଳ, ଅନୁଗୋଳ ନାଲ୍‌କୋ ଟାଉନଶିପ ଓ କୁଲାଡ, ଝାରସୁଗୁଡା ରାମପୁର ପାଣିଟାଙ୍କି, ଇବ୍‌ଥର୍ମାଲ ପାୱାର ଷ୍ଟେଶନ ଓ ବେଲପାହାଡ ଅଞ୍ଚଳ, ମୟୂରଭଞ୍ଜ ଜିଲା ଧାଙ୍ଗିଡିମୁଲା ଗ୍ରାମ, କୁସୁମୀ ଓ ନୂଆପଡ଼ା ସରକାର ଡାକ୍ତରଖାନା, କେନ୍ଦ୍ରାପଡ଼ା ଜିଲା କୋର୍ଟଛକ, ନୟାଗଡ ଜିଲା ସଲିଡ୍ ୱେଷ୍ଟ ଡମ୍ପସାଇଟ୍, ଜିଲା ସଦର ଡାକ୍ତରଖାନା ପରିସର ଭୂତଳ ଜଳରେ ଆଇରନ ମାତ୍ରା ଅଧିକ ରହିଛି। ବାଲେଶ୍ୱର ଜିଲା ଚକୁଳିଆ, କୋରାପୁଟ ଜଗନ୍ନାଥ ମନ୍ଦିର ନିକଟ, ମୟୂରଭଞ୍ଜ ଜିଲା ଧାଙ୍ଗିଡିମୁଲା ଗ୍ରାମ ଓ ସୁକ୍ରିବାଟିଂ ବସ୍ତି ଏବଂ ବଲାଙ୍ଗୀର ସୁଦପଡ଼ା ପୋଷ୍ଟ ଅଫିସ ନିକଟ ଭୂତଳ ଜଳରେ ଟୋଟଲ କୋଲିଫର୍ମ ଓ ଫେକାଲ କୋଲିଫର୍ମ ମାତ୍ରା ଅଧିକ ରହିଥିବାରୁ ତାହା ବ୍ୟବହାର ଅନୁପଯୋଗୀ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ବାୟୁ ଓ ଜଳ ପ୍ରଦୂଷଣକୁ ନେଇ ଖଣି ଓ ଶିଳ୍ପ ସଂସ୍ଥାଗୁଡ଼ିକ କାହାରି ବୋଲ ମାନୁନାହାନ୍ତି। ଖଣି ପରିସର ବିଷାକ୍ତ ପାଣିକୁ ଆବଶ୍ୟକ ଉପଚାର ନ କରି ନିକଟସ୍ଥ ନଦୀନାଳକୁ ଛାଡି ଦେଉଛନ୍ତି। ସେହି ପାଣି ଭୂତଳକୁ ରିଚାର୍ଜ ହୋଇ ଭୂତଳ ଜଳ ବିଷାକ୍ତ ହେଉଥିବା ମତପ୍ରକାଶ ପାଇଛି।

## ଯୁବକଙ୍କ ବେକ କାଟି ହତ୍ୟା

ସିମୁଳିଆ,୧୮।୬(ଡି.ଏନ୍.ଏ.): ବାଲେଶ୍ୱର ଜିଲା ସିମୁଳିଆ ତହସିଲ ରାସ୍ତାରେ ଶନିବାର ସକାଳୁ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ଦୁର୍ବୃତ୍ତମାନେ ତାଙ୍କ ବେକକୁ ଏକ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ ସ୍ଥାନୀୟ ରିଆ ଗ୍ରାମର ପ୍ରଦୀପ କୁମାର ନାୟକ(୩୫)। ସେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ପୋଲିସ ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରୁ ପ୍ରାୟ ୨୦ଫୁଟ ଦୂର ନୟନଜୋର ମଧରୁ ପ୍ରଭାସ କୁମାର ଜେନା(୨୮) ନାମକ ଅନ୍ୟ ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି।




# ରାଜ୍ୟପାଳଙ୍କୁ ଓପିଏସ୍‌ସିର ବାର୍ଷିକ ରିପୋର୍ଟ

## କ୍ୟାଲେଣ୍ଡର ପ୍ରକାଶ, ଚଳିତବର୍ଷ ୫ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି




ଓପିଏସ୍‌ସି ଅଧ୍ୟକ୍ଷ ସତ୍ୟଜିତ୍ ମହାନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ବାର୍ଷିକ ରିପୋର୍ଟ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୧୮।୬(ବ୍ୟୁରୋ)

ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ଅଧ୍ୟକ୍ଷ ସତ୍ୟଜିତ୍ ମହାନ୍ତି ଶନିବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସାକ୍ଷାତ୍ କରି ୨୦୨୧-୨୨ର ବାର୍ଷିକ ରିପୋର୍ଟ ପ୍ରଦାନ କରିଛନ୍ତି। ଏଥିସହ ସେ ଓପିଏସ୍‌ସିର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି। ୨୦୨୧-୨୨ରେ ଆୟୋଗ ପ୍ରଥମ କରି ଏକ ନିଯୁକ୍ତି କ୍ୟାଲେଣ୍ଡର ପ୍ରକାଶ କରିଥିଲେ। କୋଭିଡ୍ ଭଳି ବିଭିନ୍ନ ବାଧାବିଘ୍ନକୁ ଅତିକ୍ରମ କରି ଆୟୋଗ ନିଜ ଘୋଷିତ ଲକ୍ଷ୍ୟ ପୂରଣରେ ସମର୍ଥ ହୋଇପାରିଥିଲେ। ଏହି ସମୟରେ ଗ୍ରୁପ୍-'ଏ' ଓ 'ବି' ରେ ୨,୨୭୭ ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ସୁପାରିସ କରିବା ସହ ୨୨ଟି ସରକାରୀ ବିଭାଗରେ ୧,୫୩୬ ପଦୋନ୍ନତିକୁ ଆୟୋଗ ସ୍ୱୀକୃତି ଦେଇଛନ୍ତି। ସେହିଭଳି ଉକ୍ତ ବର୍ଷରେ ୨୨୪ଟି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଫଇସଲା କରାଯାଇଛି। ଆୟୋଗ ଏହି ସଫଳତାରେ ଉତ୍ସାହିତ ହୋଇ ୨୦୨୨-୨୩ ପାଇଁ ୨୬ଟି ସରକାରୀ ବିଭାଗରେ ୫ ହଜାରରୁ ଊର୍ଦ୍ଧ୍ୱ ସରକାରୀ ଚାକିରି ପାଇଁ ନିଯୁକ୍ତି କ୍ୟାଲେଣ୍ଡର ପ୍ରକାଶ କରିଥିବା ଅଧ୍ୟକ୍ଷ ମହାନ୍ତି ରାଜ୍ୟପାଳଙ୍କୁ ଜଣାଇଛନ୍ତି।

ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଶୀଘ୍ର ଫଳ ପ୍ରକାଶନ ଉପରେ ଆୟୋଗ ଗୁରୁତ୍ୱ ଦେଉଥିବା ପ୍ରକାଶ କରି ଅଧ୍ୟକ୍ଷ ମହାନ୍ତି କହିଥିଲେ, ଅନ୍‌ଲାଇନ ପୋର୍ଟାଲ ଓ ସମନ୍ୱିତ ନିଯୁକ୍ତି ପରିଚାଳନା ପଦ୍ଧତିର ଉନ୍ନତୀକରଣ କରି ଏହାକୁ ବ୍ୟବହାରକାରୀଙ୍କ ନିମନ୍ତେ ସହଜ ଓ ସରଳ କରିବା ପାଇଁ ପ୍ରୟାସ କରାଯାଉଛି। ଚୟନ ପ୍ରକ୍ରିୟାରେ କମ୍ପ୍ୟୁଟରଭିତ୍ତିକ ପରୀକ୍ଷା ପଦ୍ଧତିକୁ ଗୁରୁତ୍ୱ ଦେଇ ମୂଲ୍ୟାୟନରେ ପ୍ରାର୍ଥୀଙ୍କ ପରିଚୟକୁ ଗୋପନ ରଖିବା ନିମନ୍ତେ ଉଦ୍ୟମକୁ ଆହୁରି ଫଳପ୍ରସୂ କରାଯାଉଛି। ଚଳିତ ବର୍ଷ ପରୀକ୍ଷା ଫଳାଫଳ ଶୀଘ୍ର ପ୍ରକାଶନ ଲକ୍ଷ୍ୟରେ 'ଅନ୍‌ସ୍କ୍ରିନ' ମୂଲ୍ୟାୟନ ପଦ୍ଧତିର ପ୍ରଚଳନ କରାଯାଉଛି।

# ମୁଖ୍ୟମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ



■ ୨୦ରେ ରୋମ୍, ଦୁବାଇ ଯାତ୍ରା

■ ଡବ୍ଲ୍ୟୁଏଫ୍‌ପି, ଇନ୍‌ଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମରେ ଯୋଗଦେବେ

■ ଭାଟିକାନ ସିଟିରେ ପୋପ୍‌ଙ୍କୁ ଭେଟିବେ

ଭୁବନେଶ୍ୱର, ୧୮।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ ଦିନିଆ ବିଦେଶ ଗସ୍ତରେ ଯିବେ। ଏଥିପାଇଁ ସେ ଶନିବାର ମଧ୍ୟାହ୍ନ ୧ଟା ୩୦ ମିନିଟ୍‌ରେ ଭୁବନେଶ୍ୱରରୁ ନୂଆଦିଲ୍ଲୀ ଅଭିମୁଖେ ଗସ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆସନ୍ତା ୨୦ରେ ମୁଖ୍ୟମନ୍ତ୍ରୀଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ରୋମ୍ ଓ ଦୁବାଇ ଗସ୍ତ କରିବେ। ପ୍ରତିନିଧି ଦଳରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି.କେ. ପାଣ୍ଡିଆନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଭି.ଭି. ଯାଦବ, ଶିଳ୍ପ ସଚିବ ହେମନ୍ତ ଶର୍ମା ଏବଂ ନୂଆଦିଲ୍ଲୀସ୍ଥିତ ଆବାସିକ କମିଶନର ରବିକାନ୍ତ ଓ ଅନ୍ୟ କେତେଜଣ ଅଧିକାରୀ ରୋମ୍ ଗସ୍ତରେ ଯିବେ। ମୁଖ୍ୟମନ୍ତ୍ରୀ ରୋମ୍‌ସ୍ଥିତ ଜାତିସଂଘ ଖାଦ୍ୟ କାର୍ଯ୍ୟକ୍ରମ(ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ)ରେ ଖାଦ୍ୟ ସୁରକ୍ଷା ଓ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ସଫଳତା କାହାଣୀ ସମ୍ପର୍କିତ ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିସହିତ ମୁଖ୍ୟମନ୍ତ୍ରୀ ଜାତିସଂଘ ଖାଦ୍ୟ କାର୍ଯ୍ୟକ୍ରମ(ଡବ୍ଲ୍ୟୁଏଫ୍‌ପି)ର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡେଭିଡ୍ ବେସଲେ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ସାକ୍ଷାତ୍ କରିବେ। ରାଜ୍ୟରେ ଦୀର୍ଘମିଆଦୀ ଖାଦ୍ୟ ସୁରକ୍ଷା ଓ ଡବ୍ଲ୍ୟୁଏଫ୍‌ପି ସହ ଓଡ଼ିଶାର ଭାଗୀଦାରି ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିବେ। ରୋମ୍‌ରେ ରହଣି କାଳରେ ମୁଖ୍ୟମନ୍ତ୍ରୀ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ସର୍ବୋଚ୍ଚ ଧର୍ମଗୁରୁ ପୋପ୍ ଫ୍ରାନ୍‌ସିସ୍‌ଙ୍କୁ ଭାଟିକାନ ସିଟିରେ ସାକ୍ଷାତ୍ କରିବେ। ସେଠାରେ ସେ ୟୁରୋପର ବିଭିନ୍ନ ଭାଗରେ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର ପ୍ରସାର କରୁଥିବା ପ୍ରବାସୀ ଓଡ଼ିଆଙ୍କ ସହ ସାକ୍ଷାତ୍ କରିବା କାର୍ଯ୍ୟକ୍ରମ ରହିଛି। ଆସନ୍ତା ୨୬ ଅପରାହ୍ନ ୩ଟା ୨୫ରେ ମୁଖ୍ୟମନ୍ତ୍ରୀ ଓ ପ୍ରତିନିଧି ଦଳ ରୋମ୍‌ରୁ ଦୁବାଇ ଯିବେ। ଦୁବାଇରେ ୨୯ ତାରିଖରେ ଭାରତ ସରକାର ଓ ଫିକ୍କି ଦ୍ୱାରା ଆୟୋଜିତ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍‌ରେ ଯୋଗଦେବେ। ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ସେଠାରେ ମୁଖ୍ୟମନ୍ତ୍ରୀ ବଡ଼ ବଡ଼ ପୁଞ୍ଜିପତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିବେ। ଇନ୍‌ଭେଷ୍ଟର୍ସ ମିଟ୍‌ରେ ଓଡ଼ିଶାରୁ ଯାଇଥିବା ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆଲୋଚନା ବେଳେ ଉପସ୍ଥିତ ରହିବେ। ବିଦେଶ ଗସ୍ତ କାର୍ଯ୍ୟକ୍ରମ ଶେଷକରି ମୁଖ୍ୟମନ୍ତ୍ରୀ ୩୦ ତାରିଖରେ ନୂଆଦିଲ୍ଲୀ ଫେରିଆସିବେ।

# ଭିଜିଲାନ୍ସ ଜାଲରେ ଜଳେଶ୍ୱର ବିଡିଓ

## ରଦ୍ଦ ହେଲା ବଦଳି ଆଦେଶ

ଜଳେଶ୍ୱର/ଡେରାବିଶ, ୧୮।୬(ଡି.ଏନ.ଏ/ସ୍ୱ.ପ୍ର.)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର ଜିଲା ଜଳେଶ୍ୱର ବିଡିଓ ଅଶ୍ୱିନୀ କୁମାର ଦାସ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ତାଙ୍କ ଅଫିସ, କଟକ, କେନ୍ଦ୍ରପଡ଼ା ସମେତ ୬ଟି ସ୍ଥାନରେ ଭିଜିଲାନ୍ସ ଅଧିକାରୀମାନେ ଏକକାଳୀନ ଚଢ଼ାଉ ଜାରିରଖିଛନ୍ତି। ଚଢ଼ାଉ ବେଳେ ବହୁ କୋଟି ଟଙ୍କାର ସମ୍ପତ୍ତି ଠାବ ହୋଇଛି। ଗତ ୧୭ ତାରିଖରେ ବିଡିଓ ଦାସଙ୍କର ଖୋର୍ଦ୍ଧା ଜିଲା ଜଟଣୀ ତହସିଲ କାର୍ଯ୍ୟାଳୟକୁ ତହସିଲଦାର ଭାବେ ବଦଳି କରାଯାଇଥିଲା। ସେଠାରେ ସେ କାର୍ଯ୍ୟରେ ଯୋଗଦେବା ପୂର୍ବରୁ ଭିଜିଲାନ୍ସ ବିଭାଗ ତାଙ୍କ ଆୟ ବହିର୍ଭୂତ ସମ୍ପତ୍ତିର ଖୁଲାସା କରିଛି। ଏଥିଯୋଗୁ ତାଙ୍କର ବଦଳିଆଦେଶକୁ ଶନିବାର ରଦ୍ଦ କରିଦିଆଯାଇଛି।

ଶନିବାର ଭୋର ୪ଟା ସମୟରେ କଟକ ଭିଜିଲାନ୍ସ ଡିଭିଜନର ଅନୁଗୋଳସ୍ଥିତ ଡିଏସ୍‌ପି ଶମ୍ଭୁନାଥ ବାରିକଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ବିଡିଓ ଦାସଙ୍କ ଜଳେଶ୍ୱରସ୍ଥିତ ସରକାରୀ ବାସଭବନରେ ଚଢ଼ାଉ କରିଥିଲେ। ଦୀର୍ଘ ୮ ଘଣ୍ଟା ଧରି ସେମାନେ ସରକାରୀ ବାସଭବନ ଓ ପରେ ବ୍ଲକ କାର୍ଯ୍ୟାଳୟରେ ଛାନଭିନ୍ କରିଥିଲେ। ସେଠାରୁ ବହୁ ଦରକାରୀ କାଗଜପତ୍ର, ଦାମୀ ଗାଡ଼ି ଓ ଅଳଙ୍କାର ଇତ୍ୟାଦି ଜବତ ହୋଇଥିବା ଭିଜିଲାନ୍ସ ଡିଏସ୍‌ପି ସୂଚନା ଦେଇଛନ୍ତି। ୫ମାସ ପୂର୍ବେ କେନ୍ଦ୍ରାପଡ଼ାରୁ ବଦଳି ହୋଇ ଜଳେଶ୍ୱର ବ୍ଲକରେ ସେ ବିଡିଓ ଭାବେ ଯୋଗ ଦେଇଥିଲେ। ଜଳେଶ୍ୱର ସମେତ କଟକ ଜିଲା ବୟାଳିଶ ମୌଜା ଅନ୍ତର୍ଗତ ଝିଙ୍କିରିଆଠାରେ ଥିବା ୨ମହଲା ବିଶିଷ୍ଟ ବାସଭବନ ଏବଂ କଳାପଡ଼ା ଗାଁର ୩ ମହଲା ବିଶିଷ୍ଟ କୋଠା, ତାଙ୍କ ସ୍ତ୍ରୀ ଜ୍ୟୋତିର୍ମୟୀ ସାହୁଙ୍କ କଟକ ଖପୁରିଆସ୍ଥିତ ସରକାରୀ ପ୍ରେସ୍ ନିକଟ ଗୃହ ଏବଂ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ କାଉପଡ଼ା ପଞ୍ଚାୟତ ବାରବାଟିଆସ୍ଥିତ ଘର,ଆଳିର ଭୁଇଁପୁରଠାରେ ଥିବା ଜଣେ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରାଯାଇଛି। ତାଙ୍କ ନାମରେ ଥିବା ମୋଟ ୨୪ ପ୍ଲଟ, କଟକ ସହରରେ ଥିବା ଅଢ଼େଇ କୋଟି ଟଙ୍କା ମୂଲ୍ୟର ୨ଟି ପକ୍କାଗୃହ, ୪୧ଲକ୍ଷ ଟଙ୍କାର ୪ଟି ଗାଡ଼ି, ୩ଟି ୨ଚକିଆ ଯାନ ଓ ମୂଲ୍ୟବାନ ଅଳଙ୍କାର ସହ ଠାକୁର ଘରୁ ଏକ ସୁନା ମୁକୁଟ ଜବତ ହୋଇଥିବା ସୂଚନା ମିଳିଛି।



ବିଡିଓ ଅଶ୍ୱିନୀ କୁମାର ଦାସ



ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। —ଶ୍ରୀମା



# ନିଯୁକ୍ତିକୁ ନେଇ କ୍ରୋଧ



ଆକାର ପଟେଲ

ଅଗ୍ନିବୀର ଘଟଣାରେ, ସରକାର ପୁଣି ପ୍ରଥମେ ତାଙ୍କ ପଟରୁ କାର୍ଯ୍ୟ କରିଛନ୍ତି ଓ ପରେ ନୀରବରେ ତା'ର ସମ୍ଭାବ୍ୟ ପରିଣାମ ସମ୍ପର୍କରେ ଚିନ୍ତା କରୁଛନ୍ତି। ହଠାତ୍ ଏବକାର ସେନା ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବଦଳାଇବାର ମାନେ କ'ଣ ଥିଲା। ଏହା କିପରି ହେବା ଉଚିତ ସେ ସମ୍ପର୍କରେ କିଛି ଚିନ୍ତା କିମ୍ବା ପ୍ରସ୍ତୁତି ନ କରି ହଠାତ୍ ଯୋଜନାର ପରିବର୍ତ୍ତନ କରାଯାଇ ପ୍ରଥମେ ୨୧ ବର୍ଷ ବୟସରୁ ଊର୍ଦ୍ଧ୍ୱଙ୍କୁ ଚଳିତ ବର୍ଷ ଚାକିରି ଲାଗି ଆବେଦନ କରିବାକୁ ଅନୁମତି ଦେବା ଏବଂ ପରେ ବେରୋଜଗାର ଅଗ୍ନିବୀରଙ୍କ ପାଇଁ ଏକ ସଂରକ୍ଷଣ ଯୋଜନା ଘୋଷଣା କରାଯାଇଛି। ଏଥିରୁ ଜଣାପଡୁଛି ଯେ, ଯେଉଁମାନେ ଏହି ଯୋଜନା ସମ୍ପର୍କରେ ଚିନ୍ତା କରୁଥିଲେ ସେମାନେ ଠିକ୍ ଭାବେ ଚିନ୍ତା କରିନାହାନ୍ତି। ଘୋଷଣାକୁ ନେଇ ପ୍ରାୟ ଏଭଳି ହିଂସା ଘଟିବ ବୋଲି ପୂର୍ବରୁ ଆକଳନ କରାଯାଉଥିଲା। ଚଳିତ ବର୍ଷ ପ୍ରାରମ୍ଭରୁ ଯେଉଁ ସବୁ ଅଞ୍ଚଳରେ ରେଲୱେ ନିଯୁକ୍ତି ପ୍ରକ୍ରିୟାରେ ତ୍ରୁଟି କରାଯାଇଥିଲା ଓ ସେଠାରେ ସମାନ ପ୍ରକାର ଘଟଣା ଘଟିଥିଲା। ସଶସ୍ତ୍ର ସେନାରେ ନିଯୁକ୍ତି ପାଇଁ ପରୀକ୍ଷା ଦେବା ଲାଗି ଯେଉଁମାନେ ଟ୍ରେନିଂ ନେଉଛନ୍ତି ଏବଂ ମହାମାରୀ କାରଣରୁ ଦୁଇବର୍ଷ ହେଲା ଅପେକ୍ଷା କରିଛନ୍ତି (ଯୋଗ୍ୟତା ପାଇଁ ସେମାନଙ୍କ ବୟସ ଅଧିକ ହୋଇଯିବାର ଆଶଙ୍କା ରହିଛି), ଏବେ ସେମାନଙ୍କୁ କୁହାଗଲା ଯେ, ଯେଉଁ ଯୋଜନାରେ ଭର୍ତ୍ତି ହେବା ଲାଗି ସେମାନେ ପ୍ରଶିକ୍ଷଣ ନେଇଛନ୍ତି ତାହା ଏହିଠାରେ ହିଁ ଶେଷ ହୋଇଗଲା। ସେମାନେ ଠିକାରେ ନିଯୁକ୍ତି ପାଇବେ ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ୪ ବର୍ଷ ପରେ ଘରକୁ ଫେରାଇ ଦିଆଯିବ। ସେମାନେ ଯାହା ପାଇଁ ପ୍ରଶିକ୍ଷଣ ନେଉଥିଲେ ଏ ସେହି ସେନା ହୋଇ ରହିନାହିଁ।

ଏବେ ପ୍ରକାଶ ପାଇଥିବା ହିଂସା ପାଇଁ ସରକାର ବିରୋଧୀ ଦଳକୁ ଦାୟୀ କରୁଛନ୍ତି। କିନ୍ତୁ ଏଭଳି ଅଭିଯୋଗର କୌଣସି ଗୁରୁତ୍ୱ ନାହିଁ। ଏହି ଯୋଜନାକୁ ପ୍ରଧାନମନ୍ତ୍ରୀ ଘୋଷଣା କିମ୍ବା ଆରମ୍ଭ କରି ନ ଥିବାରୁ ଏହାକୁ ଭିତ୍ତିକରି ଏକ ସମସ୍ୟା ଉପୁଜିବାର ଥିଲା ବୋଲି ସରକାର ଜାଣିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ଓ ସେନା ମୁଖ୍ୟମାନଙ୍କୁ ଏହି ଯୋଜନା ସମ୍ପର୍କରେ ଘୋଷଣା କରିବାକୁ ପଠାଗଲା। ନରେନ୍ଦ୍ର ମୋଦିଙ୍କ ବିଶ୍ୱସ୍ତମାନେ କହିବେ ଯେ ଏଥିରେ କିଛି ଭୁଲ୍ ନାହିଁ। ଅବଶ୍ୟ ଯେଉଁ ବାଟରେ ଏହାକୁ ଘୋଷଣା କରାଯିବାର ଥିଲା ସେଭଳି କରାଯାଇଛି। ହିଁ, ଏଭଳି କୁହାଯାଇପାରେ, କିନ୍ତୁ ୨୦୧୪ରୁ ଯେଉଁଭଳି ବିଭିନ୍ନ ପ୍ରସଙ୍ଗ ଘଟିଚାଲିଛି ତାହା ବାସ୍ତବ ବାଟ ନୁହେଁ। ସେନାର ୨୨୫ ବର୍ଷ ପୁରୁଣା ନିଯୁକ୍ତି ପରମ୍ପରାକୁ ନଷ୍ଟ କରି ରାତାରାତି ଆଉ ଏକ ଯୋଜନା ଲାଗୁ କରିବା ଭଳି ମାଷ୍ଟରଷ୍ଟ୍ରୋକ୍ କେବଳ ମୋଦି ସରକାର ହିଁ ଘୋଷଣା କରିଥାଆନ୍ତି। ଏହା ମଧ୍ୟରେ କୃଷି ଆଇନ, ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ), ବିମୁଦ୍ରୀକରଣ ଏବଂ ଲକ୍‌ଡାଉନ ଘୋଷଣା ଅନ୍ତର୍ଭୁକ୍ତ। ଏଗୁଡ଼ିକୁ ସରକାର ପ୍ରଥମେ ଘୋଷଣା କରିବା ପରେ ଏହା ସମ୍ପର୍କରେ ଚିନ୍ତା କରିଛନ୍ତି, ଯାହା ଏବେ ଅଗ୍ନିବୀର କ୍ଷେତ୍ରରେ କରୁଛନ୍ତି। କୃଷି ଆଇନ ଓ ସିଏଏକୁ ପ୍ରବଳ ବିରୋଧ ହେବାରୁ ଯେପରି ସେଗୁଡ଼ିକୁ ପ୍ରତ୍ୟାହାର କିମ୍ବା ସ୍ଥଗିତ ରଖାଯାଇଛି ଅଗ୍ନିବୀର ଯୋଜନାର ଶେଷ ପରିଣାମ ସେଭଳି ହେବ ତ। ମୋ ମତରେ, ଅଗ୍ନିବୀର ଯୋଜନାରେ ସେଭଳି ହିଁ ଘଟିବ ଓ ଏଥିପାଇଁ ଶାନ୍ତିପୂର୍ଣ୍ଣ ଦୀର୍ଘମିଆଦୀ ଆନ୍ଦୋଳନ ଆବଶ୍ୟକ। ଏବେ ନିଜ କ୍ରୋଧ ପ୍ରଦର୍ଶନ କରୁଥିବା ଯୁବକମାନେ ଧୀରେ ଧୀରେ ଦୁର୍ବଳ ହୋଇଯିବେ ଓ ଘରକୁ ଫେରିଯିବେ। ପୂର୍ବରୁ ଚାକିରିକୁ ନେଇ ଆମେ ଏଭଳି ଅନେକ ହିଂସା ଦେଖିଛୁ। ୨୦୧୫ର ହିଂସାତ୍ମକ ପଟିଦାର ଆନ୍ଦୋଳନ ଏହାର ଏକ ଦୃଷ୍ଟାନ୍ତ। ମାତ୍ର କିଛିଦିନ ମଧ୍ୟରେ ଏହା ଗଣ ଆନ୍ଦୋଳନ ପାଲଟିଥିଲେ ବି ଧୀରେ ଧୀରେ ଦୁର୍ବଳ ହୋଇଗଲା। ସିଏଏ ଏବଂ କୃଷି ଆଇନଗୁଡ଼ିକ କ୍ଷେତ୍ରରେ କେବଳ ଶାନ୍ତିପୂର୍ଣ୍ଣ ତଥା ଦୀର୍ଘମିଆଦୀ ସକ୍ରିୟ ଆନ୍ଦୋଳନ ତଥା କାର୍ଯ୍ୟକଳାପଗୁଡ଼ିକୁ ସଫଳତା ମିଳିଛି। ଏଣୁ ଅଗ୍ନିବୀର ଯୋଜନାକୁ ନେଇ ଯୁବକମାନେ ଯେଉଁଭଳି ହିଂସା ପ୍ରଦର୍ଶନ କରୁଛନ୍ତି ସେଥିରୁ ନିବୃତ୍ତ ରହି ଏଭଳି ଶାନ୍ତପୂର୍ଣ୍ଣ ଓ ଦୀର୍ଘମିଆଦୀ ଆନ୍ଦୋଳନକୁ ଗ୍ରହଣ କରିବା ଦରକାର। କିନ୍ତୁ ସେମାନଙ୍କର ସଂଗଠିତ ନେତୃତ୍ୱ ଥିଲା ଭଳି ମନେହେଉନାହିଁ। କଥାହେଉଛି, ବେକାରି ଏବଂ ବେରୋଜଗାରୀ ସମସ୍ୟାରେ ଲୋକଙ୍କୁ କ୍ରିୟାଶୀଳ କରିବା ସହଜ ନୁହେଁ। ଯଦିବି ସେମାନେ ଏକାଠି ହୁଅନ୍ତି,ଯାହା ଚଳିତ ବର୍ଷ ଦୁଇଥର କରିଛନ୍ତି, ସଂଗଠିତ ଭାବେ ଏକ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରି ସାହସ ଓ ପ୍ରତିବଦ୍ଧତା ପ୍ରକାଶ କରିବା ବଦଳରେ ନିରାଶ ହୋଇଛନ୍ତି। ଏହି କାରଣରୁ, ମୁଁ ଭାବୁଛି, ଉକ୍ତ ଅଧ୍ୟାୟ ଖୁବ୍ ଶୀଘ୍ର ଆମ ଦୃଷ୍ଟି ଆଢୁଆଳକୁ ଚାଲିଯିବ ଏବଂ ସରକାର ଅଗ୍ନିବୀର ଯୋଜନାକୁ ଆଗକୁ ବଢାଇବା ଲାଗି ସକ୍ଷମ ହେବେ।

ମନେରଖିବାକୁ ହେବ ଯେ, ବେରୋଜଗାରକୁ ନେଇ ଆଖିଦୃଶିଆ ଆନ୍ଦୋଳନ ହେଉନାହିଁ। ଏହି ସମସ୍ୟା ଗମ୍ଭୀର ହେଉଛି ଓ ଏହା ସହଜରେ ଦୂର ହେବନାହିଁ। ଚଳିତ ମାସରେ ସରକାରଙ୍କ ପିରିଓଡିକ୍ ଲେବର ଫୋର୍ସ ସର୍ଭେର ତଥ୍ୟରୁ ଜଣାପଡ଼ିଛି ଯେ, ଭାରତ ଚାକିରି ବଢ଼ାଇବା ବଦଳରେ ସେଥିରୁ ପଛକୁ ହଟିଛନ୍ତି। ଇତିହାସରେ ପ୍ରଥମ ଥର ପାଇଁ ଦେଖାଯାଇଛି ଯେ, ଲୋକମାନେ ମାନୁଫାକ୍‌ଚରିଂ ଏବଂ ସର୍ଭିସ ଛାଡ଼ି କୃଷି କ୍ଷେତ୍ରରେ ପ୍ରବେଶ କରିଛନ୍ତି। ଅର୍ଥନୀତିଜ୍ଞ ବିଶ୍ୱାସ କରୁଛନ୍ତି ଯେ, ଅନ୍ୟ କ୍ଷେତ୍ରରେ ବେରୋଜଗାର କାରଣରୁ ଏଭଳି ବୃଦ୍ଧି ହୋଇଛି। ଅର୍ଥାତ୍, ଯେଉଁମାନେ ସହରରେ ଚାକିରି ଛାଡ଼ି ଗାଁକୁ ଫେରି ଆସିଛନ୍ତି ସେମାନେ କୃଷିକାର୍ଯ୍ୟ କରୁଥିବା ଦାବି କରୁଛନ୍ତି। କାରଣ କହିବାକୁ ଲାଜ କରୁଛନ୍ତି ଯେ, ସେମାନେ କିଛି କାମ କରୁନାହାନ୍ତି। ଏସବୁକୁ ଦେଖିଲେ, ସରକାରୀ ଏବଂ ସେଣ୍ଟର୍ ଫର୍ ମନିଟରିଂ ଇକୋନୋମି (ସିଏମ୍‌ଆଇଇ)ର ତଥ୍ୟ ମଧ୍ୟରେ କିଛି ପ୍ରଭେଦ ନାହିଁ। ସିଏମ୍‌ଆଇଇ ତଥ୍ୟ କହେ, ୧୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ଯେଉଁମାନେ କାମ କରୁଛନ୍ତି କିମ୍ବା ଚାକିରି ଖୋଜୁଛନ୍ତି, ସେମାନଙ୍କ ସଂଖ୍ୟା ପାଖାପାଖି ୪୦ କୋଟି। ଆମ ଭାଗୀଦାରି ହାର ଦକ୍ଷିଣ ଏସିଆ ଏପରି କି ବିଶ୍ୱରେ ସବୁଠୁ କମ୍। ନୂତନ ଭାରତରେ ଚାକିରି ନାହିଁ। ଏବେ ସେନାରେ ଭର୍ତ୍ତି ବା ନିଯୁକ୍ତିକୁ ନେଇ ଦେଖାଦେଇଥିବା କ୍ରୋଧ ବେରୋଜଗାର ଭଳି ଏକ ବୃହତ୍ ସମସ୍ୟାର ପ୍ରତୀକାତ୍ମକ।

Email:aakar.patel@gmail.com

# ପରାଜିତ ମୃତ୍ୟୁର ଆନନ୍ଦ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ମୃତ୍ୟୁ ତ ଚିରକାଳ ବିଜୟୀ। ମୃତ୍ୟୁ ଉପରେ ବିଜୟ ଲାଭ କରିବାର ଦୃଷ୍ଟାନ୍ତ କେବଳ ବିରଳ ନୁହେଁ, ଅସମ୍ଭବ ମଧ୍ୟ। ମୃତ୍ୟୁ ଆସେ ସମ୍ପୂର୍ଣ୍ଣ ଅଯାଚିତ, ଅପ୍ରତ୍ୟାଶିତ ଭାବେ। ସେ କଅଁଳ କଳିକାଟିଏ ହେଉ କି ପରିଣତ ବୟସ୍କ ବୃଦ୍ଧ, ରୋଗୀ ହେଉ କି ନୀରୋଗ ବା ଧନୀ ହେଉ କି କାଙ୍ଗାଳ, ମରଣ କାହାକୁ ବି ଛାଡ଼େନା। ଭଥରେ କାଳ ପୂରିଗଲେ ପ୍ରାଣୀର ଯାତ୍ରା ସରିଯାଏ, ମୃତ୍ୟୁର ହାତଧରି ସେ ଫେରିଯାଏ ପରଲୋକକୁ। ପଛରେ ପଡ଼ିରହେ ତା' ମଧୁର ସ୍ମୃତି ଦେହରେ ମୁଣ୍ଡ କୋଡ଼ି କାନ୍ଦୁଥିବା ତା' ପ୍ରିୟଜନମାନଙ୍କ କାରୁଣ୍ୟର କୋଳାହଳ।

ଦିନ କେଇଟା ପୂର୍ବରୁ ମୃତ୍ୟୁର ଆଉ ଏକ ବିଜୟ ଯାତ୍ରା ସଂଘଟିତ ହେବାକୁ ସ୍ଥିତି ସବୁଦୃଷ୍ଟିରୁ ଅନୁକୂଳ ଥିଲେ ହେଁ ସେ କିନ୍ତୁ ଫେରିଗଲା ଖାଲି ହାତରେ, ପରାଜିତ ହୋଇ; ଅଶୀଫୁଟ ଗଭୀର ମୃତ୍ୟୁ ଗହ୍ୱର ମଧ୍ୟରେ ଦୀର୍ଘ ଶହେ ଛଅ ଘଣ୍ଟା ଧରି ପଡ଼ି ରହିଥିବା ଦଶବର୍ଷର ରାହୁଲକୁ ସାଙ୍ଗରେ ନେଇ ନ ପାରି। ଏହି ବିରଳ ଚମତ୍କାରିତାକୁ କୌଣସି ଜ୍ଞାନ ବିଜ୍ଞାନର ବିଶ୍ଳେଷଣ ଦ୍ୱାରା ବ୍ୟାଖ୍ୟା କରିବା ଆଦୌ ସହଜ ନୁହେଁ। ଛତିଶଗଡ଼ର ଜାଞ୍ଜଗିର ଚାମ୍ପା ଜିଲା ଅନ୍ତର୍ଗତ ପିହିରିଡ୍ ଗାଁରେ ଘଟିଥିବା ଏହି ଅଘଟଣକୁ ଅବିରାମ ଭାବେ ଦେଶର ପ୍ରାୟ ପ୍ରତିଟି ପ୍ରମୁଖ ଚାନେଲ 'ଅପରେଶନର ଜିନ୍ଦେଗୀ' ନାମରେ ପ୍ରଚାର କରୁଥିଲେ। ଶହେଛଅ ଘଣ୍ଟା ବ୍ୟାପୀ ଚାଲିଥିବା ଏହି ଅପରେଶନର ପ୍ରତ୍ୟେକ ମୁହୂର୍ତ୍ତକୁ ବାନ୍ଧି ରଖିଥିଲେ ନିଜ କ୍ୟାମେରାରେ ଓ ପହଞ୍ଚାଇ ଦେଉଥିଲେ ଦଶବର୍ଷର ମାନସିକ ଅନଗ୍ରସର ବାଳକ ରାହୁଲର ଜୀବନରକ୍ଷା ପାଇଁ ଈଶ୍ୱରଙ୍କୁ ଆକୁଳ ଭାବରେ ପ୍ରାର୍ଥନା କରୁଥିବା ପ୍ରତିଟି ଦରଦୀ ଭାରତୀୟଙ୍କ ନିକଟରେ।

ଶୁକ୍ରବାର ଦିନ ତିନିଟା ବେଳେ ଅଶୀଫୁଟ ଗଭୀରର ଏକ ପରିତ୍ୟକ୍ତ ବୋରୱେଲ ଗାତ ଭିତରକୁ ଖସି ପଡ଼ିଥିଲା ମାନସିକ ଦିବ୍ୟାଙ୍ଗ ଦଶବର୍ଷର ବାଳକ ରାହୁଲ। ଏହାର ପ୍ରାୟ ଦୁଇଘଣ୍ଟା ପରେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଜିଲାପାଳ ଜିତେନ୍ଦ୍ର ଶୁକ୍ଳାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିଲା 'ରାହୁଲ ଉଦ୍ଧାର' ପ୍ରକ୍ରିୟା। ନିୟୋଜିତ ଥିଲେ ଉଭୟ କେନ୍ଦ୍ର ତଥା ରାଜ୍ୟ ଦୁର୍ଗତ ଉଦ୍ଧାର ବଳ ସହ ସେନା ବାହିନୀର ପାଞ୍ଚଶହ ସରିକି ପ୍ରଶିକ୍ଷିତ କର୍ମଚାରୀବୃନ୍ଦ। ଶୁକ୍ରବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଏହି ସମ୍ମିଳିତ ଉଦ୍ୟମ ଓ କଠିନ ପରିଶ୍ରମର ଅଶୀଘଣ୍ଟା ପରେ ସୋମବାର ରାତି ବାରଟା ବେଳକୁ ଉଦ୍ଧାରକାରୀ ଦଳ ଏକ ସମାନ୍ତରାଳ ଟନେଲ ଖନନ କରି ରାହୁଲଠାରୁ ଅଳ୍ପ କେଇଫୁଟ ଦୂରରେ ପହଞ୍ଚି ପାରିଥିବା ଥିଲା ରାହୁଲର ଜୀବନରକ୍ଷା ପାଇଁ ଅଦୃଶ୍ୟ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିବା ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ ଏକ ଆଶ୍ୱସ୍ତିକର ଖବର। ଅଥଚ ଦୁର୍ଭାଗ୍ୟର କଥା, ରାତି ଯେତେ ବଢ଼ି ବଢ଼ି ଚାଲିଥାଏ, କମିବା ପରିବର୍ତ୍ତେ ସେତେ ବଢ଼ି ବଢ଼ି ଚାଲିଥାଏ ରାହୁଲ ଓ ତା'ର ଉଦ୍ଧାରକାରୀଙ୍କ ମଧ୍ୟରେ ଦୂରତା। କଠିନ ପ୍ରସ୍ତରଖଣ୍ଡ ଭେଦ କରି ଆଠଇଞ୍ଚ ଗୋଲେଇର ଗାତ ମଧ୍ୟରେ ଭୂତଳ ଜଳ ଭିତରେ ଜାକିଜୁକି ବସିଥିବା ସେଇ ପିଲାଟିକୁ ଉଦ୍ଧାର କରିବା ଆଉ କେଇ ମିନିଟ୍‌ର କଥା ନ ହୋଇ ଢେର ପ୍ରଲମ୍ବିତ ହୋଇଥିଲା ପରବର୍ତ୍ତୀ ନିଶାର୍ଦ୍ଧ ପର୍ଯ୍ୟନ୍ତ। ଗୋଟିଏ ପଟେ ଟନେଲ ଭିତରର ଚାଳିଶ ଡିଗ୍ରୀ ସେଲ୍‌ସିୟସରୁ ଊର୍ଦ୍ଧ୍ୱ ତାପମାତ୍ରା ଭିତରେ ସିଝି ସିଝି ରାହୁଲର ଉଦ୍ଧାର ପାଇଁ ଉଦ୍ୟମରତ ଏନ୍‌ଡିଆର୍‌ଏଫ୍ କର୍ମୀଙ୍କ ପ୍ରାଣମୟ ପ୍ରଚେଷ୍ଟା ଓ ଅନ୍ୟପଟେ ଗୋଟିଏ ଦଉଡ଼ିରେ ଦୁଇଟି କଦଳୀ ବାନ୍ଧି ଗାତ ଭିତରକୁ ପଠାଉଥିବା ଯବାନଙ୍କ କରୁଣା ଓ କାରୁଣ୍ୟର କଣ୍ଠସ୍ୱର– 'ରାହୁଲ ବେଟା! କେଲା ଖା'ଲୋ' ମଧ୍ୟରେ ପ୍ରତିଧ୍ୱନିତ ହେଉଥିଲା ମାନବୀୟ ସଂସ୍କୃତିର ଏକ ଅପୂର୍ବ ଉପସର୍ଗ, ଯାହା ସୂଚାଇ ଦେଉଥିଲା ଦୁର୍ଗତର ସେବା ପାଇଁ କେତେ ସମର୍ପିତ ଆମ ସେନାବାହିନୀ ଓ ସୁରକ୍ଷା ବଳ।



ତାକୁ ଦେଖି ନ ଥିବା କି ଜାଣି ନ ଥିବା, ଅଥଚ ତା'ର ଉଦ୍ଧାର ଖବର ଶୁଣିବା ପାଇଁ ରାତିଅନିଦ୍ରା ହୋଇ ଟିଭି ପାଖରେ ବସିଥିବା ଦେଶର ଲକ୍ଷ ଲକ୍ଷ ଲୋକଙ୍କ ପ୍ରାର୍ଥନା ଈଶ୍ୱର ଶୁଣିଲେ। 'ଅପରେଶନ ଜିନ୍ଦେଗୀ' ମଧ୍ୟରେ ପ୍ରତିଧ୍ୱନିତ ହେଉଥିବା ଜୀବନର ସାମୂହିକ ଜୟଗାନ ନିଷ୍ଫଳ ଗଲାନାହିଁ। ଦୀର୍ଘ ପାଞ୍ଚଦିନ ଓ ଚାରିରାତି ଅନ୍ଧାରି ଗହ୍ୱର ଭିତରେ ଅବରୁଦ୍ଧ ରହିଥିବା ଓ ନିଜର ଦୁର୍ଦ୍ଦଶା ପାଇଁ ସେତକ ଯଥେଷ୍ଟ ନ ହେଲା ଭଳି ସେଇ ଗର୍ତ୍ତ ମଧ୍ୟରେ ପୂର୍ବରୁ ଥିବା ଏକ ବିଷଧର ଚନ୍ଦନବୋଡ଼ା ସାପ ସହ ବିବଶ ସୈଖ୍ୟ ସ୍ଥାପନ କରିଥିବା ସେଇ ଦିବ୍ୟାଙ୍ଗ ପିଲାଟିକୁ ମୃତ୍ୟୁର ଶକ୍ତ ପଞ୍ଝା ମଧ୍ୟରୁ ଭିଡ଼ି ଆଣିଲେ ଆମ ଆତ୍ମଶକ୍ତିମାନ୍ ଉଦ୍ଧାରକାରୀ ଦଳ।

ରାହୁଲ ଉଦ୍ଧାର ପାଇଲା ପରେ ଖୁସିରେ କାନ୍ଦି ପକାଇଥିଲେ ଉଦ୍ଧାରକାରୀ ଦଳର ନେତୃତ୍ୱ ନେଇଥିବା ଏନ୍‌ଡିଆର୍‌ଏଫ୍‌ର ଓଡ଼ିଆ ଇନ୍ସପେକ୍ଟର ମହାବୀର ମହାନ୍ତି। କହିଥିଲେ, ''ମୋ ସମଗ୍ର ଚାକିରିକାଳ ମଧ୍ୟରେ ବହୁ ଆପତକାଳକୁ ସାମ୍ନା କରିଛି। ମାତ୍ର କେଉଁଠି ବି ଏତେ କଷ୍ଟ ହୋଇ ନ ଥିଲା କି ଏତେ ଆନନ୍ଦ ବି ମିଳି ନ ଥିଲା।'' ରାତି ଉଜାଗର ରହି 'ରାହୁଲ ଉଦ୍ଧାର' ପ୍ରକ୍ରିୟାର ପ୍ରତ୍ୟକ୍ଷ ଖବର ରଖୁଥିବା ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଆବେଗସିକ୍ତ ଆନନ୍ଦ ପ୍ରକଟିତ ହୋଇଥିଲା ତାଙ୍କ କାବ୍ୟିକ ଟୁଇଟ୍‌ରେ। ସେ ଲେଖିଥିଲେ, ''ଆହ୍ୱାନ ବଡ଼ ଥିଲା, କିନ୍ତୁ ଆମ ଉଦ୍ଧାରକାରୀ ଟିମ୍‌ଙ୍କ ମନୋବଳ କିଛି ଛୋଟ ନ ଥିଲା। ରାହୁଲ ଓ ଆମ ମଧ୍ୟରେ ଥିବା ପଥର କାନ୍ଥ ବେଶ୍ କଠିନ ଥିଲା, ମାତ୍ର ଆମ ଲକ୍ଷ୍ୟ ବି କିଛି କମ୍ ମଜବୁତ ନ ଥିଲା।'' ତେବେ ଏ ସବୁ ପ୍ରତିକ୍ରିୟା ମଧ୍ୟରେ ଚାମ୍ପା ଜିଲାର ଯଶସ୍ୱୀ ଜିଲାପାଳ ଜିତେନ୍ଦ୍ର ଶୁକ୍ଳା ଓ ରାହୁଲର ପିତା ରାମ କୁମାର ସାହୁଙ୍କ ପ୍ରତିବେଦନ ଥିଲା ବେଶ୍ ମାର୍ମିକ, ବିଶେଷତଃ ଆମ ଓଡ଼ିଆଙ୍କ ପାଇଁ ଅତୀବ ଆନନ୍ଦଦାୟକ ଓ ପ୍ରେରଣାଦାୟୀ।

ଜିଲାପାଳ କହୁଥିଲେ, ''ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ଓ ଅତ୍ୟନ୍ତ କଷ୍ଟ ସ୍ୱୀକାର କରି ସଫଳତା ଆଣିଥିବା ସମସ୍ତେ ତ ଧନ୍ୟବାଦର ପାତ୍ର। ତେବେ ଓଡ଼ିଶାର ମୁଣ୍ଡଳୀରୁ ଆସିଥିବା ଏନ୍‌ଡିଆର୍‌ଏଫ୍ ଟିମ୍ ସେମାନଙ୍କ କାର୍ଯ୍ୟ ସଂସ୍କୃତି ପାଇଁ ସ୍ୱତନ୍ତ୍ର ପ୍ରଶଂସାର ଯୋଗ୍ୟ।'' ନିଜ ମାନସିକ ଅନଗ୍ରସର ପୁଅକୁ ଅବିଶ୍ୱସନୀୟ ଭାବେ ଫେରିପାଇଥିବା ମା'ବାପାଙ୍କ ମନୋଭାବକୁ କୌଣସି ଶବ୍ଦରେ ପ୍ରକାଶ କରାଯାଇପାରେନା। ତେବେ କେମିତି କେଜାଣି ବେଶ୍ ପ୍ରଗଳ୍ଭ ହୋଇ ଯାଇଥିଲେ ରାମ କୁମାର ଓଡ଼ିଶାର ଲୋକ ଓ ଓଡ଼ିଶାର ଇଷ୍ଟଦେବ ଜଗନ୍ନାଥଙ୍କୁ ନିଜ କୃତଜ୍ଞତା ପ୍ରକଟ କରୁଥିଲା ବେଳେ। କହୁଥିଲେ, ''କେଇବର୍ଷ ତଳେ ପୁରୀ ଯାଇଥିଲା ବେଳେ ସମୁଦ୍ରକୂଳରେ ହଜି ଯାଇଥିଲା ରାହୁଲ। ସେତେବେଳେ ଜଗନ୍ନାଥ ସ୍ୱାମୀ ଦୁଇଜଣ ସ୍ଥାନୀୟ ଲୋକଙ୍କୁ ଲଗାଇ ତାକୁ ଖୋଜି ଆଣି ଆମକୁ ଦେଇଥିଲେ। ଆଜି ପୁଅ ଆମର ସବୁଦିନ ପାଇଁ ହଜି ଯାଉଥିଲା ବେଳେ ସେ କଟକ ମୁଣ୍ଡଳୀରୁ ଉଦ୍ଧାରକାରୀଙ୍କୁ ପଠାଇ ତାଙ୍କ ସ୍ନାନ ପୂର୍ଣ୍ଣିମାରେ ତାକୁ ଖୋଜି ଆଣି ଆମକୁ ଫେରାଇ ଦେଇଛନ୍ତି। ଭଗବାନ୍ ଜଗନ୍ନାଥଙ୍କ କରୁଣାର ପଟାନ୍ତର ନାହିଁ। ରାହୁଲ ସୁସ୍ଥ ହୋଇ ହସ୍ପିଟାଲରୁ ଫେରିଲେ ତାକୁ ନେଇ ପୁରୀ ଯିବି ଓ ଜଗନ୍ନାଥଙ୍କୁ ମୋ କୃତଜ୍ଞତା ଜଣାଇବି।''

ଆଃ, କେଡ଼େ ମିଠାଲାଗୁଛି ଶୁଣିବାକୁ ଏମିତି ଦୁଇପଦ କଥା! ପ୍ରକୃତରେ, ବେଳେବେଳେ ଏମିତି କିଛି ମୁହୂର୍ତ୍ତ ଆସେ, ଯେତେବେଳେ ଓଡ଼ିଶାରେ ଜନ୍ମ ନେଇଥିବାରୁ ମନରେ ଗର୍ବ ଆସେ, ହୃଦୟ ପୂରି ଉଠେ ଏକ ମୁଗ୍ଧ ଅନୁଭବରେ; ତାହା ଜଗନ୍ନାଥଙ୍କୁ ନେଇ ହେଉ କି ମହାବୀର ମହାନ୍ତିଙ୍କ ନେତୃତ୍ୱରେ ମୁଣ୍ଡଳିରୁ ଯାଇ ରାହୁଲକୁ ମରଣମୁହଁରୁ ଛଡ଼ାଇ ଆଣିଥିବା ଓଡ଼ିଶାର ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ନେଇ ହେଉ।

ମୋ: ୮୮୯୫୬୭୨୪୧୦୫

# ଗଣମାଧ୍ୟମ ନିୟାମକର ଅଧ୍ୟକ୍ଷ

ବ୍ୟକ୍ତିତ୍ୱ



ରଞ୍ଜନା ପ୍ରକାଶ ଦେଶାଇ

ଆଜିର ସମୟରେ ଗଣମାଧ୍ୟମର ସଂଜ୍ଞା ବ୍ୟାପକ ହୋଇଛି। ଛାପା (ପ୍ରିଣ୍ଟ୍), ବୈଦ୍ୟୁତିକ (ଇଲେକ୍‌ଟ୍ରୋନିକ୍) ମାଧ୍ୟମଠାରୁ ସୋସିଆଲ ମିଡିଆ ଓ ସର୍ବୋପରେ କହିଲେ ଡିଜିଟାଲ ଗଣମାଧ୍ୟମ ଦୁନିଆକୁ ଆବୋରି ବସିଛି। ଡିଜିଟାଲ ଯୁଗରେ ଜଗତ ଏବେ ପାଲଟିଯାଇଛି ବିଶ୍ୱଗ୍ରାମ। ତେଣୁ ପ୍ରତି ମୁହୂର୍ତ୍ତରେ ମଣିଷ ଗଣମାଧ୍ୟମ ଉପରେ ନିର୍ଭର କରୁଛି। ଅନ୍ୟପକ୍ଷରେ ସୋସିଆଲ ମିଡିଆର ବ୍ୟାପକ ପ୍ରଭାବ ସମାଜରେ ଭଲ ଫଳ ଆଣିଦେଉଥିବା ବେଳେ ଭେଲ ପରିଣତି ମଧ୍ୟ ସୃଷ୍ଟି କରୁଛି। ତେଣୁ ଏସବୁକୁ ନିୟନ୍ତ୍ରଣ କରିବା ସକାଶେ ଏକ ଶକ୍ତ ଜଗୁଆଳି ସଂସ୍ଥା ରହିବା ଆବଶ୍ୟକ ବୋଲି ବିତର୍କ ହେଉଛି। ଭାରତ ପରିପ୍ରେକ୍ଷୀରେ ଦେଖିଲେ ବିଶେଷକରି ପ୍ରିଣ୍ଟ୍ ଓ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମ ବା ଏହାର ଯେଉଁ ସାମ୍ବାଦିକ ନୈତିକ ମୂଲ୍ୟବୋଧ ହରାଇ ବସୁଛନ୍ତି ସେମାନଙ୍କୁ ବାଟକୁ ଆଣିବାକୁ ହେଉ କିମ୍ବା ଦଣ୍ଡିତ କରିବା ଲାଗି ଏକ ବୈଧାନିକ ସଂସ୍ଥା କାର୍ଯ୍ୟ କରୁଛି, ଯାହାର ନାମ ରହିଛି ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ପିସିଆଇ)। ଯେହେତୁ ଏହି ସଂସ୍ଥା ଅଧୀନରେ ଡିଜିଟାଲ ମିଡିଆକୁ ବିଧିବଦ୍ଧ ଭାବେ ସ୍ୱୀକୃତି ଦିଆଯାଇ ନାହିଁ, ସେହେତୁ ନିକଟ ଅତୀତରେ ପାର୍ଲାମେଣ୍ଟାରି ଷ୍ଟାଣ୍ଡିଂ କମିଟି ଅନ୍ କମ୍ୟୁନିକେଶନ୍ସ ଆଣ୍ଡ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜି ପିସିଆଇକୁ ପୁନର୍ଗଠନ କରାଯାଇ ମିଡିଆ କାଉନ୍‌ସିଲ କରାଯିବା ସଂକ୍ରାନ୍ତରେ ପ୍ରସ୍ତାବ ଦେଇଥିଲା। ତେବେ ଗଣମାଧ୍ୟମ ସହିତ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତି ପିସିଆଇର ଢାଞ୍ଚା ବିଷୟରେ ଜାଣିବା ନିତାନ୍ତ ଦରକାର। ୧୭ ଜୁନ୍ ୨୦୨୨ରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ରଞ୍ଜନା ପ୍ରକାଶ ଦେଶାଇଙ୍କୁ ଏହାର ଅଧ୍ୟକ୍ଷ କରାଯାଇଛି। ପେଡ୍ ନ୍ୟୁଜ୍ ବା ଖବର ପ୍ରକାଶ ଲାଗି ଅର୍ଥ ବା ଅନ୍ୟାନ୍ୟ ସୁବିଧା ଗ୍ରହଣ କରାଯାଉଥିବା ସଂକ୍ରାନ୍ତୀୟ ଅଭିଯୋଗ ଏବେ ଶୀର୍ଷରେ ପହଞ୍ଚିଥିବାରୁ ପିସିଆଇ ପାଇଁ ଏହା ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ରଞ୍ଜନା ଓ ତାଙ୍କ ଟିମ୍ ଗଣମାଧ୍ୟମର ଏହି ସ୍ୱୟଂ ନିୟାମକ ସଂସ୍ଥାକୁ ଆଗକୁ ଉତ୍ତମ ରୂପେ ପରିଚାଳନା କରିବେ ବୋଲି ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ପିସିଆଇର ଅଧ୍ୟକ୍ଷ ସାଧାରଣତଃ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ହୋଇଥାଆନ୍ତି। ଏଥିସହିତ ଏହାର ଅନ୍ୟ ୨୮ ଜଣ ସଦସ୍ୟଙ୍କ ମଧ୍ୟରୁ ୨୦ ଜଣ ଗଣମାଧ୍ୟମରୁ ରହିଥିବା ବେଳେ ଲୋକ ସଭା ଓ ରାଜ୍ୟ ସଭାରୁ ୫ ଜଣ ଏବଂ ଅନ୍ୟ ୩ ଜଣ ସଂସ୍କୃତି, ସାହିତ୍ୟ ଓ ଆଇନକୁ ପ୍ରତିନିଧିତ୍ୱ କରିବା ସକାଶେ ସାହିତ୍ୟ ଏକାଡେମୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଓ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆରୁ ଆସିବାର ବ୍ୟବସ୍ଥା ରହିଛି। ରଞ୍ଜନା ପିସିଆଇର ପ୍ରଥମ ମହିଳା ଅଧ୍ୟକ୍ଷ ହେବାର ଗୌରବ ଅର୍ଜନ କରିଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ରଞ୍ଜନା ୩୦ ଅକ୍ଟୋବର ୧୯୪୯ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଏସ୍. ଜି. ସାମନ୍ତ ଥିଲେ କ୍ରିମିନାଲ ଲୟର। ରଞ୍ଜନା ବମ୍ବେର ଏଲ୍‌ଫିନ୍‌ଷ୍ଟୋନ୍ କଲେଜରୁ ୧୯୭୦ରେ କଳାରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ୧୯୭୩ରେ ସେ ବମ୍ବେର ଗଭର୍ନମେଣ୍ଟ ଲ' କଲେଜରୁ ଆଇନରେ ଡିଗ୍ରୀ ପ୍ରାପ୍ତ ହୋଇଥିଲେ। ସେହି ବର୍ଷ ଜୁଲାଇ ୩୦ରେ ସେ ଓକିଲ ଭାବେ ନାମ ପଞ୍ଜୀକରଣ କରିଥିଲେ। ପିତାଙ୍କ ନିକଟରୁ ଆଇନ ବ୍ୟବସାୟ ବିଷୟରେ ପ୍ରାରମ୍ଭିକ ଅଭିଜ୍ଞତା ଅର୍ଜନ କରିବା ପରେ ଚାମ୍ବର୍ସ ଅଫ୍ ଏସ୍. ସି. ପ୍ରତାପରୁ ଆଇନ ବିଦ୍ୟାଭ୍ୟାସ କରିଥିଲେ। ୧୯୭୯ରେ ରଞ୍ଜନା ବମ୍ବେ ହାଇକୋର୍ଟରେ ସହକାରୀ ସରକାରୀ ଓକିଲ ଭାବେ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ମାମଲା ଲଢ଼ିବା ଆରମ୍ଭ କରିଥିଲେ। ପରେ ମହାରାଷ୍ଟ୍ର ସରକାରଙ୍କ ତରଫରୁ ଅତିରିକ୍ତ ସରକାରୀ ଓକିଲ, ସ୍ୱତନ୍ତ୍ର ସରକାରୀ ଓକିଲ ଓ ସରକାରୀ ଓକିଲ ଭଳି ପଦବୀ ଧାରଣ କରି ଗୁରୁତ୍ୱପୂର୍ଣ୍ଣ ମାମଲା ପରିଚାଳନା କରିବାର ଦକ୍ଷତା ଅର୍ଜନ କରିଥିଲେ। ଆଇନ କ୍ଷେତ୍ରରେ ଦକ୍ଷତା ତାଙ୍କୁ ୧୫ ଏପ୍ରିଲ ୧୯୯୬ରେ ବମ୍ବେ ହାଇକୋର୍ଟରେ ଅତିରିକ୍ତ ବିଚାରପତି ଆସନରେ ବସାଇଥିଲା। ଏହାର ଦୁଇ ବର୍ଷ ପରେ ସେ ସ୍ଥାୟୀ ଜଜ୍ ହୋଇଥିଲେ। ବମ୍ବେ ହାଇକୋର୍ଟରେ ସେ ୨୦୧୧ ଯାଏ କାର୍ଯ୍ୟ କରିଥିଲେ। ୧୩ ସେପ୍ଟେମ୍ବର ୨୦୧୧ରେ ସେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ହୋଇ ୨୦୧୪ରେ ଅବସର ନେଇଥିଲେ।

ରଞ୍ଜନା ସୁପ୍ରିମକୋର୍ଟର ପଞ୍ଚମ ମହିଳା ବିଚାରପତି ଭାବେ ବିଭିନ୍ନ ମାମଲାରେ ସୁନାମ ଅର୍ଜନ କରିଛନ୍ତି। ଏଥିସହିତ ୨୦୧୪ରୁ ୨୦୧୯ ଯାଏ ନୂଆଦିଲ୍ଲୀର ଆପିଲେଟ୍ ଟ୍ରିବ୍ୟୁନାଲ ଫର୍ ଇଲେକ୍‌ଟ୍ରିସିଟିର ଅଧ୍ୟକ୍ଷ ଥିଲେ। ୨୦୧୮ରୁ ୨୦୧୯ ଯାଏ ଆଡଭାନ୍ସ ରୁଲିଂ ଅଥରିଟି (ଇନ୍‌କମ୍ ଟାକ୍ସ)ର ଅଧ୍ୟକ୍ଷ ମଧ୍ୟ ସେ ହୋଇଥିଲେ। ସେହିପରି ଦୁର୍ନୀତି ନିବାରଣ ସଂସ୍ଥା ଲୋକପାଳ ଲାଗି ଅଧ୍ୟକ୍ଷ ଓ ସଦସ୍ୟଙ୍କୁ ବାଛିବା ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗଠନ କରାଯାଇଥିବା ୮ ଜଣିଆ ସର୍ଚ୍ଚ କମିଟିର ଅଧ୍ୟକ୍ଷ ଭାବେ ରଞ୍ଜନାଙ୍କୁ ମଧ୍ୟ ନିଯୁକ୍ତ କରାଯାଇଥିଲା। ଉକ୍ତ କମିଟି ୨୮ ଫେବୃୟାରୀ ୨୦୨୦ରେ ଚୟନ କମିଟିକୁ ତା'ର ସୁପାରିସ ଜଣାଇ ଦେଇଥିଲା। ଆଇନ ବିଷୟରେ ଗଭୀର ପ୍ରବେଶ ଥିବାରୁ ୧୩ ମାର୍ଚ୍ଚ ୨୦୨୦ରେ ତାଙ୍କୁ ପୁନଃ ସୀମା ନିର୍ଦ୍ଧାରଣ ଆୟୋଗର ମୁଖ୍ୟ ଭାବେ ନିଯୁକ୍ତ କରାଯାଇଥିଲା। ୨୮ ମେ' ୨୦୨୨ରେ ଉତ୍ତରାଖଣ୍ଡ ୟୁନିଫର୍ମ ସିଭିଲ୍ କୋଡ୍ କମିଟିର ମୁଖ୍ୟ ଭାବେ ମଧ୍ୟ ରଞ୍ଜନାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଜୁରିସ୍‌ପ୍ରୁଡେନ୍ସ ବା ବିଧିଶାସ୍ତ୍ର ଉପରେ ତାଙ୍କ ବେଶ୍ ଦକ୍ଷତା ଥିବାରୁ ସେ ବିଭିନ୍ନ ପୀଠରେ ଦିଆଯାଇଥିବା ଯୁଗାନ୍ତକାରୀ ରାୟର ଅଂଶ ପାଲଟିପାରିଛନ୍ତି। ସେଥିମଧ୍ୟରୁ ହଜ୍ ଯାତ୍ରୀଙ୍କ ପାଇଁ ୨୦୨୨ ସୁଦ୍ଧା ସବ୍‌ସିଡି ବନ୍ଦ ଲାଗି ସରକାରଙ୍କୁ ନିର୍ଦ୍ଦେଶ ଏବଂ ନିର୍ବାଚନରେ ନୋଟା (ନନ୍ ଅଫ୍ ଦି ଏବଭ) ପ୍ରଚଳନ ଉଲ୍ଲେଖଯୋଗ୍ୟ ଥିଲା। ଏବେ ରଞ୍ଜନା ପିସିଆଇର ଅଧ୍ୟକ୍ଷ ହୋଇଥିବାରୁ ତାଙ୍କ ନେତୃତ୍ୱ ସାମ୍ବାଦିକୀୟ କାର୍ଯ୍ୟଧାରା ନୀତିରେ ନୂଆ କୋଡ୍ ଯୋଡ଼ି ଗଣମାଧ୍ୟମକୁ ନୂତନ ଦିଶା ଦେଇପାରେ ବୋଲି ଆଶା ରହୁଛି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଚରଖା ଓ ହସ୍ତତନ୍ତର ଆଦର କମି ଆସୁଥିବାବେଳେ ଏହାର ଉପଯୋଗିତାକୁ ପୁନଃ ପ୍ରତିପାଦିତ କରିଛନ୍ତି ପୁଣେର ନନ୍ଦନ ଭଟ୍ଟ। ସେ ସିଙ୍ଗଲ୍ ୟୁଜ୍‌ଡ ପ୍ଲାଷ୍ଟିକ ଭଳି ପଲିଥିନ୍ ବ୍ୟାଗ, ଅଡିଓ ଓ ଭିଡିଓ କ୍ୟାସେଟ ଟେପ୍‌କୁ ଚରଖା ଏବଂ ହସ୍ତତନ୍ତ ମାଧ୍ୟମରେ କପଡ଼ାର ରୂପ ଦେଉଛନ୍ତି। ସେଥିରୁ ସେ ହ୍ୟାଣ୍ଡ ବ୍ୟାଗ, ହୋମ୍ ଡେକୋର୍ ସାମଗ୍ରୀ ଏବଂ ଅଫିସ ଷ୍ଟେସନାରି ଉତ୍ପାଦ ସବୁ ତିଆରି କରୁଛନ୍ତି। ଏହା ଦ୍ୱାରା ପଲିଥିନ ଯୋଗୁ ହେଉଥିବା ପରିବେଶ ପ୍ରଦୂଷଣ ହ୍ରାସ କରାଯାଇପାରୁଛି। ନନ୍ଦନ ଏହି କାର୍ଯ୍ୟ 'ଇକୋକରି' ସଂସ୍ଥା ଦ୍ୱାରା କରାଯାଉଛି। ଇକୋକରି ଅର୍ଥ ପରିବେଶ ଉପଯୋଗୀ କାରିଗରି। ଏଥିରେ ସେ ସ୍ଥାନୀୟ ଅଞ୍ଚଳର ୨୫ ଜଣ କାରିଗରଙ୍କୁ ନିଯୁକ୍ତି ଦେଇଛନ୍ତି। ଏଥିରୁ ସେ ମାସକୁ ୮ ଲକ୍ଷ ଟଙ୍କା ପାଉଛନ୍ତି ଓ ଏଯାବତ ୨୦ ମିଲିୟନ ବା ୨ କୋଟି ପ୍ଲାଷ୍ଟିକ ବ୍ୟାଗକୁ କପଡ଼ା ତିଆରିରେ ବ୍ୟବହାର କରିସାରିଲେଣି। ସବୁ କାର୍ଯ୍ୟ ପାରମ୍ପରିକ ପଦ୍ଧତିରେ କରାଯାଉଛି। ପ୍ଲାଷ୍ଟିକ୍ ସଂଗ୍ରହ କରିବା, ଜୀବାଣୁମୁକ୍ତ କରି ଶୁଖାଇବା ପରେ ତାହାକୁ କାଟି ପତଳା କରି ଚରଖାରେ ସୂତାଭଳି କରାଯାଉଛି ଓ ପରେ ହସ୍ତତନ୍ତରେ ବୁଣି କପଡ଼ା ରୂପ ଦିଆଯାଉଛି ଏବଂ ଏଥିରୁ ପ୍ରସ୍ତୁତ ସାମଗ୍ରୀଗୁଡ଼ିକର ମୂଲ୍ୟ ୩୦୦ ଟଙ୍କାରୁ ୩,୦୦୦ ଟଙ୍କା ରଖାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଜୁନ୍ ୧୯୯୭

- କାମ୍ବୋଡିଆର ଖମେରରୁଜ ବିଦ୍ରୋହୀ ଗୋଷ୍ଠୀର ନେତା ପୋଲପଟଙ୍କ ଆତ୍ମସମର୍ପଣ।
- ତାଲିବାନ ବିରୋଧୀ ନେତା ଅହମ୍ମଦ ଶାହ ମାସୁଦଙ୍କ ସମର୍ଥକ ସେନା ଉତ୍ତରାଞ୍ଚଳର କୁଣ୍ଡୁଜ ସହରକୁ ଦଖଲ କରିନେଇଛନ୍ତି।
- କେନ୍ଦ୍ର ସରକାର ପକ୍ଷରୁ ବହୁଚର୍ଚ୍ଚିତ ସ୍ୱେଚ୍ଛାକୃତ ଆୟ ଘୋଷଣା ଯୋଜନା ଲାଗୁ।
- କୁଚବିହାର ଜିଲାର ମେଖଲୀଗଞ୍ଜଠାରେ ଥିବା ତୀସ୍ତା ନଦୀରେ ୪୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଦେଶୀ ଡଙ୍ଗା ବୁଡ଼ିଯିବାରୁ ୧୨ ମୃତ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 6 | | 3 |
| 9 | | | | | | | | |
| | | | | 2 | 4 | 7 | | |
| | | | 8 | | 2 | | | |
| | | | 6 | | | 8 | | 4 |
| | 6 | | | | 3 | 5 | | |
| | 4 | 9 | 5 | 1 | 8 | | | 6 |
| | | 5 | | | 9 | | 2 | |
| 7 | | | | 3 | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 1 | 7 | 3 | 4 | 6 | 2 | 5 |
| 6 | 2 | 7 | 9 | 5 | 8 | 3 | 1 | 4 |
| 4 | 3 | 5 | 2 | 6 | 1 | 8 | 7 | 9 |
| 1 | 7 | 8 | 6 | 2 | 5 | 4 | 9 | 3 |
| 9 | 6 | 2 | 4 | 7 | 3 | 5 | 8 | 1 |
| 5 | 4 | 3 | 1 | 8 | 9 | 2 | 6 | 7 |
| 3 | 1 | 9 | 8 | 4 | 2 | 7 | 5 | 6 |
| 2 | 5 | 6 | 3 | 9 | 7 | 1 | 4 | 8 |
| 7 | 8 | 4 | 5 | 1 | 6 | 9 | 3 | 2 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆତ୍ମଚିନ୍ତନର ଆବଶ୍ୟକତା ରହିଛି

ମହାଶୟ,

ମଣିଷ ଜୀବନ ଅନ୍ୟର ଉପକାର ଲାଗି ଅଭିପ୍ରେତ। ମାତ୍ର ବର୍ତ୍ତମାନ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଆବିଳତା, ଜଟିଳତା, କପଟତା, ସଂକୀର୍ଣ୍ଣତା ଓ ପରଶ୍ରୀକାତରତା ମଣିଷକୁ କବଳିତ କରି ନେଉଥିବା ହେତୁ ମଣିଷ କେବଳ ନିଜ ସ୍ୱାର୍ଥରେ ବୁଡ଼ିରହୁଛି। ଅନ୍ୟର ଗୋଡ଼ ଟାଣିବା, ଚରିତ୍ର ସଂହାର କରିବା ପ୍ରଭୃତି କାର୍ଯ୍ୟ ସମାଜରେ ବହୁଳ ଭାବରେ ପରିଲକ୍ଷିତ ହେଉଛି। ଅନ୍ୟ ବିରୋଧରେ ଚକ୍ରାନ୍ତକରି ନିଜେ ଫାଇଦା ନେବା ଆଦୌ ଗ୍ରହଣୀୟ ନୁହେଁ। ଏହାଦ୍ୱାରା ମଣିଷପଣିଆର ହାନି ଘଟିଥାଏ। ଅନ୍ୟର ଉପକାର ଏକ ମହାନ୍ କାର୍ଯ୍ୟ। ମାତ୍ର ମତଲବୀ ମଣିଷ ଏଥିପାଇଁ ଆଗ୍ରହୀ ନୁହନ୍ତି। ତେଣୁ ମନୋଭାବରେ ପରିବର୍ତ୍ତନ ଲୋଡ଼ା। ଅନ୍ୟକୁ ନିଜର ବୋଲି ଭାବିଲେ ହିଁ ତା'ର ଅପକାର କରିବାକୁ ମନ ହେବ ନାହିଁ। ତ୍ୟାଗ ମନୋଭାବ ଉତ୍ପନ୍ନ ହେଲେ ହିଁ ଏହା ସମ୍ଭବପର ହୋଇପାରିବ। ମଣିଷର ଆଚରଣ ଓ ଉଚ୍ଚାରଣରେ ଶୁଦ୍ଧତା ନ ଆସିବା ହେତୁ ମନରେ ଓଲଟା ଚିନ୍ତା ଉଙ୍କିମାରିବା ଦେଖିବାକୁ ମିଳୁଛି। ନିଜ ଦୋଷତ୍ରୁଟି ସୁଧାରିବା ପାଇଁ ଆତ୍ମଚିନ୍ତନର ଆବଶ୍ୟକତା ରହିଛି। ଏହାଦ୍ୱାରା ମଣିଷ ଜୀବନ ସାର୍ଥକତା ଲାଭ କରିପାରିବ।

– ସୁଧାଂଶୁ ମହାପାତ୍ର, ନୀଳାଦ୍ରିବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

## ଚିରନ୍ତନୀ

ଚାହିଁ ରହେ ଚିର ତୁମରି ଗତିର
ଗୀତି–ପଥ ଅନୁସରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା–ଗୋରି!
(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିରୋଧୀ ମେଣ୍ଟର ପ୍ରାର୍ଥୀ ହେବାକୁ ମନାକଲେ ଫାରୁକ

## ରାଷ୍ଟ୍ରପତି ନିର୍ବାଚନ

ଶ୍ରୀନଗର,୧୮।୬(ପି.ଟି.)

ଆଗାମୀ ରାଷ୍ଟ୍ରପତି ନିର୍ବାଚନରେ ବିରୋଧୀ ଦଳଗୁଡ଼ିକ ମିଳିତ ପ୍ରାର୍ଥୀ ଦେବା ଲାଗି ଉଦ୍ୟମ ଚଳାଇଛନ୍ତି। ପୂର୍ବରୁ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ରାଷ୍ଟ୍ରପତି ପ୍ରାର୍ଥୀ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ପାୱାରଙ୍କ ପରେ ସମ୍ଭାବ୍ୟ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ ନେତା ଫାରୁକ୍ ଅବଦୁଲ୍ଲାଙ୍କ ନାଁ ଚର୍ଚ୍ଚା ହେଉଥିଲା। ତେବେ ୮୪ ବର୍ଷୀୟ ଅବଦୁଲ୍ଲା ରାଷ୍ଟ୍ରପତି ନିର୍ବାଚନ


ଫାରୁକ୍ ଅବଦୁଲ୍ଲା

ଲଢ଼ିବେ ନାହିଁ ବୋଲି ଶନିବାର କହିଛନ୍ତି। ରାଷ୍ଟ୍ରପତି ନିର୍ବାଚନ ଲାଗି ରଣନୀତି ପ୍ରସ୍ତୁତି ନିମନ୍ତେ ଆଗାମୀ ୨୦ ଓ ୨୧ରେ ବିରୋଧୀ ଦଳଗୁଡ଼ିକର ବୈଠକ ବସିବାକୁ ଥିବାବେଳେ ଏହା ପୂର୍ବରୁ ଅବଦୁଲ୍ଲା ନିଜ ନିଷ୍ପତ୍ତି ସ୍ପଷ୍ଟ କରିଦେଇଛନ୍ତି। ତେବେ ବିରୋଧୀ ଦଳଗୁଡ଼ିକ ତାଙ୍କ ନାମ ପ୍ରସ୍ତାବ ରଖିଥିବାରୁ ସେ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୧୫ ତାରିଖରେ ଅନୁଷ୍ଠିତ ମିଳିତ ବିରୋଧୀ ଦଳ ବୈଠକରେ ଫାରୁକଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରିବା ଲାଗି ପ୍ରସ୍ତାବ ଦେଇଥିଲେ ଓ ଅନ୍ୟ ନେତାମାନେ ସମର୍ଥନ ଜଣାଇଥିଲେ। ସେ ଇତିମଧ୍ୟରେ ବିଭିନ୍ନ ନେତାଙ୍କଠାରୁ ଏନେଇ ଫୋନ୍ କଲ୍ ପାଇଛନ୍ତି। ସେ ତାଙ୍କ ଦଳର ବରିଷ୍ଠ ସହକର୍ମୀ ଓ ପରିବାର ସଦସ୍ୟଙ୍କ ସହ ମଧ୍ୟ ରାଷ୍ଟ୍ରପତି ପ୍ରାର୍ଥୀ ହେବା ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରିଥିଲେ ବୋଲି ଫାରୁକ କହିଛନ୍ତି। ବର୍ତ୍ତମାନ ଜମ୍ମୁ-କଶ୍ମୀର ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଥିବାବେଳେ ଏଭଳି ଅନିଶ୍ଚିତ ସମୟକୁ ଅତିକ୍ରମ କରିବାରେ ତାଙ୍କର ଉଦ୍ୟମ ଆବଶ୍ୟକ ବୋଲି ଏନ୍‌ସି ନେତା ବିଶ୍ୱାସ କରୁଥିବା କହିଛନ୍ତି। ଜୁଲାଇ ୧୮ରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଜୁନ୍ ୧୫ରୁ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ୧୫ ତାରିଖରେ ୧୭ ବିରୋଧୀ ଦଳର ନେତା ଏକାଠି ହୋଇ ମିଳିତ ପ୍ରାର୍ଥୀ ଦେବା ନିମନ୍ତେ ନିଷ୍ପତ୍ତି ନେଇଥିଲେ। ଶରଦ ପାୱାର ପ୍ରାର୍ଥୀ ହେବାକୁ ମନା କରିବା ପରେ ଫାରୁକ୍ ଏବଂ ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଗୋପାଳକୃଷ୍ଣ ଗାନ୍ଧୀଙ୍କ ନାଁ ପ୍ରସ୍ତାବ ଦିଆଯାଇଥିଲା।



ଉତ୍ତରପ୍ରଦେଶର ଆଜମଗଡ଼ ଲୋକ ସଭା ଉପନିର୍ବାଚନ ପାଇଁ ସମାଜବାଦୀ ପାର୍ଟି ନେତା ଆଜମ ଖାଁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି।

# ରାଜ୍ୟ, କେନ୍ଦ୍ର ସରକାର ସବୁକ୍ଷେତ୍ରରେ ବିଫଳ: କଂଗ୍ରେସ



ବୀରମହାରାଜପୁରରେ ଅନୁଷ୍ଠିତ ନବସଂକଳ୍ପ ଶିବିରରେ ମଞ୍ଚାସୀନ କଂଗ୍ରେସ ନେତୃବର୍ଗ।

ଅମରପାଲି, ୧୮।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା କଂଗ୍ରେସ ତରଫରୁ ନବସଂକଳ୍ପ ଶିବିରର ଜିଲାସ୍ତରୀୟ କର୍ମଶାଳା ଶନିବାର ବୀରମହାରାଜପୁର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବ୍ଲକ କଂଗ୍ରେସ କମିଟି ସଭାପତି ବସନ୍ତ ମହାକୁଡ଼ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ଜିଲାର କଂଗ୍ରେସ କର୍ମୀ ଓ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସବୁକ୍ଷେତ୍ରରେ ବିଫଳତା ଯୋଗୁ ସାଧାରଣ ଲୋକେ ହଇରାଣ ହେଉଥିବା ମତପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ଏକଚାଟିଆ ଶାସନ, ଆଇନଶୃଙ୍ଖଳା ବିଫଳତା ଏବଂ କେନ୍ଦ୍ର ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି, ଦରଦାମ ବୃଦ୍ଧି ଆଦିକୁ ନିନ୍ଦା କରାଯାଇଥିଲା। ଏଥିପାଇଁ କଂଗ୍ରେସ ଦଳ ନବସଂକଳ୍ପ ସମାବେଶ କରି ଉଭୟ ଭାଜପା ଓ ବିଜେଡି ସରକାର ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ଉପସ୍ଥିତ ନେତୃବର୍ଗ କହିଥିଲେ। ଏହି ନବସଂକଳ୍ପ ଶିବିରରେ ଜିଲା କଂଗ୍ରେସ ସଭାପତି ଗୌରୀଶ୍ୟାମ ପଣ୍ଡା, ଉପସଭାପତି ବାଳକୃଷ୍ଣ ଦଣ୍ଡସେନା ଓ ରାଜଗୋପାଳ ପାଣିଗ୍ରାହୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଦମୟନ୍ତୀ ବାଘ, ପୂର୍ବତନ ବିଧାୟକ ବିନୋଦ ପାତ୍ର, ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ଜିତେନ୍ଦ୍ର ପଟ୍ଟନାୟକ, ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ, ବୀରମହାରାଜପୁର ବ୍ଲକ ଯୁବ କଂଗ୍ରେସ ସଭାପତି ବିଦ୍ୟାଧର ଖୁର୍ଡିଆ, ଜିଲା କୃଷକ ମୋର୍ଚ୍ଚା ସଭାପତି ନରେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବୀରମହାରାଜପୁର ବ୍ଲକ ଜୋନ-୧ରୁ ଦଳୀୟ ଟିକେଟରେ ବିଜୟୀ ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


## ପୂର୍ବ ତଟ ରେଳପଥ
### 'ଇ' କ୍ରୟ ପ୍ରଣାଳୀ

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2022-23/65, ତା.16.06.2022ରିଖ

କ୍ରମ ସଂ. 01 : ଟେଣ୍ଡର ନଂ. 07223194A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ପେଣ୍ଟ ଆଲୁମିନିୟମ୍, ପରିମାଣ : TS ଅନୁସାରେ।

କ୍ରମ ସଂ. 02 : ଟେଣ୍ଡର ନଂ. 07223175, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ପେଣ୍ଟ ଏନାମେଲ୍ ସିନ୍‌ଥେଟିକ୍ ବ୍ଲାକ୍ (Synthetic black), ପରିମାଣ : TS ଅନୁସାରେ।

କ୍ରମ ସଂ. 03 : ଟେଣ୍ଡର ନଂ. 07223188, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ପେଣ୍ଟ ଜିଙ୍କ୍ କ୍ରୋମ୍ ପ୍ରାଇମର (Chrome Primer), ପରିମାଣ : 31040 ଲିଟର।

କ୍ରମ ସଂ. 04 : ଟେଣ୍ଡର ନଂ. 08221071, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଜେନେରାଲ ପର୍ପସ (Purpose) ମେସିନେରୀ ଅଏଲ, ପରିମାଣ : TS ଅନୁସାରେ।

କ୍ରମ ସଂ. 05 : ଟେଣ୍ଡର ନଂ. 03221129, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଲୋୟର ସାଇଡ୍ ୱାଲ ସିଟ୍ ପାର୍ଟ (Sheet part), ପରିମାଣ : 1500 ଗୋଟି।

କ୍ରମ ସଂ. 06 : ଟେଣ୍ଡର ନଂ. 03223928A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବ୍ରେକ୍ ପ୍ୟାଡ୍ ସେଟ୍, ପରିମାଣ : 15888 ସେଟ୍।

କ୍ରମ ସଂ. 07 : ଟେଣ୍ଡର ନଂ. 03221827, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ପଲିମର ସ୍ପ୍ରିଙ୍ଗ୍ ପ୍ୟାକ୍ (Pack), ପରିମାଣ : 600 ସେଟ୍।

କ୍ରମ ସଂ. 08 : ଟେଣ୍ଡର ନଂ. 03221982, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଫ୍ଲାପ୍ ଡୋର BOXN, ପରିମାଣ : 2450 ଗୋଟି।

କ୍ରମ ସଂ. 09 : ଟେଣ୍ଡର ନଂ. 03223903, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ପ୍ରାଇମେରୀ ଭର୍ଟିକାଲ ଡାମ୍ପର (Vertical damper), ପରିମାଣ : 5490 ଗୋଟି।

କ୍ରମ ସଂ. 10 : ଟେଣ୍ଡର ନଂ. 02221144, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ପାଣ୍ଟୋଗ୍ରାଫ୍‌ର ବୋ ଆସେମ୍ବ୍ଲି (Bow Assly.), ପରିମାଣ : TS ଅନୁସାରେ।

କ୍ରମ ସଂ. 11 : ଟେଣ୍ଡର ନଂ. 05225135, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : SMPS ଆଧାରିତ IPS ସିଷ୍ଟମ୍, ପରିମାଣ : 02 ଗୋଟି।

କ୍ରମ ସଂ. 12 : ଟେଣ୍ଡର ନଂ. 03221036A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ରିଲେ ଭାଲ୍ବ ସହିତ ଡିଷ୍ଟ୍ରିବ୍ୟୁଟର ଭାଲ୍ବ, ପରିମାଣ : 90 ଗୋଟି।

କ୍ରମ ସଂ. 13 : ଟେଣ୍ଡର ନଂ. 03223794, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଏକ୍ସିଲ ବାକ୍ସ ପିଭୋଟ ବୁଶ୍ (Pivot bush), ପରିମାଣ : 2935 ଗୋଟି।

କ୍ରମ ସଂ. 14 : ଟେଣ୍ଡର ନଂ. 04222295, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 25KVA ଅଣ୍ଡର ସ୍ଲଙ୍ଗ୍ ଇନ୍‌ଭର୍ଟର (Slung Inverter), ପରିମାଣ : 07 ଗୋଟି।

ଟେଣ୍ଡର ଖୋଲାଯିବା ତାରିଖ : କ୍ରମ ସଂ. 01 ପାଇଁ ତା.27.06.2022, କ୍ରମ ସଂ. 02 ପାଇଁ ତା.29.06.2022, କ୍ରମ ସଂ. 03 ପାଇଁ ତା.04.07.2022, କ୍ରମ ସଂ. 04 ପାଇଁ ତା.05.07.2022, କ୍ରମ ସଂ. 05 ରୁ 07 ପାଇଁ ତା.06.07.2022, କ୍ରମ ସଂ. 08 ପାଇଁ ତା.07.07.2022, କ୍ରମ ସଂ. 09 ଏବଂ 10 ପାଇଁ ତା.11.07.2022, କ୍ରମ ସଂ. 11 ଏବଂ 12 ପାଇଁ ତା.13.07.2022, କ୍ରମ ସଂ. 13 ପାଇଁ ତା.14.07.2022 ଏବଂ କ୍ରମ ସଂ. 14 ପାଇଁ ତା.18.07.2022

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ଭୁବନେଶ୍ୱର

PR-208/N/22-23


# ଆଜି ପ୍ରଥମ ପର୍ଯ୍ୟାୟ ସମବାୟ ସମିତି ନିର୍ବାଚନ

ଭୁବନେଶ୍ୱର,୧୮।୬(ବ୍ୟୁରୋ)

ପ୍ରାଥମିକ ସମବାୟ ସମିତି(ପ୍ୟାକ୍ସ)ର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ରବିବାର ଅନୁଷ୍ଠିତ ହେବ। ମୋଟ ୩,୨୫୨ ପ୍ରାଥମିକ ସମବାୟ ସମିତିରୁ ୨,୫୨୧ ସମିତିରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ସଦସ୍ୟ, ସଦସ୍ୟା ନିର୍ବାଚିତ ହୋଇଛନ୍ତି। ବାକି ୭୩୧ ପ୍ରାଥମିକ ସମବାୟ ସମିତିରେ ନିର୍ବାଚନ ହେବ। ୭୩୧ ସମବାୟ ସମିତିରୁ ୨୪୪ଟି ବୁଥ୍ ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ଏହି ବୁଥ୍‌ଗୁଡ଼ିକରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ପାଇଁ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ ସହ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ ସିସିଟିଭି ଲଗାଯାଇଛି। ଜିଲାପାଳ ଏବଂ ଏସ୍‌ପି ଆଇନଶୃଙ୍ଖଳା ପରିସ୍ଥିତି ତଦାରଖ କରିବେ। ଶାନ୍ତିଶୃଙ୍ଖଳାରେ ନିର୍ବାଚନ କରିବାକୁ ପଦକ୍ଷେପ ନିଆଯାଇଛି। ନିର୍ବାଚନ ପରିଚାଳନା ପାଇଁ ୧୯ ଜଣ ଉପନିବନ୍ଧକ, ୫୮ ଜଣ ସହକାରୀ ନିବନ୍ଧକ ନିୟୋଜିତ ହୋଇଛନ୍ତି। ଭୋଟ ଗ୍ରହଣ ସକାଳ ୭ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ଯାଏ ଚାଲିବ। ମୋଟ ୪ ଲକ୍ଷ ୫୩ ହଜାର ୬୧୦ ଭୋଟର ମତଦାନ କରିବେ। ଭୋଟ ଗ୍ରହଣ ପରେ ନିର୍ବାଚନ ଫଳାଫଳ ଘୋଷଣା କରାଯିବ। ସେହିପରି ଆସନ୍ତା ୨୬ ତାରିଖରେ ପ୍ରଥମ ପର୍ଯ୍ୟାୟର ଦ୍ୱିତୀୟ ଦିନର ଭୋଟ ଗ୍ରହଣ ହେବ।






## ରାଷ୍ଟ୍ରପତି ନିର୍ବାଚନ

# ଭାଜପା ଗଠନ କଲା ୧୪ ଜଣିଆ କମିଟି

ନୂଆଦିଲ୍ଲୀ,୧୮।୬

ଆସନ୍ତା ଜୁଲାଇ ୧୮ ତାରିଖରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନକୁ ନେଇ ରାଜନୈତିକ ଦଳ ମଧ୍ୟରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି କ୍ରମରେ ଭାଜପା ୧୪ ସଦସ୍ୟଙ୍କୁ ନେଇ ଏକ ପରିଚାଳନା କମିଟି(ମ୍ୟାନେଜମେଣ୍ଟ କମିଟି) ଗଠନ କରିଛି। କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ଏହାର ସଂଯୋଜକ କରାଯାଇଛି। ଭାଜପା ସାଧାରଣ ସମ୍ପାଦକ ବିନୋଦ ତାୱଡେ ଏବଂ ସିଟି ରବିଙ୍କୁ କମିଟିର ସହସଂଯୋଜକ ଭାବେ ନିଯୁକ୍ତ କରାଯାଇଛି। ଭାଜପା ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ସାଧାରଣ ସମ୍ପାଦକ ତରୁଣ ଚୁଗ୍ ମଧ୍ୟ କମିଟିର ସଦସ୍ୟ ରହିବେ। କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ, ଅଶ୍ୱିନୀ ବୈଷ୍ଣବ, ସର୍ବାନନ୍ଦ ସୋନୋୱାଲ୍, ଅର୍ଜୁନ ମେଘୱାଲ୍, ଭାରତୀ ପାୱାରଙ୍କୁ କମିଟିରେ ସାମିଲ କରାଯାଇଛି। ଅନ୍ୟ ସଦସ୍ୟଙ୍କ ମଧ୍ୟରେ ଭାଜପା ଜାତୀୟ ଉପାଧ୍ୟକ୍ଷ ଡିକେ ଅରୁଣା, ଜାତୀୟ ସମ୍ପାଦକ ଋତୁରାଜ ସିହ୍ନା, ମହିଳା ମୋର୍ଚ୍ଚା ଜାତୀୟ ଅଧ୍ୟକ୍ଷା ବନଥୀ ଶ୍ରୀନିବାସନ୍, ଜାତୀୟ ମୁଖପାତ୍ର ସମ୍ବିତ ପାତ୍ର ଏବଂ ଆସାମ ରାଜ୍ୟ ଉପସଭାପତି ରାଜଦୀପ୍ ରାୟ ସାମିଲ ଅଛନ୍ତି। ଅନ୍ୟପକ୍ଷରେ ଶରଦ ପାୱାରଙ୍କ ଅଧ୍ୟକ୍ଷତାରେ ଜୁନ୍ ୨୧ରେ ବିରୋଧୀ ଦଳଙ୍କ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଜୁଲାଇ ୧୮ ତାରିଖରେ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ହେବାକୁ ଯାଉଛି। ଶାସକ ଏନ୍‌ଡିଏ କିମ୍ବା ବିରୋଧୀ ଦଳ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ଜଣେ ସର୍ବସମ୍ମତ ରାଷ୍ଟ୍ରପତି ପ୍ରାର୍ଥୀ ଦେବା ନେଇ ଭାଜପା ବରିଷ୍ଠ ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବିରୋଧୀ ନେତାଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ଭାଜପା ଦ୍ୱାରା ଗଠିତ ମ୍ୟାନେଜମେଣ୍ଟ କମିଟି ରାଷ୍ଟ୍ରପତି ନିର୍ବାଚନ ନେଇ ପାର୍ଟିର ସମସ୍ତ ରାଜ୍ୟ ୟୁନିଟ୍ ଏବଂ ସହଯୋଗୀ ଦଳଗୁଡ଼ିକ ସହ ସମନ୍ୱୟ ରକ୍ଷାକରିବ।

# ବିହାର ଭାଜପା ନେତାଙ୍କୁ ୱାଇ ସୁରକ୍ଷା

ପାଟନା,୧୮।୬: କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ବିରୋଧ କରି ବିହାରରେ ବିକ୍ଷୋଭକାରୀମାନେ ଭାଜପା ନେତାଙ୍କୁ ଟାର୍ଗେଟ କରିବା ପରେ ଏବେ ସେମାନଙ୍କ ସୁରକ୍ଷା ବଢ଼ାଇ ଦିଆଯାଇଛି। ରାଜ୍ୟର ୧୨ ଜଣ ଭାଜପା ନେତାଙ୍କୁ ୱାଇ ସୁରକ୍ଷା ଯୋଗାଇ ଦେବାକୁ ଶନିବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଆନ୍ଦୋଳନକାରୀମାନେ ଭାଜପା ନେତାମାନଙ୍କ ଘର ଭଙ୍ଗାରୁଜା କଲାବେଳେ ପୋଲିସ ନୀରବଦ୍ରଷ୍ଟା ସାଜିଥିଲା ବୋଲି ରାଜ୍ୟ ଭାଜପା ସଭାପତି ସଞ୍ଜୟ ଜୟସ୍ୱାଲ ଅଭିଯୋଗ କରିଥିଲେ। ରାଜ୍ୟରେ ବ୍ୟାପକ ପୋଡ଼ାଜଳା ପାଇଁ ନୀତୀଶ କୁମାର ସରକାରଙ୍କୁ ସେ ଦୋଷ ଦେଇଥିଲେ। ତାଙ୍କ ଅଭିଯୋଗ ପରେ କେନ୍ଦ୍ର ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଜୟସ୍ୱାଲଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ରେଣୁ ଦେବୀ, ତାରକିଶୋର ପ୍ରସାଦ, ସଞ୍ଜୀବ ଚୌରାସିଆ, ହରିଭୂଷଣ ଠାକୁର, ଅରାରିଆ ଏମ୍‌ପି ପ୍ରଦୀପ ସିଂ, ଦରଭଙ୍ଗା ଏମ୍‌ପି ଗୋପାଳଜୀ ଠାକୁର, ଏମ୍‌ଏଲ୍‌ସି ଅଶୋକ ଅଗ୍ରୱାଲ, ଦିଲୀପ ଜୟସ୍ୱାଲ, ସଞ୍ଜୟ ସରଗି ଏବଂ ବିଜୟ ଖେମ୍‌କାଙ୍କୁ ୱାଇ ସୁରକ୍ଷା ଯୋଗାଇ ଦିଆଯିବ। ରାଜ୍ୟ ପୋଲିସ ସୁରକ୍ଷା ଯୋଗାଇବାରେ ଅସମର୍ଥ ହୋଇଥିବାରୁ ସିଆର୍‌ପିଏଫ୍ ଯବାନ ଭାଜପା ନେତାମାନଙ୍କୁ ସୁରକ୍ଷା ଯୋଗାଇବେ। ଅଗ୍ନିପଥ ବିରୋଧୀ ଆନ୍ଦୋଳନକୁ ନେଇ ବିହାର ଶାସକ ମେଣ୍ଟର ଦୁଇ ସହଯୋଗୀ ଭାଜପା ଏବଂ ଜେଡିୟୁ ମୁହାଁମୁହିଁ ହୋଇଛନ୍ତି। ହିଂସାତ୍ମକ ଆନ୍ଦୋଳନ ପଛରେ ନୀତୀଶଙ୍କ ଷଡ଼ଯନ୍ତ୍ର ଥିବା ଜୟସ୍ୱାଲଙ୍କ ଅଭିଯୋଗ ପରେ ଜେଡିୟୁ ରାଷ୍ଟ୍ରୀୟ ସଭାପତି ରାଜୀବ ରଞ୍ଜନ ସିଂ ଏହାର ଜବାବ ଦେଇଛନ୍ତି।


## WORKS DEPARTMENT
### OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE

No. B-283 e-mail: seec_bls@rediffmail.com

**Government of Odisha "e" Procurement Notice**

Bid Identification No. CCEEC-05/2022-23

No. 2607 Dt.08.06.2022

| | | |
|---|---|---|
| Nature of Work | : | OAV Building Works |
| Number of Works | : | 06 (Six) No Buildings |
| Amount put to tender | : | Rs.148.91 lakh to Rs.312.49 lakh |
| Class of Contractor | : | "B" Class / "A" Class/ "Special" |
| Date & time of availability of bid document in the portal | : | Dt.20.06.2022 at 10.00 A.M. |
| Last date/time of receipt of bid in the portal | : | Dt.04.07.2022 upto 05.00 P.M. |
| Date of Opening of Bid | : | Dt.05.07.2022 at 11.00 A.M. |
| Name & address of the Office Inviting Bid | : | Chief Construction Engineer, Eastern Circle (R&B), Balasore |

The bidders have to participate in ONLINE bidding only. Further details can be seen from the e-procurement portal **"http//tendersodisha.gov.in"**. All future corrigendum will be available on ONLINE mode only.

**Sd./- R. Rout, Chief Construction Engineer**
**Eastern Circle (R&B), Balasore**

OIPR-34026/11/0007/2223

## OFFICE OF THE DIVISIONAL FOREST OFFICER, KHARIAR DIVISION, KHARIAR

**At/P.O.-Khariar, Dist.- Nuapada, Odisha- 766107**
**E-mail ID- dfo.khariar@odisha.gov.in, Phone No.- 06671-224237**

**SHORT TENDER CALL NOTICE**

**Short Tender Call Notice No.191/DFOKHR/1F-Acct. Sec./ Date 16.06.2022**

No.MM-58:- Sealed tenders are invited from individuals / organisation/firms etc. for supply of Urea, NPK, Insecticide & HDPE Fibre Net Gabion with numbering plate which are required for plantation program in Khariar Forest Division during 2022-23 under different schemes for use in different plantation site of Khariar Forest Division.

The tender document can be downloaded from concerned website www.nuapada.nic.in and shall be submitted and put into Tender Box kept in the office of the undersigned or by post. The tender paper should accompany all required documents, GSTIN No. & GST clearance certificate, manufacturing licence, marketing licence and it must be submitted / put into the tender box kept in the office of the udnersigned latest by 05.00 P.M. on 27.06.2022. A Demand Draft drawn in favour of Divisional Forest Officer, Khariar for Rs.1,180/- (Rupees one thousand one hundred eighty) only as non-refundable amount is to be attached with tender towards cost of tender paper or else the tenders shall be rejected.

| Sl. No. | Name of the component | Date & time |
|---|---|---|
| 01 | Sale of tender document | 17.06.2022 to 27.06.2022 upto 05.00 P.M. |
| 02 | Last date for submission of sealed tender document | 27.06.2022 by 05.00 P.M. |
| 03 | Date & time of opening of tender paper | 28.06.2022 at 11.00 A.M. |

**Sd./- Divisional Forest Officer, Khariar Division**

OIPR-08029/11/0002/2223

## OFFICE OF THE DIRECTOR OF HANDICRAFTS, ODISHA, BHUBANESWAR

**1st Floor, HoD Building, Unit - V, Bhubaneswar**

No. PP-15 **Telephone: 0674-2396745**

**E-mail ID: dhciori@gmail.com**

**Letter No. 2666** **Dated: 17.06.2022**

**Required Retired Persons for the following Posts**

1. 06 (Six) Numbers of OSD against vacant Assistant Section Officer Posts for Directorate of Handicrafts, Odisha. The remuneration shall be Rs.13000/- per month.
2. 29 (Twenty Nine) number of Consultant against vacant Junior Assistant posts to work under the Assistant Director (Handicrafts) (except in Khurda). The remuneration shall be Rs.12000/- per month.

For details please visit this Directorate website **https://crafts.odisha.gov.in**.

**Sd./- Director**

**OIPR-31034/11/0010/2223**

## Government of Odisha
## Department of Panchayatiraj
## Office of the Panchayat Samiti, Bhadrak
### Invitation of Bids (IFB)
### Bid Identification No. PSB-02/2022-23

No.i-45:- Bid documents consisting of work, estimate amount for put to tender, cost of tender paper, EMD, time of completion, class of contractor, the set of terms & conditons of contract and other necessary documents can be seen from the Office of the Block Development Officer, Bhadrak.

| | | |
|---|---|---|
| 1. Name of the work | : | Building projects |
| 2. No. of works | : | 1 No. of individual packages |
| 3. Estimated cost for put to tender | : | 57.47 lakhs |
| 4. Period of completion | : | 11 (Eleven) calendar months each |
| 5. Date & time of availability of bid documents | : | From 16.06.2022, 10.00 A.M. to 30.06.2022, 5.00 P.M. |
| 6. Date & time for receipt of bids in the mark tender box | : | From 16.06.2022, 10.00 A.M. to 30.06.2022 at 3.30 P.M. |
| 7. Date of opening of bids | : | 02.07.2022, 3.30 P.M. |
| 8. Class of contractor | : | 'C' above |
| 9. Name of the officer inviting bids | : | Block Development Office, Bhadrak |

Further details can be seen from the Office of the Block Development Office, Bhadrak. Any addendum/ corrigendum / cancellation of tender can also be seen office of the undersigned. The details of notice available on www.bhadrak.nic.in.

**Sd./- Block Development Officer, Bhadrak**

OIPR-19211/11/0001/2223

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
### (ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
### ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
### ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 10146/IND-II-PH-824 ତାରିଖ 10.06.2022

No. CAD-808

### ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ଓଡ଼ିଶା ମିନେରାଲ୍‌ସ ଡେଭ୍‌ଲପମେଣ୍ଟ କମ୍ପାନୀ ଲିମିଟେଡ, ଓଡ଼ିଶାର କେନ୍ଦୁଝର ଜିଲ୍ଲା, ବଡ଼ବିଲ ତହସିଲ ଅନ୍ତର୍ଗତ ଉଲିଗୁରୁ ଗ୍ରାମରେ ୨୧.୫୨ ହେକ୍ଟର ପରିମିତ ଖଣି ଅଞ୍ଚଳରେ ସ୍ଥିତ ବାଗିଆବୁରୁ ଲୌହ ଖଣିରୁ ବାର୍ଷିକ ୩.୬ ଏଲଟିପିଏ ଉତ୍ପାଦନ କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ 'ସର୍ବସାଧାରଣ ଶୁଣାଣି' ତା୦୪।୦୫।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା ବଡ଼ବିଲ ଗ୍ରାମରେ U.No.7, ଖାତା ନଂ. ୪୮୩, ପ୍ଲଟ୍ ନଂ. ୧୩୪୩/୧୭୭୨ଠାରେ ହେବାକୁ ଧାର୍ଯ୍ୟ ହୋଇଥିଲା । ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା: 'The New Indian Express' ଏବଂ 'ଧରିତ୍ରୀ'ରେ ତା୨୭।୦୩।୨୦୨୧ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା । କିନ୍ତୁ କୋଭିଡ୍ ସଂକ୍ରମଣ ବୃଦ୍ଧି ଯୋଗୁ ରାଜ୍ୟ ସରକାରଙ୍କ ଦ୍ୱାରା ଜନସମାଗମ ଉପରେ ଜାରି କରାଯାଇଥିବା ପ୍ରତିବନ୍ଧକ ଯୋଗୁ ତା୦୪।୦୫।୨୦୨୧ରିଖ ଦିନ ହେବାକୁ ଥିବା ସର୍ବସାଧାରଣ ଶୁଣାଣିକୁ ସ୍ଥଗିତ ରଖାଯାଇଥିଲା । ଉକ୍ତ ସର୍ବସାଧାରଣ ଶୁଣାଣି ତା୨୧।୦୭।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା ବଡ଼ବିଲ ଗ୍ରାମ (U.No.7, ଖାତା ନଂ. ୪୮୩, ପ୍ଲଟ୍ ନଂ. ୧୩୪୩/୧୭୭୨, କିସମ – ଘରବାରି-II, ୪୪୦ ଏକର) ଠାରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୧।୦୭।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ **କେନ୍ଦୁଝର ଜିଲ୍ଲା, ବଡ଼ବିଲ ଗ୍ରାମ (U. No.7, ଖାତା ନଂ. ୪୮୩, ପ୍ଲଟ୍ ନଂ. ୧୩୪୩/୧୭୭୨, କିସମ- ଘରବାରି-II, ୪୪୦ ଏକର)**ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କେନ୍ଦୁଝର।**
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କେନ୍ଦୁଝର।**
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କେନ୍ଦୁଝର।**
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କେନ୍ଦୁଝର।**
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **କେନ୍ଦୁଝର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ

OIPR-08012/11/0105/2223

## ସଂକ୍ଷେପରେ

### ବଳାତ୍କାରୀ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ ଜେଲ

ବ୍ରହ୍ମପୁର ଅଫିସ,୧୮।୬: ଗଞ୍ଜାମ ଜିଲା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ ପୋକ୍ସୋ ଜଜ୍ ଗୁରୁପ୍ରସାଦ ସାହୁ ଶନିବାର ଏକ ବଳାତ୍କାର ମାମଲାରେ ବାବୁ ଦାସଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୨୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କ ଥଇଥାନ ନିମନ୍ତେ ତାଙ୍କୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ଜଜ୍‌ଙ୍କ ନିର୍ଦ୍ଦେଶ ରହିଛି। ୨୦୧୫ ଜୁଲାଇ ୨୨ରେ ଜଣେ ନାବାଳିକା ସ୍କୁଲ ଯାଉଥିବା ବେଳେ ତାଙ୍କୁ ରାସ୍ତାରୁ ଅପହରଣ ପରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ଗଞ୍ଜାମ ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାରେ ବାବୁ ଓ ତାଙ୍କ ମା'ଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଥାନାଧିକାରୀ ଅଜୟ କୁମାର ମିଶ୍ର କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ।

### ବୃଦ୍ଧାଙ୍କ ସନ୍ଦେହଜନକ ମୃତ୍ୟୁ

**କଟାଯାଇଛି ତଣ୍ଟି, ପୁଅ ଅଟକ**

**ଅନୁଗୋଳ ଅଫିସ/ତାଳଚେର(ନି.ପ୍ର.), ୧୮।୬:** ଅନୁଗୋଳ ଜିଲା ତାଳଚେର ବ୍ଲକ କଲିଆରୀ ଥାନା ଘଣ୍ଟପଡ଼ା ଗ୍ରାମରେ ଶୁକ୍ରବାର ରାତିରେ ଘଟିଛି ଅଭାବନୀୟ ଘଟଣା। ଏକ ଘର ଭିତରୁ ତଣ୍ଟିକଟା ଯାଇଥିବା ଅବସ୍ଥାରେ ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରାଯାଇଥିବାବେଳେ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଏହି ଘଟଣାରେ ସନ୍ଦେହ ବଳୟକୁ ଆସିଛନ୍ତି ମୃତା ମହିଳାଙ୍କ ପୁଅ। ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ଅଭିଯୁକ୍ତ ପୁଅ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ କି ନା ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି। ମୃତା ମହିଳା ହେଲେ ଜୁଲେଇ ବିଶ୍ୱାଳ (୬୨)। ଶୁକ୍ରବାର ରାତିରେ ଟିଭି ଦେଖୁଥିବାବେଳେ କେହି ଜଣେ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ତଣ୍ଟି କାଟି ଦେଇଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନେହେରୁ ଶତାବ୍ଦୀ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ପୁଣି ଲାଗୁହେଲା ମହାମାରୀ ଆଇନ

ଭୁବନେଶ୍ୱର,୧୮।୬(ବ୍ୟୁରୋ)

ରାଜ୍ୟରେ ଦିନକୁ ଦିନ କୋଭିଡ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ସଂକ୍ରମଣକୁ ଆଖିରେ ରଖି ରାଜ୍ୟ ସରକାର ପୁଣିଥରେ ମହାମାରୀ ଆଇନ ଶନିବାର ଲାଗୁ କରିଛନ୍ତି। କୋଭିଡ୍ ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ୨୦୨୦ ମାର୍ଚ୍ଚ ୧୩ ତାରିଖରେ ଏହାକୁ ମହାମାରୀ ଭାବେ ରାଜ୍ୟ ସରକାର ଘୋଷଣା କରିଥିଲେ। ସଂକ୍ରମଣ ମାମଲା ହ୍ରାସ ପାଇବା ପରେ ଗତ ମାର୍ଚ୍ଚ ୨୮ରେ ରାଜ୍ୟ ସରକାର ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ରୁ 'କୋଭିଡ୍'କୁ ମହାମାରୀରୁ ବାଦ୍ ଦେବା ନେଇ ବିଜ୍ଞପ୍ତି ଜାରି କରିଥିଲେ।

ସ୍ୱାସ୍ଥ୍ୟ ବିଭାଗରୁ ମିଳୁଥିବା ସୂଚନାନୁସାରେ, ଗତ ୨୪ଘଣ୍ଟା ମଧ୍ୟରେ ରାଜ୍ୟରେ ୩୮ଜଣ ନୂଆ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିରେ ଖୋର୍ଦ୍ଧାରୁ ୨୭ଜଣ ହୋଇଥିବା ବେଳେ ପୁରୀରୁ ୩, କଟକରୁ ୨ ଓ ରାଜ୍ୟ ପୁଲ୍‌ରୁ ୬ଜଣ ରହିଛନ୍ତି। ରାଜ୍ୟରେ ଏବେ ୨୦୨ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୋଭିଡ୍ ସଂକ୍ରାନ୍ତ ମାନବସମ୍ବଳ ବାବଦ ଖର୍ଚ୍ଚକୁ ପବ୍ଲିକ ହେଲଥ ରେସପନ୍ସ ଫଣ୍ଡ (ପିଏଚ୍‌ଆର୍‌ଏଫ୍)ରୁ ତୁଲାଇବାକୁ ଜିଲାପାଳମାନଙ୍କୁ କୁହାଯାଇଛି। ଓଡ଼ିଶା ରାଜ୍ୟ ଔଷଧ ନିଗମ ପ୍ରତିମାସରେ ନିଜର ଚେନ୍ ମାଧ୍ୟମରେ ଜିଲାଗୁଡ଼ିକୁ ରାପିଡ୍ ଆଣ୍ଟିଜେନ୍ କିଟ୍, ଭିଟିଏମ୍ ଓ ଆର୍‌ଟିପିସିଆର୍ କିଟ୍ ଯୋଗାଣ ସୁନିଶ୍ଚିତ କରିବେ। ଯଦି ଜିଲାସ୍ତରରେ ଏହି ଉପକରଣ ଅଭାବ ପଡ଼େ ତା'ହେଲେ ସମ୍ପୃକ୍ତ ଔଷଧ ନିଗମର ଜେନେରାଲ ମ୍ୟାନେଜରଙ୍କ ସହ ଯୋଗାଯୋଗ କରି ଭୁବନେଶ୍ୱରକୁ ଗାଡ଼ି ପଠାଇ ଏସବୁ ଉପକରଣ ସଂଗ୍ରହ କରିବାକୁ ସ୍ୱାସ୍ଥ୍ୟ ବିଭାଗ କହିଛି। କୋଭିଡ୍ ସର୍ଭିଲାନ୍ସ ଓ ଟେଷ୍ଟିଂ ପାଇଁ ପ୍ରତ୍ୟେକ ଜିଲାରେ ଗୋଟିଏ ଗାଡ଼ି (୬ ବ୍ଲକରୁ ଅଧିକ ହେଲେ ୨ଟି ଗାଡ଼ି) ନିୟୋଜିତ କରିବାକୁ ବିଭାଗ କହିଛି। ଅନ୍ୟ ଗାଡ଼ିଗୁଡ଼ିକ ଜିଲା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଅନୁସାରେ ଉପଯୋଗ ହେବ। ଯଦି ଅଧିକ ସଂଖ୍ୟକ ଗାଡ଼ି ଭଡ଼ାରେ ଆସିଥିବ ସେଗୁଡ଼ିକୁ ତୁରନ୍ତ ହଟାଇବାକୁ କୁହାଯାଇଛି।

ଜିଲାଗୁଡ଼ିକରେ ସଂକ୍ରମଣ ମାମଲା ବୃଦ୍ଧି ପାଇବାର ଆଶଙ୍କାକୁ ଦୃଷ୍ଟିରେ ରଖି ଆଇସିଏମ୍‌ଆର୍ ଗାଇଡଲାଇନ୍ ଅନୁସାରେ ଆବଶ୍ୟକ ସଂଖ୍ୟକ ଟେଷ୍ଟିଂ କରିବାକୁ କୁହାଯାଇଛି। ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ ଓ ଆର୍‌ଟିପିସିଆର୍ ଟେଷ୍ଟ ନିମନ୍ତେ ସ୍ୱାବ ସଂଗ୍ରହର ସୁବିଧା ସହ ଏ ନେଇ କର୍ମଚାରୀଙ୍କୁ ପ୍ରଶିକ୍ଷିତ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାସ୍ତରରେ ସମସ୍ତ କୋଭିଡ୍ ସଂକ୍ରାନ୍ତ ତଥ୍ୟ ଅନ୍‌ଲାଇନରେ ଅପଲୋଡ୍ ଜାରି ରଖିବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ବିଭାଗର କୋଭିଡ୍ ସଂକ୍ରାନ୍ତ ଦୈନିକ ଟୁଇଟ୍ ଓ ପ୍ରେସ୍ ନୋଟ୍ ଜାରି ରହିବ। ଗାଇଡଲାଇନ୍ ଅନୁସାରେ କୋଭିଡ୍ ମୃତ୍ୟୁ ଅଡିଟ୍ ଜାରି ରଖିବା ସହିତ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମହାମାରୀ ଆଇନ ବଳବତ୍ତର ରହିବା ନେଇ ସ୍ୱାସ୍ଥ୍ୟ ବିଭାଗ ତା'ର ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛି।

## ୮୨୨ମିଟର ଉଚ୍ଚରେ କୁମ୍ଭୀର

ବାରିପଦା ଅଫିସ, ୧୮।୬



ମୟୂରଭଞ୍ଜ ଜିଲା ଶିମିଳିପାଳ ଜୈବମଣ୍ଡଳ ଉପର-ବାରାହାକାମୁଡ଼ା ରେଞ୍ଜଠାରେ ସ୍ୱତନ୍ତ୍ର ପ୍ରଜାତିର କୁମ୍ଭୀର ରହୁଥିବା ଜଣାପଡ଼ିଛି। ଏଭଳି ସୂଚନା ଅଭୟାରଣ୍ୟ ପାଇଁ ଶୁଭଙ୍କର ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଟି. ଅଶୋକ କୁମାର ପ୍ରକାଶ କରିଛନ୍ତି। ଏହି ସ୍ଥାନଟି ସମୁଦ୍ରପତ୍ତନ ଠାରୁ ପାଖାପାଖି ୮୨୨ମିଟର ଉଚ୍ଚରେ ଅବସ୍ଥିତ। ଆଜି ପର୍ଯ୍ୟନ୍ତ ଭାରତର କୌଣସି ଏତେ ଉଚ୍ଚ ସ୍ଥାନରେ କୁମ୍ଭୀର ଦେଖାଯାଇ ନ ଥିବାବେଳେ ଏହା ପ୍ରଥମ ବୋଲି ସେ କହିଛନ୍ତି। କିଛିଦିନ ପୂର୍ବରୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କର୍ମଚାରୀମାନେ ପାଟ୍ରୋଲିଂ କରୁଥିବାବେଳେ ଏହି ମଗର ପ୍ରଜାତିର କୁମ୍ଭୀରକୁ ଦେଖିବାକୁ ପାଇଥିଲେ। ୨୦୦୦ ମସିହାରେ ଶିମିଳିପାଳ ଜୈବମଣ୍ଡଳରୁ ବାହାରିଥିବା ବିଭିନ୍ନ ନଦୀ ଓ ନାଳଗୁଡ଼ିକରେ ଯଶିପୁର କୁମ୍ଭୀର ପ୍ରଜନନ କେନ୍ଦ୍ରରୁ କିଛି କୁମ୍ଭୀର ଶାବକଙ୍କୁ ନେଇ ଛଡ଼ାଯାଇଥିଲା। ସମୟକ୍ରମେ ଏହି କୁମ୍ଭୀରଙ୍କ ବଂଶ ବିସ୍ତାର ହେବା ସହ ଉତ୍ତମ ଜଳବାୟୁ ଓ ପରିବେଶରେ ସେମାନେ ବଞ୍ଚିପାରିଛନ୍ତି। ସର୍ବୋଚ୍ଚ ସ୍ଥାନରେ କୁମ୍ଭୀର ବାସ କରିବା ଦେଶରେ ଏହା ଏକ ରେକର୍ଡ ବୋଲି କୁହାଯାଉଛି।

## ବରଗଡ଼ରେ ପ୍ରାଚୀନ ସଭ୍ୟତାର ସଂରକ୍ଷଣ ଦାୟିତ୍ୱ ନେଉ ଏଏସ୍‌ଆଇ

**କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି**

ଭୁବନେଶ୍ୱର,୧୮।୬(ବ୍ୟୁରୋ)

ବରଗଡ଼ ଜିଲା ବରପାଲି ବ୍ଲକରେ ସନ୍ଧାନ ହୋଇଥିବା ୨ ହଜାର ବର୍ଷ ତଳ ପ୍ରାଚୀନ ସଭ୍ୟତାର ପୁନରୁଦ୍ଧାର ଏବଂ ସଂରକ୍ଷଣ ଦାୟିତ୍ୱ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ(ଏଏସ୍‌ଆଇ)କୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେବାକୁ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କୁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଚିଠି ଲେଖିଛନ୍ତି।

ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଦ୍ୱାରା ଏହି ପୁରାତନ ସଭ୍ୟତାର ଆବିଷ୍କାର ହୋଇଛି। ମେ' ୩୧ ତାରିଖରେ ଏକ ବିଶେଷଜ୍ଞ ଦଳ ନେତୃତ୍ୱରେ ୬୦ ଜଣ ଛାତ୍ରୀଛାତ୍ର, ରିସର୍ଚ୍ଚ ସ୍କଲାର ଏବଂ ଇତିହାସ ବିଭାଗର ପ୍ରାଧ୍ୟାପକ ଉକ୍ତ ସ୍ଥାନରେ ଖନନ କାର୍ଯ୍ୟ ଆରମ୍ଭ କରିଥିଲେ। ୧୭ ହେକ୍ଟର ପରିମିତ ଜାଗାରେ ଅନେକ ମୂଲ୍ୟବାନ ମନୁଷ୍ୟକୃତ ସାମଗ୍ରୀ ଏବଂ ପୁରାତନ ସଭ୍ୟତାର ଅଂଶବିଶେଷ ମିଳିଛି। ଖନନ ସ୍ଥଳରୁ ମିଳିଥିବା ସାମଗ୍ରୀ ପ୍ରାୟ ୨ ହଜାର ବର୍ଷ ପୂର୍ବର ବୋଲି ଜଣାପଡ଼ିଛି। ମିଳିଥିବା ପ୍ରାଚୀନ ଅଂଶବିଶେଷରୁ ଜଣାପଡୁଛି ଉକ୍ତ ସ୍ଥାନଟି ପୂର୍ବ କାଳରେ ଏକ ପ୍ରତିଷ୍ଠିତ ବାଣିଜ୍ୟ କେନ୍ଦ୍ର ଥିଲା। ଆଗକୁ ଖନନ ଜାରି ରହିଲେ ଆହୁରି ଅନେକ ରହସ୍ୟ ଉନ୍ମୋଚିତ ହୋଇପାରିବ।

ଏଭଳି ଏକ ବୃହତ୍ ପ୍ରାଚୀନ ସଭ୍ୟତାର ସନ୍ଧାନ ମିଳିବା ବିରଳ ଏବଂ ଅତ୍ୟନ୍ତ ସମ୍ବେଦନଶୀଳ। ଐତିହାସିକ ଗୁରୁତ୍ୱ ଏବଂ ସମ୍ଭାବ୍ୟ ରହସ୍ୟ ଉନ୍ମୋଚନ ହେବା ଦୃଷ୍ଟିରୁ ଏଏସ୍‌ଆଇକୁ ଏହି ପ୍ରତ୍ନତାତ୍ତ୍ୱିକ ସ୍ଥଳକୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀ ରେଡ୍ଡୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ଏହି ପ୍ରାଚୀନ ସଭ୍ୟତାର ଅନୁସନ୍ଧାନ ପାଇଁ ଏଏସ୍‌ଆଇ ଦାୟିତ୍ୱ ନେଲେ ଖନନ କାର୍ଯ୍ୟ, ପରୀକ୍ଷା ନିରୀକ୍ଷା, ସମୀକ୍ଷା ଉନ୍ନତଧରଣ ହୋଇପାରିବ ବୋଲି ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି।

# ବହୁ ଟ୍ରେନ୍ ରଦ୍ଦ, ଦିଗ ପରିବର୍ତ୍ତନ

**ଅଗ୍ନିପଥ ବିରୋଧୀ ଆନ୍ଦୋଳନ**



- ହଟହଟା ଯାତ୍ରୀ
- ଯାଜପୁର-କେନ୍ଦୁଝରରୋଡ୍ ଷ୍ଟେଶନରେ ଆର୍‌ପିଏଫ୍‌ର ଫ୍ଲାଗମାର୍ଚ୍ଚ

ଯାଜପୁର ଅଫିସ,୧୮।୬

ଅଗ୍ନିପଥ ଯୋଜନାରେ ସେନାରେ ଅଗ୍ନିବୀର ନିଯୁକ୍ତି ପ୍ରତିବାଦରେ ଦେଶରେ ଆନ୍ଦୋଳନ କ୍ରମଶଃ ଉଗ୍ର ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଶନିବାର ପୂର୍ବତଟ ରେଳପଥ ଅନ୍ତର୍ଗତ ବିଭିନ୍ନ ଯାତ୍ରୀବାହୀ ଟ୍ରେନ ଆଂଶିକ ରଦ୍ଦ ଓ ଦିଗ ପରିବର୍ତ୍ତନ ହୋଇଛି। ସୂଚନା ଅନୁଯାୟୀ ୦୮୪୩୯ ପୁରୀ-ପାଟନା ଏକ୍ସପ୍ରେସ, ୦୮୫୨୨ ବିଶାଖାପାଟଣା-ଗୁଣପୁର ସ୍ପେଶାଲ, ୦୮୫୨୧ ଗୁଣପୁର-ବିଶାଖାପାଟଣା ସ୍ପେଶାଲ, ୧୮୫୫୧ ବିଶାଖାପାଟଣା-କିରାଣ୍ଡୁଲ ଏକ୍ସପ୍ରେସ, ୧୭୨୪୦ ବିଶାଖାପାଟଣା-ଗୁଣ୍ଟୁର ସୀମାଦ୍ରି ଏକ୍ସପ୍ରେସ, ୧୨୮୦୭ ବିଶାଖାପାଟଣା-ନିଜାମୁଦ୍ଦିନ ସମତା ଏକ୍ସପ୍ରେସ, ୨୨୮୧୯ ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ, ୨୨୮୨୦ ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି, ୧୭୦୧୫ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ, ୧୭୨୬୮ ବିଶାଖାପାଟଣା-କାକିନାଡା ପୋର୍ଟ ଏକ୍ସପ୍ରେସ, ୨୨୮୦୫ ଭୁବନେଶ୍ୱର-ଆନନ୍ଦବିହାର ସୁପରଫାଷ୍ଟ ଭାୟା ସମ୍ବଲପୁର ସିଟି, ୧୮୩୦୯ ସମ୍ବଲପୁର-ଜମ୍ମୁ ତାୱି ଏକ୍ସପ୍ରେସ, ୧୨୮୧୫ ପୁରୀ-ଆନନ୍ଦବିହାର-ନନ୍ଦନକାନନ ଏକ୍ସପ୍ରେସ, ୧୨୮୦୧ ପୁରୀ-ନୂଆଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସ, ୧୨୮୧୬ ଆନନ୍ଦବିହାର-ପୁରୀ-ନନ୍ଦନକାନନ ଏକ୍ସପ୍ରେସ, ୧୮୪୨୦ ଜୟନଗର-ପୁରୀ ଏକ୍ସପ୍ରେସ, ୧୭୨୬୭ କାକିନାଡା ପୋର୍ଟ-ବିଶାଖାପଟନମ ଏକ୍ସପ୍ରେସ୍‌କୁ ଶନିବାରଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ରଦ୍ଦ କରାଯାଇଛି। ସେହିପରି ୧୮୫୫୧ କିରାଣ୍ଡୁଲ-ବିଶାଖାପାଟଣା ଏକ୍ସପ୍ରେସ ଓ ୧୭୦୧୫ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ, ୦୮୪୪୦ ପାଟନା-ପୁରୀ ଏକ୍ସପ୍ରେସ, ୧୭୨୩୯ ଗୁଣ୍ଟୁର-ବିଶାଖାପାଟଣା ସୀମାଦ୍ରି ଏକ୍ସପ୍ରେସ ରବିବାରଠାରୁ ରଦ୍ଦ କରାଯାଇଛି। ୨୦୮୨୩ ପୁରୀ-ଆଜମେର ଏକ୍ସପ୍ରେସ, ୧୨୮୦୮ ନିଜାମୁଦ୍ଦିନ-ବିଶାଖାପାଟଣା ସମତା ଏକ୍ସପ୍ରେସ, ୨୨୮୦୬ ଆନନ୍ଦବିହାର-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ ୨୦ ତାରିଖ ଏବଂ ୨୦୮୨୪ ଆଜମେର-ପୁରୀ ଏକ୍ସପ୍ରେସ ୨୩ ତାରିଖରୁ ରଦ୍ଦ ହୋଇଛି। ସେହିପରି ପୂର୍ବତଟ ରେଳପଥ ଦେଇ ଅତିକ୍ରମ କରୁଥିବା ଟ୍ରେନଗୁଡିକ ଯଥା ୧୨୨୫୩ ଯଶବନ୍ତପୁର-ଭାଗଲପୁର ଏକ୍ସପ୍ରେସ ୧୮ ତାରିଖ, ୨୨୬୪୩ ଏର୍ନାକୁଲମ-ପାଟନା ଏକ୍ସପ୍ରେସ ୨୦ ତାରିଖ, ୧୮୦୪୫ ସାଲିମାର-ସିକନ୍ଦରାବାଦ ଏକ୍ସପ୍ରେସ ୧୯ ତାରିଖ ଚଳାଚଳ ରଦ୍ଦ ହୋଇଛି। ପୂର୍ବତଟ ରେଳପଥ ଡିଭିଜନରୁ ଛାଡୁଥିବା ୩ ପ୍ରମୁଖ ଟ୍ରେନ ବିଶାଖାପାଟଣା ସ୍ଥଳେ ଅନକାପାଲିଠାରୁ ଛାଡ଼ିବ। ଏହାବାଦ ୧୦ଟି ପ୍ରମୁଖ ବାଉଣ୍ଡ ଟ୍ରେନ ଆଂଶିକ ଭାବେ ରଦ୍ଦ କରାଯାଇଛି। ଅନ୍ୟପକ୍ଷେ ୮ଟି ଟ୍ରେନ, ଯାହାକି ବିଶାଖାପାଟଣା ଦେଇ ଯିବା କଥା ତାହା ଦିଗ ପରିବର୍ତ୍ତନ କରି ଉତ୍ତର ସୀମାଞ୍ଚଳମ ଓ ଦୁଭାଡ଼ା ଦେଇ ଅତିକ୍ରମ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଅଗ୍ନିପଥ ଯୋଜନା ବିରୋଧୀ ଆନ୍ଦୋଳନ ଯୋଗୁ ଟ୍ରେନ ଯାତ୍ରୀଙ୍କୁ ହଟହଟା ହେବାକୁ ପଡୁଛି। ଅନ୍ୟପକ୍ଷରେ ହିଂସାକୁ ଦୃଷ୍ଟିରେ ରଖି ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନରେ ଆର୍‌ପିଏଫ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି।

## ଫୁର୍‌ସତ୍

### ହେଲିକପ୍ଟର ପାଇଁ ୬.୬ କୋଟିର ଋଣ





**ମୁମ୍ବାଇ:** ଭାରତ ଏକ କୃଷି ପ୍ରଧାନ ଦେଶ। ଅଧିକାଂଶ ଲୋକ ଏଠାରେ କୃଷି ଉପରେ ନିର୍ଭର କରନ୍ତି। କିନ୍ତୁ ବର୍ତ୍ତମାନ ସମୟରେ କୃଷି ଉପରୁ ଲୋକେ ମୁହଁ ଏଡ଼ାଇବା ଆରମ୍ଭ କରିଛନ୍ତି। ଏହା ପଛର କାରଣ ହେଉଛି ଅର୍ଥାଭାବ ଏବଂ ଅନିୟମିତ ବର୍ଷା। ତେବେ ମହାରାଷ୍ଟ୍ର ଟାକଟୋଡ଼ା ଗ୍ରାମର ଯୁବଚାଷୀ କୈଳାସ ପଟାଙ୍ଗେ ଚାଷ ଛାଡ଼ି ଏବେ ବ୍ୟବସାୟ କରିବାକୁ ମନ ବଳାଇଛନ୍ତି। ତା' ପୁଣି କୌଣସି ଛୋଟିଆ ବ୍ୟବସାୟ ନୁହେଁ। କୈଳାସ ହେଲିକପ୍ଟର କିଣି ତାକୁ ଭଡ଼ା ଲାଗାଇବେ। ଏଥିପାଇଁ ସେ ବ୍ୟାଙ୍କରୁ ୬.୬ କୋଟି ଟଙ୍କାର ଋଣ ଆଣିବା ପାଇଁ ଆବେଦନ କରିଛନ୍ତି।

୨ ଏକର ଜମିର ମାଲିକ ହେଉଛନ୍ତି କୈଳାସ। ଅନିୟମିତ ବର୍ଷା ପାଇଁ ଫସଲ ସବୁ ନଷ୍ଟ ହେବାଯୋଗୁ ବିରାଟ କ୍ଷତି ସହିବାକୁ ପଡ଼ିଥିବା ସେ କହିଛନ୍ତି। ବର୍ତ୍ତମାନ ଚାଷରେ ଅଧିକ ଅର୍ଥ ବ୍ୟୟ କରିବାକୁ ପଡୁଥିବାବେଳେ ତା' ଅନୁସାରେ ଲାଭ ମିଳୁନାହିଁ ବରଂ ବ୍ୟୟର ଦ୍ୱିଗୁଣା କ୍ଷତି ସହିବାକୁ ପଡୁଥିବା ସେ କହିଛନ୍ତି। ସବୁ ପ୍ରକାର ବ୍ୟବସାୟରେ ପ୍ରତିଯୋଗିତା ଲାଗି ରହିଛି। ବିନା ପ୍ରତିଦ୍ୱନ୍ଦ୍ୱୀରେ ଲାଭବାନ ହେବାପାଇଁ ହେଲିକପ୍ଟର କିଣି ତାକୁ ଭଡ଼ା ଲଗାଇବା ବ୍ୟବସାୟକୁ କୈଳାସ ବାଛିଥିବା କହିଛନ୍ତି।

### ଗଭୀର ସମୁଦ୍ରରେ ପରିଣୀତି



ପରିଣୀତି ଚୋପ୍ରା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ଗଭୀର ସମୁଦ୍ରରେ ଥିବା ଦେଖିବାକୁ ମିଳିଛି। ଜଣେ ସ୍କୁବା ଡାଇଭିଙ୍ଗ୍ ଇନ୍‌ଷ୍ଟ୍ରକ୍ଟର ଭାବେ ସେ ବେଶ୍ ଜଣାଶୁଣା। ଜାରି ଭିଡିଓରେ ନାୟିକା ଜଣଙ୍କ ଗଭୀର ସାଗର ଭିତରୁ ବ୍ୟବହୃତ କପଡ଼ା, ମାସ୍କ, ବର୍ଯ୍ୟବସ୍ତୁ, ପ୍ଲାଷ୍ଟିକ୍ ଗୋଟାଉଥିବାର ଦେଖିବାକୁ ମିଳିଛି। ଭିଡିଓ ଦେଖି ପରିଣୀତିଙ୍କ ଫ୍ୟାନ୍ସ ତାଙ୍କୁ ଖୁବ୍ ପ୍ରଶଂସା କରିଛନ୍ତି। ସମୁଦ୍ରକୁ ବର୍ଜ୍ୟବସ୍ତୁ ମୁକ୍ତ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ଏକଜୁଟ ହେବା ପାଇଁ ସେ ନିଜ କ୍ୟାପ୍‌ସନ୍‌ରେ ଲେଖିଛନ୍ତି। ପ୍ରତିବର୍ଷ ୧୪ ମିଲିୟନ୍ ବର୍ଜ୍ୟବସ୍ତୁ ସମୁଦ୍ରରୁ ବାହାରୁଥିବାବେଳେ ଏଥିରେ ଅଧିକ ପରିମାଣର ପ୍ଲାଷ୍ଟିକ୍ ମହଜୁଦ ରହିଛି। ଏହାଦ୍ୱାରା ସମୁଦ୍ରରେ ରହୁଥିବା ଅସଂଖ୍ୟ ଜୀବଜନ୍ତୁଙ୍କ ଜୀବନ ପ୍ରଭାବିତ ହେବାର ଆଶଙ୍କା ରହିଛି। ଡାଇଭ୍ ଏଗେଷ୍ଟ ଡେବ୍ରିସ୍ ପ୍ରୋଗ୍ରାମ ଜରିଆରେ ୯୦ ହଜାର ପର୍ଯ୍ୟଟନ ସମୁଦ୍ରରୁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ବର୍ଜ୍ୟବସ୍ତୁ ବାହାର କରିଛନ୍ତି। ପରିଣୀତି ଏବେ ନିଜର ଆଗାମୀ ପ୍ରୋଜେକ୍ଟରେ ବ୍ୟସ୍ତ। ଆସନ୍ତା ଦିନରେ ତାଙ୍କ ଅଭିନୀତ ଫିଲ୍ମ 'ଉଞ୍ଚାଇ' ରିଲିଜ୍ ହେବାକୁ ଥିବାବେଳେ ଏଥିରେ ଅନୁପମ ଖେର, ଅମିତାଭ ବଚ୍ଚନ ଏବଂ ବୋମନ ଇରାନୀ ପ୍ରମୁଖ କଳାକାର ଦେଖାଯିବେ। ଅନ୍ୟପଟେ ଗାୟକ ତଥା ଅଭିନେତା ହାର୍ଡି ସନ୍ଧୁଙ୍କ ସହ ଏକ ଆକ୍ସନ୍ ଥ୍ରିଲର ଫିଲ୍ମରେ ପରିଣୀତି ଦେଖାଯିବେ।

### ଓଲଟା ବୁଲୁଥିବା ଗୋଣ୍ଡୱାନା ଘଣ୍ଟା



**ରାୟପୁର:** ଛତିଶଗଡ଼ ଆଦିବାସୀ ସମ୍ପ୍ରଦାୟ ଲୋକେ ଓଲଟା ଘଣ୍ଟା ବ୍ୟବହାର କରନ୍ତି। ସେମାନଙ୍କ ଘଣ୍ଟାରେ ୧୨ଟା ପରେ ଗୋଟେ ନୁହେଁ ବରଂ ୧୧ଟା ବାଜେ। ଏହି ଘଣ୍ଟାକୁ ଗୋଣ୍ଡୱାନା କ୍ଲକ୍ ବୋଲି କୁହାଯାଏ। ଗୋଣ୍ଡ ଆଦିବାସୀ ସମ୍ପ୍ରଦାୟ କୋର୍ବା ଜିଲାର ଆଦିବାସୀ ଶକ୍ତି ପୀଠ ସହ ସଂଲଗ୍ନ। ପୃଥିବୀ ଡାହାଣରୁ ବାମ ଓଲଟା ଭାବେ ଘୂରୁଥିବାବେଳେ ଚନ୍ଦ୍ର ମଧ୍ୟ ପୃଥିବୀ ଚାରିପାଖେ ଓଲଟା ଦିଗରେ ଗତି କରୁଛି। ସୌରଜଗତ ଏବଂ ପ୍ରକୃତିର ନିୟମ ଏବଂ ଗୁଣ ବିପରୀତଗାମୀ ହୋଇଥିବାବେଳେ ପ୍ରକୃତିର ନିୟମ ଅନୁଯାୟୀ ସେମାନଙ୍କ ଘଣ୍ଟା କଣ୍ଟା ବୁଲୁଥିବା ଗୋଣ୍ଡ ସମ୍ପ୍ରଦାୟର ବିଶ୍ୱାସ ରହିଛି। ଖାଲି ଘଣ୍ଟାକଣ୍ଟା ନୁହେଁ ବିବାହ ସମୟରେ ବର, କନ୍ୟା ଅଗ୍ନିର ଚାରିପାଖେ ଓଲଟା ବୁଲୁଥିବାର ଦେଖିବାକୁ ମିଳିଛି। ଗୋଣ୍ଡ ସମ୍ପ୍ରଦାୟକୁ ଛାଡ଼ିଦେଲେ ସେଠାରେ ରହୁଥିବା ଅନ୍ୟ ୨୯ ପ୍ରକାର ଆଦିବାସୀ ସମ୍ପ୍ରଦାୟ ଉକ୍ତ ଗୋଣ୍ଡୱାନା ଘଣ୍ଟାକୁ ବ୍ୟବହାର କରିଥାନ୍ତି। ମହୁଲ ଏବଂ ଓସ୍ତ ଗଛକୁ ଏମାନେ ପୂଜା କରନ୍ତି। ଗୋଣ୍ଡ ସମ୍ପ୍ରଦାୟର ପ୍ରାୟ ୧୦ ହଜାର ପରିବାର ଛତିଶଗଡ଼ରେ ବାସ କରୁଥିବାବେଳେ ସେମାନେ ଏହି ଓଲଟା ବୁଲୁଥିବା ଘଣ୍ଟା ତଥା ଗୋଣ୍ଡୱାନା କ୍ଲକ୍‌କୁ ବ୍ୟବହାର କରନ୍ତି।

### କରାଚୀ ରେଷ୍ଟୁରାଣ୍ଟରେ ଗଙ୍ଗୁବାଈ



**କରାଚୀ:** ପୁରୁଷ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ପାକିସ୍ତାନ କରାଚୀର ଏକ ଜଣାଶୁଣା ରେଷ୍ଟୁରାଣ୍ଟ ହିନ୍ଦୀ ଚଳଚ୍ଚିତ୍ର ଗଙ୍ଗୁବାଈର ଏକ ସିନ୍‌କୁ ବ୍ୟବହାର କରିଛି। ଏହି ସିନ୍‌ରେ ଆଲିଆ ଭଟ୍ଟ 'ଆଜା ନା ରାଜା' କହୁଥିବା ଦେଖିବାକୁ ମିଳିଛି। ମେନ୍‌ସ ଡେ' ଉପଲକ୍ଷେ ରେଷ୍ଟୁରାଣ୍ଟରେ ୨୫ ପ୍ରତିଶତ ରିହାତି ଦିଆଯାଉଥିବାବେଳେ ବିଶେଷ ଭାବେ ପୁରୁଷଙ୍କ ଉଦ୍ଦେଶ୍ୟରେ ଗଙ୍ଗୁବାଈର ଉକ୍ତ ସିନ୍ ବ୍ୟବହାର କରାଯାଇଥିଲା। ତେବେ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ କରାଚୀର ଏହି ଜଣାଶୁଣା ରେଷ୍ଟୁରାଣ୍ଟ ମାଲିକଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ୟୁଜର୍ସମାନେ ଟ୍ରୋଲ୍ କରିବାପରେ ଏହାର ମାଲିକ ପରବର୍ତ୍ତୀ ସମୟରେ କ୍ଷମା ମାଗିଛନ୍ତି। ମୁମ୍ବାଇର ଗଙ୍ଗୁବାଈ ବେଶ୍ୟାଳୟରେ କାମ କରିବା ସହ ସାମାଜିକ କର୍ମୀ ମଧ୍ୟ ଅଟନ୍ତି। ମହିଳା ଓ ଶିଶୁମାନଙ୍କୁ ସେମାନଙ୍କ ଅଧିକାର ଦେବା ପାଇଁ ସେ ଅନେକ ଲଢ଼େଇ କରିଛନ୍ତି। ତେବେ ଗଙ୍ଗୁବାଈଙ୍କ ଜୀବନୀକୁ ନେଇ ସଞ୍ଜୟ ଲୀଲା ଭଂସାଲିଙ୍କ ନିର୍ଦ୍ଦେଶନାରେ ଗଙ୍ଗୁବାଈ ଫିଲ୍ମ ନିର୍ମାଣ ହୋଇଥିଲା। ଯେଉଁଥିରେ ଆଲିଆ ଭଟ୍ଟ ମୁଖ୍ୟ ଚରିତ୍ର ଗଙ୍ଗୁବାଈରେ ନଜରକୁ ଆସିଥିଲେ। ତେବେ ଫିଲ୍ମଟିକୁ ସିନେପ୍ରେମୀଙ୍କ ଖୁବ୍ ଭଲପାଇବା ମିଳିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୦୬।୨୦୨୨

| ୧,୦୪, ୯୪୪ ଟଙ୍କା | |
|---|---|
| ସୁନା | ୩୫୦ ମିଲିଗ୍ରାମ |
| ରୁପା | ମିଳିନାହିଁ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଶୀ ସଙ୍ଗୀତର ବିଶେଷ କାର୍ଯ୍ୟକ୍ରମ 'ଆଳାପ-୨୦୨୨', ଉତ୍କଳ ରଙ୍ଗ ମଞ୍ଚ, ପୂର୍ବାହ୍ନ ୧୦ଟା।
- ସୁରଭି ସଂକୀର୍ତ୍ତନ ମୋର୍ଚ୍ଚା ପକ୍ଷରୁ ସୁରଭି ଜନଜାଗରଣ ମହାଯଜ୍ଞ, କାଳୀମନ୍ଦିର ପଡ଼ିଆ, ବରମୁଣ୍ଡା, ପୂର୍ବାହ୍ନ ୧୦ଟା।
- ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘର ୨୨ତମ ବାର୍ଷିକ ଉତ୍ସବ-୨୦୨୨, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର ବାର୍ଷିକ ସାଧାରଣ ଅଧିବେଶନ, ଭୁବନେଶ୍ୱରୀ ମନ୍ଦିର , ଡିଏଲ୍ କଲୋନୀ, ଭିଏସ୍ଏସ୍ ନଗର, ଅପରାହ୍ନ ୪ଟା।
- ବିଶ୍ୱ ପିତୃ ଦିବସ ଉପଲକ୍ଷେ ପରିଚୟ ଫାଉଣ୍ଡେଶନ ପକ୍ଷରୁ ୭ମ ଏଡିଶନ୍ ଅଫ୍ ଶ୍ରେୟୀ ଆୱାର୍ଡ୍ସ, ହୋଟେଲ ମେ'ଫେୟାର କନ୍‌ଭେନଶନ୍, ସନ୍ଧ୍ୟା ୬ଟା।
- ରୋଟାରି କ୍ଲବ ଭୁବନେଶ୍ୱର କଳିଙ୍ଗ ପକ୍ଷରୁ ରୋଟାରି କଳିଙ୍ଗ ସମ୍ମାନ-୨୦୨୨ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଶିକ୍ଷାସନ୍ଧାନ ପକ୍ଷରୁ ଲଲାଟେନ୍ଦୁ ଦାସ ମହାପାତ୍ରଙ୍କ 'ମ୍ୟାପିଂ ଦି ପାଷ୍ଟ' ପୁସ୍ତକ ଉନ୍ମୋଚନ, ଶିକ୍ଷାସନ୍ଧାନ ପାଠାଗାର, ଆଇଆର୍‌ସି ଭିଲେଜ୍, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା
- ରଜ ଉପଲକ୍ଷେ ଚଇତାଳି ଘୋଡାନାଚ ପରିବେଷଣ, ଭୁବନପୁର, ମା' ଉତ୍ତରମୁଖୀ ପୀଠ, ପୂର୍ବାହ୍ନ ୧୦ଟା।

କଟକ
- ଇନ୍‌ଟାକ୍ ଓ କଟକ କ୍ଲବର ମିଳିତ ଆନୁକୂଲ୍ୟରେ ଫଟୋ ପ୍ରଦର୍ଶନୀର ଉଦ୍‌ଯାପନୀ, କଟକ କ୍ଲବ ପରିସର, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି କଟକ ଜିଲା ଶାଖାର ୧୦ମ ସମ୍ମିଳନୀ, ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ୩୦।
- ବାପୁ ଓ ସ୍ତ୍ରୀ ଶୀର୍ଷକ ବ୍ୟାଖ୍ୟାନ ଏବଂ ଫଟୋ ପ୍ରଦର୍ଶନୀ, ନାରୀ ସେବା ସଂଘ କକ୍ଷ, ବକ୍ସିବଜାର, ଅପରାହ୍ନ ୫ଟା।

# ରଥଯାତ୍ରା ଦାୟିତ୍ୱରେ ୮୧ ମାଜିଷ୍ଟ୍ରେଟ୍

ପୁରୀ ଅଫିସ,୧୮।୬

ରଥଯାତ୍ରା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶାନ୍ତିଶୃଙ୍ଖଳା ରକ୍ଷା ସହ ସୁଚାରୁରୂପେ ରଥଯାତ୍ରା ସମ୍ପନ୍ନ କରାଇବାକୁ ୮୧ଜଣ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ରହିବେ। ଏମାନେ ଜୁନ୍ ୨୯ରୁ ଜୁଲାଇ ୧୩ ପର୍ଯ୍ୟନ୍ତ ପୁରୀରେ ରହି କାର୍ଯ୍ୟ କରିବେ। ସେହିପରି ୧୫ କମାଣ୍ଡାଣ୍ଟ, ୩୭ଜଣ ଅତିରିକ୍ତ ଏସ୍‌ପି, ୮୫ ଡିଏସ୍‌ପି, ୧୫୦ ଇନ୍ସପେକ୍ଟର, ୭୬୦ ସବଇନ୍ସପେକ୍ଟରଙ୍କ ସମେତ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି। ତିନି ରଥ ଦାୟିତ୍ୱରେ ତିନି ଜଣ ଲେଖାଏ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ମିଳିଛି। ତାଳଧ୍ୱଜ ରଥ ଦାୟିତ୍ୱରେ ଏସ୍‌ପି କନୱର ବିଶାଲ ସିଂ, ଉପଜିଲାପାଳ ଭବତାରଣ ସାହୁ ଓ ଡେପୁଟି କଲେକ୍ଟର ସୁମନ୍ତ କର ରହିବେ। ଦେବଦଳନ ରଥ ଦାୟିତ୍ୱରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଏବଂ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ ରହିବେ। ସେହିଭଳି ନନ୍ଦିଘୋଷ ରଥ ଦାୟିତ୍ୱରେ ଜିଲାପାଳ ସମର୍ଥ ବର୍ମା, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୈଳାସ ଚନ୍ଦ୍ର ନାୟକ ଏବଂ ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା ରହିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ପୁରୀକୁ ଚାଲିବ ୧୧୫ ନୂଆ ଟ୍ରେନ୍

- ଖୋଲାଯିବ ୩୫ ଟିକେଟ କାଉଣ୍ଟର
- ୨୩ ସ୍ଥାନରେ ପାର୍କିଂ ବ୍ୟବସ୍ଥା

ଯାନବାହନ ନିୟନ୍ତ୍ରଣ ପାଇଁ ପୁରୀ ସହରକୁ ୧୮ଟି ଓ ସହର ବାହାରକୁ ୧୧ଟି ସେକ୍ଟରରେ ବିଭକ୍ତ କରାଯାଇଛି। ଅସ୍ଥାୟୀ ପାର୍କିଂ ପାଇଁ ୨୩ଟି ସ୍ଥାନ ଚିହ୍ନଟ ହୋଇଛି। ୭୦ଟି ଜାଗାରେ ୮୭ଟି ଏଲ୍ଇଡି ଲାଇଟ୍ ଲଗାଯିବ। ମଙ୍ଗଳାଘାଟ, ବାଲିଘାଟ, ରେଳଷ୍ଟେଶନ, ବସ୍‌ଷ୍ଟାଣ୍ଡ ଭଳି ସ୍ଥାନରେ ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା ହେବ। ହାଇମାଷ୍ଟ ଓ ସେମିହାଇମାଷ୍ଟ ଲାଇଟ୍‌ର ମରାମତି କାର୍ଯ୍ୟ ସରିଛି। ପୁରୀ ସହରର ବିଭିନ୍ନ ସ୍ଥାନରେ ୩ଶହ ଅସ୍ଥାୟୀ ପାଇଖାନା ଓ ଶୌଚାଳୟ ନିର୍ମାଣ ହେଉଛି। ସମୁଦ୍ରକୂଳ ସଫା ଓ ପର୍ଯ୍ୟଟକଙ୍କ ସୁରକ୍ଷିତ ସ୍ନାନ ପାଇଁ ମତ୍ସ୍ୟଜୀବୀମାନେ ନିୟୋଜିତ ହେବେ। ଡାକ୍ତର, ଫାର୍ମାସିଷ୍ଟ, ଆଟେଣ୍ଡାଣ୍ଟ, ଖାଦ୍ୟ ସୁରକ୍ଷା ଅଧିକାରୀ ଏବଂ ରେଡିଓଗ୍ରାଫରଙ୍କୁ ମିଶାଇ ୨୪୫ ଜଣ ଅତିରିକ୍ତ ନିୟୋଜିତ ହେବେ। ପୁରୀ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫୫ଟି ଅତିରିକ୍ତ ଶଯ୍ୟା ଓ ଗ୍ରାମାଞ୍ଚଳ ନିମିତ୍ତ ୫୨ଟି ଶଯ୍ୟାର ବ୍ୟବସ୍ଥା ହୋଇଛି। ୮ଜଣ ଖାଦ୍ୟ ନିରୀକ୍ଷକ ନିୟୋଜିତ ହେବେ। ୩୮ଟି ଆମ୍ବୁଲାନ୍ସ କାର୍ଯ୍ୟକ୍ଷମ ହେବ। ଅଂଶୁଘାତକୁ ଧ୍ୟାନ ଦେଇ ୨ଟି ହିଟ୍ ଷ୍ଟ୍ରୋକ୍ ସେଣ୍ଟର ଶ୍ରୀମନ୍ଦିର କାର୍ଯ୍ୟାଳୟ ଓ ବାଗେଡ଼ିଆ ଧର୍ମଶାଳା ପରିସରରେ ଖୋଲାଯିବ। ୨ଟି କାଜୁଆଲଟି କାର୍ଯ୍ୟକ୍ଷମ ହେବ। ଖାଦ୍ୟ ସୁରକ୍ଷା ନିମନ୍ତେ ୨ଟି ନିରୀକ୍ଷକ ଦଳ ଗଠନ ହେବ। ପୁରୀ ବାହାରୁ ୨୨୩ ଡାକ୍ତର, ୩୯ ନର୍ସ, ୧୬୦ ଫାର୍ମାସିଷ୍ଟ, ୪ ରେଡିଓ ଗ୍ରାଫର୍, ୧୩୯ ଆଟେଣ୍ଡାଣ୍ଟ ଏବଂ ୧୦ଜଣ ଖାଦ୍ୟ ସୁରକ୍ଷା ଅଧିକାରୀ ଅଣାଯିବେ। ମୁଖ୍ୟରାସ୍ତା କଡ଼ରେ ୧୦ଟି ସଚେତନତା ହୋର୍ଡିଂ ଲଗାଯିବ। ପାନୀୟଜଳ ପାଇଁ ୭୬୦ଟି ହ୍ୟାଣ୍ଡପମ୍ପ ଟ୍ୟୁବୱେଲ୍ ବସାଯାଇଛି। ବଡ଼ଦାଣ୍ଡରେ ୨୫୦ଟି ଷ୍ଟାଣ୍ଡପୋଷ୍ଟ ହୋଇଛି। ୨୮ଟି ଟ୍ୟାଙ୍କର ୨୪ଘଣ୍ଟିଆ ମୁତୟନ ରହିବ। ୧୫ଟି ମରାମତି ଦଳ ସକ୍ରିୟ ରହିବେ। ନିରବଚ୍ଛିନ୍ନ ଜଳଯୋଗାଣ ପାଇଁ ୨୪ଟି ଡିଜି ସେଟ୍‌ର ବ୍ୟବସ୍ଥା ହେବ। ପୁରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଥିବା ଯାଞ୍ଚକାରୀ କର୍ମଚାରୀ ଓ ପରିବହନ ଆୟୁକ୍ତଙ୍କ ଦ୍ୱାରା ନିଯୁକ୍ତ ୪ଜଣ ଇନ୍ସପେକ୍ଟର ବିଭିନ୍ନ ସ୍ଥାନରେ ଗାଡ଼ି ଯାଞ୍ଚ କରିବେ। ଜିଲା ପରିବହନ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ ହେବ। ରେଳଷ୍ଟେଶନରେ ୩୫ଟି ଟିକେଟ୍ କାଉଣ୍ଟର ଖୋଲିବ। ୧୧୫ଟି ନୂଆ ଟ୍ରେନ୍ ଚାଲିବ। ୨୮ଟି ଅଟୋମେଟିକ୍ ଟିକେଟ୍ କାଉଣ୍ଟର କରାଯିବ। ଆପତ୍‌କାଳୀନ ପରିସ୍ଥିତି ମୁକାବିଲା, ଅଗ୍ନିଶମ ବିଭାଗ ପ୍ରସ୍ତୁତି, ବ୍ୟାରିକେଡ୍ ବ୍ୟବସ୍ଥା, ବିପଦସଙ୍କୁଳ କୋଠାବାଡ଼ି ଚିହ୍ନଟ, ରାସ୍ତାଘାଟ ମରାମତି, ରଥ ନିର୍ମାଣ କାର୍ଯ୍ୟ, ପ୍ରସାରଣ ବ୍ୟବସ୍ଥା, ବ୍ୟାଙ୍କ ସେବା, ଜରୁରିକାଳୀନ ସେବା, ସୂଚନା ସେବା, ପର୍ଯ୍ୟଟନ ସେବା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସନ୍ତୋଷ



@ ବର୍ଷା



@ କ୍ରିଷ୍ଣା



@ ଉମାକାନ୍ତ



@ ଅବିନାଶ



@ କିରନ୍

# ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ୫-ଟି ସଚିବ



ଅନ୍ୟ ଅଧିକାରୀଙ୍କ ସହ ୫-ଟି ସଚିବ ଭି. କେ. ପାଣ୍ଡିଆନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ବୁଲି ଦେଖୁଛନ୍ତି।

ପୁରୀ ଅଫିସ,୧୮।୬

୫-ଟି ସଚିବ ଭି. କେ. ପାଣ୍ଡିଆନ ଶନିବାର ପୁରୀ ଆସି ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି। ଏହାପରେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିଛନ୍ତି। ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବା ବେଳେ ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କ ସମେତ ଓବିସିସିର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା କାର୍ଯ୍ୟ ରଥଯାତ୍ରା ପୂର୍ବରୁ କିଭଳି ଭାବେ ଏକ ବ୍ୟବସ୍ଥିତ ସ୍ୱରୂପ ପର୍ଯ୍ୟନ୍ତ ପହଞ୍ଚିବ ସେନେଇ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ରଥଯାତ୍ରା ଗହଳି ସମୟରେ ପ୍ରକଳ୍ପ କାର୍ଯ୍ୟ ଯୋଗୁ ସାଧାରଣ ଲୋକେ ଯେଭଳି ସମସ୍ୟାରେ ନ ପଡ଼ିବେ, ଯାତାୟାତରେ ସମସ୍ୟା ହେବ ନାହିଁ ସେନେଇ ପଦକ୍ଷେପ ନେବାକୁ କୁହାଯାଇଛି। ୫-ଟି ସଚିବ କ୍ରମାଗତ ଭାବେ ପୁରୀ ଆସି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

## ଡ. ନାରାୟଣ ମହାପାତ୍ରଙ୍କୁ 'ଭାରତ ଭୂଷଣ ଜାତୀୟ ସମ୍ମାନ'

ଭୁବନେଶ୍ୱର, ୧୮।୬ (ବ୍ୟୁରୋ)

ରାଷ୍ଟ୍ରୀୟ ନିଶା ଫାଉଣ୍ଡେଶନ ବେଙ୍ଗାଲୁରୁ ପକ୍ଷରୁ ସାମାଜିକ କର୍ମୀ ଡ. ନାରାୟଣ ମହାପାତ୍ରଙ୍କୁ 'ଭାରତ ଭୂଷଣ ଜାତୀୟ ସମ୍ମାନ'ରେ ସମ୍ମାନିତ କରାଯାଇଛି। ସମାଜ ସେବା ଓ ସମାଜରେ ଘଟୁଥିବା ବିଭିନ୍ନ ସମସ୍ୟାକୁ ସମାଧାନ କରିବାରେ ଉଲ୍ଲେଖନୀୟ ସହଯୋଗିତା ଲାଗି ଡ. ମହାପାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ବରିଷ୍ଠ ବ୍ୟକ୍ତି ଓ ଅବହେଳିତ ଛୋଟ ପିଲାଙ୍କ କଲ୍ୟାଣ ପାଇଁ ଡ. ମହାପାତ୍ର ଗତ ୫ବର୍ଷ ଧରି ବିଭିନ୍ନ କାର୍ଯ୍ୟକ୍ରମ କରି ଆସୁଛନ୍ତି। ବିଭିନ୍ନ ସମୟରେ ଗରିବ ଲୋକଙ୍କ ନିମନ୍ତେ ମାଗଣା ରନ୍ଧା ଖାଦ୍ୟ ବାଣ୍ଟିବା ସହ ପ୍ରତ୍ୟେକ ମାସରେ ଅବହେଳିତ ଜରାଶ୍ରୟ ଓ ଛୋଟ ପିଲାଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥାନ୍ତି। ଏଭଳି ବିଭିନ୍ନ ପ୍ରକାର ସମାଜସେବା ପାଇଁ ସେ ଦେଶ ତଥା ବିଦେଶର ଅନେକ ଅନୁଷ୍ଠାନ ପକ୍ଷରୁ ପୂର୍ବରୁ ମଧ୍ୟ ସମ୍ମାନିତ ହୋଇଛନ୍ତି।

## ଆଜି ବିଶ୍ୱ ସିକିଲ୍ ସେଲ୍ ରୋଗ ଦିବସ

# ରାଜ୍ୟରେ ଏସ୍‌ସିଡି ହାର ୯.୧%

### 'ଠିକ୍ ସମୟରେ ଚିହ୍ନଟ, ସ୍କ୍ରିନିଂ ଓ ଉପଯୁକ୍ତ ଚିକିତ୍ସା ହେଉଛି ସବୁଠାରୁ ବଡ଼ ଆହ୍ୱାନ'

- ଆଦିବାସୀ ଜନସଂଖ୍ୟାରେ ଅଧିକ ବ୍ୟାପୁଛି
- ସଚେତନତା ବୃଦ୍ଧି କରାଯିବା ଆବଶ୍ୟକ: ସ୍ୱାସ୍ଥ୍ୟ ବିଶେଷଜ୍ଞ

ଭୁବନେଶ୍ୱର, ୧୮।୬(ବ୍ୟୁରୋ)

ଆଜି ବିଶ୍ୱ ସିକିଲ୍ ସେଲ୍ ରୋଗ(ଏସ୍‌ସିଡି) ଦିବସ। ଏହା ଏକ ବଂଶଗତ ରକ୍ତ ସମସ୍ୟା, ଯାହାକି ଭାରତରେ ଏକ ପ୍ରମୁଖ ସ୍ୱାସ୍ଥ୍ୟ ଆହ୍ୱାନରେ ପରିଣତ ହୋଇଛି। ନାଇଜେରିଆ ପରେ ଭାରତରେ ଦ୍ୱିତୀୟ ସର୍ବାଧିକ ସିକିଲ୍ ସେଲ୍ ରୋଗୀ ରହିଛନ୍ତି। ରିପୋର୍ଟ କହୁଛି, ୧୪ ନିୟୁତ ଏସ୍‌ସିଡି ରୋଗୀ ଆଦିବାସୀ ଜନସଂଖ୍ୟା ମଧ୍ୟରେ ରହିଛନ୍ତି। ଅନ୍ୟପକ୍ଷରେ ଦୁଇବର୍ଷ ବୟସରେ ପହଞ୍ଚିବା ପୂର୍ବରୁ ସିକିଲ୍ ସେଲ୍ ରୋଗ ଥିବା ୨୦% ଆଦିବାସୀ ଶିଶୁ ମୃତ୍ୟୁବରଣ କରିଥାନ୍ତି ଏବଂ ବଡ଼ ହେବା ପୂର୍ବରୁ ୩୦% ଆଖି ବୁଜିଥାନ୍ତି। ଓଡ଼ିଶାରେ ଏହି ରୋଗର ମାତ୍ରା ଅଧିକ ରହିଛି। ଭାରତରେ ଏସ୍‌ସିଡି ହାର ୪.୩% ରହିଥିବାବେଳେ ରାଜ୍ୟରେ ଏହା ୯.୧% ରହିଛି। ଏହାକୁ ରାଜ୍ୟ ସରକାର ଗୁରୁତ୍ୱର ନେଇଛନ୍ତି। ଏଥିପାଇଁ ରାଜ୍ୟରେ ସିକିଲ୍ ସେଲ୍ ପ୍ରୋଜେକ୍ଟ ପରିଚାଳନା କରାଯାଉଛି। ଏହି ପ୍ରକଳ୍ପ ୨୦୧୮ରେ ଆରମ୍ଭ କରାଯାଇଥିଲା। ପାଇଲଟ୍ ପ୍ରକଳ୍ପ ଭାବେ ପ୍ରଥମ ବର୍ଷରେ ୪ ଜିଲା ଓ ପରବର୍ତ୍ତୀ ବର୍ଷରେ ଆଉ ୧୫ ଜିଲାରେ କାର୍ଯ୍ୟକାରୀ କରାଯାଇଥିଲା। ପ୍ରକଳ୍ପ ରୋଡ୍‌ମ୍ୟାପ ଓ ପଦକ୍ଷେପ ସ୍ୱରୂପ, ଅଷ୍ଟମ ଶ୍ରେଣୀରୁ ସ୍କୁଲ୍ ଛାତ୍ରୀଛାତ୍ରଙ୍କୁ ଯାଞ୍ଚ କରାଯାଇ ରୋଗ ଚିହ୍ନଟ ସହ ଚିକିତ୍ସା ପ୍ରଦାନ କରାଯାଇଥିଲା। ଏହା ସହିତ ଏସବୁ ଜିଲାରେ ସଚେତନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଥିଲା। ଠିକ୍ ସମୟରେ ରୋଗ ଚିହ୍ନଟକୁ ଗୁରୁତ୍ୱ ଦିଆଯିବା ସହ ଚିକିତ୍ସା ଜାରି ରହିଛି। ଏ ସମ୍ପର୍କରେ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ହେମାଟୋଲୋଜି ବିଭାଗ ମୁଖ୍ୟ ଡା. ରବୀନ୍ଦ୍ର କୁମାର ଜେନା, କହିଛନ୍ତି, ବର୍ତ୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ସିକିଲ୍ ସେଲ୍ ରୋଗର ପ୍ରାଦୁର୍ଭାବ ହ୍ରାସ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାଦ୍ୱାରା ଆମେ ପାର୍ଥକ୍ୟ ଅନୁଭବ କରିପାରୁଛୁ। ଏହି ରୋଗର ଯାଞ୍ଚ ଓ ଚିକିତ୍ସା ପାଇଁ ଅନେକ ଆଗେଇ ଆସୁଛନ୍ତି। ଆମେ ଠିକ ମାର୍ଗରେ ଅଗ୍ରଗତି କରୁଛୁ। ତଥାପି ସଚେତନତାକୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ଆଜି ମଧ୍ୟ ଲୋକମାନେ ରୋଗର ବିଳମ୍ବିତ ଅବସ୍ଥାରେ ହସ୍ପିଟାଲକୁ ଆସୁଛନ୍ତି। ଆମେ ଏପରି ଏକ ପର୍ଯ୍ୟାୟରେ ପହଞ୍ଚିବାକୁ ଚାହୁଁଛୁ, ଯେଉଁଠାରେ ପ୍ରସବ ପୂର୍ବବର୍ତ୍ତୀ ସ୍କ୍ରିନିଂ ସମ୍ଭବ ହୋଇପାରିବ। ଏହା ସେତେବେଳେ ସମ୍ଭବ ହୋଇପାରିବ, ଯେତେବେଳେ ଆମେ ଏହି ସ୍କ୍ରିନିଂ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ଏହାର ବହନକାରୀକୁ ଠିକ ସମୟରେ ଚିହ୍ନଟ କରିପାରିବା ବୋଲି ଡା. ଜେନା କହିଛନ୍ତି।ଏସ୍‌ସିଡିର ପରିଚାଳନା କ୍ଷେତ୍ରରେ ଠିକ୍ ସମୟରେ ଚିହ୍ନଟ, ସ୍କ୍ରିନିଂ ଓ ଉପଯୁକ୍ତ ଚିକିତ୍ସା ହେଉଛି ସବୁଠାରୁ ବଡ଼ ଆହ୍ୱାନ। ନ୍ୟାଶନାଲ୍ ଆଲିଆନ୍ସ ଅଫ୍ ସିକିଲ୍ ସେଲ୍ ଅର୍ଗାନାଇଜେଶନ ସମ୍ପାଦକ ଗୌତମ ଡୋଙ୍ଗରେ କହିଛନ୍ତି, ଆମକୁ ଏସ୍‌ସିଡିର ଚିକିତ୍ସା ମଡେଲ ଉପରେ ପୁଣି ଥରେ ଚିନ୍ତା କରିବା ଆବଶ୍ୟକ। ରୋଗୀଙ୍କ ସହିତ ମୋର ଅଭିଜ୍ଞତା ମୁତାବକ ଉପଯୁକ୍ତ ଓ ଠିକ୍ ସମୟରେ ଚିକିତ୍ସା ପ୍ରଦାନ କରିବା ଦ୍ୱାରା ସ୍ୱାଭାବିକ ଜୀବନଯାପନ ସମ୍ଭବ ଓ ରୋଗୀଙ୍କର ଜୀବନର ମାନରେ ୭୦-୮୦% ଉନ୍ନତି ଆସିଥାଏ। ତେଣୁ ଠିକ୍ ସମୟରେ ବ୍ୟାପକ ଓ ଉପଯୁକ୍ତ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଆମକୁ ଦେଶର ଦୁର୍ଗମ ଅଞ୍ଚଳରେ ପହଞ୍ଚି ଆଧୁନିକ ତଥା ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଉଚିତ।



## ଆଜି ମହାପ୍ରଭୁଙ୍କୁ ଲାଗିହେବ ଫୁଲୁରିତେଲ

ପୁରୀ ଅଫିସ, ୧୮।୬

ସ୍ନାନପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଏବେ ଚତୁର୍ଦ୍ଧାବିଗ୍ରହ। ଶ୍ରୀଅଙ୍ଗ ଲାଗି ସେବକ ଦଇତାପତିମାନେ ଶ୍ରୀବିଗ୍ରହଙ୍କ ସେବାରେ ଲାଗିପଡ଼ିଛନ୍ତି। ଗୃହରେ ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ରବିବାର ଫୁଲୁରି ତେଲ ଲାଗି ହେବ। ଦଇତାପତି ସେବକମାନେ ଫୁଲୁରି ତେଲ ଲାଗି କରିବେ। ଏହି ଫୁଲୁରି ତେଲ ବଡଓଡ଼ିଆ ମଠ ପକ୍ଷରୁ ଶ୍ରୀମନ୍ଦିରକୁ ଯୋଗାଇ ଦିଆଯାଇଥାଏ। ହେରାପଞ୍ଚମୀ ଦିନ ଘଣାପେଡ଼ା ରାଶି ତେଲରେ ୧୪ ପ୍ରକାର ଫୁଲ, ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ପକାଇ ଏକ ମାଟିପାତ୍ରରେ ରଖି ମାଟିତଳେ ପୋତାଯାଇଥାଏ। ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ତେଲକୁ ବାହାର କରାଯାଇ ରଖାଯାଇଥାଏ। ଅଣସର ପଞ୍ଚମୀ ଦିନ ତେଲକୁ ଛଣାଯାଇ ସେଥିରେ ବିଭିନ୍ନ ପ୍ରକାର ସୁଗନ୍ଧୀୟ ଦ୍ରବ୍ୟ ଓ ଫୁଲ ପକାଯାଇ ଫୁଲୁରି ତେଲ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯାଏ। ରବିବାର ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ସମ୍ପନ୍ନ ହେବା ପରେ ଅପରାହ୍ନରେ ମଠରୁ ହାଣ୍ଡିରେ ୬ ସେର ଫୁଲୁରି ତେଲ ଶ୍ରୀମନ୍ଦିରକୁ ବିଜେ କରିବ। ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ହେବା ପରେ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଅଣସର ଘର ଦ୍ୱାର ବା ବେହେରଣ ଦ୍ୱାର ଖୋଲାଯିବ। ପରେ ଅଣସର ନୀତି ଆରମ୍ଭ ହେବ। ପତିମହାପାତ୍ର ସେବକ ୩ଟି ରୁପା ପିଙ୍ଗଣରେ ଫୁଲୁରି ତେଲ ନେଇ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଇବେ। ମହାପ୍ରଭୁଙ୍କ ଗୁପ୍ତ ନୀତି ମଧ୍ୟରେ ଫୁଲୁରି ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ।



କଟକ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ରଥଯାତ୍ରା ପାଇଁ ଶନିବାର ଜଣେ ଶିଳ୍ପୀ ରଥ ସାରଥିରେ ରଙ୍ଗ ଦେଉଛନ୍ତି।



ପୁରୀ ରଥଯାତ୍ରା ପାଇଁ ଶନିବାର ରଥରେ ଲଗାଯିବାକୁ ଥିବା ପାର୍ଶ୍ୱ ଦେବଦେବୀଙ୍କୁ ରୂପକାର ସେବକ ରଙ୍ଗ ଦେଉଛନ୍ତି।



ରଥଯାତ୍ରା ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଥିବା ଅସ୍ଥାୟୀ ଶେଡ୍‌କୁ ଖୋଲାଯାଇ ବଡ଼ଦାଣ୍ଡକୁ ରଙ୍ଗ କରାଯାଉଛି।

## ସଂକ୍ଷେପରେ

### ଜୁଲାଇ ୪ରୁ ସ୍ନାତକ ଷଷ୍ଠ ସେମିଷ୍ଟର ପରୀକ୍ଷା

କଟକ ଅଫିସ, ୧୮।୬- ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ୟୁଜି(ସ୍ନାତକ) ପାଠ୍ୟକ୍ରମର ଷଷ୍ଠ ସେମିଷ୍ଟର ପରୀକ୍ଷା ଆସନ୍ତା ଜୁଲାଇ ୪ରୁ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ନେଇ ଶନିବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍‌ରୁ ପରୀକ୍ଷା ସମ୍ପର୍କିତ ସମସ୍ତ ତଥ୍ୟ ପାଇପାରିବେ। ତେବେ ଆସନ୍ତା ଜୁଲାଇ ୧୫ ତାରିଖ ପୂର୍ବରୁ ପ୍ରାକ୍ଟିକାଲ ପରୀକ୍ଷା ସାରିବାକୁ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବି.ଏଡ୍ ଅଷ୍ଟମ ସେମିଷ୍ଟର ପରୀକ୍ଷା ଜୁଲାଇ ୨ରୁ ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ଡ. ସୌମେନ୍ଦ୍ର କୁମାର ନାୟକ ସୂଚନା ଦେଇଛନ୍ତି। ଏଥିସହ ୟୁଜି ଏବଂ ପିଜି(ସ୍ନାତକୋତ୍ତର)ର ବିଭିନ୍ନ ସେମିଷ୍ଟର ପରୀକ୍ଷା ନିମନ୍ତେ ଫର୍ମପୂରଣ ପ୍ରକ୍ରିୟା ଆରମ୍ଭ ହୋଇଛି।

### ନନ୍ଦନକାନନରେ ହାଡ଼ଗିଲା ପକ୍ଷୀର ମୃତ୍ୟୁ

ବାରଙ୍ଗ,୧୮।୬(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଶନିବାର ଏକ ହାଡ଼ଗିଲା ପକ୍ଷୀର ମୃତ୍ୟୁ ଘଟିଛି। ପକ୍ଷୀଟି ମେ' ୪ରେ ବଣାଇ ଅଞ୍ଚଳରୁ ଉଦ୍ଧାର ହୋଇ ନନ୍ଦନକାନନକୁ ଆସିଥିଲା। ସେତେବେଳେ ତା'ର ବେକରେ କ୍ଷତ ସୃଷ୍ଟି ହୋଇଥିଲା। ତାକୁ ନନ୍ଦନକାନନର ଡାକ୍ତରମାନେ ମାମା ହାତୀ ରହୁଥିବା ପଛପଟ ଡାକ୍ତରଖାନାର ସ୍ୱତନ୍ତ୍ର ଏନକ୍ଲୋଜର୍‌ରେ ରଖି ଚିକିତ୍ସା ଆରମ୍ଭ କରିଥିଲେ। ଶୁକ୍ରବାର ଅପରାହ୍ଣରେ ପ୍ରବଳ ବର୍ଷାରେ ହାଡ଼ଗିଲା ପକ୍ଷୀଟି ଓଦା ହୋଇଯିବାରୁ ଅଧିକ ଅସୁସ୍ଥ ହୋଇପଡିଥିଲା। ତାକୁ ଡାକ୍ତରମାନେ ଚିକିତ୍ସା କରିବା ସହ ସାଲାଇନ ଦେଇଥିଲେ ମଧ ହାଡ଼ଗିଲା ପକ୍ଷୀଟିକୁ ବଞ୍ଚାଇପାରି ନ ଥିଲେ। ଅପରାହ୍ଣରେ ପକ୍ଷୀଟି ଆଖି ବୁଜିଥିଲା। ତେବେ ହାଡ଼ଗିଲା ପକ୍ଷୀ ସହ ସେହିଦିନ ନନ୍ଦନକାନନକୁ ଜୟପୁରରୁ ଆସିଥିବା ଭାଲୁ ଓ ଚିଲିକାରୁ ଆସିଥିବା ଚିତ୍ରା ହରିଣଟିର ମଧ ପର୍ଯ୍ୟାୟକ୍ରମେ ମୃତ୍ୟୁ ହୋଇସାରିଛି।

### ସେଲ୍ଫି ଉଠାଇବାବେଳେ ଗଡ଼ଖାଇରେ ଖସିପଡ଼ିଲେ ଯୁବତୀ

କଟକ ଅଫିସ, ୧୮।୬- କଟକ ଗଡ଼ଖାଇ ନିକଟରେ ଶନିବାର ମୋବାଇଲରେ ସେଲ୍ଫି ଉଠାଇଲାବେଳେ ଜଣେ କଲେଜ ଛାତ୍ରୀ ପାଣିକୁ ଖସିପଡ଼ିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ଲାଗି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ପରିଚୟ ମିଳିପାରିନାହିଁ। ମିଳିଥିବା ସୂଚନା ଅନୁଯାୟୀ, ବିଡାନାସୀ କୃଷକ ବଜାର ଅଞ୍ଚଳର କେତେଜଣ ଯୁବତୀ ଗଡ଼ଖାଇ ପାଚେରି ଉପରେ ବସି ଫଟୋ ଉଠାଉଥିଲେ। ଏହି ସମୟରେ ଜଣେ ଛାତ୍ରୀ ଭାରସାମ୍ୟ ହରାଇ ପାଣିରେ ଖସିପଡ଼ିଥିଲେ। ତେବେ ସେ ଆତ୍ମହତ୍ୟା ଉଦ୍ୟମ କରି ପାଣିକୁ ଡେଇଁ ପଡ଼ିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହୋଇଥିଲା। ହେଲେ ସେଲ୍ଫି ଫଟୋ ଉଠାଇବାବେଳେ ଏଭଳି ଘଟଣା ଘଟିଥିବା କ୍ୟାଣ୍ଟନମେଣ୍ଟ ଥାନା ଅଧିକାରୀ ଦୀନକୃଷ୍ଣ ଦାସ କହିଛନ୍ତି।

### ୩.୨୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ଜଟଣୀ,୧୮।୬(ଡି.ଏନ୍.ଏ.): ଖୋର୍ଦ୍ଧା ରୋଡ୍(ଜଟଣୀ) ରେଳ ଷ୍ଟେଶନ ପ୍ଲାଟଫର୍ମରୁ ଶନିବାର ରେଳ ସୁରକ୍ଷା ବଳ ଯାଞ୍ଚ ସମୟରେ ୩୫ କେଜି ୩୫୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ୨୩ହଜାର ୫୦୦ଶହ ଟଙ୍କା ହେବ। ତେବେ ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ନାହିଁ। ଏନେଇ ଜିଆରପି ଥାନାରେ ଏକ ମାମଲା (ନଂ.୭୨/୨୨)ରୁଜୁ ହୋଇଛି। ସୂଚନା ମୁତାବକ, ଏହି ଷ୍ଟେଶନର ପ୍ଲାଟଫର୍ମରେ ଏକ ବ୍ୟାଗ ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ଯାଞ୍ଚ ବେଳେ ସୁରକ୍ଷା କର୍ମୀ ଉକ୍ତ ବ୍ୟାଗର କେହି ଦାବିଦାର ରହିଥିବା ଜାଣିବା ପାଇଁ ଅପେକ୍ଷା କରିଥିଲେ। ଦୀର୍ଘ ସମୟ ପରେ କେହି ନ ଆସିବାରୁ ଉକ୍ତ ବ୍ୟାଗକୁ ଖୋଲିବାରୁ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ। ଏହା ପରେ ଯାଞ୍ଚକାରୀ ଟିମ୍ ଗଞ୍ଜେଇକୁ ଜବତ କରି ଥାନାକୁ ଆଣିଥିଲେ। ପରେ ଖୋର୍ଦ୍ଧା ରୋଡ ଜିଆରପିକୁ ହସ୍ତାନ୍ତର କରାଯାଇଥିବା ଆରପିଏଫ ପକ୍ଷରୁ ଥାନା ଅଧିକାରୀ ମୁନୁ କୁମାର ଶର୍ମା କହିଛନ୍ତି।



ଭାରତୀୟ ସେନାରେ ୪ବର୍ଷିଆ ଠିକା ନିଯୁକ୍ତି ଯୋଜନା 'ଅଗ୍ନିପଥ'କୁ ବିରୋଧ କରି ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଛାତ୍ର ସଙ୍ଗଠନ ଏଆଇଡିଏସ୍‌ଓ ଏବଂ ଏଆଇଡିୱାଇଓ ପକ୍ଷରୁ ବିକ୍ଷୋଭ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ କୁଶପୁତଳିକା ଦାହ ସମୟରେ ପୋଲିସ ସହ ଧସ୍ତାଧସ୍ତି।



ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ ଫେଡେରେଶନ (ଏଆଇଏସ୍‌ଏଫ୍) ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ ଶାହଙ୍କ କୁଶପୁତଳିକା ଦାହ କରାଯାଉଛି।

# ରାଜଧାନୀରେ 'ଅଗ୍ନିପଥ' ବିରୋଧ ତେଜୁଛି

## ରାସ୍ତାକୁ ଓହ୍ଲାଇଲେ ଛାତ୍ର, ଶ୍ରମିକ ସଙ୍ଗଠନ

ଭୁବନେଶ୍ୱର, ୧୮।୬ (ବ୍ୟୁରୋ)

କେନ୍ଦ୍ର ସରକାରଙ୍କ 'ଅଗ୍ନିପଥ' ଯୋଜନାକୁ ନେଇ ସାରା ଦେଶରେ ବିରୋଧର ନିଆଁ ଜଳିବାରେ ଲାଗିଛି। କଟକ ପରେ ଏବେ ରାଜଧାନୀ ଭୁବନେଶ୍ୱରରେ ଏହାର ତାତି ଦେଖିବାକୁ ମିଳିଲାଣି। ଭାରତୀୟ ସେନାରେ ୪ବର୍ଷିଆ ନିଯୁକ୍ତି ଯୋଜନାକୁ ବିରୋଧ କରି ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ରାସ୍ତାକୁ ଓହ୍ଲାଇବା ସହ ତୁରନ୍ତ ଏହାକୁ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ଯୁବ ସଂଗଠନ ଅଲ୍ ଇଣ୍ଡିଆ ଡିୱାଇଓ ଏବଂ ଛାତ୍ର ସଂଗଠନ ଅଲ୍ ଇଣ୍ଡିଆ ଡିଏସ୍‌ଓ, ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟ ଫେଡେରେଶନ ପକ୍ଷରୁ ଶନିବାର ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ଶୋଭାଯାତ୍ରା କରାଯାଇଥିଲା। ଅଗ୍ନିପଥ ବଦଳରେ ସମସ୍ତ ବେକାରିଙ୍କୁ ସ୍ଥାୟୀ ଭିତ୍ତିରେ ନିଯୁକ୍ତି ଦେବାକୁ ଦାବି କରାଯାଇଛି। କରୋନା ଆଳରେ ଦେଶରେ ଗତ ୨ବର୍ଷ ଧରି ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ଠପ୍ ହୋଇ ଯାଇଛି। ଫଳରେ ଦୀର୍ଘଦିନ ଧରି ନିଯୁକ୍ତି ଆଶାୟୀ ଥିବା ଶିକ୍ଷିତ ବେକାରମାନେ ମାନସିକ ଚାପରେ ଅଛନ୍ତି। ବହୁ ବିଭାଗରେ ହଜାର ହଜାର ପଦବୀ ଖାଲି ପଡିଥିବାବେଳେ ସେମାନଙ୍କୁ ନିଯୁକ୍ତି ଦିଆଯାଉ ନାହିଁ। ଏପରିସ୍ଥିତିରେ କେନ୍ଦ୍ର ସରକାର ସୈନ୍ୟବାହିନୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଠିକା ନିଯୁକ୍ତି ପାଇଁ ଯୋଜନା କରିବା ଠିକ୍ ନୁହେଁ। ଏହାପରେ କେନ୍ଦ୍ର ସରକାର ଅନ୍ୟ ସମସ୍ତ ବିଭାଗରେ ଠିକା ନିଯୁକ୍ତି ପାଇଁ ରାସ୍ତା ଖୋଲିଦେବେ। ଏଥିଯୋଗୁ ଦେଶର ସୁରକ୍ଷା ବିପନ୍ନ ହେବା ସହ ନିଯୁକ୍ତ ପାଇଥିବା ଯୁବକମାନେ ୨୫ବର୍ଷ ବୟସରେ ପୁଣି ବେକାର ହୋଇ ଚାକିରି ଖୋଜିବେ ବୋଲି ଡିୱାଇଓ ରାଜ୍ୟ ସଭାପତି ମାନସ ପାଳ କହିଛନ୍ତି। ଅପରପକ୍ଷେ ଅଗ୍ନିପଥ ଯୋଜନା ଦ୍ୱାରା ଦେଶର ପ୍ରତିରକ୍ଷା ପ୍ରତି ବିପଦ ଆସିବ ବୋଲି ଅଲ୍ ଇଣ୍ଡିଆ କାଉନସିଲ୍ ଅଫ୍ ସେଣ୍ଟ୍ରାଲ ଟ୍ରେଡ୍ ୟୁନିୟନ୍ (ଏଆଇସିସିଟିୟୁ) ପକ୍ଷରୁ କୁହାଯାଇଛି। ସେନାକୁ ଘରୋଇକରଣ କରିବାର ଏହା ଏକ ଚକ୍ରାନ୍ତ। ତେଣୁ ତୁରନ୍ତ ଏହି ଯୋଜନାକୁ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ୪ବର୍ଷ ପରେ ମାତ୍ର ୨୫ ପ୍ରତିଶତ ସୈନିକଙ୍କୁ ପୂର୍ଣ୍ଣ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଛି। ତେବେ ୭୫ ପ୍ରତିଶତ ସୈନିକ ୪ବର୍ଷ ଚାକିରି କରି ଫେରିବା ପରେ ଆଉ କି ଚାକିରି କରିବେ ବୋଲି ଏଆଇସିସିଟିୟୁ ରାଜ୍ୟ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡା ପ୍ରଶ୍ନ କରିଛନ୍ତି। ଏଭଳି ଯୋଜନା ଦ୍ୱାରା ସୈନ୍ୟବାହିନୀ ପ୍ରତି ଯୁବକଙ୍କ ଭିନ୍ନ ଭାବନା ସୃଷ୍ଟି ହେବ ଓ ପରେ ସେନାରେ ଯୋଗଦେବାକୁ ଚାହିଁବେ ନାହିଁ ବୋଲି କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ସେଠୀ କହିଛନ୍ତି।

ସେହିପରି ଡେମୋକ୍ରାଟିକ୍ ୟୁଥ୍ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଡିୱାଇଏଫ୍‌ଆଇ) ପକ୍ଷରୁ ମଧ ସମାନ ଅଭିଯୋଗ କରାଯାଇଛି। କେନ୍ଦ୍ର ସରକାରୀ ଦପ୍ତରରେ ୨୩ଲକ୍ଷ ପଦବୀ ଖାଲି ଥିବାବେଳେ ଗତ ୨ବର୍ଷ ହେଲା ସେନାରେ ନିଯୁକ୍ତି ଦିଆଯାଇ ନାହିଁ। ଭାଜପା ସରକାର ବର୍ଷକୁ ୨କୋଟି ନିଯୁକ୍ତି ଦେବା କଥା କହି ଯୁବକଙ୍କୁ ପ୍ରତାରଣା କରିଛନ୍ତି। ନିଯୁକ୍ତିର ସର୍ବନିମ୍ନ ନିରାପତ୍ତା ନ ଥାଇ ଯୁବକଙ୍କୁ ସର୍ବୋତ୍ତମ ତ୍ୟାଗ କରିବା ପାଇଁ ଆହ୍ୱାନ ଦେବା ଏକ ପ୍ରକାର ଅପରାଧ ବୋଲି ଡିୱାଇଏଫ୍‌ଆଇ ଓଡ଼ିଶା ରାଜ୍ୟ କମିଟି ସମ୍ପାଦକ ଯତୀନ ମହାନ୍ତି କ୍ଷୋଭର ସହ କହିଛନ୍ତି। ତେଣୁ ଅଗ୍ନିପଥ ଯୋଜନାକୁ ତୁରନ୍ତ ପ୍ରତ୍ୟାହାର ଓ ସେନାରେ ଠିକା ପ୍ରଥାକୁ ବାତିଲ କରିବାକୁ ଦାବି କରାଯାଇଛି।

## କଟକ ଷ୍ଟେଶନରେ ବଢ଼ିଲା ସୁରକ୍ଷା



**କଟକ ଅଫିସ, ୧୮।୬:** ଭାରତୀୟ ସେନାରେ ଚୁକ୍ତିଭିତ୍ତିକ ନିଯୁକ୍ତି ଯୋଜନା 'ଅଗ୍ନିପଥ' କୁ ଦେଶବ୍ୟାପୀ ଆନ୍ଦୋଳନ ତ୍ରୀବ ହେବାରେ ଲାଗିଛି। ବିଭିନ୍ନ ରାଜ୍ୟରେ ବିକ୍ଷୋଭକାରୀମାନେ ରାସ୍ତା ଅବରୋଧ କରିବା ସହ ଷ୍ଟେଶନରେ ଭଙ୍ଗାରୁଜା ସହିତ ଟ୍ରେନ୍ ଜାଳି ଦେଇଛନ୍ତି। ଶୁକ୍ରବାର କଟକ ଚଣ୍ଡୀଛକଠାରେ ଶତାଧିକ ଆଶାୟୀ ହାତରେ ଠେଙ୍ଗାବାଡି ଧରି ବିକ୍ଷୋଭ କରିଥିଲେ। ବାଲିଯାତ୍ରା ପଡିଆ ରିଂରୋଡ୍‌ଠାରେ ରାସ୍ତାରୋକୋ ବେଳେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। ପୋଲିସ ସେମାନଙ୍କ ଉପରେ ଲାଠିଚାର୍ଜ କରିଥିଲା। ତେବେ ଏହି ଆନ୍ଦୋଳନକାରୀମାନେ କଟକ ରେଳ ଷ୍ଟେଶନରେ କିଛି ଘଟଣା ଘଟାଇବା ଆଶଙ୍କା ରହିଥିବାରୁ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶନିବାର ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏଥିସହ ଷ୍ଟେଶନ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି। ସେହିଭଳି କୌଣସି ପରିସ୍ଥିତିରେ ଆନ୍ଦୋଳନକାରୀମାନେ ଷ୍ଟେଶନ କିମ୍ବା ରେଳଧାରଣାକୁ ନ ଆସନ୍ତି ତାହା ଉପରେ ଆରପିଏଫ ନଜର ରଖିଛି।



ଓଡ଼ିଶୀ ନୃତ୍ୟାନୁଷ୍ଠାନ ପ୍ରଦକ୍ଷିଣର ବାର୍ଷିକ ନୃତ୍ୟ ଉତ୍ସବ ଶନିବାର ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସୃଜନର ନିର୍ଦ୍ଦେଶକ ରତିକାନ୍ତ ମହାପାତ୍ର, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ଜେନା, ଓଡ଼ିଶୀ ନୃତ୍ୟଶିଳ୍ପୀ ମୀରା ଦାସ ଏବଂ ସୁଜାତା ମହାପାତ୍ର ଯୋଗ ଦେଇଥିଲେ। ଅନୁଷ୍ଠାନର ଛାତ୍ରୀମାନେ ଗୁରୁ କେଳୁଚରଣଙ୍କ ସଂଯୋଜନାରେ ଗଣେଶ ବନ୍ଦନା ପରିବେଷଣ କରିଥିଲେ। ଏହାକୁ ପଣ୍ଡିତ ଭୁବନେଶ୍ୱର ମିଶ୍ର ସ୍ୱର ଦେଇଥିବାବେଳେ ଗୁରୁ ଘନଶ୍ୟାମ ପଣ୍ଡା କଣ୍ଠଦାନ କରିଥିଲେ। ସେହିପରି ଚନ୍ଦନ ଯାତ୍ରା ଉପରେ ଆଧାରିତ ଓଡ଼ିଆ ଅଭିନୟ 'ଦେଖଗୋ ରାଧାମାଧବ ଚାଲି', 'ବସନ୍ତ ପଲ୍ଲବୀ', 'ନୃତ୍ୟ ନାଟିକା ଗିରି ଗୋବର୍ଦ୍ଧନ' ଆଦି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

# ୪ଜଣଙ୍କୁ ପଚରାଉଚୁରା କରୁଛି ବନ ବିଭାଗ

## ଗୁଳିବିଦ୍ଧ ହାତୀ ମୃତ୍ୟୁ ଘଟଣା

ଭୁବନେଶ୍ୱର, ୧୮।୬(ବ୍ୟୁରୋ)



ଆଠଗଡ଼ ବନଖଣ୍ଡ ନରସିଂହପୁର ରେଞ୍ଜ୍‌ରେ ଗୁଳିବିଦ୍ଧ ହାତୀର ମୃତ୍ୟୁ ଘଟଣାକୁ ନେଇ ତନାଘନା ଜାରି ରହିଛି। ଗୁଳିବିଦ୍ଧ ହାତୀକୁ ଗୁଳି କରିଥିବା ସନ୍ଦେହରେ ୪ଜଣଙ୍କୁ ଉଠାଇ ଆଣିଛି ବନ ବିଭାଗ। ବନ ବିଭାଗ କାର୍ଯ୍ୟାଳୟରେ ଏମାନଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ତେବେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ଆଲୋଚନା ଚାଲିଛି। ଏହି ୪ଜଣ ପୂର୍ବରୁ ବିଭିନ୍ନ ବନ୍ୟପ୍ରାଣୀ ମାମଲାରେ ସମ୍ପୃକ୍ତ ଥିଲେ। ଏବେ ଚାପରେ ପଡ଼ି ଦୋଷ ଖସାଇବାକୁ ଏମାନଙ୍କୁ ଉଠାଇ ଆଣି ଗୁଳିବିଦ୍ଧ ହାତୀ ଶିକାର ଘଟଣାରେ ଛନ୍ଦିବାକୁ ବନ ବିଭାଗ ଚେଷ୍ଟା କରୁଛି। ଏପରିକି ଯେଉଁମାନଙ୍କୁ ବନ ବିଭାଗ ନେଇ ପଚରାଉଚୁରା କରୁଛି, ସେମାନଙ୍କ ପରିବାର ଲୋକେ ମଧ ଏହାକୁ ବିରୋଧ କରି ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ସୂଚନା ମିଳିଛି।

ହାତୀ ମୃତ୍ୟୁ ଘଟଣାରେ କେନ୍ଦ୍ର ସରକାର ଉଦ୍‌ବେଗ ପ୍ରକାଶ କରିବା ସହିତ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ତୁରନ୍ତ ଆକ୍ସନ ଟେକେନ ରିପୋର୍ଟ ଦେବା ପାଇଁ ମଧ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ତାଗିଦ ପରେ ରାଜ୍ୟ ସରକାର ତତ୍ପରତା ଦେଖେଇ ଘଟଣାର ତଦନ୍ତ କରୁଛନ୍ତି। ତେବେ ପ୍ରକୃତ ଦୋଷୀଙ୍କୁ ଖୋଜିବା ବଦଳରେ ବିଭାଗ ପୂର୍ବ ଅଭିଯୁକ୍ତଙ୍କୁ ଧରିଆଣି ପଚରାଉଚୁରା କରିବା ଉପରେ ପ୍ରଶ୍ନ ଉଠୁଛି। ଯେଉଁଠି ହାତୀକୁ ଗୁଳି ହେଲେ, ବନ ଅଧିକାରୀମାନେ କାନ ବନ୍ଦ କରି ଦିଅନ୍ତି, ମାଫିଆମାନେ ହାତୀକୁ ହତ୍ୟା କରି ଦାନ୍ତ କାଟିବାଠାରୁ ଆରମ୍ଭ କରି ପୋତିବା ପର୍ଯ୍ୟନ୍ତ ସବୁଠି ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ସମ୍ପୃକ୍ତ ରହୁଛନ୍ତି, ସେ କ୍ଷେତ୍ରରେ ବନ ବିଭାଗର ତଦନ୍ତ କେବଳ ପ୍ରହସନ ବୋଲି ପୁଣି ଶୁଣିବାକୁ ମିଳୁଛି।

# ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କଲେ ଦିଲ୍ଲୀ ଏମ୍‌ସ ଡାକ୍ତର

## ଏସ୍‌ସିବିରେ ଯୋଡ଼ାମୁଣ୍ଡ ଶିଶୁ ଜଗା

କଟକ ଅଫିସ, ୧୮।୬

କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା ଗୁରୁବାରଠାରୁ ଚିକିତ୍ସା ପାଇଁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଶନିବାର ଦିଲ୍ଲୀ ଏମ୍‌ସ ଡାକ୍ତର ଦୀପକ ଗୁପ୍ତା ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଛନ୍ତି। ଏମ୍‌ଆର୍‌ଆଇ ଏବଂ ସିଟି ସ୍କାନ୍ ରିପୋର୍ଟ ଦେଖିବା ପରେ ଜଗାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଥିବା ଡାକ୍ତର କହିଛନ୍ତି। ଡା. ଗୁପ୍ତା ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆଙ୍କର ଅସ୍ତ୍ରୋପଚାର କରିଥିଲେ। ଏହାପରଠାରୁ ଜଗାଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଏବେ ଜଗା ସମ୍ପୂର୍ଣ୍ଣ ସୁସ୍ଥ ରହିଛି ଓ ମେଡିକାଲ ପରିସରରେ ଗୀତ ଗାଇବା ସହ ନାଚ କରୁଥିବା ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଅଭିନାଶ ରାଉତ କହିଛନ୍ତି। ତାଙ୍କୁ କାଜୁଆଲ୍‌ଟିର ଉପର ମହଲାରେ ରଖି ଚିକିତ୍ସା କରାଯାଉଛି। ସୂଚନାଯୋଗ୍ୟ, ୨୦୧୯ ସେପ୍ଟେମ୍ବର ୭ ତାରିଖରେ ଯୋଡାମୁଣ୍ଡ ଶିଶୁ ଜଗା-କାଳିଆଙ୍କୁ ଦିଲ୍ଲୀ ଏମ୍‌ସରୁ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ଚିକିତ୍ସା ଲାଗି ୧୪ ଡାକ୍ତରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କାଳିଆଙ୍କ ମୃତ୍ୟୁ ଘଟିଥିଲା।



# ଜୀବନକୁ ସାର୍ଥକ କରିବାରେ ସ୍କାଉଟ୍ସ ଓ ଗାଇଡ୍ସ ପ୍ରେରଣା ଦେଇଥାଏ

ଭୁବନେଶ୍ୱର,୧୮।୬(ବ୍ୟୁରୋ)

ଜନ୍ମ, ମୃତ୍ୟୁ ଓ ଜୀବନ ରହସ୍ୟମୟ। ଗୋଟିଏ ରହସ୍ୟକୁ ଭେଦ କଲା ପରେ ମଣିଷ ଆଉ ଗୋଟିଏ ରହସ୍ୟ ପାଖରେ ପହଞ୍ଚିଥାଏ। ଏଥିପାଇଁ ଲୋଡ଼ା କରୁଣା, ଶୃଙ୍ଖଳା, ପ୍ରେମ ଓ ମାନବିକତା। ଏହି ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ଜୀବନକୁ ସାର୍ଥକ କରିବା ପାଇଁ ସ୍କାଉଟ୍ସ ଓ ଗାଇଡ୍ସ ପ୍ରେରଣା ଦେଇଥାଏ। ଶନିବାର ସୂଚନା ଭବନଠାରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ସ୍କାଉଟ୍ସ ଓ ଗାଇଡ୍ସର ୩୬ତମ ରାଜ୍ୟ ପୁରସ୍କାର ଉତ୍ସବରେ ଯୋଗଦେଇ ସଂସ୍ଥାର ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ରାଜ୍ୟପାଳ ଗଣେଶୀ ଲାଲ ଏହା କହିଛନ୍ତି। ପ୍ରେମ, ଶୃଙ୍ଖଳା ସହ ସବୁକିଛି ହାସଲ କରିବାକୁ ସ୍କାଉଟ୍ସ ବାଟ ଦେଖାଇଥାଏ ବୋଲି ସେ ମତ ଦେଇଛନ୍ତି। ସଂସ୍ଥାର ସଭାପତି ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଏକାଠି କରିବାରେ ସ୍କାଉଟ୍ସ ହିଁ ଏକମାତ୍ର ରାସ୍ତା। ଅନ୍ୟମାନଙ୍କ ମଧ୍ୟରେ ସଂସ୍ଥାର ଉପସଭାପତି ତଥା ବିଧାୟକ ଅନନ୍ତ ନାରାୟଣ ଜେନା, ସମାଜ ଖବରକାଗଜର ପ୍ରକାଶକ ନିରଞ୍ଜନ ରଥ, ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ମିନତୀ ବେହେରା, ଅବସରପ୍ରାପ୍ତ ନ୍ୟାୟାଧୀଶ ମନୋରଞ୍ଜନ ମହାନ୍ତି, ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ ରାଜ୍ୟ ପୁରସ୍କାର ପ୍ରାପ୍ତ ସ୍କାଉଟ୍ସ, ଗାଇଡ୍ସ, ରୋଭର, ରେଞ୍ଜର, କବ୍ ଓ ବୁଲବୁଲ୍‌ମାନଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ଜିଲା ସ୍କାଉଟ୍ସ ଓ ଗାଇଡ୍ସ ସମାବେଶ ପାଇଁ ବରଗଡ଼, ଗଞ୍ଜାମ, କଳାହାଣ୍ଡି, ନବରଙ୍ଗପୁର, ବଲାଙ୍ଗୀର, ବୌଦ୍ଧ ଏବଂ ସମ୍ବଲପୁର ଜିଲା ଜାତୀୟସ୍ତରରେ ଲକ୍ଷ୍ମୀ ମଜୁମଦାର ପୁରସ୍କାର ପାଇବା ପାଇଁ କଟକର ଏମ୍‌ଏସ୍ ବିଦ୍ୟାପୀଠ, ଭୁବନେଶ୍ୱରର ସିଟି ଓମେନ୍ସ ହାୟର ସେକେଣ୍ଡାରୀ ସ୍କୁଲ, ସୁନ୍ଦରଗଡ଼ର ବରଙ୍ଗା ଆଇଟିଆଇ, କଟକର ବାଙ୍କୀ ଅଟୋନମସ କଲେଜ, ଜଗତ୍‌ସିଂହପୁରର ଏନ୍‌ଜେଡବ୍ଲ୍ୟୁ ରୋଭର କ୍ରିୟୁ, ଗଞ୍ଜାମର ଶ୍ରୀକରଭଞ୍ଜୀ ଓପନ ୟୁନିଟ୍ ପ୍ରଭୃତି ମନୋନୀତ ହୋଇଥିଲା। ରାଜ୍ୟ ସଙ୍ଗଠନ କମିଶନର (ଗାଇଡ୍) ତଥା ଆଡମିନିଷ୍ଟ୍ରେଟିଭ୍ ଅଫିସର ଅନାମିକା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍କାଉଟ୍ସ ଓ ଗାଇଡ୍ସଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ।



ଉତ୍ସବରେ ଯୋଗଦେବା ଅବସରରେ ଦୁଇ ଶିଶୁଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ।

## ସଂକ୍ଷେପରେ

### ତୁଷାରଶ୍ରୀ ଯାତ୍ରା କଳାକାର ସମ୍ମାନ

ଭୁବନେଶ୍ୱର,୧୮।୬(ବ୍ୟୁରୋ): ତୁଷାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରଥମ 'ତୁଷାରଶ୍ରୀ ଯାତ୍ରା କଳାକାର ସମ୍ମାନ' ପ୍ରଦାନ ଉତ୍ସବ ସୂଚନା ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ମୁନା ଖାଁ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ସମ୍ମାନିତ ଅତିଥି ଭାବେ ରୁଦ୍ର ନାରାୟଣ ସାମନ୍ତରାୟ, ବିକାଶ ଚନ୍ଦ୍ର ପଟ୍ଟନାୟକ, ପ୍ରଶାନ୍ତ ମହାନ୍ତି, ଟ୍ରଷ୍ଟର ଉପଦେଷ୍ଟା ଶିବିର କୁମାର ପରିଡ଼ା, ସଭାପତି ହିତେନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଭିନେତା ବିନୋଦ ନାଥ, ଲରେନସ ବେହେରା, ପାର୍ଶ୍ୱ ଅଭିନେତା କମଳ ନନ୍ଦ, ଅଭିନେତ୍ରୀ କାବେରୀ ପାଢ଼ୀ, ବେବିନା ନାଥ, ନମିତା ବେହେରା, ଲୋକପ୍ରିୟ ଯୋଡ଼ି ରତିକାନ୍ତ ଓ ମିଟୁନା, ହାସ୍ୟ କଳାକାର ଭିକାରୀ ସ୍ୱାଇଁ, ରାମ ନାୟକ, କଣ୍ଢେଇ ବିଶ୍ୱାଳ, ଖଳନାୟକ ଜ୍ଞାନରଞ୍ଜନ ସାହୁ, ସନ୍ଦୀପ ଦାସ, ଦୈତାରୀ ପଣ୍ଡା ଓ କୈଳାସ ବେହେରାଙ୍କୁ ଜୀବନବ୍ୟାପୀ ସମ୍ମାନ, 'ଆଖିଏ ଲୁହକୁ ଛାତିଏ କୋହ'କୁ ଲୋକପ୍ରିୟ ନାଟକ, ଶ୍ରେଷ୍ଠ ଅନୁଷ୍ଠାନ ଭାବେ ରଙ୍ଗମହଲକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟର ସମ୍ପାଦକ ବିବେକାନନ୍ଦ ବାରିକ ଓ ଗୁଡ଼ି ମଞ୍ଚ ପରିଚାଳନା କରିଥିଲେ।

### ନ'ଅଙ୍କ ଦୁର୍ଭିକ୍ଷ ଫଟୋ ପ୍ରଦର୍ଶନୀ ଉଦ୍‌ଘାଟିତ

କଟକ ଅଫିସ, ୧୮।୬: ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର ଆର୍ଟ ଆଣ୍ଡ କଲ୍‌ଚରାଲ ହେରିଟେଜ (ଇନ୍‌ଟାକ) ଓ କଟକ କ୍ଲବର ମିଳିତ ଆନୁକୂଲ୍ୟରେ ନ'ଅଙ୍କ ଦୁର୍ଭିକ୍ଷ ସମୟର ଦୁଇଦିନିଆ ଫଟୋ ପ୍ରଦର୍ଶନୀ କ୍ଲବର ଆନେକ୍ସ ହଲ୍‌ରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ସେ କହିଥିଲେ, ନ'ଅଙ୍କ ଦୁର୍ଭିକ୍ଷ ସମୟର ଦୃଶ୍ୟକୁ ଓଡ଼ିଆ ଭାଷାରେ ରୂପାନ୍ତରିତ କରି ପୁସ୍ତକ ପ୍ରକାଶନ କରାଯିବା ଉଚିତ। ଏଥିସହ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଏହି ପ୍ରଦର୍ଶନୀରେ ସାମିଲ କରି ନ'ଅଙ୍କ ଦୁର୍ଭିକ୍ଷ ବିଷୟରେ ଜଣାଇବାକୁ ସେ କହିଥିଲେ। ଏହାପରେ ଅନିଲ ଧୀର ଓ ରମେଶ ଚନ୍ଦ୍ର ମହାପାତ୍ରଙ୍କ ଲିଖିତ ଇଂଲିଶ ପୁସ୍ତକ 'ଦି ଗ୍ରେଟ୍ ଓଡ଼ିଶା ଫେମିନ ୧୮୬୬' ଉପସ୍ଥାପନ କରାଯାଇଥିଲା।

### ଡ. ସୁପ୍ରଭା ମିଶ୍ରଙ୍କୁ 'ସ୍ୱର୍ଗତ ଶରତ ମହାପାତ୍ର ସମ୍ମାନ'
### ଆଳାପର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୮।୬(ବ୍ୟୁରୋ): ଓଡ଼ିଶୀ ସଙ୍ଗୀତ ଅନୁଷ୍ଠାନ ଆଳାପର ବାର୍ଷିକ ଉତ୍ସବ ଏବଂ ଓଡ଼ିଶୀ ସଙ୍ଗୀତ ମହୋତ୍ସବ-୨୦୨୨ ଶନିବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥ ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ପ୍ରବୋଧ କୁମାର ରଥ, ମୁଖ୍ୟବକ୍ତା ଭାବେ ଓଡ଼ିଶୀ ଗୁରୁକୁଳର ପ୍ରତିଷ୍ଠାତା ପ୍ରଫେସର ରାମହରି ଦାସ, ସମ୍ମାନିତ ଅତିଥି ଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ଗୁରୁ ଡ. ବିଜୟ ଜେନା, ଶ୍ରୀମେଟାଲିକ୍ସ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ନଳିନୀ ଅଗ୍ରୱାଲ ଓ ସାମାଜିକ କର୍ମୀ ହୈମବତୀ ରାଉତ ଯୋଗଦେଇଥିଲେ। ଏହି ଅବସରରେ ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଗୁଜରାଟର ଡ. ସୁପ୍ରଭା ମିଶ୍ରଙ୍କୁ ଅନୁଷ୍ଠାନର ସଭାପତି ସ୍ୱର୍ଗତ ଶରତ ମହାପାତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁ ରାଉତରାୟଙ୍କ ଛାତ୍ରୀଛାତ୍ରମାନେ ପାରମ୍ପରିକ ଭଜନ ଏବଂ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଗାନ କରିଥିଲେ। ଅନୁଷ୍ଠାନର ସଭାପତି ବଦ୍ରିନାରାୟଣ ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଓଡ଼ିଶୀ କଣ୍ଠଶିଳ୍ପୀ ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସମ୍ପାଦକ ଗୁରୁ ରାଉତରାୟ ଧନ୍ୟବାଦ ଦେଇଥିଲେ।

# ବ୍ୟବଚ୍ଛେଦ ରିପୋର୍ଟକୁ ନେଇ ପରିବାରର ସନ୍ଦେହ

## ନାବାଳକ ଦୈତ୍ୟରାଜଙ୍କ ମୃତ୍ୟୁ ଘଟଣା

- ଶରୀରରେ କୌଣସି ବାହ୍ୟ ଆଘାତ ନ ଥିବା ସୂଚନା
- ସିବିଆଇ ତଦନ୍ତ ଦାବି, ବାପାଙ୍କ ଆତ୍ମାହୁତି ଚେତାବନୀ
- ଭିସେରା ରିପୋର୍ଟକୁ ପୋଲିସର ଅପେକ୍ଷା



ଭୁବନେଶ୍ୱର,୧୮।୬(ବ୍ୟୁରୋ)

ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରିବିହାର ପଣ୍ଡାପାର୍କ ବସ୍ତି ନିକଟ ଏକ ଖାଲରୁ ନାବାଳକ ଦୈତ୍ୟରାଜ ନାୟକଙ୍କ ମୃତଦେହ ମିଳିବା ଘଟଣାକୁ ନେଇ କମିଶନରେଟ୍ ପୋଲିସ ଖୋଳତାଡ଼ କରୁଛି। ଶନିବାର ପୋଲିସ ଟିମ୍ ଉକ୍ତ ବସ୍ତିକୁ ଯାଇ କେତେଜଣଙ୍କୁ ପଚରାଉଚୁରା କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ଦୈତ୍ୟରାଜଙ୍କ ବ୍ୟବଚ୍ଛେଦ ରିପୋର୍ଟ ପୋଲିସର ହସ୍ତଗତ ହୋଇଛି। ତାଙ୍କ ଗୁପ୍ତାଙ୍ଗକୁ ମାଡ ମାରି ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। କିନ୍ତୁ ବ୍ୟବଚ୍ଛେଦ ରିପୋର୍ଟରେ ଦୈତ୍ୟରାଜଙ୍କ ଶରୀରରେ କୌଣସି ବାହ୍ୟ ଆଘାତ ନ ଥିବା ଉଲ୍ଲେଖ ରହିଛି ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି। ଏଥିସହ ଶରୀରରେ ବିଷକ୍ରିୟା ରହିଥିଲା କି ନାହିଁ ତାହା ଜାଣିବା ଲାଗି ଭିସେରା ଟେଷ୍ଟ ଲାଗି ନମୁନାକୁ ଫୋରେନସିକ୍ ଲାବୋରେଟୋରୀକୁ ପଠାଯାଇଛି। ରିପୋର୍ଟ ଆସିଲେ ସେହି ଆଧାରରେ ତଦନ୍ତ ଆଗେଇବ ବୋଲି ଡିସିପି ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଓ ଡିସିପିଙ୍କ ସୂଚନା ପରେ ଦୈତ୍ୟରାଜଙ୍କ ମୃତ୍ୟୁ ଆହୁରି ରହସ୍ୟାବୃତ ହୋଇପଡିଛି।

ଅନ୍ୟପକ୍ଷରେ ବ୍ୟବଚ୍ଛେଦ ରିପୋର୍ଟକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଦୈତ୍ୟରାଜଙ୍କ ବାପା ଯୁଧିଷ୍ଠିର କହିଛନ୍ତି, ଯଦି ଶରୀରରେ କୌଣସି ଆଘାତ ହୋଇନାହିଁ ତା'ହେଲେ ମୋର ପିଲାଟା ମଲା କେମିତି, ନା ନିଜେ ନାଳ ଭିତରେ ଯାଇ ମରିଗଲା। ନୀଳ ପଟ୍ଟନାୟକ, ଦୀପକ ଓ ଗେଡୁ ମିଶି ପେଟ୍ରୋଲ ପକାଇ ପୋଡି ମାରିଦେଇଛନ୍ତି। ଏମାନଙ୍କୁ ତଦନ୍ତ ପରିସରକୁ ଆଣିଲେ ସତ କ'ଣ ଜଣାପଡିବ। ସେ ଆହୁରି ମଧ୍ୟ କହିଛନ୍ତି, ମୋ ପୁଅ ହତ୍ୟାର ସିବିଆଇ ତଦନ୍ତ ହେଉ। ଯଦି ମୋତେ ନ୍ୟାୟ ନ ମିଳେ ତା'ହେଲେ ପରିବାରର ସମସ୍ତ ସଦସ୍ୟ ଜୀବନ ହାରିଦେବୁ ବୋଲି ଯୁଧିଷ୍ଠିର ଚେତାବନୀ ଦେଇଛନ୍ତି।

ବସ୍ତିବାସିନ୍ଦାଙ୍କ କହିବା ଅନୁଯାୟୀ, ଦୀପକ ନିଶା କାରବାର କରନ୍ତି। ଏଥିପାଇଁ ବସ୍ତିରେ ନିଶାଡ଼ିଙ୍କ ଭିଡ଼ ଜମୁଥିଲା। ଏହାକୁ ନେଇ ଦୀପକଙ୍କ ଶାଳୀ ଓ ଦୈତ୍ୟରାଜଙ୍କ ଭଉଣୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଉକ୍ତ ଘଟଣାର ଆପୋସ ସମାଧାନ ପାଇଁ କିଛିଦିନ ତଳେ ବୈଠକ ମଧ୍ୟ ହୋଇଥିଲା। ଏହାକୁ ନେଇ ଦୀପକ ଧମକ ଦେଇଥିଲେ ଓ ସେ ହିଁ ହତ୍ୟାକାରୀ ବୋଲି ମୃତ ଦୈତ୍ୟରାଜଙ୍କ ଭାଇ ଶିବଶଙ୍କର କହିଛନ୍ତି।

ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟାରେ ଦୈତ୍ୟରାଜ ବସ୍ତିରେ ବୁଲାବୁଲି କରୁଥିଲେ। ରାତି ପ୍ରାୟ ୧୦ଟା ୩୦ରେ ଉକ୍ତ ବସ୍ତିରେ ରହୁଥିବା ଗେଡୁ ନାମକ ଜଣେ ଯୁବକ ଦୈତ୍ୟରାଜଙ୍କ ମୋବାଇଲ ଫୋନ୍ ଆଣି ପରିବାର ଲୋକଙ୍କୁ ଦେଇଥିଲେ। ପୁଅ କୁଆଡ଼େ ଗଲା ବୋଲି ପଚାରିବାରୁ ଗେଡୁ କିଛି ନ କହି ପଳାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପୁଅକୁ ପାଇ ନ ଥିଲେ। ବାପା ଯୁଧିଷ୍ଠିର ମଙ୍ଗଳବାର ଅପରାହ୍ନରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତ ୧୫ ତାରିଖରେ ଦୈତ୍ୟରାଜଙ୍କ ମୃତଦେହ ବସ୍ତି ନିକଟରୁ ମିଳିଥିଲା।

## ବାଇକ୍‌କୁ ଧକ୍କାଦେଇ ଓଲଟିଲା କାର୍

ଭୁବନେଶ୍ୱର,୧୮।୬(ବ୍ୟୁରୋ)

ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ସୌଭାଗ୍ୟ ନଗର ଛକରେ ଶନିବାର ରାତି ସାଢେ ୭ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ସିଟିପୁରରୁ ଦ୍ରୁତଗତିରେ ଆସୁଥିବା ଗୋଟିଏ କାର୍ ସୌଭାଗ୍ୟ ଛକରେ ବୁଲାଇ ଯିବାବେଳେ ରାସ୍ତାକଡ଼ରେ ଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋର୍‌ରେ ଥିଲା ଯେ ଘଟଣାସ୍ଥଳରେ କାର୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ କେହି ମୃତ ହୋଇ ନ ଥିବାବେଳେ କାର୍ ଚାଳକ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେବାରୁ କିଛି ସମୟ ଟ୍ରାଫିକ ଜାମ ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହାପରେ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ କାରକୁ ଜବତ କରି ତଦନ୍ତ ଚଳାଇଛି। ସେହିପରି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ।



ୟୁନିଟ୍-୪ ପଟେଲ ମାର୍ଗରେ ରାସ୍ତା ମଝିରେ ରହିଥିବା ସ୍ୱେରେଜ ଚାମ୍ବରର ଘୋଡ଼ଣି ଭାଙ୍ଗିଯାଇ ବିପଦପୂର୍ଣ୍ଣ ଅବସ୍ଥାରେ ମୁକୁଳା ରହିଛି। ଅନ୍ୟଏକ ଚାମ୍ବରରୁ ମଇଳା ପାଣି ଉଛୁଳି ରାସ୍ତାରେ ବୋହୁଛି।

# ରାସ୍ତା ମଝିରେ ସ୍ୱେରେଜ ଚାମ୍ବର ବିପଦ

## ୟୁନିଟ୍-୪ ପଟେଲ ମାର୍ଗ

ଭୁବନେଶ୍ୱର, ୧୮।୬ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ୱାର୍ଡ ନଂ.୩୬ର ଏକ ପ୍ରମୁଖ ରାସ୍ତା ହେଉଛି ୟୁନିଟ-୪ ପଟେଲ ମାର୍ଗ। ଏହା ରାଜଧାନୀର ଅନ୍ୟତମ ଭିଆଇପି ରୋଡ୍ ହୋଇଥିବାବେଳେ ସାଧାରଣ ଲୋକଙ୍କ ଦୈନନ୍ଦିନ ଯିବାଆସିବା ବାଟ। ମାତ୍ର ଏହି ରାସ୍ତାର ରେଡ୍‌କ୍ରସ ଟ୍ରାଫିକ ଛକରୁ ଶାସ୍ତ୍ରୀନଗର ଟ୍ରାଫିକ ପୋଷ୍ଟ ପର୍ଯ୍ୟନ୍ତ ଅବସ୍ଥାକୁ ନେଇ ତୀବ୍ର ଅସନ୍ତୋଷ ଲାଗି ରହିଛି। ବିଶେଷକରି ମଧୁସୂଦନ ନଗରରୁ ୟୁନିଟ-୪ ହାଟକୁ ସଂଯୋଗ କରୁଥିବା ଉକ୍ତ ରୋଡ୍‌ର ମଧ୍ୟ ଭାଗରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ରାସ୍ତା ମଝିରେ ଯାଇଥିବା ସ୍ୱେରେଜ ଲାଇନ୍‌ର ଏକାଧିକ ଚାମ୍ବର ବିପଦର ଆଁ ମେଲି ରହିଛି। ନବନିର୍ମିତ ଚାମ୍ବରର ଘୋଡଣୀଗୁଡିକ ଭାଙ୍ଗି ଯାଇଥିବାବେଳେ ଅନେକ ସ୍ଥାନରେ ତାହା ଉଛୁଳି ରାସ୍ତାରେ ମଇଳା ପାଣି ମାଡୁଛି। ବିଶେଷକରି ରାତି ସମୟରେ ଲୋକେ ଭୟ ଓ ଆଶଙ୍କାରେ ଯିବା ଆସିବା କରୁଛନ୍ତି। ଜୀବନ ଯିବା ପରେ ବିଏମ୍‌ସିର ଚେତା ପଶିବ ବୋଲି ସ୍ଥାନୀୟ ବାସିନ୍ଦା କ୍ଷୋଭର ସହ କହିଛନ୍ତି। ଏ ସମ୍ପର୍କରେ ବିଏମ୍‌ସି ଅଧିକାରୀଙ୍କୁ ଅବଗତ କରାଇଲେ ମଧ୍ୟ ଏହି ଦାୟିତ୍ୱ ଆମର ନୁହେଁ, ଯେହେତୁ ଉକ୍ତ ଅଞ୍ଚଳ ଆମ ପରିସୀମାରେ ଯାଉଛି ଆମେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଦେବୁ ବୋଲି କହୁଛନ୍ତି। ଅପରପକ୍ଷରେ ପିଡବ୍ଲୁଡି ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ଘଟଣାକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ସ୍ମାର୍ଟସିଟି ରାସ୍ତାର ଏଭଳି ଅବସ୍ଥା ହୋଇଥିବାବେଳେ ସହରବାସୀ ହଇରାଣ ହେବା ସହ ବିପଦରେ ପଡୁଛନ୍ତି।

# ନିଶା ବେପାରୀ ଦିଲୀପଙ୍କ ଦୋକାନ ଭାଙ୍ଗିଲା ପୋଲିସ

ଭୁବନେଶ୍ୱର,୮।୬(ବ୍ୟୁରୋ)

ସାଲିଆ ସାହି ଆଦିବାସୀ ଗାଁରେ ସରକାରୀ ଜାଗାକୁ କବ୍‌ଜା କରି ଘର କରିଥିଲେ। ଭିତରେ ଗ୍ରସରୀ, ଆଉ ବାହାରେ ହେଉଥିଲା ଚା' ବେପାର। ହେଲେ ଦୋକାନ ବାହାନାରେ ଦମ୍ପତି ଚଳାଉଥିଲେ ବ୍ରାଉନସୁଗାର, ଗଞ୍ଜେଇ ଭଳି ନିଶା କାରବାର। ନୟାପଲ୍ଲୀ ଥାନା ପୋଲିସ ଶୁକ୍ରବାର ଚଢ଼ାଉ କରି ୬.୬ ଗ୍ରାମ୍‌ର ବ୍ରାଉନସୁଗାର, କାର ଓ ଟଙ୍କା ଜବତ କରିବା ସହ ଉଭୟ ଦିଲୀପ ବରାଳ ଓ ତାଙ୍କ ସ୍ତ୍ରୀ ପୂର୍ଣ୍ଣିମାଙ୍କୁ ଗିରଫ କରିଥିଲା। ଶନିବାର ନିଶା କାରବାରର ଆଡ୍ଡାସ୍ଥଳ ପାଲଟିଥିବା ଉକ୍ତ ଦୋକାନ ଘରକୁ ମାଟିରେ ମିଶାଇ ଦିଆଯାଇଛି। ବିଏମ୍‌ସି ପକ୍ଷରୁ ବୁଲ୍ ଡୋଜର ସହାୟତାରେ ଏହି ଉଚ୍ଛେଦ କରାଯାଇଥିବାବେଳେ ଫୋର୍ସ ସହ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏଥିସହ ନିଶା ବେପାରୀଙ୍କ ଦୌରାତ୍ମ୍ୟକୁ ରୋକିବାକୁ ବଡ ପ୍ଲାନ ଆରମ୍ଭ କରିଛି କମିଶନରେଟ୍ ପୋଲିସ। ଆଗକୁ ଏଭଳି ପଦକ୍ଷେପ ଜାରି ରହିବ ବୋଲି ସୂଚନା ଦିଆଯାଇଛି।



ସାଲିଆ ସାହି ଆଦିବାସୀ ଗାଁରେ ଥିବା ନିଶା ବେପାରୀ ଦିଲୀପଙ୍କ ଦୋକାନକୁ ଭଙ୍ଗା ଯାଉଛି।

# ୬ ମାସରେ ୬୨୬.୧୯ ଗ୍ରାମର ବ୍ରାଉନସୁଗାର ଜବତ

## ଅପରେଶନ ହ୍ୱାଇଟ୍ ସ୍ୱାଇଡର

- ୭ ମହିଳାଙ୍କ ସମେତ ୨୪ ବେପାରୀ ଧରାପଡ଼ିଲେଣି

ଭୁବନେଶ୍ୱର,୧୮।୬(ବ୍ୟୁରୋ)

ରାଜଧାନୀରେ ବ୍ରାଉନସୁଗାର କାରବାର ବଢ଼ିଚାଲିଥିବା ବେଳେ ବସ୍ତିଠୁ ଆରମ୍ଭ କରି ଗଳିକନ୍ଦି ପର୍ଯ୍ୟନ୍ତ ସବୁଠି ବେପାର ଚାଲିଛି। ପୋଲିସ, ଅବକାରୀ, କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ଯେତେ ଧରିଲେ ମଧ୍ୟ ବେପାର ଥମିବାର ନାଁ ଧରୁନି। ଏପରିକି ପୋଲିସ ହାତରେ ଧରା ନ ପଡ଼ିବା ପାଇଁ ନିଶା ମାଫିଆମାନେ ମହିଳାମାନଙ୍କୁ ଏଥିରେ ସାମିଲ କରି କାରବାର ଚଳାଇଛନ୍ତି। ଫଳରେ ମହିଳାମାନେ ନିଶା କାରବାରରେ ମଙ୍ଗ ଧରି ଭୁବନେଶ୍ୱରରେ କାରବାର ଚଲାଇଛନ୍ତି। ତେଣୁ ନିଶା ଦ୍ରବ୍ୟର ବେଆଇନ ବିକ୍ରୟ ଓ ସେବନକୁ ପ୍ରତିହତ କରିବା ଲାଗି ଭୁବନେଶ୍ୱର ସହରାଞ୍ଚଳ ପୋଲିସ ତରଫରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କମିଶନରେଟ ପୋଲିସର ସମସ୍ତ ଥାନା ସ୍ତରରେ ସ୍ୱତନ୍ତ୍ର ରୂପେ ଗଠିତ ଅପରେଶନ ହ୍ୱାଇଟ ସ୍ୱାଇଡର ମାଧ୍ୟମରେ ପିଓପିଡି ଏବଂ ଟିମ-୬୦ ମିଳିତ ଉଦ୍ୟମରେ ଚଳିତବର୍ଷ ଜାନୁୟାରୀରୁ ଜୁନ ୧୭ତାରିଖ ମଧ୍ୟରେ ୧୯ଟି ବେଆଇନ ବ୍ରାଉନସୁଗାର ବିକ୍ରି ଜନିତ ମାମଲା ରୁଜୁ ହୋଇଛି। ଏଥିସହ ୭ ଜଣ ମହିଳାଙ୍କ ସମେତ ମୋଟ ୨୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କଠାରୁ ୬୨୬.୧୯ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ସେହିପରି ଏହି ନିଶା କାରବାରରେ ଆୟ ହୋଇଥିବା ମୋଟ ୨ ଲକ୍ଷ ୩୭ ହଜାର ୩୩୦ ଟଙ୍କା ମଧ୍ୟ ଜବତ କରାଯାଇଛି ।

## ହନୁମାନ ମନ୍ଦିରରୁ ଚୋରି

ବାଲିଅନ୍ତା,୧୮।୬(ଡି.ଏନ୍.ଏ.): ବାଲିଅନ୍ତା ପଞ୍ଚାୟତର ତଳଗଡ଼ ଗ୍ରାମ ସମ୍ମୁଖ କୁଶଭଦ୍ରା ନଦୀକୂଳରେ ଥିବା ହନୁମାନ ମନ୍ଦିରରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ଗ୍ରିଲ ତାଲା ଭାଙ୍ଗି ପିତଳ ଡାଳ, ବାଲ୍‌ଟି, ଘଣ୍ଟ, ଅଖଣ୍ଡ ଦୀପ ଓ ୨ଟି ଥାଳି ଆଦି ପୂଜା ସାମଗ୍ରୀ ନେଇଯାଇଛନ୍ତି। ସେହିପରି ମନ୍ଦିର ନିକଟରେ ଥିବା ଏକ ଷ୍ଟୋର୍‌ରୁମ୍ ତାଲା ଭାଙ୍ଗି ୨ଟି ପାଣି ମୋଟର ଚୋରି କରିନେଇଛନ୍ତି। ଶନିବାର ସକାଳେ ଗ୍ରାମବାସୀମାନେ ମନ୍ଦିର ଦ୍ୱାର ଖୋଲିବାବେଳେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ମନ୍ଦିର କମିଟିର ଉପଦେଷ୍ଟା ବ୍ରଜ କିଶୋର ସାହୁ ବାଲିଅନ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖବରପାଇ ଥାନାଧିକାରୀ ଯୁବରାଜ ସ୍ୱାଇଁ ପହଞ୍ଚି ତଦନ୍ତ କରିଥିଲେ।

# ରାଜଧାନୀରେ ଭକ୍ତଙ୍କ ଗହଣରେ ହେବ ରଥଯାତ୍ରା

- ଟ୍ରଷ୍ଟ ପକ୍ଷରୁ ସ୍ୱେଚ୍ଛାସେବୀ ଭଲ୍ୟୁଣ୍ଟର ଲିଷ୍ଟ ଥାନାକୁ ଦେବେ
- ୧୦ ବରିଷ୍ଠ ପୋଲିସ ଅଧିକାରୀ ଦାୟିତ୍ୱରେ ରହିବେ

ଭୁବନେଶ୍ୱର,୧୮।୬(ବ୍ୟୁରୋ)

କରୋନା ମହାମାରୀ ଯୋଗୁ ଦୀର୍ଘ ୨ବର୍ଷ ଧରି ବନ୍ଦ ରହିଥିବା ରଥଯାତ୍ରା ଚଳିତବର୍ଷ ଭୁବନେଶ୍ୱରରେ ଭକ୍ତଙ୍କ ଗହଣରେ ଅନୁଷ୍ଠିତ ହେବ। ଏ ନେଇ ସ୍ଥାନୀୟ ପୋଲିସ ସେବା ଭବନଠାରେ ଶନିବାର କମିଶନରେଟ ପୋଲିସ ପକ୍ଷରୁ ଆୟୋଜିତ ବୈଠକରେ ଉପସ୍ଥିତ ବିଭିନ୍ନ ଜଗନ୍ନାଥ ମନ୍ଦିରର ଟ୍ରଷ୍ଟିଙ୍କ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବ ଉପରେ ସହ ଆଲୋଚନା କରି ଏହି ନିଷ୍ପତ୍ତି ନିଆଯାଇଛି। ରଥଯାତ୍ରାରେ ହେବାକୁ ଥିବା ଭିଡ଼କୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଆଗୁଆ ବନ୍ଦୋବସ୍ତ କରିବା ଲାଗି ପୋଲିସ କମିଶନର ସମସ୍ତ ଥାନା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ରଥଯାତ୍ରା ସମୟରେ ରାସ୍ତା ବିଭାଜନ, ରାସ୍ତା କାମ ଚାଲୁଥିଲେ ଶୀଘ୍ର ସାରିବା, ବିଦ୍ୟୁତ୍ କାଟ, ଗଛ କଟା ଭଳି ଅନେକ ସମସ୍ୟାକୁ ସମାଧାନ କରାଯିବ। ବୈଠକରେ ଉପସ୍ଥିତ ବିଭିନ୍ନ ଜଗନ୍ନାଥ ମନ୍ଦିରର ଟ୍ରଷ୍ଟର ସ୍ୱେଚ୍ଛାସେବୀ ଭଲ୍ୟୁଣ୍ଟିୟର ଲିଷ୍ଟ ସ୍ଥାନୀୟ ଥାନାରେ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି। ବିଶେଷକରି ନୟାପଲ୍ଲୀ ଥାନା ଇସ୍କନ ମନ୍ଦିର, ଆରସିଏମ୍ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ମା'ସୁଭଦ୍ରାଙ୍କ ରଥ ଟଣା ନିମନ୍ତେ ମହିଳା ପୋଲିସ ଟିମ୍‌ର ବନ୍ଦୋବସ୍ତ କରାଯାଇଛି। ପକେଟମାର, ଛିନ୍‌ତାଇ, ଚୋରି, ଡକାୟତି, ଟ୍ରାଫିକ ବ୍ୟବସ୍ଥା ଓ ଆଇନଶୃଙ୍ଖଳା ପାଇଁ ୧୦ଜଣ ବରିଷ୍ଠ ପୋଲିସ ଅଧିକାରୀ ଦାୟିତ୍ୱ ରହିବା ସହ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ବୈଠକରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ପ୍ରତୀକ ସିଂ, ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ବିଭିନ୍ନ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ଥିଲେ।




ଆଳାପର ବାର୍ଷିକ ଉତ୍ସବ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ର ଉତ୍କଳ ରଙ୍ଗମଞ୍ଚଠାରେ ଶନିବାର ଅନୁଷ୍ଠିତ ଓଡ଼ିଶୀ ସଙ୍ଗୀତ କାର୍ଯ୍ୟକ୍ରମ।

# ପାଳିତା ଝିଅକୁ ଧରି ଦମ୍ପତି ଫେରାର

- ଆଖଣ୍ଡଳମଣି ବସ୍ତିରେ ଚାଇଲ୍ଡଲାଇନ, ପୋଲିସର ଚଢ଼ାଉ
- ଡିସିପିଙ୍କ ଦ୍ୱାରସ୍ଥ ହେଲେ ମା'ବାପା

ଭୁବନେଶ୍ୱର,୧୮।୬(ବ୍ୟୁରୋ)

ନିଜ ୯ବର୍ଷର ଝିଅକୁ ପାଳିବାକୁ ଦେଇଥିଲେ। ମଝିରେ ମଝିରେ ଝିଅକୁ ଦେଖା କରିବାକୁ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଆଖଣ୍ଡଳମଣି ବସ୍ତିକୁ ଆସୁଥିଲେ। ହେଲେ ଏବେ ନାବାଳିକା ଝିଅକୁ ଧରି ପାଳିତ ଦମ୍ପତି ଏବେ କେଉଁଆଡେ ଫେରାର ହୋଇଯାଇଥିବା ତାଙ୍କ ମା' ଓ ବାପା ଚାଇଲ୍ଡଲାଇନ୍ ଏବଂ କମିଶନରେଟ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ନାବାଳିକାଙ୍କୁ ଉଦ୍ଧାର କରିବା ଲାଗି ଗତ ୧୫ ତାରିଖରେ ଚାଇଲ୍ଡଲାଇନ ପକ୍ଷରୁ ଏକ ଟିମ୍ ମଞ୍ଚେଶ୍ୱର ଥାନା ପୋଲିସ ସହାୟତାରେ ଉକ୍ତ ବସ୍ତିରେ ଚଢାଉ କରିଥିଲା। ହେଲେ ପୋଲିସ ଆସିବା ଜାଣି ଏହା ପୂର୍ବରୁ ଉକ୍ତ ଦମ୍ପତି ପାଳିତା ଝିଅକୁ ନେଇ ସେଠାରୁ ଫେରାର ହୋଇଯାଇଥିଲେ। ଶନିବାର ପୁଣିଥରେ ଚାଇଲ୍ଡଲାଇନ ପକ୍ଷରୁ ବସ୍ତିରେ ଚଢାଉ କରାଯାଇଥିଲେ ମଧ୍ୟ ଦମ୍ପତି କିମ୍ବା ନାବାଳିକାଙ୍କୁ ନ ପାଇ ଖାଲି ହାତରେ ଫେରିଥିଲେ। ଏ ନେଇ ଚାଇଲ୍ଡ ଲାଇନ ପକ୍ଷରୁ ମଞ୍ଚେଶ୍ୱର ଥାନାକୁ ଅବଗତ କରାଯାଇଛି। ଅପରପକ୍ଷେ ଝିଅ ନିଖୋଜ ହୋଇଥିବା ନେଇ ତାଙ୍କ ମା'ବାପା ଡିସିପି ଅଫିସରେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଅଞ୍ଚଳର ଜଣେ ବ୍ୟକ୍ତି ସ୍ତ୍ରୀଙ୍କ ସହ ଝଗଡ଼ା କରି ୨୦୧୮ରେ ନିଜର ୬ ବର୍ଷର ଶିଶୁକନ୍ୟାକୁ ନେଇ ଭୁବନେଶ୍ୱର ଚାଲି ଆସିଥିଲେ। ସେ ଆଖଣ୍ଡଳମଣି ବସ୍ତିରେ ଜଣଙ୍କ ଘରେ ରହିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଘରେ ନିଜ ଝିଅକୁ ଛାଡ଼ି ଗାଁକୁ ମଧ୍ୟ ଯାଉଥିଲେ। ତେବେ ୨୦୨୦ରେ ସେ ଝିଅକୁ ସ୍ଥାୟୀ ଭାବେ ଉକ୍ତ ଦମ୍ପତିଙ୍କ ନିକଟରେ ଛାଡ଼ିଯିବା ସହ ବେଳେବେଳେ ଆସି ଭେଟୁଥିଲେ। ସେମାନେ ମଧ୍ୟ ନିଜ ଝିଅ ପରି ପାଳୁଥିଲେ। କିନ୍ତୁ ୨୦୨୧ରେ ଝିଅର ମା' ବାପା ଝିଅକୁ ଦେଖା କରିବାକୁ ଆସିଥିଲେ ମଧ୍ୟ ଉକ୍ତ ଦମ୍ପତି ତାଙ୍କୁ ଦେଖା କରାଇବାକୁ ଦେଇ ନ ଥିଲେ। ଫଳରେ ମା'ବାପାଙ୍କ ମନରେ ସନ୍ଦେହ ହୋଇଥିଲା। ବାରମ୍ବାର ସେମାନେ ରାଜଧାନୀ ଆସି ଝିଅକୁ ଦେଖା ନ ପାଇ ନିରାଶ ହୋଇ ଫେରୁଥିଲେ। ଶେଷରେ ଗତ କିଛିଦିନ ତଳେ ଜଣେ ସାମାଜିକ କର୍ମୀଙ୍କ ସହାୟତାରେ ଆସି ଚାଇଲ୍ଡ ଲାଇନରେ ପହଞ୍ଚି ଝିଅ ସଂକ୍ରାନ୍ତରେ ସୂଚନା ଦେବା ପରେ ଖୋଜାଖୋଜି ଚାଲିଥିଲେ ମଧ୍ୟ ତାଙ୍କ ସମ୍ପର୍କରେ କୌଣସି ସୂଚନା ମିଳିପାରି ନାହିଁ। ଏ ନେଇ ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ବେଣୁଧର ସେନାପତି କହିଛନ୍ତି, ଅନ୍ୟଜଣେ ଦମ୍ପତିଙ୍କ ଶିଶୁକୁ ବେଆଇନ ଭାବେ ପୋଷ୍ୟ ଭାବେ ଗ୍ରହଣ କଲେ ଆଇନ ଅନୁଯାୟୀ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଓ ୩ ବର୍ଷ ସଶ୍ରମ କାରାଦଣ୍ଡର ବ୍ୟବସ୍ଥା ରହିଛି। ତେଣୁ ଫେରାର ଥିବା ଦମ୍ପତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପୂର୍ବରୁ ସେ ନିଜକୁ ପୋଲିସ କିମ୍ବା ଚାଇଲ୍ଡଲାଇନ ନିକଟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କୋହଳ ହେବାର ସମ୍ଭାବନା ରହିଥିବା ସେନାପତି କହିଛନ୍ତି।

**ସପ୍ତାହରେ ସେନ୍‌ସେକ୍ସରେ ୨୯୪୩ ଅଙ୍କ ହ୍ରାସ**

**ନୂଆଦିଲ୍ଲୀ:** ୧୭ ଜୁନ୍‌ରେ ଶେଷ ହୋଇଥିବା କାରବାର ସପ୍ତାହରେ ଭାରତୀୟ ପୁଞ୍ଜିବଜାରରେ ଆଖିଦୃଶିଆ ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ ଲଗାତର ୨ୟ ସପ୍ତାହ ପାଇଁ ଏହି ହ୍ରାସ ଚାଲୁ ରହିଛି। ବୈଶ୍ୱିକ ବଜାରରେ ମୁଦ୍ରାସ୍ଫୀତି ବୃଦ୍ଧିର ପ୍ରଭାବ ଭାରତୀୟ ପୁଞ୍ଜିବଜାରରେ ଦେଖିବାକୁ ମିଳିଛି। ଗତ ସପ୍ତାହ ଶେଷ ସୁଦ୍ଧା ସେନ୍‌ସେକ୍ସରେ ୨୯୪୩.୨୦ ଅଙ୍କ ଅର୍ଥାତ୍ ୫.୪୧% ହ୍ରାସ ସହିତ ୫୧,୩୬୦.୪୨ରେ ବନ୍ଦ ହୋଇଥିଲା। ସେହିପରି ନିଫ୍ଟିରେ ୯୦୮.୩ ଅଙ୍କ ଅର୍ଥାତ୍ ୫.୬% ହ୍ରାସ ସହିତ ୧୫,୨୯୩.୫ରେ ବନ୍ଦ ହୋଇଥିଲା। ଲାର୍ଜ କ୍ୟାପ୍ ଭଳି ମିଡ୍ ଏବଂ ସ୍ମଲ୍‌ରେ ମଧ୍ୟ ଚାପ ରହିଥିଲା।

## ସଂକ୍ଷେପରେ

### ଅଗଷ୍ଟ-ସେପ୍ଟେମ୍ବରରେ ଆରମ୍ଭ ହେବ ୫ଜି ସେବା

**ନୂଆଦିଲ୍ଲୀ,୧୮।୬:** ଚଳିତ ବର୍ଷ ଶେଷ ସୁଦ୍ଧା ଦେଶର ୨୦ରୁ ୨୫ଟି ସହରରେ ୫ଜି ସେବା ଆରମ୍ଭ କରାଯିବ ବୋଲି କେନ୍ଦ୍ର ଦୂରସଞ୍ଚାର (ଆଇଟି) ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ସୂଚନା ଦେଇଛନ୍ତି। ଦର କମ୍ ଥିବାରୁ ଭାରତରେ ଡାଟା ଦର ଅନ୍ୟ ଦେଶଗୁଡ଼ିକ ତୁଳନାରେ କମ୍ ରହିବ ବୋଲି ସେ କହିଛନ୍ତି। ୫ଜି ରୋଲ୍ ଆଉଟ୍ ଅଗଷ୍ଟ-ସେପ୍ଟେମ୍ବର ମାସରେ ଆରମ୍ଭ ହେବ। କେବଳ ୫ଜି ନୁହେଁ, ଦେଶରେ ୪ଜି ସେବାକୁ ମଧ୍ୟ ବିକଶିତ କରାଯାଉଛି। ଏହାଦ୍ୱାରା ଭାରତ ବିଶ୍ୱ ପାଇଁ ଡିଜିଟାଲ ନେଟ୍‌ୱାର୍କ କ୍ଷେତ୍ରରେ ଏକ ବିଶ୍ୱସନୀୟ ସ୍ରୋତ ଭାବେ ନିଜ ସ୍ଥିତି ମଜଭୁତ କରିପାରିବ ବୋଲି ବୈଷ୍ଣବ କହିଛନ୍ତି। ହ୍ୱାଟ୍ ଇଣ୍ଡିଆ ଥିଙ୍କ୍ ଟୁଡେ ଗ୍ଲୋବାଲ ସମିଟ୍‌ର ବୈଶ୍ୱିକ ସମ୍ମିଳନୀରେ ସେ କହିଛନ୍ତି, ବିଶ୍ୱର ଅନେକ ଦେଶ ଭାରତ ଦ୍ୱାରା ବିକଶିତ କରାଯାଉଥିବା ୪ଜି ଏବଂ ୫ଜିକୁ ପ୍ରାଥମିକତା ଦେବାକୁ ଚାହୁଁଛନ୍ତି।

### ବିଟ୍‌କଏନ୍ ମୂଲ୍ୟ ହ୍ରାସ



**ନୂଆଦିଲ୍ଲୀ, ୧୮।୬:** ବିଟ୍‌କଏନ୍‌ରେ ଶନିବାର ଭାରି ହ୍ରାସ ଦେଖିବାକୁ ମିଳିଛି। ଏହା ୨୦,୦୦୦ ଡଲାରରୁ ଊର୍ଦ୍ଧ୍ୱ ହ୍ରାସ ଘଟି ୧୮ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ରେପୋ ରେଟ୍ ବୃଦ୍ଧି କାରଣରୁ ନିବେଶକମାନେ କିଛି ସମ୍ପତ୍ତିରୁ ସେମାନଙ୍କ ନିବେଶ ବାହାରକରି ନେଉଛନ୍ତି। ସର୍ବବୃହତ୍ କ୍ରିପ୍ଟୋକରେନ୍ସିରେ ୭.୧% ହ୍ରାସ ଘଟି ୧୮,୯୯୩ ଡଲାର ହୋଇଯାଇଛି। ଏହା ୨୦୨୦ ଡିସେମ୍ବର ପରଠାରୁ ସର୍ବନିମ୍ନ ସ୍ତର ଛୁଇଁଛି। ଚଳିତ ବର୍ଷ ଏହା ୫୯% ତଳକୁ ଖସିଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ କ୍ରିପ୍ଟୋକରେନ୍ସି ଏଥେରିୟମ୍ ସମର୍ଥିତ ଇଥର ୭୩% ତଳକୁ ରହିଛି। କ୍ରିପ୍ଟୋକରେନ୍ସି ଋଣ ଦେଉଥିବା କମ୍ପାନୀ 'ସେଲ୍ସିୟସ୍' ଦ୍ୱାରା ଆକାଉଣ୍ଟଗୁଡ଼ିକ ମଧ୍ୟରେ ଉଠାଣ ଏବଂ ସ୍ଥାନାନ୍ତର ଉପରେ ରୋକ୍ ଲଗାଇବା ପରେ ଚଳିତ ସପ୍ତାହରେ ଡିଜିଟାଲ କରେନ୍ସି ସେକ୍ଟର ପଛାଇଯାଇଛି।

### ନିବେଶ ଫେରାଇ ନେଉଛନ୍ତି ଏଫ୍‌ଆଇଆଇ

**ନୂଆଦିଲ୍ଲୀ, ୧୮।୬:** ଫରେନ୍ ଇନ୍‌ଷ୍ଟିଚ୍ୟୁଶନାଲ ଇନ୍‌ଭେଷ୍ଟର୍ସ (ଏଫ୍‌ଆଇଆଇ)ମାନେ ଚଳିତ ବର୍ଷ ଅର୍ଥାତ୍ ୨୦୨୨ କ୍ୟାଲେଣ୍ଡର ଇୟରରେ ବର୍ତ୍ତମାନ ସୁଦ୍ଧା ଭାରତୀୟ ବଜାରରୁ ୨ଲକ୍ଷ କୋଟି ଟଙ୍କା ବାହାରକରି ନେଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କ୍ୟାଲେଣ୍ଡର ବର୍ଷରେ ବିଦେଶୀ ନିବେଶକଙ୍କ ଟଙ୍କା ବାହାର କରିବା ହାରରେ ଏହା ସର୍ବାଧିକ। ପୁଞ୍ଜି ବଜାର ଏହି ଚାପକୁ ସାମ୍ନାକରି ପାରୁ ନ ଥିବାରୁ ସେନ୍‌ସେକ୍ସ ନିଜ ଶୀର୍ଷ ଇଣ୍ଡେକ୍ସଠାରୁ ହ୍ରାସ ୧୦,୦୦୦ ଅଙ୍କ ତଳକୁ ଖସି ଆସିଲାଣି। ବିଦେଶୀ ନିବେଶକମାନେ ଗତ ୯ ମାସ ହେଲା ଲଗାତର ଭାବରେ ଭାରତୀୟ ବଜାରରୁ ଟଙ୍କା ଉଠାଣ କରିଚାଲିଛନ୍ତି। କେବଳ ମେ' ମାସରେ ଏଫ୍‌ଆଇଆଇ ୪୫,୨୭୬ କୋଟି ଟଙ୍କାର ଶେୟାର ବିକ୍ରିକରି ଦେଇଥିବା ବେଳେ ଜୁନ୍ ମାସରେ ୧୭ ତାରିଖ ସୁଦ୍ଧା ୨୮,୪୪୫ କୋଟି ଶେୟାର ବିକ୍ରିକରି ସାରିଛନ୍ତି।

### ବ୍ୟାଙ୍କଗୁଡ଼ିକର କ୍ରେଡିଟ୍ ଗ୍ରୋଥ୍ ୧୩%

**ନୂଆଦିଲ୍ଲୀ, ୧୮।୬:** ଦେଶର ବ୍ୟାଙ୍କଗୁଡ଼ିକର ଋଣରେ ବୃଦ୍ଧି (କ୍ରେଡିଟ୍ ଗ୍ରୋଥ୍) ଗତ ୩ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ତଥ୍ୟରୁ ଜଣାଯାଇଛି। ତଥ୍ୟ ଅନୁସାରେ ୩ ଜୁନ୍ ୨୦୨୨ରେ ଶେଷ ହୋଇଥିବା ପକ୍ଷ (୧୫ ଦିନ)ରେ ବ୍ୟାଙ୍କଗୁଡ଼ିକର କ୍ରେଡିଟ୍ ଗ୍ରୋଥ୍ ପୂର୍ବ ବର୍ଷର ସମାନ ଅବଧି ଅପେକ୍ଷା ୧୩.୧% ବୃଦ୍ଧି ହୋଇଛି। ପୂର୍ବ ବର୍ଷ ବ୍ୟାଙ୍କଗୁଡ଼ିକର ଋଣ ବୃଦ୍ଧି ହାର ପ୍ରାୟ ୫.୭% ରହିଥିଲା। ବ୍ୟାଙ୍କଗୁଡ଼ିକ ମୁଖ୍ୟତଃ ଋଣ ପ୍ରଦାନରୁ ମିଳୁଥିବା ସୁଧ ଦ୍ୱାରା ପରିଚାଳିତ ହୋଇଥା'ନ୍ତି। ସେଥିପାଇଁ କ୍ରେଡିଟ୍ ଗ୍ରୋଥ୍ ବ୍ୟାଙ୍କଗୁଡ଼ିକ ପାଇଁ ଭଲ ଖବର । ଆର୍‌ବିଆଇ ତଥ୍ୟ ଅନୁସାରେ ୩ ଜୁନ୍ ୨୦୨୨ରେ ଶେଷ ହୋଇଥିବା ପକ୍ଷରେ ବ୍ୟାଙ୍କଗୁଡ଼ିକ ୧.୦୨ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି। ଫଳରେ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଦିଆଯାଇଥିବା ମୋଟ୍ ଋଣ ହାରରେ ବୃଦ୍ଧି ଘଟି ୧୨୧.୪୦ ଲକ୍ଷ କୋଟିରେ ପହଞ୍ଚିଛି।

# କୋଇଲା ଆମଦାନୀ ୬ ଗୁଣ ବୃଦ୍ଧି

- ■ରୁଷିଆ ସହ ଭାରତର କାରବାର ଜାରି
- ■୩୧ ଗୁଣା ଅଧିକ ମୂଲ୍ୟର ଅଶୋଧିତ ତୈଳ କ୍ରୟ

**ନୂଆଦିଲ୍ଲୀ,୧୮।୬**



ରୁଷିଆ ରାଜଧାନୀ ମସ୍କୋ ଉପରେ ଲାଗିଥିବା ବୈଶ୍ୱିକ କଟକଣା ସତ୍ତ୍ୱେ ଚଳିତ ସପ୍ତାହରେ ଭାରତର ରୁଷୀୟ କୋଇଲା ଆମଦାନୀରେ ବୃଦ୍ଧି ଘଟିଥିବା କିଛି ବ୍ୟବସାୟିକ ଉତ୍ସ ଏବଂ ରଏଟର୍ସ ତଥ୍ୟରୁ ଜଣାଯାଇଛି। କୋଇଲାର ବ୍ୟବସାୟିକ ମୂଲ୍ୟରେ ୩୦% ପର୍ଯ୍ୟନ୍ତ ହ୍ରାସ ଘଟିଥିବା କାରଣରୁ ଭାରତ ରୁଷିଆଠାରୁ କୋଇଲା କ୍ରୟ ପାଇଁ ଅଧିକ ଆଗ୍ରହୀ ଥିଲା। ୟୁକ୍ରେନ୍ ଉପରେ ଆକ୍ରମଣ ପରେ ରୁଷିଆ ଉପରେ ପାଶ୍ଚାତ୍ୟ ଦେଶଗୁଡ଼ିକ କଟକଣା ଲଗାଇଛନ୍ତି। ଏହାସତ୍ତ୍ୱେ ରୁଷିଆ ଅନ୍ୟାନ୍ୟ ୟୁରୋପୀୟ ଦେଶଗୁଡ଼ିକୁ ଚେତାବନୀ ଦେଇ କହିଥିଲା, ବିଭିନ୍ନ ରୁଷୀୟ ମାଲ୍‌କୁ ଅନ୍ୟ ବଜାରକୁ ରପ୍ତାନି କରାଯିବ। ଭାରତ ସରକାରଙ୍କ ଅନୁସାରେ ଯୁଦ୍ଧ ବନ୍ଦ ହେବା ପରେ ଅଚାନକ ଦରବୃଦ୍ଧି ଦ୍ୱାରା ଘରୋଇ ଉପଭୋକ୍ତା ଚାପରେ ରହିବେ। ତେଣୁ ବିବିଧ ଯୋଗାଣକୁ ଅଗ୍ରାଧିକାର ଦେବା ପାଇଁ ଭାରତ ରୁଷିଆଠାରୁ ଏକାଧିକ ପ୍ରକାର ସାମଗ୍ରୀ କ୍ରୟ କରିଥିଲା। ଆମେରିକା ସରକାରଙ୍କ କହିବା ମୁତାବକ, ରୁଷିଆଠାରୁ ଶକ୍ତି ଆମଦାନୀ ଉପରେ କୌଣସି ପ୍ରତିବନ୍ଧକ ନାହିଁ। ଏହା ସତ୍ତ୍ୱେ ୟୁରୋପୀୟ ଦେଶଗୁଡ଼ିକ ରୁଷିଆ ସହିତ ବାଣିଜ୍ୟିକ କାରବାର ରଖିବାକୁ ଚାହୁଁନାହାନ୍ତି। ରଏଟର୍ସ ପ୍ରକାଶିତ ତଥ୍ୟ ଅନୁସାରେ, ରୁଷିଆଠାରୁ ଭାରତର କୋଇଲା ଏବଂ ତତ୍‌ସମ୍ବନ୍ଧିତ ଉତ୍ପାଦର ଆମଦାନୀ ବୁଧବାର ଶେଷ ହୋଇଥିବା ୨୦ ଦିନ ମଧ୍ୟରେ ଦେଶର ପୂର୍ବ ବର୍ଷର ସମାନ ଅବଧି ଅପେକ୍ଷା ୬ଗୁଣା ବୃଦ୍ଧି ପାଇ ୩୩୧.୧୭ ମିଲିୟନ ଡଲାରରେ ପହଞ୍ଚିଛି। ଏହାଛଡ଼ା ଭାରତୀୟ ରିଫାଇନୋରଗୁଡ଼ିକ ରୁଷିଆଠାରୁ ରିହାତିରେ ମିଳୁଥିବା ଅଶୋଧିତ ତୈଳ ମଧ୍ୟ କ୍ରୟ କରିଛନ୍ତି। ଫଳରେ ବୁଧବାର ଶେଷ ହୋଇଥିବା ୨୦ ଦିନ ମଧ୍ୟରେ ରୁଷିଆ ସହ ଭାରତର ତୈଳ ବ୍ୟବସାୟ ମୂଲ୍ୟ ୩୧ ଗୁଣାରୁ ଅଧିକ ବୃଦ୍ଧି ପାଇ ୨.୨୨ ବିଲିୟନ ଡଲାରରେ ପହଞ୍ଚିଛି। ଭାରତ ବୁଧବାର ଶେଷ ହୋଇଥିବା ୩ ସପ୍ତାହ ମଧ୍ୟରେ ହାରାହାରି ୧୬.୫୫ ମିଲିୟନ ଡଲାରର ରୁଷୀୟ କୋଇଲା କ୍ରୟ କରିଛି। ଭଲ ରିହାତି ଥିବା କାରଣରୁ ରୁଷିଆ ସହ ଭାରତର କାରବାର ଜାରି ରହିବ ବୋଲି ରଏଟର୍ସ ତଥ୍ୟରୁ ଜଣାଯାଇଛି।

## ଷ୍ଟାର୍ କିରଣର ରଜ ସ୍ୱତନ୍ତ୍ର 'ବନସ୍ତେ ଡାକିଲା ଗଜ'

**ଭୁବନେଶ୍ୱର,୧୮।୬**

ରାଜ୍ୟର ପ୍ରମୁଖ ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ 'ଷ୍ଟାର୍ କିରଣ' ପକ୍ଷରୁ ଓଡ଼ିଆ ଦର୍ଶକମାନଙ୍କ ପାଇଁ ଓଡ଼ିଶାର ଗଣପର୍ବ ରଜ ସଂକ୍ରାନ୍ତି ଉପଲକ୍ଷେ 'ବନସ୍ତେ ଡାକିଲା ଗଜ' ନାମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷରେ ଗ୍ରାମ୍ୟ ପରିବେଶ ମଧ୍ୟରେ ରଜପର୍ବ ପାଳନ କରାଯାଇଥିଲା। ଉକ୍ତ ପର୍ବରେ ରାଜ୍ୟର ପ୍ରମୁଖ କଳାକାରମାନେ ଯୋଗଦେଇ ବାଗୁଡ଼ି, କିତ୍ କିତ୍, ଲୁଚକାଳି, ରୁମାଲ ଚୋରି ଆଦି ଖେଳରେ ଅଂଶ ଗ୍ରହଣ କରିଥିଲେ। ଏପରିକି ଷ୍ଟୁଡିଓରେ ତିଆରି ହୋଇଥିବା ଗ୍ରାମ୍ୟ ପରିବେଶରେ ଝିଅମାନେ ଦୋଳି ଖେଳି, ରଜଗୀତ ବୋଲିବା ସହ ରଜପାନ ଖାଇ କୁଙ୍କୁମ, ଅଳତା ଓ ନେଲ୍ ପଲିଶ୍ ଆଦିରେ ନିଜକୁ ସଜାଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଆଙ୍କର ସେଲିବ୍ରିଟିମାନଙ୍କୁ ପାନ, ପୋଡ଼ପିଠା ଓ ମିଠା ଖୁଆଇ ସ୍ୱାଗତ କରିଛନ୍ତି। ସବୁଠୁ ବଡ଼ କଥା ହେଉଛି ସେଲିବ୍ରିଟିମାନେ ମଧ୍ୟ ନାଚ, ଗୀତ ସହ କାର୍, ଅଟୋ ଓ ଟ୍ରାକ୍ଟରରେ ଧୁମଧାମରେ ମଞ୍ଚ ଭିତରକୁ ପ୍ରବେଶ କରିଛନ୍ତି। ରଜ ପର୍ବରେ ସାମିଲ ସେଲିବ୍ରିଟିମାନଙ୍କୁ ନେଇ ୪ଟି ଗ୍ରୁପ୍ କରାଯାଇ ପ୍ରତି ଗ୍ରୁପ୍‌ରେ କ୍ୟାପ୍ଟେନ୍‌ଙ୍କ ମନୋନୀତ ଯୋଡ଼ିରେ ନୃତ୍ୟ ପରିବେଷଣ ହୋଇଥିଲା । ଏହା ସହ ପ୍ରତ୍ୟେକ ଗ୍ରୁପ୍‌କୁ କବାଡ଼ି ସହ ମ୍ୟୁଜିକ ଚେୟାର, ରୋଷେଇ କରିବା ଓ ମେକ୍‌ଓଭର ପରି ତିନୋଟି ଗେମ୍‌ରେ ଭାଗନେବାକୁ ପଡ଼ିଛି। ସେଲିବ୍ରିଟି ଗାୟକ ଓ କମେଡିଆନ୍‌ମାନେ ମଧ୍ୟ ନିଜର ପ୍ରତିଭା ଦେଖାଇଛନ୍ତି। ଏହି ଅବସରରେ ପ୍ରକୃତି ମିଶ୍ର, ଲିପ୍‌ସା ମିଶ୍ର, ସମ୍ବିତ୍ ଆଚାର୍ଯ୍ୟ, ତାରିକ୍ ଅଜିଜ୍, ଭୂମିକା ଦାଶ, ଲିପ୍‌ସା ମହାପାତ୍ର, ଜ୍ୟୋତିରଞ୍ଜନ ନାୟକ, ସୁଦୀପ୍ତ ସୁନ୍ଦର ସ୍ୱାଇଁ, ସୁପ୍ରିୟା ନାୟକ, ଦେବାଶିଷ, ସତ୍ୟଜିତ୍ ପ୍ରଧାନ, ଜେମ୍‌ସ ସାର୍ଫିଉଦ୍ଦିନ୍, ଶିବାନୀ ସଂଗୀତା, ଦୀପ୍ତିରେଖା ପାଢ଼ୀ, ସ୍ୱରାଜ ଏବଂ ବବି ମିଶ୍ରଙ୍କ ସମେତ ବରିଷ୍ଠ ଅଭିନେତ୍ରୀ ମହେଶ୍ୱତା ରାୟ ଓ ଅଭିନେତା କୁନା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସୁଲଗ୍ନା ରାଉତରାୟ ଓ ଶୁଭମ ବେହେରା ଉପସ୍ଥାପନ କରିଥିଲେ। ୧୯ ଜୁନ୍ ସନ୍ଧ୍ୟା ୬ ଟା ୩୦ରେ କେବଳ ଷ୍ଟାର୍ କିରଣ ଚ୍ୟାନେଲରେ ଏହା ପ୍ରସାରଣ ହେବ।

## ବିଦ୍ୟୁତ୍ ନିରାପତ୍ତା ପାଇଁ ଓଡ଼ିଶାର ସମସ୍ତ ଡିସ୍‌କମ୍ ପ୍ରତିବଦ୍ଧ

**ଭୁବନେଶ୍ୱର,୧୮।୬**

ଟାଟା ପାୱାରର ସମସ୍ତ ଓଡ଼ିଶା ଡିସ୍‌କମ୍ ସେମାନଙ୍କ କର୍ମଚାରୀ ଓ ଗ୍ରାହକମାନଙ୍କ ସୁରକ୍ଷା ଓ ନିରାପତ୍ତା ଉପରେ ଦୃଢ଼ବିଶ୍ୱାସ କରନ୍ତି। ସବୁ ଡିସ୍‌କମ୍‌ରେ ଦୃଢ଼ ସୁରକ୍ଷା ପ୍ରଶାସନ ଢାଞ୍ଚା ସହ ପ୍ରତିଟି ସ୍ଥାନରେ ନୋଡାଲ ସୁରକ୍ଷା ଅଧିକାରୀ ସାମିଲ ରହିଛନ୍ତ। ସେହିଭଳି ସମସ୍ତ ଡିସ୍‌କମ୍‌ରେ ବହୁ ସଂଖ୍ୟକ ସୁରକ୍ଷା ବ୍ୟବସ୍ଥା ଓ ରକ୍ଷଣାବେକ୍ଷଣରେ ନିୟୋଜିତ ଥିବା ୧୨,୦୦୦ରୁ ଅଧିକ କର୍ମଚାରୀ ଓ ୨୦,୦୦୦ରୁ ଅଧିକ ବ୍ୟବସାୟ ସହଯୋଗୀଙ୍କ ସୁରକ୍ଷା ପ୍ରଶିକ୍ଷଣ ଅନ୍ତର୍ଭୁକ୍ତ। ସେହିପରି ସମସ୍ତ ଡିସ୍‌କମ୍‌ର ପ୍ରମୁଖ ସୁରକ୍ଷା ଅଭିଯାନଗୁଡ଼ିକରେ ଏକ ଉତ୍ସର୍ଗୀକୃତ ସୁରକ୍ଷା ହେଲ୍‌ପଲାଇନ, ସ୍ମାର୍ଟଫୋନ୍ ଆପ୍ ଯାହା ଅସୁରକ୍ଷିତ ସ୍ଥିତି ବିଷୟରେ ଅବଗତ କରିବାକୁ ଉତ୍ସାହିତ କରୁଛି ଯାହା ଫଳରେ ଜରୁରିକାଳୀନ ଭିତ୍ତିରେ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଇପାରିବ। ସମସ୍ତ ଡିସ୍‌କମ୍ ପକ୍ଷରୁ ସୁରକ୍ଷାକବଚ ନାମକ ନିରାପତ୍ତାଭିତ୍ତିକ ସୁରକ୍ଷା ପରିଚାଳନା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଛି। ଯାହାକୁ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ବିବିଧ ଶ୍ରମ ଶକ୍ତିଙ୍କ ଆବଶ୍ୟକତା ପୂରଣ କରିବା ଲାଗି ବିଦ୍ୟୁତ୍ ବିତରଣ ୟୁଟିଳିଟିଗୁଡ଼ିକ ପାଇଁ ସ୍ୱତନ୍ତ୍ର ଭାବେ ବିକଶିତ କରାଯାଇଛି। କର୍ମଚାରୀ ଓ ଉପକରଣଗୁଡ଼ିକର ସୁରକ୍ଷା ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସେଡ୍ୟୁର, ପରିଚାଳନା ନିର୍ଦ୍ଦେଶାବଳୀ, କାମ ପାଇଁ ଅନୁମତି ଦେବାର ବ୍ୟବସ୍ଥା ଓ ପ୍ରକ୍ରିୟାର ସୁରକ୍ଷା ଟ୍ୟାଗିଂ କାର୍ଯ୍ୟକାରୀ କରାଯାଇଛି। ସୁରକ୍ଷାକୁ ନିଶ୍ଚିତ କରିବା ଲାଗି କାମ ଆରମ୍ଭ ପୂର୍ବରୁ ଦୃଶ୍ୟମାନ ଓ ସୁଉଚ୍ଚ ସଙ୍କେତ ପାଇବା ଲାଗି ସମସ୍ତ କର୍ମଚାରୀ ବା ଶ୍ରମିକଙ୍କୁ ନେଟ୍‌ୱର୍କରେ ବିଦ୍ୟୁତ୍ ସଂଯୋଗ ନ ଥିବା ପରଖିବା ଲାଗି ଭୋଲ୍‌ଟେଜ୍ ଟେଷ୍ଟର କିମ୍ବା ନିଅନ୍ ଟେଷ୍ଟର ପ୍ରଦାନ କରାଯାଇଛି ଓ ବିନା ସୁରକ୍ଷା ବ୍ୟବସ୍ଥାରେ ଶିଡ଼ି ଚଢ଼ି ଖୁଣ୍ଟ ଉପରେ କାମ କରିବା ବ୍ୟବସ୍ଥା ବଦଳରେ ଏଫ୍‌ଆର୍‌ପି ଲାଡର ଓ ସମ୍ପୂର୍ଣ୍ଣ ଶରୀର ସୁରକ୍ଷା ହର୍‌ନେସ୍‌କୁ ବ୍ୟବହାର କରାଯାଇଛି। ବିଦ୍ୟୁତ୍ ସୁରକ୍ଷା ପ୍ରତି ଆମର ଅବିସ୍ମରଣୀୟ ପ୍ରତିବଦ୍ଧତାକୁ ଓଡ଼ିଶା ରାଜ୍ୟସ୍ତରୀୟ ବିଦ୍ୟୁତ୍ ସୁରକ୍ଷା ପୁରସ୍କାର (ଓଡ଼ିଶା ଷ୍ଟେଟ୍ ଲେଭଲ୍ ଇଲେକ୍ଟ୍ରିକାଲ୍ ସେଫ୍ଟି ଆୱାର୍ଡ୍ସ)ରେ ସମ୍ମାନିତ କରାଯାଇଛି।

## ଆଦାନୀ ୱିଲ୍‌ମର ଦର ହ୍ରାସ

**ନୂଆଦିଲ୍ଲୀ, ୧୮।୬**

ଏଫ୍‌ଏମ୍‌ସିଜି ଫାର୍ମ ଆଦାନୀ ୱିଲ୍‌ମର ଶନିବାର ରନ୍ଧନ ତୈଳ ଦର ଲିଟର ପିଛା ୧୦ ଟଙ୍କା ହ୍ରାସ କରିଛି। କମ୍ପାନୀ ବୟାନ ଅନୁସାରେ ଆଦାନୀ ୱିଲ୍‌ମର ଫର୍ଚ୍ୟୁନ୍ ରିଫାଇନ୍‌ଡ ସନ୍‌ଫ୍ଲାୱାର ତେଲର ଏକ ଲିଟର ପ୍ୟାକ୍‌ର ସର୍ବାଧିକ ରିଟେଲ୍ ମୂଲ୍ୟ (ଏମ୍‌ଆର୍‌ପି)କୁ ୨୨୦ଟଙ୍କାରୁ ହ୍ରାସକରି ୨୧୦ ଟଙ୍କା କରାଯାଇଛି। ଏହିଭଳି ଭାବରେ ଫର୍ଚ୍ୟୁନ୍ ସୋୟାବିନ୍ ଏବଂ ସୋରିଷ ତେଲର ଏମ୍‌ଆର୍‌ପି ୨୦୫ ଟଙ୍କାରୁ ହ୍ରାସକରି ୧୯୫ ଟଙ୍କା କରିଦିଆଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ରନ୍ଧନ ତୈଳର ଆମଦାନୀ ଶୁଳ୍କରେ ହ୍ରାସ କରାଯିବା ପରେ କମ୍ପାନୀ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

## ୟୁବିଆଇର ଜମା ରାଶି ଉପରେ ସୁଧ ହାର ବୃଦ୍ଧି

**ଭୁବନେଶ୍ୱର,୧୮।୬**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ମିଆଦୀ ଜମାର ସମସ୍ତ ପରିପକ୍ୱ ରାଶି ଉପରେ ସୁଧ ହାର ବୃଦ୍ଧି କରିଛି। ଏହି ସଂଶୋଧିତ ହାର ଡୋମେଷ୍ଟିକ୍ ଟର୍ମ ଡିପୋଜିଟ୍, ନନ୍-ରେସିଡେଣ୍ଟ ଅର୍ଡିନାରି (ଏନ୍‌ଆର୍‌ଓ) ଏବଂ ନନ୍-ରେସିଡେଣ୍ଟ ଏକ୍ସଟରନାଲ (ଏନ୍‌ଆର୍‌ଇ) ମିଆଦୀ ଜମା ନିମନ୍ତେ ବିଭିନ୍ନ ଅବଧି ମଧ୍ୟରେ ପ୍ରଯୁଜ୍ୟ ହେବ। ସେହିଭଳି ଡୋମେଷ୍ଟିକ୍-ଏନ୍‌ଆର୍‌ଓ ମିଆଦୀ ଜମା (୨ କୋଟିରୁ କମ୍ ) ଉପରେ ସୁଧ ହାର ୪୬ରୁ ୯୦ ଦିନର ଅବଧି ପାଇଁ ୫୫ ବିପିଏସ୍‌କୁ ବୃଦ୍ଧି ପାଇ ୩.୫୦% ରୁ ୪.୦୫% କୁ ବଢ଼ିଛି। ଏକ ବର୍ଷରୁ ଅଧିକ ଏବଂ ୨ବର୍ଷ ଅବଧି ମଧ୍ୟରେ ୩୫ ବିପିଏସ୍‌କୁ ବୃଦ୍ଧି ପାଇ ୫.୧୦% ରୁ ୫.୪୫%କୁ ବୃଦ୍ଧି ପାଇଛି ଏବଂ ୧୮୧ ଦିନରୁ ୧ ବର୍ଷରୁ କମ୍ ଅବଧି ମଧ୍ୟରେ ୨୦ ବିପିଏସ୍‌କୁ ବୃଦ୍ଧି ପାଇ ୪.୪୦% ରୁ ୪.୬୦%କୁ ବୃଦ୍ଧି ପାଇଛି। ଏକ ବର୍ଷର ଅବଧି ନିମନ୍ତେ ୨ କୋଟି ଟଙ୍କାରୁ କମ୍ ଏନ୍‌ଆର୍‌ଇ-ଏନ୍‌ଆର୍‌ଓ ମିଆଦୀ ଜମାର ସୁଧ ହାର ୩୫ ବିପିଏସ୍‌କୁ ବୃଦ୍ଧି ପାଇ ୫.୦୦% ରୁ ୫.୩୫% କୁ ବୃଦ୍ଧି ପାଇଛି। ୨ କୋଟି ଟଙ୍କାରୁ କମ୍ ଡୋମେଷ୍ଟିକ- ଏନ୍‌ଆର୍‌ଇ-ଏନ୍‌ଆର୍‌ଓ ମିଆଦୀ ଜମାର ସୁଧ ହାର ୨୦ରୁ ୨୫ ବିପିଏସ୍‌କୁ ବୃଦ୍ଧି ପାଇଛି।

## ମାଲାବାରରେ ଆର୍ଟିଷ୍ଟ୍ରି ବ୍ରାଣ୍ଡେଡ୍ ଜୁଏଲେରି ଶୋ'

**ଭୁବନେଶ୍ୱର, ୧୮।୬**



ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ 'ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍ସ'ର ଭୁବନେଶ୍ୱରସ୍ଥିତ ଶହୀଦନଗର ଶୋ'ରୁମ୍ ପରିସରରେ ଏହାର ଗୋଲ୍ଡ, ଡାଇମଣ୍ଡ୍ ଏବଂ ଜେମ୍‌ଷ୍ଟୋନ୍ ଜୁଏଲେରି ଆଦିକୁ ନେଇ 'ଆର୍ଟିଷ୍ଟ୍ରି' ଶୋ'ର ଶୁଭାରମ୍ଭ କରାଯାଇଛି। ଏହି ପ୍ରଦର୍ଶନୀ ୨୬ ଜୁନ୍ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ଏଥିରେ ପ୍ରଦର୍ଶିତ ହେଉଥିବା ଜୁଏଲେରିଗୁଡ଼ିକରେ କାରିଗରଙ୍କ ନିଖୁଣ ଡିଜାଇନ ମଧ୍ୟ ଦେଖିବାକୁ ମିଳିବ। ଏହି ଅବସରରେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶହୀଦନଗର ଷ୍ଟୋରର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ ପ୍ରଦର୍ଶନୀରେ ମାଇନ୍-ଡାଇମଣ୍ଡ୍ ଜୁଏଲେରି,ଏରା-ଅନ୍‌କଟ୍ ଡାଇମଣ୍ଡ୍ ଜୁଏଲେରି, ପ୍ରେସିଆ-ଜେମ୍ସ ଜୁଏଲେରି, ଏଥ୍‌ନିକ୍ସ- ହ୍ୟାଣ୍ଡ୍ କ୍ରାଫ୍ଟେଡ୍ ଜୁଏଲେରି, ଡିଭାଇନ୍- ଇଣ୍ଡିଆନ୍ ହେରିଟେଜ୍ ଜୁଏଲେରି, ଷ୍ଟାର୍‌ଲେଟ୍-କିଡ୍ସ ଜୁଏଲେରି ଏବଂ ଜଲ୍-ୟଙ୍ଗ୍ ଆଡଲ୍ଟ କଲେକ୍ସନ୍ ଜୁଏଲେରି ଆଦି ଉଭୟ ପ୍ରଦର୍ଶନ ଓ ବିକ୍ରୟ ପାଇଁ ମଧ୍ୟ ଉପଲବ୍ଧ ରହିଛି ବୋଲି ଷ୍ଟୋରର ବରିଷ୍ଠ ଅଧିକାରୀ ସିଦ୍ଧେଶ୍ୱର ରଥ ମତବ୍ୟକ୍ତ କରିଛନ୍ତି। ସେହିଭଳି ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍ସ ପକ୍ଷରୁ 'ୱାନ୍ ଇଣ୍ଡିଆ ୱାନ୍ ଗୋଲ୍ଡ ରେଟ୍' ନାମରେ ଏକ ସ୍ୱତନ୍ତ୍ର ଅଭିଯାନ ମଧ୍ୟ ନିକଟରେ ଆରମ୍ଭ କରାଯାଇଛି। ଫଳରେ ସାରା ଦେଶର ଗ୍ରାହକ ମାଲାବାର ଶୋ'ରୁମ୍‌ରୁ ସର୍ବୋତ୍ତମ ସୁନା ଦର ପାଇପାରିବେ। ଏପରିକି ବ୍ରାଣ୍ଡ ପକ୍ଷରୁ ଅଗ୍ରିମ ବିବାହ ବୁକିଂ (ୱେଡିଂ ଆଡ୍‌ଭାନ୍ସ ପର୍ଚେଜ୍ ସ୍କିମ୍) ଯୋଜନା ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏହା ଜରିଆରେ ଗ୍ରାହକମାନେ ୫% ଅଗ୍ରିମ ଅର୍ଥ ଦେଇ ଗୋଲ୍ଡ ରେଟ୍ ପ୍ରୋଟେକ୍ସନ୍ ଅଫର ପ୍ରାପ୍ତ କରିପାରିବେ ବୋଲି ଷ୍ଟୋର ହେଡ୍ ଅସ୍‌ନାଫ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ଷ୍ଟୋରର ବରିଷ୍ଠ ଅଧିକାରୀ ଚନ୍ଦନ ନାୟକ ଓ ଅନ୍ୟମାନେ ପରିଚାଳନା କରିଥିଲେ।

## ୮ମ ବାର୍ଷିକ ପୂର୍ତ୍ତି ଉତ୍ସବ

**ଏଚ୍‌ଏମ୍‌ଏସ୍‌ଆଇ-ବିଆର୍‌ଟିଓ ପକ୍ଷରୁ ଆୟୋଜିତ**

**ଭୁବନେଶ୍ୱର,୧୮।୬**

ଚନ୍ଦ୍ରଶେଖରପୁରଠାରେ ଅବସ୍ଥିତ ସଡ଼କ ସୁରକ୍ଷା ଓ ଟ୍ରାଫିକ୍ ତାଲିମ ପାର୍କର ୮ମ ବାର୍ଷିକୋତ୍ସବ ନିକଟରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ) ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଭୁବନେଶ୍ୱର (ବିଆର୍‌ଟିଓ)ର ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ଆର୍‌ଟିଓ-୧ ବିକାଶ ଚୌଧୁରୀ ଏବଂ ଆର୍‌ଟିଓ-୨ ବିରଞ୍ଚି ନାରାୟଣ ଅଧିକାରୀଙ୍କ ସମେତ ଏଚ୍‌ଏମ୍‌ଏସ୍‌ଆଇର ଗ୍ରାହକ ସେବା ବିଭାଗ ମୁଖ୍ୟ ପ୍ରବନ୍ଧକ ଶିବପ୍ରତାପ ସିଂହ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ଘୋଷଣା କରାଯାଇଛି ଯେ ଭୁବନେଶ୍ୱରରେ ଏହି ସେବା ଆରମ୍ଭ ହେବା ପରଠାରୁ ୨.୨୦ ଲକ୍ଷରୁ ଅଧିକ ଲୋକଙ୍କୁ ସଚେତନ କରାଯାଇସାରିଛି ; ଯେଉଁଥିରେ ୮୦ ହଜାର ଶିଶୁଙ୍କ ସମେତ ୧,୪୭,୦୦୦ ନୂଆ ଓ ପୁରୁଣା ଉଭୟ ବର୍ଗର ଚାଳକ ମଧ୍ୟ ସାମିଲ ରହିଛନ୍ତି। ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ଅପରେଟିଂ ଅଫିସର (ବ୍ରାଣ୍ଡ୍ ଆଣ୍ଡ କମ୍ୟୁନିକେଶନ) ପ୍ରଭୁ ନାଗରାଜ କହିଛନ୍ତି, ଏକ ସାମାଜିକ ଦାୟିତ୍ୱବାନ୍ କର୍ପୋରେଟ ଭାବେ ଏଚ୍‌ଏମ୍‌ଏସ୍‌ଆଇ ପ୍ରତ୍ୟକ୍ଷ ଭାବେ ସମସ୍ତ ଚାଳକଙ୍କ ମଧ୍ୟରେ ସଡ଼କକୁ ଭାଗ ବାଣ୍ଟି ବ୍ୟବହାର କରିବା ଲାଗି ଏକ ସକାରାତ୍ମକ ପରିବର୍ତ୍ତନ ଆଣିବାର ଭାବ ଜାଗ୍ରତ କରୁଛି।

## ଓଡ଼ିଶାରେ ଜିଓର ସର୍ବାଧିକ ଗ୍ରାହକ

**ଭୁବନେଶ୍ୱର,୧୮।୬**

ସବୁଠୁ ପସନ୍ଦର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ନିଜର ଏକ ନମ୍ବର ସ୍ଥିତିକୁ ଆହୁରି ସୁଦୃଢ଼ କରି ରିଲାଏନ୍ସ ଜିଓ ୨୦୨୨ ଏପ୍ରିଲରେ ପ୍ରାୟ ୭୧ ହଜାର ନୂଆ ମୋବାଇଲ ଗ୍ରାହକ ଯୋଡ଼ିଥିବା ଟ୍ରାଇ ପକ୍ଷରୁ ଜାରି କରାଯାଇଥିବା ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟରୁ ଜଣାପଡ଼ିଛି। ସେହିଭଳି ଓଡ଼ିଶାରେ ଜିଓର ମୋଟ ମୋବାଇଲ ଗ୍ରାହକ ସଂଖ୍ୟା ୧.୩୪ କୋଟିକୁ ବୃଦ୍ଧି ପାଇଥିବା ବେଳେ ରାଜ୍ୟରେ କମ୍ପାନୀ ମୋଟ ଉପରେ ୪୧.୩% ଗ୍ରାହକ ବଜାର ଅଂଶ ହାସଲ କରିଛି। ଅପରପକ୍ଷରେ ସକ୍ରିୟ ମୋବାଇଲ ଗ୍ରାହକ ସଂଖ୍ୟାରେ ଜିଓ ଉଲ୍ଲେଖନୀୟ ବୃଦ୍ଧି ହାସଲ କରିବା ସହ ୨୦୨୨ ଏପ୍ରିଲ ସୁଦ୍ଧା ୯୯.୯୧%ରେ ପହଞ୍ଚିଛି। ରାଜ୍ୟର ମୋଟ ସକ୍ରିୟ ମୋବାଇଲ ଗ୍ରାହକଙ୍କ ମଧ୍ୟରୁ ଜିଓ ପ୍ରାୟ ୪୫% ବଜାର ଅଂଶ ହାସଲ କରିଛି। ଟ୍ରାଇ ପକ୍ଷରୁ ଜାରି କରାଯାଇଥିବା ଟେଲିକମ୍ ଗ୍ରାହକ ତଥ୍ୟ ଅନୁସାରେ ଏପ୍ରିଲରେ ରାଜ୍ୟରେ ନୂଆ ମୋବାଇଲ ଗ୍ରାହକ ସଂଖ୍ୟାରେ ୪୩ ହଜାର ବୃଦ୍ଧି ସହ ମୋଟ ମୋବାଇଲ ଗ୍ରାହକ ସଂଖ୍ୟା ୩.୨୫ କୋଟିରେ ପହଞ୍ଚିଛି। ଜିଓ ସର୍ବାଧିକ ୭୧ହଜାର ନୂଆ ଗ୍ରାହକ ଯୋଡ଼ିଥିବା ବେଳେ ବିଏସ୍‌ଏନ୍‌ଏଲ୍ ୧୭ ହଜାର ନୂଆ ଗ୍ରାହକ ଯୋଡ଼ିଛି। ସେହିପରି ଜାତୀୟ ସ୍ତରରେ ମଧ୍ୟ ଜିଓ ଏପ୍ରିଲ ମାସରେ ସର୍ବାଧିକ ସଂଖ୍ୟକ ୧୬.୮୨ ଲକ୍ଷରୁ ଅଧିକ ନୂଆ ଗ୍ରାହକ ଯୋଡ଼ିଛି ଯାହା ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କ ତୁଳନାରେ ୨ ଗୁଣାରୁ ଅଧିକ। ଏପରିକି ଟ୍ରାଇ ପକ୍ଷରୁ ଜାରି କରାଯାଇଥିବା ୱାୟାରଲାଇନ୍ ଗ୍ରାହକ ତଥ୍ୟ ଅନୁଯାୟୀ, ଓଡ଼ିଶାରେ ଏପ୍ରିଲ ମାସରେ ଜିଓ ସର୍ବାଧିକ ୮୧୦୦ ନୂଆ ଜିଓଫାଇବର ହାଇ-ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ ଯୋଡ଼ିବା ସହ ରାଜ୍ୟରେ ଜିଓଫାଇବର ଗ୍ରାହକ ସଂଖ୍ୟା ୧.୩୫ ଲକ୍ଷକୁ ବୃଦ୍ଧି ପାଇଛି ଏବଂ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ କ୍ଷେତ୍ରରେ କମ୍ପାନୀ ଏହାର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ଦେଶର ସବୁଠୁ ଲୋକପ୍ରିୟ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ୍ ସେବା ଜିଓ ଫାଇବରକୁ ଦ୍ରୁତଗତିରେ ଓଡ଼ିଶାର ବିଭିନ୍ନ ପ୍ରମୁଖ ସହର ଓ ନଗରରେ ସମ୍ପ୍ରସାରଣ କରାଯାଉଥିବାରୁ ଏହା ସମ୍ଭବ ହୋଇଛି।

## ଖିମ୍‌ଜୀରେ ଡିଭାଇନ ସଲିଟାୟାର ଗହଣା ପ୍ରଦର୍ଶନୀ

**'ବାଏ ୧ ଗେଟ୍ ୨' ଅଫର ଘୋଷଣା**

**ଭୁବନେଶ୍ୱର,୧୮।୬**

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସ ଓ ଡିଭାଇନ୍ ସଲିଟାୟାରର ସହଯୋଗିତାରେ ଆୟୋଜିତ ଡିଭାଇନ ସଲିଟାୟାର ଗହଣା ପ୍ରଦର୍ଶନୀ ସହ 'ବାଏ ୧ ଗେଟ୍ ୨'ର ଆକର୍ଷଣୀୟ ଅଫର ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏହି ସ୍ୱତନ୍ତ୍ର ଅଫର ସହ ଗ୍ରାହକମାନଙ୍କୁ ୧.୦ କ୍ୟାରେଟ୍ ଡିଭାଇନ ସଲିଟାୟାର ହୀରା କ୍ରୟରେ ସମାନ ରଙ୍ଗ, ଡିଜାଇନ ଏବଂ ସ୍ୱଚ୍ଛତା ଥିବା ୦.୧୮ କ୍ୟାରେଟ୍‌ର ହୀରା ସମ୍ପୂର୍ଣ୍ଣ ମାଗଣା ମିଳିବ। ସେହିଭଳି ଛୋଟ ଆକାର ହୀରା କ୍ରୟ ଉପରେ ୦.୧୮ କ୍ୟାରେଟ୍‌ର ସମାନ ଓଜନ ଥିବା ହୀରା ମଧ୍ୟ ପାଇପାରିବେ। ଏହି ପ୍ରଦର୍ଶନୀ ଏବଂ ଅଫର ଚଳିତ ବର୍ଷ ଜୁନ୍ ୨୬ ପର୍ଯ୍ୟନ୍ତ ବୈଧ ରହିବ। ଖିମ୍‌ଜୀର ଉଭୟ ଭୁବନେଶ୍ୱର ଓ କଟକ ଷ୍ଟୋରରେ ଏହା ଉପଲବ୍ଧ ରହିବ। ଏ ସମ୍ପର୍କରେ ଡିଭାଇନ ସଲିଟାୟାରର ନିର୍ମାତା ଓ ମ୍ୟାନେଜିଂ ଡାଇରେକ୍ଟର ଜିଗ୍ନେଶ୍ ମେହେଟା କହିଛନ୍ତି, ଆମେ ଖିମ୍‌ଜୀ ଜୁଏଲର୍ସ ସହ ଯୋଡ଼ିହୋଇଥିବାରୁ ଗର୍ବିତ। ଯେହେତୁ ଆମେ ସମାନ ମୂଲ୍ୟବୋଧତା ଧାରଣ କରୁଛୁ ସେଥିପାଇଁ ଏହା ଆମ ସହଭାଗିତାକୁ ଆହୁରି ସଫଳ କରିଛି। ଆମେ ଆଶା କରୁଛୁ, ଖିମ୍‌ଜୀ ଜୁଏଲର୍ସ ଜରିଆରେ ଏହି ସୁଯୋଗକୁ ସର୍ବୋତ୍ତମ ଉପଯୋଗ କରିପାରିବୁ। ସେହିଭଳି ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଆମେ ବର୍ଷ ବର୍ଷ ଧରି ଆମର ପ୍ରିୟ ଗ୍ରାହକମାନଙ୍କ ସେବା କରି ଆସୁଛୁ ଏବଂ ସେମାନଙ୍କୁ ସନ୍ତୋଷ କରିବା ଆମର ପ୍ରଥମ କର୍ତ୍ତବ୍ୟ। ମୂଲ୍ୟ ଏବଂ ଗୁଣବତ୍ତାରେ ସଚ୍ଚୋଟତା ପାଇଁ ଆମେ ସବୁବେଳେ ଡିଭାଇନ ସଲିଟାୟାରର ପ୍ରଶଂସା କରିଆସିଛୁ ଓ ତାଙ୍କର ଅତି ଉତ୍କୃଷ୍ଟ ଅଳଙ୍କାର ଡିଜାଇନଗୁଡ଼ିକ ଆମ ଗ୍ରାହକମାନଙ୍କ ମଧ୍ୟରେ ଅତ୍ୟନ୍ତ ଆଦୃତ।

ଖିମ୍‌ଜୀ ଜୁଏଲର୍ସ ସହ ଡିଭାଇନ ସଲିଟାୟାରର ସହଯୋଗିତା ଦ୍ୱାରା ଓଡ଼ିଶାରେ ଥିବା ଏହାର ବହୁ ସଂଖ୍ୟକ ଗ୍ରାହକଙ୍କ ପାଇଁ ସଲିଟାୟାର ଅଳଙ୍କାରର ଅଦ୍ୱିତୀୟ ସମ୍ଭାର ରହିଛି। ସଲିଟାୟାର ହୀରାକୁ ଭଲପାଉଥିବା ଲୋକମାନଙ୍କ ପାଇଁ ଖିମ୍‌ଜୀ ଜୁଏଲର୍ସ ଡିଭାଇନ ସଲିଟାୟାର ସହ ମିଶି ଏକ ଆକର୍ଷଣୀୟ ସୁଯୋଗ ଆଣିଛି, ଯେଉଁଥିରେ ଗ୍ରାହକମାନେ ବିଭିନ୍ନ ପ୍ରକାର ସଲିଟାୟାର ଅଳଙ୍କାର ଆକର୍ଷଣୀୟ ଅଫରରେ ଖିମ୍‌ଜୀ ଜୁଏଲର୍ସରୁ କିଣିପାରିବେ। ହୀରାର ମୂଲ୍ୟ କ୍ଷେତ୍ରରେ ସ୍ୱଚ୍ଛତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅଦ୍ୱିତୀୟ କମ୍ପାନୀ ଭାବେ ହୀରାର ସୌନ୍ଦର୍ଯ୍ୟ ଉପରେ ଗ୍ୟାରେଣ୍ଟି ଦେଉଥିବା ଏ କ୍ଷେତ୍ରରେ ଏକ ସର୍ବପ୍ରଥମ ସଂସ୍ଥା ଡିଭାଇନ ସଲିଟାୟାର ଖିମ୍‌ଜୀ ଜୁଏଲର୍ସ ସହ ଏହାର ସହବଦ୍ଧତା ଜରିଆରେ ଭୁବନେଶ୍ୱର ଓ କଟକର ଗ୍ରାହକଙ୍କୁ ସେବା ଯୋଗାଇ ଗର୍ବିତ।

# ମୁଁ ଯେବେ ବାପା ହେଲି







**ଯାହାଙ୍କ ବିଷୟରେ ବଖାଣିବାକୁ ଶବ୍ଦ ହୁଏ ନିଅଣ୍ଟ। ଯିଏ ପିଲାଙ୍କୁ ଭଲ ମଣିଷ କରିବାକୁ କେବେ ଖୁବ୍ ରାଗୀ ତ ପୁଣି କେବେ ସ୍ନେହ, ଶ୍ରଦ୍ଧାର ଅସୀମ ଭଣ୍ଡାର । ଯାହାଙ୍କ ଶ୍ରମ, ନିଷ୍ଠା ଆଉ କର୍ତ୍ତବ୍ୟପରାୟଣତା ସନ୍ତାନକୁ ଚଖାଏ ସଫଳତାର ସ୍ୱାଦ, ସେ ହେଉଛନ୍ତି ବାପା। ତେବେ କୁହାଯାଏ, ଜଣେ ସନ୍ତାନ ବାପାଙ୍କ ଏହି ତ୍ୟାଗ ସେତେବେଳେ ବୁଝିପାରେ, ଯେତେବେଳେ ସେ ନିଜେ ବାପା ହୁଏ। ଆଜି ଫାଦର୍ସ ଡେ' ଅବସରରେ ଏଭଳି କିଛି ଅନୁଭୂତିକୁ ନେଇ ବିଶେଷ ଉପସ୍ଥାପନା...**

### ପ୍ରଥମ ବାପା ହେବାର ଆନନ୍ଦ ଅନନ୍ୟ

ଡା. ରାଧାକାନ୍ତ ପାଣିଗ୍ରାହୀ (ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ, କଟକ)–

ପ୍ରଭୁ ମତେ ଜଣେ ଡାକ୍ତର ତଥା ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ କରି ଶହ ଶହ ଶିଶୁଙ୍କୁ ଏ ପୃଥିବୀକୁ ଆଣିବାର ସୌଭାଗ୍ୟ ଦେଇଛନ୍ତି । ସେତେବେଳେ ମୁଁ ଦେଖିଛି ମା'ମାନଙ୍କ ଓଠରେ ହସ। କିନ୍ତୁ ଶିଶୁ ଜନ୍ମ ପରେ ତା'ଠାରୁ ବଳି ଖୁସି ହୁଅନ୍ତି ବାପାମାନେ, ଯାହା ସେମାନେ ପ୍ରକାଶ କରିପାରନ୍ତିନି। ନିଜ କଥା କହିବି– ଯେଉଁଦିନ ପୁଅ ଆର୍ଯ୍ୟନ୍ ଜନ୍ମ ହେଲା, ସେଦିନର ଖୁସି ଭାଷାରେ ବର୍ଣ୍ଣନା କରିପାରିବି ନାହିଁ। ତା'ର ପ୍ରଥମ କୁଆଁ କୁଆଁ କାନ୍ଦ ମୋ ମନ ଓ ହୃଦୟକୁ ଏକ ଅନନ୍ୟ ଆନନ୍ଦରେ ଭରି ଦେଇଥିଲା । ଡେଲିଭରି ପରେ ତାକୁ ସାଷ୍ଟାମ କରାଇ ସାରା ଦେହ ଆଉଁସିଦେଲି ଓ ମନକୁ ମନ କହିଲି, ''ବାପାରେ! ତୁ ଏ ପୃଥିବୀକୁ ଆସିଲୁନି ତ, ଆମ ଜୀବନରେ ଏକ ଫୁଲ ହୋଇ ଫୁଟିଗଲୁ ଏବଂ ଆମ ଜୀବନରେ ଖୁସି ଭରିଦେଲୁ। ଏମିତି ତୋର ଜ୍ଞାନ ଓ ବୁଦ୍ଧିର ଜ୍ୟୋତିରେ ଚିରଦିନ ଆମକୁ ଆଲୋକିତ ଓ ସୁବାସିତ କରୁଥିବୁ ।'' ପୁଅକୁ ଦେଖି ମୋ ପିଲାଦିନ କଥା ମନେପଡ଼ିଗଲା। ମୋ ବାପା (ନାରାୟଣ ଚନ୍ଦ୍ର ପାଣିଗ୍ରାହୀ) ମୋତେ ଖୁବ୍ ଭଲ ପାଉଥିଲେ। ପିଲାଦିନୁ ମୋ ପାଠପଢ଼ାର ଖୁବ୍ ଯତ୍ନ ନେଉଥିଲେ। ମୁଁ ଗାଁ ସ୍କୁଲରେ ପଢ଼ିଲେ ବି ବାପା ମୋତେ ପ୍ରତିଦିନ ସାଇକେଲ୍‌ରେ ବସାଇ ସ୍କୁଲ ନେଉଥିଲେ। ବହିଖାତା, ପେନ୍, ପେନ୍‌ସିଲ୍‌ଠାରୁ ଆରମ୍ଭ କରି ସବୁ ଆବଶ୍ୟକତାକୁ ପୂରଣ କରୁଥିଲେ। ପ୍ରତିଦିନ ସନ୍ଧ୍ୟାରେ ସେ ମୋର ପାଠପଢ଼ା ଦେଖୁଥିଲେ। ସେଥିପାଇଁ ମୁଁ ଗାଁ ସ୍କୁଲରୁ ଆରମ୍ଭ କରି ହାଇସ୍କୁଲ୍ ଓ କଲେଜରେ ପ୍ରଥମ ଶ୍ରେଣୀରେ ପାସ୍ କଲି ଏବଂ ମେଡିକାଲ୍‌ରେ ମଧ୍ୟ ବେଷ୍ଟ ଗ୍ରାଜୁଏଟ୍ ହୋଇଥିଲି। ମୁଁ ମଧ୍ୟ ତାଙ୍କ ଭଳି ଆଦର୍ଶ ବାପା ହେବା ପାଇଁ ମନରେ ସ୍ଥିର କରି ଠାକୁରଙ୍କୁ ପ୍ରଣାମ କରି ସଙ୍ଗେ ସଙ୍ଗେ ମିଠା ଆଣି ସମସ୍ତଙ୍କୁ ବାଣ୍ଟିଥିଲି । ବାସ୍ତବରେ ସନ୍ତାନଟିଏ ଭୂମିଷ୍ଠ ହେଲେ ଯେଉଁ ବାପା ହେବାର ଗୌରବ ମିଳିଥାଏ ତାହା ଅପୂର୍ବ। ମୋ ପୁଅ 'ଆର୍ଯ୍ୟନ୍' ଓ 'ଶୌର୍ଯ୍ୟ'ର ହସ, ପ୍ରଥମ ପେଟେଇବା ବସିବା, ଧୀରେ ଧୀରେ ଚାଲିବା ତଥା ତା'ର ପ୍ରଥମ କଥା ଓ 'ବାପା' ବୋଲି ପ୍ରଥମ ଉଚ୍ଚାରଣ ମୋ ମନରେ ଅପୂର୍ବ ଆନନ୍ଦ ଆଣି ଦେଇଥିଲା ଏବଂ ସଙ୍ଗେ ସଙ୍ଗେ ଦାୟିତ୍ୱବୋଧର ଗୋଟିଏ ବଡ଼ ବୋଝ ମତେ ଦେଇଥିଲା । ତାକୁ ସ୍ନେହ ଆଦର ଦେଇ ବଢ଼ାଇବା, ଉପଯୁକ୍ତ ଶିକ୍ଷା ଦେବା ଏବଂ ସଂସ୍କାର ଦେବାର ବଡ଼ ଦାୟିତ୍ୱଟି ମୁଣ୍ଡ ଉପରକୁ ଚାଲି ଆସିଥିଲା ।

### ବାପା ହେବା ଖୁସିରେ ମୁଁ ଆତ୍ମହରା ହୋଇଉଠିଲି

ରଜନୀ ରଞ୍ଜନ (ସଂଳାପକାର)–

ମୋ ବାପା (ରବି ଦାସ) ଥିଲେ ସୌଖୀନ ରଙ୍ଗମଞ୍ଚରେ ଜଣେ ସଫଳ ଗୀତିକାର। ତାଙ୍କର ଲେଖା ଥିଲା ଆଜିକୁ ପଚାଶ ବର୍ଷ ତଳେ ''କୁହୁଡ଼ି ନଦୀର ମୀନମାନେ ଶୁଣ ଗଙ୍ଗା ବହୁଛି ଧୀରେ'' ଅବା ''ଜୀବନର ଏହି ମହାନାଟକରେ ହସି ହସି କିଏ ଜିଇବା ସୁଆଦ ଖୋଜୁଛି।'' ଆହା ଏମିତି ଗୀତଟିଏ ମୁଁ ଲେଖି ପାରିଲିକି, ତମକୁ ଅତିକ୍ରମ କରିପାରୁନାହିଁ ବୋଲି ତ ତମେ ମୋ ବାପା। ମୋ ବୋଉ ବି ଥିଲା ଲେଖିକା। ମୁଁ ବି ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଲେଖାଲେଖି ଆରମ୍ଭ କରିଦେଇଥିଲି। ମୋ ବାପା ବୋଉ ମୋ ସଫଳତା ପାଇଁ ଆଶାବାଦୀ ଥିଲେ । ଜଣେ ବାପା ହିସାବରେ ମୁଁ ବି ଚାହେଁ ମୋ ପିଲାମାନେ ମତେ ଅତିକ୍ରମ କରନ୍ତୁ । ଜଣେ ବାପା ହିସାବରେ ୟା'ଠାରୁ ବଡ଼ ସଫଳତା ଆଉ କ'ଣ ହେଇପାରେ! ଏକଥା ମୋର ସେହିଦିନ ହିଁ ମନକୁ ଆସିଥିଲା, ଯେଉଁଦିନ ପ୍ରଥମ କରି ମୋ ଝିଅର କୁଆଁ କୁଆଁ ରଡ଼ି ଶୁଣିଲି। ସେଦିନ ମୋ ଚାରିକଡ଼ର ପୃଥିବୀରେ ଅଜସ୍ର ପକ୍ଷୀଙ୍କର କାକଳି ଧ୍ୱନି ମତେ ଆକ୍ରାମାକ୍ରା କରିନେଲା। ପ୍ରଥମ କରି ବାପା ହେବା ଖୁସିରେ ମୁଁ ଆତ୍ମହରା ହୋଇଉଠିଲି। ଅବିକଳ ମୋ ଦିବଂଗତ ବୋଉର ମୁହଁ ନେଇ ଆସିଥିଲା ମୋ ଝିଅ। ମୋ ବାପା, ବୋଉର ସବୁ ଅପୂରଣୀୟ ଇଚ୍ଛାକୁ ମୋ ଝିଅ ପୂରଣ କରିପାରିବ ଏଇ ସ୍ୱପ୍ନରେ ମୁଁ ମସ୍‌ଗୁଲ୍ ହୋଇଉଠିଥିଲି। ସେଦିନଟି ମୋ ଜୀବନର ସବୁଠୁ ଖୁସିର ଦିନ ହୋଇ ରହିଥିବ।

### ବାପାଙ୍କ ଆକଟ ସୁଧାରେ ପିଲାଙ୍କ ଭବିଷ୍ୟତ

ତାରିଣୀ ପ୍ରସାଦ ସାହୁ (ସିଭିଲ୍ ଜଜ୍, ଚମ୍ପୁଆ)– ଜୀବନରେ ସଫଳତା ହାସଲ କରିବାରେ ବାପା (ବଟକୃଷ୍ଣ ସାହୁ)ଙ୍କର ଅବଦାନ ବହୁତ ରହିଛି। ଛୋଟବେଳେ ପଢ଼ା ବଦଳରେ ଖେଳକୁଦ ଆଉ ଦୁଷ୍ଟାମିରେ ଅଧିକ ମନ ରହୁଥିଲା। ତେଣୁ ଅନେକ ସମୟରେ ମୋତେ ବାପା ତାଗିଦା ଓ ଗାଳି କରୁଥିଲେ। ମନେପଡୁଛି ସେ ସମୟର କଥା। ଇଂଲିଶ୍ ଜ୍ଞାନ ବଢ଼ାଇବା ପାଇଁ ବାପା ଆମକୁ ଟ୍ରାନ୍ସଲେଶନ୍ କରାନ୍ତି। ଅଧିକାଂଶ ଓଡ଼ିଆ ଖବରକାଗଜରୁ ଟ୍ରାନ୍ସଲେଶନ୍ କରାନ୍ତି। ସେତେବେଳେ ଆମକୁ ଏସବୁ ଭାରି ବିରକ୍ତ ଲାଗୁଥିଲା। କେମିତି ପଢ଼ା ସରିଲେ ଖେଳିବୁ ସେଥିରେ ଧ୍ୟାନ ରହୁଥିଲା। କିନ୍ତୁ ଏବେ କର୍ମ କ୍ଷେତ୍ରରେ ସେଇସବୁ ଜିନିଷ ବହୁତ ଉପଯୋଗରେ ଆସୁଛି। ବାପାଙ୍କର ମୃଦୁ ଗାଳି ଓ ଆକଟ ଯେ କେତେ ଉପାଦେୟ ତାହା ଏବେ ନିଜେ କର୍ମକ୍ଷେତ୍ରରେ କାମ କଲାବେଳେ ଭାବୁଛି। ବାପା କରିଥିବା ଗାଳି ଅବା ତାଗିଦା ଯୋଗୁ ଜୀବନରେ ବହୁତ କିଛି ଶିଖି ହୋଇଛି। ଯଦିଓ ସେବେ ସେ ଜିନିଷର ମହତ୍ତ୍ୱ ବୁଝା ପଡୁ ନ ଥିଲା, କିନ୍ତୁ ଏବେ ତାର ଉପଯୋଗିତା ଉପଲବ୍ଧି କରିହେଉଛି। ବିଶେଷକରି ବାପା ହେଲା ପରେ ସେହିସବୁ ଚିନ୍ତାଧାରା ଓ ମାନସିକତା ଅଜାଣତରେ ନିଜ ଭିତରେ ବି ଆସିଗଲାଣି। ସତରେ ଏସବୁ ନିଜେ ଅନୁଭବ କରିବା ମଧ୍ୟ ଏକ ଭିନ୍ନ ଅନୁଭୂତି।

– ପୌର୍ଣ୍ଣମାସୀ




ରଜନୀ ରଞ୍ଜନ


ଡା. ରାଧାକାନ୍ତ ପାଣିଗ୍ରାହୀ


ତାରିଣୀ ପ୍ରସାଦ ସାହୁ

## ଏ ସପ୍ତାହର ପ୍ରଶ୍ନ

୧– ୱାର୍ଲ୍ଡ ଡେ ଏଗେନ୍‌ଷ୍ଟ ଚାଇଲ୍ଡ ଲେବର ୨୦୨୨ର ଥିମ୍....... ?
୨– ପ୍ରତିଟି ସିଗାରେଟ୍ ଉପରେ ୱାର୍ନିଂ ପ୍ରିଣ୍ଟ କରାଇବାରେ ପୃଥିବୀର ପ୍ରଥମ ଦେଶ .......... ?
୩– .........ରାଜ୍ୟ ପକ୍ଷରୁ ସୁରକ୍ଷା ମିତ୍ର ପ୍ରୋଜେକ୍ଟ ଆରମ୍ଭ କରାଯାଇଛି ?
୪– ଆଲବର୍ଟ ହ୍ରଦ .................... ଦୁଇ ଦେଶର ସୀମାକୁ ଲାଗିଛି ?
୫– ଆମ ଦେଶର .......... ରାଜ୍ୟରେ ସର୍ବାଧିକ କୋଇଲା ଗଚ୍ଛିତ ହୋଇ ରହିଛି ?

## ଗତ ଥରର ଉତ୍ତର

୧ ଗୁଜରାଟ
୨ ଚେନ୍ନାଇ
୩ ସାମୁଦ୍ରିକ ଗେଣ୍ଡା
୪ ଡାଇଓଫ୍ଟର
୫ ସାଜି ମାଥ୍ୟୁ

## ଉତ୍ତରଦାତା

– ସୁନୀଲ କୁମାର ବେହେରା, ତାଳଚେର –ଅଭିଜିତ୍ ସାହୁ, ମାଳପାଟଣା, କେନ୍ଦ୍ରାପଡା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସର୍ବାଧିକ କୋଇଲା ଉତ୍ପାଦନକାରୀ ଦେଶ



୧ ........ ଚାଇନା
୨ ........ ଭାରତ
୩ ........ ଆମେରିକା
୪ ........ ଅଷ୍ଟ୍ରେଲିଆ
୫ ........ ଇଣ୍ଡୋନେସିଆ
୬ ........ ରୁଷିଆ
୭ ........ ଦକ୍ଷିଣ ଆଫ୍ରିକା
୮ ........ ଜର୍ମାନୀ
୯ ........ ପୋଲାଣ୍ଡ
୧୦ ........ କାଜାଖସ୍ତାନ

ଯୁବ ପ୍ରତିଭା

## ନୃତ୍ୟଶିଳ୍ପୀରୁ ଡାକ୍ତର ହେବା ଲକ୍ଷ୍ୟ

ପିଲାଟି ଦିନରୁ ନୃତ୍ୟ ପ୍ରତି ଥିବା ରୁଚି ଆଜି ତାଙ୍କୁ ଦେଇଛି ରାଜ୍ୟରୁ ଆରମ୍ଭ କରି ଜାତୀୟ ସ୍ତରୀୟ ନୃତ୍ୟଶିଳ୍ପୀର ପରିଚୟ। ସେ ହେଉଛନ୍ତି ବ୍ରହ୍ମପୁର ସହରସ୍ଥ ଶରଧାବାଲି ଅଞ୍ଚଳର ମା' ସ୍ୱାଗତିକା ଦାସ ଏବଂ ବାପା ହିମାଂଶୁ ଶେଖର ମହାନ୍ତିଙ୍କ ଝିଅ ଦେବାଂଶୀ।

ଚାଲିବା ଆରମ୍ଭ କରିବା ଦିନଠୁ ଗୀତ ଶୁଣିବାମାତ୍ରେ ସେ ନାଚିବା ଆରମ୍ଭ କରି ଦେଉଥିଲେ। ଏହା ଦେଖି ମା' ନୃତ୍ୟ ଶିକ୍ଷା ପାଇଁ ପ୍ରୋତ୍ସାହନ ଦେଇଥିଲେ ଏବଂ ଗୁରୁ ଶିବରାମ ବାରିକଙ୍କଠାରୁ ଓଡ଼ିଶୀ ନୃତ୍ୟ ଶିକ୍ଷା ଆରମ୍ଭ କରାଇଥିଲେ। ୨୦୧୪ ମସିହାରେ ସୋନାଲୀ ମହାପାତ୍ରଙ୍କଠାରୁ ଓଡ଼ିଶୀ ନୃତ୍ୟ ଶିକ୍ଷା କରିଥିଲେ। ଏହାପରେ ସେ ଗୋଟେ ପରେ ଗୋଟେ ସଫଳତାର ପାହାଚ ଚଢ଼ି ଚାଲିଥିଲେ। ସେ ଚଳିତ ବର୍ଷ ମେ ୯ ତାରିଖରେ ମୁମ୍ବାଇ ଗ୍ଲୋବାଲ ଦ୍ୱାରା ପ୍ରେଜେଣ୍ଟ ମିସ୍ ହିନ୍ଦୁସ୍ତାନୀ ୨୦୨୨ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି। ଏଥିରେ ସେ ମିସ୍ ଟ୍ୟାଲେଣ୍ଟେଡ ଆୱାର୍ଡ ମଧ୍ୟ ପାଇଛନ୍ତି। ଏଥିପୂର୍ବରୁ ୨୦୧୮ରେ ବେଷ୍ଟ ଅଫ୍ ବ୍ରହ୍ମପୁର ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ। ୨୦୨୧ରେ ବ୍ରହ୍ମପୁରଠାରେ ମିସ୍ ଓଡ଼ିଶା ପ୍ରତିଯୋଗିତାରେ ବ୍ରହ୍ମପୁର ସ୍ପେକ୍ଟାକୁଲାର ଆୟି ଆୱାର୍ଡ ପାଇଥିଲେ। ଦେବାଂଶୀଙ୍କୁ ବାପା ଓ ପରିବାରର ସମସ୍ତ ସଦସ୍ୟଙ୍କ ସହଯାଗ ରହିଛି। ଏପରିକି ଦେବାଂଶୀ ଓଡ଼ିଶୀ ବିଶାରଦ କରିଥିବା ବେଳେ ହିନ୍ଦୁସ୍ତାନୀ ଭୋକାଲରେ ଡିପ୍ଲୋମା କରିଛନ୍ତି। ଏଥିସହିତ ସେ ୨୦୧୬ରେ ବ୍ରହ୍ମପୁରରେ ଶିଶୁ କୃତି ଆୱାର୍ଡ, ୨୦୧୫ରେ ନବୀନ କଳାକାର ଓ ଘୁମୁସର ମହୋତ୍ସବ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ୨୦୧୬ରେ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ଓ ଚେନ୍ନାଇଠାରେ ଉତ୍କଳ ସମାଜ ସମାରୋହରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କଠାରୁ ବେଶ୍ ପ୍ରଶଂସିତ ହୋଇଛନ୍ତି। ୨୦୧୯ରେ ମୁମ୍ବାଇଠାରେ ନୃତ୍ୟ କଳା ଆୱାର୍ଡ, ଜିଲାସ୍ତରୀୟ ଯୁବ ମହୋତ୍ସବରେ ରନର୍ସ ଅପ୍ ହେବା ସହ ଗୋପାଳପୁର ବେଳାଭୂମି ମହୋତ୍ସବ, ଟାଟା ଷ୍ଟିଲ, କଳିଙ୍ଗ ହରବାଲ ମେଳା ଓ ଘୁମୁସର ମହୋତ୍ସବରେ ଭାଗ ନେଇ ସଫଳତା ହାସଲ କରିଛନ୍ତି। ବର୍ତ୍ତମାନ ଦେବାଂଶୀ ଡ୍ୟାନ୍ସ କ୍ୟୁପିଡ ନାମରେ ଏକ ୟୁଟ୍ୟୁବ ଚାନେଲ ଖୋଲିବା ସହ ନିଜ ଘରେ ଡ୍ୟାନ୍ସ ୱିଥ୍ ଦେବାଂଶୀ ନାମକ ଏକ ଇନ୍‌ଷ୍ଟିଚ୍ୟୁଟ ଆରମ୍ଭ କରିଛନ୍ତି। ସେ ନିଜ ସଫଳତାର ଶ୍ରେୟ ଗୁରୁ ଏବଂ ଅଭିଭାବକଙ୍କୁ ଦିଅନ୍ତି। ବର୍ତ୍ତମାନ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଯୁକ୍ତ ୨ ଦ୍ୱିତୀୟ ବର୍ଷରେ ପଢୁଥିବା ଦେବାଂଶୀ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ରୋଗୀସେବା ସାଙ୍ଗକୁ ମଡେଲିଂ ଓ ନୃତ୍ୟ ମଧ୍ୟ ଜାରି ରଖିବେ ବୋଲି ଆଶା ରଖିଛନ୍ତି।

–ସ୍ମୃତିରଞ୍ଜନ ମହାଲିକ୍


ଦେବାଂଶୀ

ୟୁଥ୍ ଆଲର୍ଟ

## ଯୋଗ ରଖେ ଫିଟ୍

**ବର୍ତ୍ତମାନର ପରିବର୍ତ୍ତିତ ଲାଇଫ୍‌ଷ୍ଟାଇଲ୍ ବିଭିନ୍ନ ପ୍ରକାର ରୋଗର କାରଣ ସାଜୁଛି। ଯଦି ଆପଣ ବି ଏଭଳି କିଛି ସମସ୍ୟାକୁ ନେଇ ଚିନ୍ତିତ, ତେବେ ଏହାକୁ ଦୂର କରିବା ଲାଗି ପ୍ରତିଦିନ କିଛି ସମୟ ଯୋଗ କରିବା ଆପଣଙ୍କ ଲାଗି ହୋଇପାରେ ବେଶ୍ ଉପକାରୀ ...**

➔ପାଠପଢ଼ା, ଜବ୍ ଆଦିକୁ ନେଇ ବର୍ତ୍ତମାନ ଅନେକ ଯୁବତୀଯୁବକ ମାନସିକ ଚାପରେ ରହୁଥିବା ଦେଖିବାକୁ ମିଳୁଛି। ଏମିତିରେ ମାନସିକ ଚାପ ଦୂର କରି ସ୍ମରଣଶକ୍ତି ଏବଂ ଏକାଗ୍ରତା ବୃଦ୍ଧି କରିବାରେ ଯୋଗ, ଧ୍ୟାନ ଓ ପ୍ରାଣାୟମ ଖୁବ୍ ଲାଭଦାୟକ ହୋଇଥାଏ। ଏହାଦ୍ୱାରା କାର୍ଯ୍ୟଦକ୍ଷତା ମଧ୍ୟ ବଢ଼ିଥାଏ। କେବଳ ଏତିକି ନୁହେଁ, ଏହା ଦ୍ୱାରା କ୍ଷରଣ ହେଉଥିବା ହର୍‌ମୋନ ଶରୀରକୁ ଉର୍ଜା ପ୍ରଦାନ କରିବା ସହ ଶରୀରକୁ ଫୂର୍ତ୍ତି ରଖିଥାଏ।

➔ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ କରାଇବାରେ ଯୋଗ ଏବଂ ପ୍ରାଣାୟମ ଖୁବ୍ ଭଲ। ଜନଶୂନ୍ୟ ସ୍ଥାନରେ ଖୋଲା ପବନରେ ଯୋଗ କଲେ ଅଧିକ ଅମ୍ଳଜାନ ଶରୀରକୁ ଯାଏ ଏବଂ ତାହା ରକ୍ତରେ ମିଶି ଶରୀରର ପ୍ରତିଟି ଅଂଶକୁ ପହଞ୍ଚି ରିଲାକ୍ସ କରିଥାଏ। ଫଳରେ ହୃତ୍‌ପିଣ୍ଡ, ଫୁସ୍‌ଫୁସ୍ ଏବଂ ମସ୍ତିଷ୍କ ସୁସ୍ଥ ରଖିଥାଏ। ଏହା ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାରିବାରେ ସାହାଯ୍ୟ କରିଥାଏ।

➔ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ଦେଖିବାକୁ ମିଳୁଥିବା ମେଦବହୁଳତା ସମସ୍ୟା ଦୂର କରି ଓଜନ ନିୟନ୍ତ୍ରିତ ସ୍ତରରେ ରଖିବାରେ ଏହା ସାହାଯ୍ୟ କରିଥାଏ। କେବଳ ଏତିକି ନୁହେଁ, ବର୍ତ୍ତମାନ ମୋବାଇଲ୍ କମ୍ପ୍ୟୁଟର ଆଦି ବ୍ୟବହାର କରୁଥିବା ଅଧିକାଂଶ ଯୁବପିଢ଼ି ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ରହୁଥିବାରୁ ଅଣ୍ଟା, ବେକ, ପିଠି ଆଦି ସ୍ଥାନରେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ଏହାକୁ ମଧ୍ୟ ଦୂର କରିବାରେ ଯୋଗ ବେଶ୍ ଉପକାରୀ।

➔ଯେଉଁମାନଙ୍କଠାରେ ବ୍ଲଡ୍‌ପ୍ରେସର, ଡାଇବେଟିସ୍, ଡିପ୍ରେଶନ୍, ଶ୍ୱାସ ଭଳି ସମସ୍ୟା ରହିଛି, ସେମାନେ ଅନ୍ତତଃପକ୍ଷେ ଦିନକୁ ଥରେ ପ୍ରାଣାୟମ ଏବଂ କିଛି ସମୟ ଯୋଗ କରିବା ଦ୍ୱାରା ଏଭଳି ରୋଗଠୁ ଦୂରେଇ ରହିବାରେ ସହାୟକ ହେବ।

➔ଯୋଗ କରିବା ଦ୍ୱାରା ଶରୀରକୁ ଆବଶ୍ୟକ ମାତ୍ରାରେ ଅମ୍ଳଜାନ ମିଳୁଥିବାରୁ ପାଚନକ୍ରିୟା ଠିକ୍ ଭାବେ ହୋଇଥାଏ; ଯାହାକି ବଦହଜମି, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା ଦୂର କରିଥାଏ।

➔ଏହାଦ୍ୱାରା କେଶ ଝଡ଼ିବା କମ୍ ହୋଇ ଅଧିକ ଘନ ଓ ସୁନ୍ଦର ଲାଗିଥାଏ। କେବଳ ଏତିକି ନୁହେଁ, ତ୍ୱଚା ମଧ୍ୟ ଅଧିକ ସୁନ୍ଦର ଲାଗିଥାଏ।





ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା: ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୧୯ ଜୁନ୍, ୨୦୨୨ Bhubaneswar, Sunday, June 19/2022

# ସିରିଜ୍ ଜିତିବା ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

**ବେଙ୍ଗାଲୁରୁ,୧୮।୬**

ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ ଅନ୍ତିମ ତଥା ୫ମ ଟି୨୦ ମ୍ୟାଚ୍। ସିରିଜ୍ ଏବେ ୨-୨ରେ ବରାବର ଥିବାରୁ ଏହା ନିର୍ଣ୍ଣାୟକ ମ୍ୟାଚ୍ ହେବ। ସିରିଜ୍‌ର ପ୍ରଥମ ଦୁଇ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ଜିତିଥିବା ବେଳେ ଭାରତ ଅନ୍ତିମ ଦୁଇ ମ୍ୟାଚ୍‌କୁ ଜିତି ପ୍ରତ୍ୟାବର୍ତ୍ତନ କରିଛି। ଖେଳାଳିଙ୍କ ସାମୂହିକ ପ୍ରଦର୍ଶନ ଏବଂ ପେସରଙ୍କ ଯୋଗୁ ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ନିର୍ଣ୍ଣାୟକ ମ୍ୟାଚ୍‌ରେ ଫେଭରାଇଟ୍ ମନେହେଉଛି। ଓପ୍‌ନର ଇଶାନ କିଶନ ଏବେ ଭଲ ଫର୍ମରେ ଅଛନ୍ତି। ଲଗାତର ୪ ମ୍ୟାଚ୍‌ରେ ସେ ଭଲ ପ୍ରଦର୍ଶନ କରିଛନ୍ତି। ତାଙ୍କ ସହିତ ପାଳି ଆରମ୍ଭ କରୁଥିବା ଋତୁରାଜ ଗାଏକ୍ୱାଡ ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍‌ରେ ଅନ୍ତର୍ଜାତୀୟ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ। କିନ୍ତୁ ତାଙ୍କ ପ୍ରଦର୍ଶନରେ ସ୍ଥିରତାର ଅଭାବ ରହିଛି। ଏବେ ଦଳ ପାଇଁ ସବୁଠୁ ବଡ଼ ଚିନ୍ତାର କାରଣ ହେଲେ ଶ୍ରେୟାସ ଆୟାର ଓ ଅଧିନାୟକ ରିଷଭ ପନ୍ତ। ଶ୍ରେୟାସଙ୍କୁ ପ୍ରାୟ ମ୍ୟାଚ୍‌ରେ ଭଲ ଆରମ୍ଭ ମିଳିଥିଲେ ମଧ୍ୟ ସ୍ପିନରଙ୍କ ବଲରେ ବଡ଼ ଶଟ୍ ମାରିବାକୁ ଯାଇ ଉଇକେଟ ଫୋପାଡ଼ି ଦେଉଛନ୍ତି। ଏଭଳି ବିଫଳତା ତାଙ୍କୁ ନିକଟ ଭବିଷ୍ୟତରେ ମହଙ୍ଗା ପଡ଼ିପାରେ। କାରଣ ଆସନ୍ତା ୨୬ ଓ ୨୮ରେ ମାଲାହିଡେଠାରେ ଆୟର୍ଲାଣ୍ଡ ବିପକ୍ଷରେ ହେବାକୁ ଥିବା ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ଶ୍ରେୟାସଙ୍କ ସ୍ଥାନରେ ସୂର୍ଯ୍ୟକୁମାର ଯାଦବ ଖେଳିବେ। ଅନ୍ୟପକ୍ଷରେ ଅଫ୍ ଷ୍ଟମ୍ପ ବାହାର ବଲ୍ ପ୍ରତି ପନ୍ତଙ୍କ ଦୁର୍ବଳତା ପଦାକୁ ଆସୁଛି। ପ୍ରାୟ ମ୍ୟାଚ୍‌ରେ ସ୍ପିନରଙ୍କ ଅଫ୍ ଷ୍ଟମ୍ପ ବାହାର ବଲ୍‌କୁ ଲେଗ୍ ସାଇଡ୍‌ରେ ମାରିବା ଉଦ୍ଦେଶ୍ୟରେ ଉଇକେଟ ଦାନ କରୁଛନ୍ତି। ପ୍ରଥମ ମ୍ୟାଚ୍ ଛାଡ଼ିଦେଲେ ସେ ବ୍ୟାଟିଂରେ ବିଫଳ ହୋଇଛନ୍ତି। ମଧ୍ୟକ୍ରମରେ ହାର୍ଦ୍ଦିକ ପାଣ୍ଡ୍ୟା ଦଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖେଳୁଛନ୍ତି। ୨୦୧୯ ଦିନିକିଆ ବିଶ୍ୱକପ୍ ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଭେଟେରାନ ଉଇକେଟ୍‌କିପର ବ୍ୟାଟର ଦୀନେଶ କାର୍ତ୍ତିକଙ୍କଠାରୁ ଯାହା ଆଶା କରାଯାଉଥିଲା, ତାହା ସେ ସଫଳତାର ସହ ପ୍ରତିପାଦନ କରି ଦେଖାଇଛନ୍ତି। ଚତୁର୍ଥ ମ୍ୟାଚ୍‌ରେ ସେ ୨୭ ବଲ୍‌ରେ ୫୫ ରନ୍‌ର ବିସ୍ଫୋରକ ପାଳି ଖେଳିଥିଲେ। ଏହା ଥିଲା ତାଙ୍କ କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ଟି୨୦ ଅର୍ଦ୍ଧଶତକ। ନିର୍ଣ୍ଣାୟକ ମ୍ୟାଚ୍‌ରେ ମଧ୍ୟ ତାଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି। ଏଭଳି ପ୍ରଦର୍ଶନ ଜାରି ରହିଲେ ଟି୨୦ ବିଶ୍ୱକପ୍‌ରେ ସେ ଉଇକେଟ୍ କିପିଂ ଦାୟିତ୍ୱ ମଧ୍ୟ ସମ୍ଭାଳି ପାରନ୍ତି। କାରଣ ଆଗକୁ ହେବାକୁଥିବା ଆୟର୍ଲାଣ୍ଡ ବିପକ୍ଷ ସିରିଜ୍‌ରେ ତାଙ୍କୁ ଏକମାତ୍ର ଉଇକେଟ୍‌କିପର ଭାବେ ଭାରତୀୟ ଦଳରେ ସ୍ଥାନ ମିଳିଛି। ଭୁବନେଶ୍ୱର କୁମାରଙ୍କ ନେତୃତ୍ୱାଧୀନ ବୋଲିଂ ବିଭାଗ ପ୍ରଥମ ମ୍ୟାଚ୍‌କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ମୁକାବିଲାରେ ଭଲ ପ୍ରଦର୍ଶନ ରହିଛି। ଭୁବନେଶ୍ୱରଙ୍କ ପୁରୁଣା ସୁଇଙ୍ଗ ଫେରିଥିବା ବେଳେ ହର୍ଷଲ ପଟେଲ ଓ ଆଭେଶ ଖାନ୍ ଡେଥ୍ ଓଭରରେ ପ୍ରତିପକ୍ଷ ଦଳର ବ୍ୟାଟରଙ୍କୁ ରନ୍ କରିବାକୁ ଦେଉନାହାନ୍ତି। ଲେଗ୍ ସ୍ପିନର ଯୁଜ୍‌ବେନ୍ଦ୍ର ଚହଲ ଏହି ସିରିଜ୍‌ରେ ତାଙ୍କ ଆଇପିଏଲ୍ ପ୍ରଦର୍ଶନ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଅକ୍ଷର ପଟେଲ ସେତେଟା ସଫଳ ହୋଇନାହାନ୍ତି। ଏହାସତ୍ତ୍ୱେ ଦଳରେ କୌଣସି ଆହତ ସମସ୍ୟା ନ ହେଲେ ପେସ୍ ସେନ୍‌ସେସନ ଉମ୍ରାନ୍ ମଲିକ, ୟର୍କର ସ୍ପେଶାଲିଷ୍ଟ ଅର୍ଶଦୀପ ସିଂ ଓ ମଧ୍ୟକ୍ରମ ବ୍ୟାଟର ଦୀପକ ହୁଡାଙ୍କୁ ଦଳରେ ସ୍ଥାନ ମିଳିବାର ସମ୍ଭାବନା ନାହିଁ। ଅନ୍ୟପକ୍ଷରେ ଭ୍ରମଣକାରୀ ଦଳର ଅଧିନାୟକ ଟେମ୍ବା ବଭୁମା ଚତୁର୍ଥ ମ୍ୟାଚ୍‌ରେ ଆହତ ହୋଇ ପ୍ୟାଭିଲିଅନ ଚାଲିଯାଇଥିଲେ ଏବଂ ବ୍ୟାଟିଂ କରିବାକୁ ମଧ୍ୟ ଫେରି ନ ଥିଲେ। ଏଣୁ ପରିବର୍ତ୍ତନର ଆଶା ରହିଛି।

**ସମ୍ଭାବ୍ୟ ଭାରତୀୟ ଦଳ:** ଋତୁରାଜ ଗାଏକ୍ୱାଡ, ଇଶାନ କିଶନ, ଶ୍ରେୟାସ ଆୟାର, ରିଷଭ ପନ୍ତ (ଉଇକେଟ୍‌କିପର ଓ ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ଦୀନେଶ କାର୍ତ୍ତିକ, ଅକ୍ଷର ପଟେଲ, ହର୍ଷଲ ପଟେଲ, ଭୁବନେଶ୍ୱର କୁମାର, ଆଭେଶ ଖାନ୍ ଓ ଯୁଜ୍‌ବେନ୍ଦ୍ର ଚହଲ।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଟେମ୍ବା ବଭୁମା(ଅଧିନାୟକ)/ ରିଜା ହେଣ୍ଡ୍ରିକ୍ସ, କ୍ୱିଣ୍ଟନ ଡି'କକ୍ (ଉଇକେଟ୍‌କିପର), ହେନ୍‌ରିଚ କ୍ଲାସେନ, ରାସି ଭାନ ଡର ଡୁସେନ, ଡେଭିଡ ମିଲର, ଡ୍ୱେନ୍ ପ୍ରିଟୋରିଅସ୍, ଲୁଙ୍ଗି ଏନ୍‌ଗିଡି/କାଗିଶୋ ରବାଡା, ମାର୍କୋ ଜାନସେନ/ ୱେନ ପାର୍ନେଲ, ଅନ୍‌ରିଚ ନର୍ଜେ, ତାବ୍ରେଜ ଶାମସି, କେଶବ ମହାରାଜ।

# ଆର୍ଜେଣ୍ଟିନାକୁ ହରାଇଲା ଭାରତ



### ମହିଳା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍

**ରୋଟରଡାମ୍, ୧୮।୬ (ପି.ଟି.)**

ଡବଲ ଲେଗ୍ ବିଶିଷ୍ଟ ମହିଳା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଏହାର ପ୍ରଥମ ମ୍ୟାଚରେ ଭାରତ ୨-୧ ଶୁଟ୍‌ଆଉଟ୍‌ରେ ଅଲିମ୍ପିକ ରୌପ୍ୟ ବିଜେତା ଆର୍ଜେଣ୍ଟିନାକୁ ପରାସ୍ତ କରିଛି। ମ୍ୟାଚରେ ଗୁରଜିତ କୌର ଡବଲ ଗୋଲ ସ୍କୋର କରିଛନ୍ତି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୩-୩ରେ ଡ୍ର ରହିବାରୁ ଶୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ନିର୍ଦ୍ଧାରିତ ସମୟ ଖେଳରେ ଭାରତ ତରଫରୁ ଗୁରଜିତ (୩୭ତମ ଓ ୬୧ତମ ମିନିଟ୍) ଦୁଇଟି ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରିଥିଲେ। ଦଳ ପକ୍ଷରୁ ଅନ୍ୟ ଗୋଲ୍‌ଟି ଲାଲ୍‌ରେମସିଆମି (୪ର୍ଥ) ସ୍କୋର କରିଥିଲେ। ଆର୍ଜେଣ୍ଟିନା ତରଫରୁ ଅଗଷ୍ଟିନା ଗୋର୍ଜେଲାନି (୨୨ତମ, ୩୭ତମ ଓ ୪୫ତମ) ହ୍ୟାଟ୍ରିକ ଗୋଲ୍ ସ୍କୋର କରିବାରୁ ମ୍ୟାଚ ଶୁଟ୍‌ଆଉଟ୍‌କୁ ଯାଇଥିଲା। ଶୁଟ୍‌ଆଉଟ୍‌ରେ ନେହା ଗୋଏଲ ଓ ସୋନିକା ଗୋଲ୍ ସ୍କୋର କରିଥିଲେ। ଗତଥରର ପ୍ରୋ-ଲିଗ୍ ଚାମ୍ପିୟନ ଆର୍ଜେଣ୍ଟିନା ପକ୍ଷରୁ ଭିକ୍ଟୋରିଆ ଗ୍ରାନାଟୋ ଏକମାତ୍ର ସ୍କୋରର ରହିଥିଲେ। ସୂଚନାଯୋଗ୍ୟ, ଟୋକିଓ ଅଲିମ୍ପିକ୍ସ ସେମିଫାଇନାଲରେ ଆର୍ଜେଣ୍ଟିନା ନିକଟରୁ ଭାରତ ୨-୧ ଗୋଲ୍‌ରେ ପରାସ୍ତ ହୋଇଥିଲା। ଶନିବାର ସଭିତା-ପୁନିଆଙ୍କ ନେତୃତ୍ୱାଧୀନ ଦଳ ଏହି ପରାଜୟର ପ୍ରତିଶୋଧ ନେଇପାରିଛି।

# ସର୍ବଭାରତୀୟ କରାଟେ ଚାମ୍ପିୟନଶିପ୍‌ରେ ଓଡ଼ିଶାକୁ ୪ ପଦକ

**ଭୁବନେଶ୍ୱର,୧୮।୬(ସ୍ପୋର୍ଟ୍ସ ବ୍ୟୁରୋ)**

ମହାରାଷ୍ଟ୍ର କରାଟେ ଡୋ' ଆସୋସିଏଶନ ପକ୍ଷରୁ ପୁଣେଠାରେ ଚାଲିଥିବା ସର୍ବଭାରତୀୟ କରାଟେ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଓଡ଼ିଶାକୁ ୪ ପଦକ ମିଳିଛି। ଭାଲେନା ଭାଲେଣ୍ଟିନା ମହିଳା ବ୍ୟକ୍ତିଗତ କାଟାରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ସାଇ ସ୍ୱରୂପ ୫୨ କେଜି ଫାଇଟ୍‌ରେ ରୌପ୍ୟ ପଦକ ହାତେଇଛନ୍ତି। ୨୧ ବର୍ଷରୁ କମ୍ ମହିଳା ୫୦ କେଜି କୁମିଟେ ବର୍ଗରେ ବ୍ରତାତି ବିଶ୍ୱରୂପା ରୌପ୍ୟ ପଦକ ଜିତିଛନ୍ତି। ସମାନ ବୟସ ବର୍ଗର ପୁରୁଷ ବିଭାଗର ୮୪ କେଜି କୁମିଟେରେ ଆର୍ଯ୍ୟନ ରାଉତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

# ରଣଜୀ ଟ୍ରଫି ଫାଇନାଲରେ ମୁମ୍ବାଇ-ମଧ୍ୟପ୍ରଦେଶ



ଯଶସ୍ୱୀ ଜୟସ୍ୱାଲ

**ବେଙ୍ଗାଲୁରୁ,୧୮।୬**

ଚଳିତ ରଣଜୀ ଟ୍ରଫି ସିଜନର ଫାଇନାଲ ମୁକାବିଲା ଶନିବାର ସ୍ପଷ୍ଟ ହୋଇଯାଇଛି। ଫାଇନାଲରେ ୪୧ ଥର ଚାମ୍ପିୟନ ମୁମ୍ବାଇକୁ ଭେଟିବ ମଧ୍ୟପ୍ରଦେଶ। ଅଲୁରଠାରେ ସେମିଫାଇନାଲରେ ମଧ୍ୟପ୍ରଦେଶ ୧୭୪ ରନ୍‌ରେ ବେଙ୍ଗଲକୁ ହରାଇ ୨୩ ବର୍ଷ ପରେ ରଣଜୀ ଫାଇନାଲକୁ ଉନ୍ନୀତ ହୋଇଛି। ସେହିଭଳି ବେଙ୍ଗାଲୁରୁଠାରେ ଉତ୍ତରପ୍ରଦେଶ ବିପକ୍ଷରେ ଖେଳାଯାଇଥିବା ସେମିଫାଇନାଲକୁ ମୁମ୍ବାଇ ଇନିଂସ ଅଗ୍ରଣୀରେ ଜିତି ନେଇଛି।

ପ୍ରଥମ ଇନିଂସରେ ହିମାଂଶୁ ମନ୍ତ୍ରୀଙ୍କ ୧୬୫ ରନ୍‌ର ଇନିଂସ ବଳରେ ମଧ୍ୟପ୍ରଦେଶ ୩୪୧ ରନ୍ କରିଥିଲା। ମନୋଜ ତିୱାରୀ (୧୦୨) ଏବଂ ଶାହବାଜ ଅହମ୍ମଦ (୧୧୬)ଙ୍କ ଶତକ ସତ୍ତ୍ୱେ ୨୭୩ ରନ୍ କରିବାକୁ ସକ୍ଷମ ହୋଇଥିଲା ବେଙ୍ଗଲ। ୬୮ ରନ୍‌ର ଅଗ୍ରଣୀ ହାସଲ କରିଥିବା ମଧ୍ୟପ୍ରଦେଶର ଦ୍ୱିତୀୟ ଇନିଂସ ୨୮୧ ରନ୍‌ରେ ସୀମିତ ରହିଥିଲା। ପରେ କୁମାର କାର୍ତ୍ତିକେୟାଙ୍କ ୫ ଉଇକେଟ ସଫଳତା ଯୋଗୁ ୩୫୦ ଟାର୍ଗେଟ ପିଛା କରୁଥିବା ବେଙ୍ଗଲ ୧୭୫ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ସେହିଭଳି ବେଙ୍ଗାଲୁରୁଠାରେ ଅନୁଷ୍ଠିତ ଅନ୍ୟ ସେମିଫାଇନାଲରେ ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ଯଶସ୍ୱୀ ଜୟସ୍ୱାଲ (୧୦୦) ଓ ହାର୍ଦ୍ଦିକ ତାମୋର(୧୧୫)ଙ୍କ ଶତକ ବଳରେ ୩୯୩ ରନ୍ କରିଥିଲା। ଜବାବରେ ଉତ୍ତରପ୍ରଦେଶ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୮୦ ରନ୍ କରିବାକୁ ସକ୍ଷମ ହୋଇଥିଲା। ୧୧୩ ରନ୍‌ରେ ଆଗୁଆ ଥିବା ମୁମ୍ବାଇ ମ୍ୟାଚ୍ ଶେଷ ହେବା ପର୍ଯ୍ୟନ୍ତ ବ୍ୟାଟିଂ ଜାରି ରଖି ପ୍ରତିପକ୍ଷ ଦଳକୁ ସୁଯୋଗ ଦେଇ ନ ଥିଲା। ଦ୍ୱିତୀୟ ଇନିଂସରେ ମୁମ୍ବାଇ ୪ ଉଇକେଟରେ ୫୩୩ ରନ୍ କରିବା ପରେ ଉଭୟ ଦଳର ଅଧିନାୟକ ହାତ ମିଳାଇ ମ୍ୟାଚ୍ ସମାପ୍ତି ଘୋଷଣା କରିଥିଲେ। ପ୍ରଥମ ଭଳି ଦ୍ୱିତୀୟ ପାଳିରେ ମଧ୍ୟ ଶତକ ହାସଲ କରିଥିବା ଜୟସ୍ୱାଲ (୧୮୧)ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

# ନୀରଜ ଜିତିଲେ କୋର୍ଟେନ ଗେମ୍ସ

**ନୂଆଦିଲ୍ଲୀ,୧୮।୬ (ପି.ଟି.)**

ଅଲିମ୍ପିକ ଚାମ୍ପିୟନ ନୀରଜ ଚୋପ୍ରା ଚଳିତ ସିଜନରେ ପ୍ରଥମ ଟପ୍ ପୋଡିୟମ ଫିନିଶ କରିଛନ୍ତି। ଫିନ୍‌ଲାଣ୍ଡରେ ସେ କୋର୍ଟେନ ଗେମ୍ସ ଜାଭେଲିନ୍ ଥ୍ରୋ ଇଭେଣ୍ଟ ଜିତିଛନ୍ତି। ୪ ଦିନ ଭିତରେ ସେ ବିଶ୍ୱ ଚାମ୍ପିୟନ ଗ୍ରେନେଡାର ଆଣ୍ଡରସନ ପିଟର୍ସଙ୍କୁ ଦ୍ୱିତୀୟ ଥର ପାଇଁ ପରାସ୍ତ କରିଛନ୍ତି। ୨୪ବର୍ଷୀୟ ଚୋପ୍ରା ୮୬.୬୯ ମିଟର ଦୂରତା ସହ ଇଭେଣ୍ଟ ଜିତିଥିବା ବେଳେ ୨୦୧୨ ଅଲିମ୍ପିକ୍ ଚାମ୍ପିୟନ ତ୍ରିନିଦାଦ ଟବାଗୋର କେଶରନ ୱାଲ୍‌କଟ (୮୬.୬୪) ଦ୍ୱିତୀୟ ଏବଂ ପିଟର୍ସ (୮୪.୭୫) ତୃତୀୟ ସ୍ଥାନରେ ରହିଥିଲେ। ନୀରଜ ଏହା ପୂର୍ବରୁ ତୁର୍କୁଠାରେ ଅନୁଷ୍ଠିତ ପାଭୋ ନୁରାମି ଗେମ୍ସରେ ୮୯.୩୦ ମିଟର ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

# ପୁରୁଷ ଦଳ ହାରିଲା

**ରୋଟରଡାମ, ୧୮।୬ (ପି.ଟି.):** ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ଶନିବାର ଭାରତୀୟ ମହିଳା ହକି ଦଳ ବିଜୟ ଲାଭ କରିଥିବା ବେଳେ ପୁରୁଷ ଦଳ ଶୁଟ୍‌ଆଉଟ୍‌ରେ ଟେବୁଲ ଟପର ନେଦରଲାଣ୍ଡଠାରୁ ୧-୪ରେ ହାରି ଟାଇଟଲ ଦୌଡ଼ରୁ ଆପାତତଃ ବିଦାୟ ନେଇଛି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୨-୨ରେ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଆଉ ଗୋଟିଏ ମ୍ୟାଚ ବାକି ଥାଇ ଭାରତ ୧୫ଟି ଗେମ୍‌ରୁ ୩୦ ପଏଣ୍ଟ ସହ ତଥାପି ତୃତୀୟ ସ୍ଥାନରେ ରହିଛି। ନେଦରଲାଣ୍ଡ ହାତରେ ଆଉ ୩ଟି ମ୍ୟାଚ ବାକିଥିବା ବେଳେ ୩୩ ପଏଣ୍ଟ ସହ ଟେବୁଲ ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ବେଲ୍‌ଜିୟମ ଆଉ ଦୁଇଟି ମ୍ୟାଚ ଖେଳିବାକୁ ବାକି ରହିଥିବା ବେଳେ ୧୪ଟି ଗେମ୍‌ରୁ ୩୧ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି।




# କଷ୍ଟୋମାଇଜ କଲର ବଲ୍ ଟେନିସ ୨୩ରୁ



ଖବରଦାତା ସମ୍ମିଳନୀରେ କଷ୍ଟୋମାଇଜ କଲର ବଲ୍ ଟେନିସ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦିଆଯାଉଛି।

**ଭୁବନେଶ୍ୱର,୧୮।୬(ସ୍ପୋର୍ଟ୍ସ ବ୍ୟୁରୋ)**

ପ୍ରଥମ ଥର ପାଇଁ ଓଡ଼ିଶାରେ ଖେଳାଯିବ କଷ୍ଟୋମାଇଜ କଲର ବଲ୍ ଟେନିସ ଟୁର୍ନାମେଣ୍ଟ। ଆସନ୍ତା ୨୩ରୁ ୨୬ ପର୍ଯ୍ୟନ୍ତ ଓଡ଼ିଶା ଟେନିସ ଆସୋସିଏଶନ(ଓଟିଏ) ବ୍ୟାନରରେ ଆଇ.ଆଇ.ଜି. ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ କେଟି ଗ୍ଲୋବାଲ ସ୍କୁଲ କ୍ୟାମ୍ପସରେ ଖେଳ ହେବାକୁ ଯାଉଛି କଷ୍ଟୋମାଇଜ ଅଲ ଓଡ଼ିଶା ଜୁନିୟର ଚାମ୍ପିୟନଶିପ୍। ପ୍ରଥମ ଥର ପାଇଁ ଟେନିସ ଟୁର୍ନାମେଣ୍ଟ ଖେଳିବାକୁ ଥିବା ପିଲାଙ୍କ ପାଇଁ କଷ୍ଟୋମାଇଜ କରାଯାଇ ସେମାନଙ୍କ ଦକ୍ଷତା ଅନୁସାରେ ଲାଲ, କମଳା ଏବଂ ସବୁଜ ଡଟ ବଲ୍‌ରେ ପ୍ରତିଯୋଗିତା କରାଯାଉଛି। ରେଗୁଲାର ଟେନିସ ବଲ୍ ତୁଳନାରେ ଲାଲ, କମଳା ଏବଂ ସବୁଜ ଡଟ ବଲ୍‌ରେ ଯଥାକ୍ରମେ ୨୫%, ୫୦% ଏବଂ ୭୫% ଅଧିକ ବାଉନ୍ସ ରହିଛି। ଏପରିକି ଟେନିସ କୋର୍ଟର ଆକାର ବଲ୍ ସ୍ତର ଉପରେ ଆଧାର କରି କଷ୍ଟୋମାଇଜ କରାଯାଇଛି। ୧୦, ୧୨, ୧୪ ବର୍ଷରୁ କମ୍ କ୍ୟାଟେଗୋରୀରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ପୁଅ ଓ ଝିଅ ଏକତ୍ରିତ ଏବଂ ପରସ୍ପର ବିପକ୍ଷରେ ଖେଳି ପାରିବେ।

ଟୁର୍ନାମେଣ୍ଟର ଉଦ୍ଦେଶ୍ୟ ହେଉଛି ଟେନିସ ଖେଳାଳିଙ୍କୁ ତୃଣମୂଳ ସ୍ତରରୁ ଭିତ୍ତିଭୂମି ଯୋଗାଇବା ସହ ଓଡ଼ିଶାରେ ଟେନିସକୁ ଅଧିକରୁ ଅଧିକ ପ୍ରଚାର ପ୍ରସାର କରିବା ଏବଂ ନୂଆ ପ୍ରତିଭାଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା। ଏ ନେଇ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ କେଟି ଗ୍ଲୋବାଲ ସ୍କୁଲର ନିର୍ଦ୍ଦେଶକ ପୂର୍ଣ୍ଣଶିଷ ରଥ, କେଟି ଗ୍ଲୋବାଲ ସ୍କୁଲର ପ୍ରିନ୍ସିପାଲ ସବିତା ପଣ୍ଡା, ଭାଇସ-ପ୍ରିନ୍ସିପାଲ ଅନୁରାଧା ଘୋଷ, ଆଇ.ଆଇ.ଜି. ସ୍ପୋର୍ଟ୍ସ ଏକାଡେମୀର ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ, ଓଟିଏ କାର୍ଯ୍ୟନିର୍ବାହୀ ସଦସ୍ୟ ଅସିତ ପ୍ରଧାନ, ଓଟିଏର ପ୍ରଶାସନିକ ଅଧିକାରୀ ସମ୍ମିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ୟାପ୍ରି ଗ୍ଲୋବାଲ, କେଏଲ୍‌ଓ ସ୍ପୋର୍ଟ୍ସ ନୂଆ ଫ୍ରାଞ୍ଚାଇଜ୍

### ଅଲ୍ଟିମେଟ୍ ଖୋ ଖୋ

**ଭୁବନେଶ୍ୱର, ୧୮।୬(ସ୍ପୋର୍ଟ୍ସ ବ୍ୟୁରୋ)**

ଅଲ୍ଟିମେଟ୍ ଖୋ ଖୋ (ୟୁକେକେ) ଶୁକ୍ରବାର ୨୦୨୨ରେ ଲିଗ୍‌ର ଉଦ୍‌ଘାଟନୀ ସଂସ୍କରଣରେ ରାଜସ୍ଥାନ ଓ ଚେନ୍ନାଇ ଟିମ୍‌ର ମାଲିକ ଭାବେ ଦୁଇଟି ନୂଆ ଫ୍ରାଞ୍ଚାଇଜ୍ କ୍ୟାପ୍ରି ଗ୍ଲୋବାଲ ଓ କେଏଲ୍‌ଓ ସ୍ପୋର୍ଟ୍ସକୁ ସ୍ୱାଗତ କରିଛି। କେଏଲ୍‌ଓ ସ୍ପୋର୍ଟ୍ସ ମାଲିକାନାରେ ଥିବା ଟିମ୍ ଚେନ୍ନାଇ କ୍ୱିକ୍ ଗନ୍ସ ଭାବେ ପରିଚିତ ହେବ। କ୍ୟାପ୍ରି ଗ୍ଲୋବାଲର ରାଜସ୍ଥାନଭିତ୍ତିକ ଫ୍ରାଞ୍ଚାଇଜର ନାମ ଘୋଷଣା ହେବାକୁ ବାକି ରହିଛି। କେଏଲ୍‌ଓ ସ୍ପୋର୍ଟ୍ସ ଉତ୍ସାହୀ କ୍ରୀଡ଼ାପ୍ରେମୀ ସଞ୍ଜୟ ଜୁପୁଡି ଓ ଶ୍ରୀନାଥ ଚିତୁରିଙ୍କ ସହ-ମାଲିକାନାରେ ରହିଛି, ଯେଉଁମାନେ କି ଭାରତ ତଥା ବିଦେଶରେ ନିର୍ମାଣ, ଅଟୋମୋବାଇଲ ଓ ଆଇଟି କ୍ଷେତ୍ରରେ ସଫଳ ବ୍ୟବସାୟୀ ଅଟନ୍ତି। ଗୁଜରାଟ ଓ ତେଲଙ୍ଗାନା ଫ୍ରାଞ୍ଚାଇଜର ମାଲିକ ଭାବେ ଅଗ୍ରଣୀ ଶିଳ୍ପ ସଂସ୍ଥା ଆଦାନୀ ଗ୍ରୁପ୍ ଓ ଜିଏମ୍‌ଆର୍ ଗ୍ରୁପ୍ ସହ ସହଭାଗିତା ରହିଥିବା ସମ୍ପର୍କରେ ଅଲ୍ଟିମେଟ୍ ଖୋ ଖୋ ପୂର୍ବରୁ ଘୋଷଣା କରିଥିଲା। ଭାରତର ପ୍ରଥମ ଫ୍ରାଞ୍ଚାଇଜଭିତ୍ତିକ ଖୋ ଖୋ ଲିଗ୍‌କୁ ଡାବର୍ ଗ୍ରୁପ୍‌ର ଅଧ୍ୟକ୍ଷ ଅମିତ୍ ବର୍ମନ୍, ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ମଧ୍ୟ ସହଭାଗିତାରେ ପ୍ରମୋଟ୍ ବା ପ୍ରସାର କରୁଛନ୍ତି। ଏ ସମ୍ପର୍କରେ ଅଲ୍ଟିମେଟ୍ ଖୋ ଖୋର ସିଇଓ ତେଞ୍ଜିଙ୍ଗ୍ ନିୟୋଗି କହିଛନ୍ତି, ଏହି ଲିଗ୍ ସହିତ ଆଧୁନିକ ଯୁଗର ଭାରତରେ ପେସାଦାର ଢାଞ୍ଚା ଆଣିବା ଆମର ଲକ୍ଷ୍ୟ। କେବଳ ଖୋ ଖୋକୁ ପରବର୍ତ୍ତୀ ସ୍ତରକୁ ନୁହେଁ ବରଂ ଖେଳର ପ୍ରଶଂସକ ସୃଷ୍ଟି କରିବା ଲାଗି ଉଦ୍ୟମ ଜାରି ରହିବ। କେଏଲ୍‌ଓ ସ୍ପୋର୍ଟ୍ସର ସହ-ମାଲିକ ଓ କ୍ୱେଂଟେଲିର ପ୍ରତିଷ୍ଠାତା ସଞ୍ଜୟ ଜୁପୁଡି କହିଛନ୍ତି, "ଆମର ଲକ୍ଷ୍ୟ ହେଉଛି ଖୋ ଖୋକୁ ଭାରତରେ ଏକ ମୁଖ୍ୟଧାରାର କ୍ରୀଡ଼ାରେ ପରିଣତ କରିବା। ଅଲ୍ଟିମେଟ୍ ଖୋ ଖୋ ସହ ନିଜର ସହଭାଗିତା ସମ୍ପର୍କରେ କ୍ୟାପ୍ରି ଗ୍ଲୋବାଲର ପରିଚାଳନା ନିର୍ଦ୍ଦେଶକ ରାଜେଶ ଶର୍ମା କହିଛନ୍ତି, ଆମେ ସମଗ୍ର ସ୍ପୋର୍ଟ୍ସ ଇକୋ-ସିଷ୍ଟମର ଏକ ଅଂଶ ହେବାକୁ ଚାହୁଁଛୁ, ଯାହା ଘରୋଇ କ୍ରୀଡ଼ାକୁ ପ୍ରୋତ୍ସାହିତ କରୁଥିବ ଏବଂ ଏକ ଅଗ୍ରଣୀ କ୍ରୀଡ଼ା ରାଷ୍ଟ୍ର ଭାବେ ଭାରତର ଯାତ୍ରାରେ ଏକ ସକ୍ଷମକାରୀର ଭୂମିକା ଗ୍ରହଣ କରୁଥିବ। ଖୋ ଖୋ ହେଉଛି ଆମ ଦେଶର ଅନ୍ୟତମ ପହଞ୍ଚଯୋଗ୍ୟ କ୍ରୀଡ଼ା। ଆମର ଲକ୍ଷ୍ୟ ହେଉଛି ତୃଣମୂଳ ସ୍ତରରେ ପ୍ରଶିକ୍ଷଣ ବ୍ୟବସ୍ଥା ପ୍ରଦାନ କରିବା।



ଦିଲ୍ଲୀସ୍ଥିତ ଆଇଜି ଷ୍ଟାଡିୟମରେ ସୁପର ଲିଗ୍ ଖୋଖୋରେ ଶନିବାର ରୋହିତ ଶର୍ମାଙ୍କ ସ୍କାଏ ଡାଇଭ୍ ପ୍ରଚେଷ୍ଟା।

# ଭାରତ ପ୍ରଥମେ ଆୟର୍ଲାଣ୍ଡକୁ ଭେଟିବ

### ଯୁନିଫାର୍ ୨୩ ବର୍ଷରୁ କମ୍ ୫ ରାଷ୍ଟ୍ରୀୟ ମହିଳା ହକି

**ଡବଲିନ୍, ୧୮।୬ (ପି.ଟି.)**

ଭାରତୀୟ ଜୁନିୟର ମହିଳା ହକି ଦଳ ଯୁନିଫାର୍ ୨୩ ବର୍ଷରୁ କମ୍ ୫ ରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାଗ ନେଇଛି। ଦଳ ରବିବାର ଏହାର ପ୍ରଥମ ମ୍ୟାଚ ଆୟର୍ଲାଣ୍ଡ ବିପକ୍ଷରେ ଖେଳିବ। ଏପ୍ରିଲରେ ଦକ୍ଷିଣ ଆଫ୍ରିକାରେ ଏଫ୍‌ଆଇଏଚ୍ ମହିଳା ଜୁନିୟର ବିଶ୍ୱକପ୍ ଖେଳିଥିବା ଭାରତୀୟ ଦଳ ଲିଗ୍ ପର୍ଯ୍ୟାୟ ପ୍ରତିଯୋଗିତାରେ ଆୟର୍ଲାଣ୍ଡ, ନେଦରଲାଣ୍ଡ୍ସ, ୟୁଏସ୍ ଓ ୟୁକ୍ରେନ୍ ବିପକ୍ଷରେ ଖେଳିବ। ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ ପରେ ଭାରତ ଜୁନ୍ ୨୦ରେ ନେଦରଲାଣ୍ଡ୍ସ ଓ ପରେ ଜୁନ୍ ୨୨ରେ ୟୁକ୍ରେନକୁ ଏବଂ ଜୁନ୍ ୨୩ରେ ୟୁଏସ୍‌ଏକୁ ଭେଟିବ। ଭାରତୀୟ ଦଳର ଅଧିନାୟକ ବୈଷ୍ଣବୀ ବିଥାଲ ଫାଲ୍‌କେ କହିଛନ୍ତି ଆମେ ଟ୍ରେନିଂ ବେଳେ ଭଲ ଖେଳିଛୁ। ଆଗାମୀ ମ୍ୟାଚଗୁଡ଼ିକରେ ତାହା ପ୍ରତିଫଳିତ ହେବ ବୋଲି ଆମର ଆଶା ରହିଛି। ସିରିଜ ଲାଗି ବିୟୁଟି ଡୁଙ୍ଗ୍ ଡୁଙ୍ଗ୍‌ଙ୍କୁ ଫାଲ୍‌କେଙ୍କ ଡେପୁଟି ଭାବେ ମନୋନୀତ କରାଯାଇଛି। ରାଉଣ୍ଡ ରବିନ ପର୍ଯ୍ୟାୟ ଶେଷ ହେବା ପରେ ପଏଣ୍ଟ ଟେବୁଲର ଶ୍ରେଷ୍ଠ ଦୁଇ ଦଳ ଫାଇନାଲକୁ ଉନ୍ନୀତ ହେବେ। ୩ୟ ଓ ୪ର୍ଥ ସ୍ଥାନରେ ରହିଥିବା ଦଳ ବ୍ରୋଞ୍ଜ ପଦକ ପାଇଁ ଲଢ଼େଇ କରିବେ। ଉଭୟ ଫାଇନାଲ ଓ ବ୍ରୋଞ୍ଜ ପଦକ ପ୍ଲେ-ଅଫ୍ ମ୍ୟାଚ ଜୁନ୍ ୨୬ରେ ଖେଳାଯିବ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**୩୩ୟ ବାର୍ଷିକ ରଜ ଉତ୍ସବ**

କାକଟପୁର,(ଡି.ଏନ୍.ଏ.): ଓଥକା ଯୁବକ ସଂଘ ପକ୍ଷରୁ ଶ୍ରୀରାମ ମନ୍ଦିର ପରିସରରେ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ଭାବେ ଲେଖିକା ପ୍ରୀତି ପ୍ରତିଭା ଭୋଳ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ବ୍ଲକ ବିଜେଡି ସଭାପତି ପ୍ରାଣନାଥ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ରଜପର୍ବ ଉତ୍କଳୀୟ ସଂସ୍କୃତି, କଳା ଓ କୃଷି ଆଦିରେ ସଂଶ୍ଳିଷ୍ଟ ଥିବା ଅତିଥିମାନେ କହିଥିଲେ। ଏହି ଅବସରରେ ସଫଳ ଚାଷୀ ଦୀପକ ସ୍ୱାଇଁ ଓ ମହିଳା ଉଦ୍ୟୋଗୀ ଶ୍ରଦ୍ଧାଞ୍ଜଳି ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁରେନ୍ଦ୍ର ଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବଟି ମାଗି ଜଣେ ଗିରଫ, ଛୁରି ଜବତ

ପୁରୀ ଅଫିସ, ୧୮।୬: ବଟି ଆଦାୟ ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ସିପସରୁବାଲି ରାଘବ ମହାରାଜ ଲେନ୍‌ର ପିକନ୍ ଦେଓ (୩୪)ଙ୍କୁ ଗିରଫ କରିଛି। ତାଙ୍କଠାରୁ ୨୦୦ ଟଙ୍କା ଓ ଗୋଟିଏ ଛୁରି ଜବତ ହୋଇଛି। ଏ ନେଇ ଏକ କେସ୍ (ନଂ. ୭୮/୨୨) ରୁଜୁ କରାଯାଇଛି। ରାଘବ ମହାରାଜ ଛକ ନିକଟରେ ପିକନ ଯାତ୍ରୀବାହୀ ଗାଡ଼ିରୁ ବଟି ଆଦାୟ କରୁଥିବା ଖବର ପାଇ ପୋଲିସ ଟିମ୍ ଚଢାଉ କରି ତାଙ୍କୁ ଧରିଥିଲା।

### ଦୋକାନ ସମ୍ମୁଖରୁ ବାଇକ୍ ଚୋରି

ନିମାପଡ଼ା,୧୮।୬(ଡି.ଏନ୍.ଏ.): ଚାରିଛକ ନିକଟ ବ୍ରହ୍ମକୁଣ୍ଡି ଗ୍ରାମ ପେଟ୍ରୋଲ ପମ୍ପ ନିକଟରେ ଥିବା କାଠ ଦୋକାନ ସମ୍ମୁଖରୁ ଶୁକ୍ରବାର ରାତିରେ ବାଇକ୍ ଚୋରି ହୋଇଛି। କାଠ ଦୋକାନର ମାଲିକ ଚାରିଛକ ଫାଣ୍ଡି ଅନ୍ତର୍ଗତ ଆଟିକାଫୁଟି ଗ୍ରାମର ଦୁର୍ଗାପ୍ରସାଦ ନାୟକ ଏନେଇ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ମାମଲାରେ (କେସ୍ ନଂ. ୨୦୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଦୁର୍ଗାପ୍ରସାଦ ବାଇକ୍‌କୁ ଦୋକାନ ସମ୍ମୁଖରେ ଥୋଇ କାର୍ଯ୍ୟରତ ରହିଥିଲେ। ରାତିରେ ଘରକୁ ଫେରିବା ପାଇଁ ଗାଡି ପାଖକୁ ଗଲା ବେଳକୁ ଗାଡ଼ି ନ ଥିବା ଦେଖିବାକୁ ପାଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ପୋଲିସ ଉକ୍ତ ଚୋରି ବାଇକ୍‌ର ସନ୍ଧାନ ପାଇପାରିନାହିଁ। ତେବେ ଗତ ସପ୍ତାହରେ ନିମାପଡ଼ା ଦୋଳବେଦୀ ଛକଠାରେ ଥିବା ଷ୍ଟାଇଲ ବଜାର ଶପିଙ୍ଗ ମଲ୍ ନିକଟରୁ ୨ଟି ବାଇକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ବାଇକ୍ ଖୋଜି ପାଇବାରେ ସଫଳ ହୋଇନାହିଁ। ତେବେ ବାଇକ୍ ଲୁଟେରାମାନଙ୍କୁ ତୁରନ୍ତ ଠାବ କରାଯାଇ ଗିରଫ କରିବାକୁ ଅଞ୍ଚଳବାସୀ ଏବଂ ବହୁ ମହଲରୁ ଦାବି ହୋଇଛି।

### ସୂର୍ଯ୍ୟମନ୍ଦିର ସୁରକ୍ଷା ନେଇ ୩୦ରେ ଜନ ସମାବେଶ

କୋଣାର୍କ,୧୮।୬(ଡି.ଏନ.ଏ.)- କୋଣାର୍କର ବିଭିନ୍ନ ସମସ୍ୟା ନେଇ ହେବାକୁ ଥିବା ଜନସମାବେଶରେ ଯୋଗଦେବା ପାଇଁ ଚଳିତ ମାସ ୩୦ତାରିଖରେ କୋଣାର୍କକୁ ଆସିବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ। ଏ ନେଇ କୋଣାର୍କ ସୁରକ୍ଷା ପରିଷଦ ପକ୍ଷରୁ ଶନିବାର କୋଣାର୍କ ଡାକବଙ୍ଗଳା ପରିସରରେ ଏକ ଖବରଦାତା ସମ୍ମିଳନୀ କରି ପ୍ରକାଶ କରାଯାଇଛି। ପରିଷଦର ଆବାହକ ସୁରେନ କୁମାର ପାଲ ଓ ସଂଯୋଜକ ପ୍ରଶାନ୍ତ ସ୍ୱାଇଁଙ୍କ ଖବର ଅନୁଯାୟୀ, ପର୍ଯ୍ୟଟନ କ୍ଷେତ୍ର ସୂର୍ଯ୍ୟମନ୍ଦିରର ସୁରକ୍ଷା ଓ ସ୍ଥାନୀୟ ଅଞ୍ଚଳର ସମସ୍ୟାକୁ ନେଇ ଏକ ବିଶାଳ ଜନସମାବେଶ କରିବା ପାଇଁ କୋଣାର୍କ ସୁରକ୍ଷା



ପରିଷଦ ସମ୍ମିଳନୀରେ ପ୍ରକାଶ କରିଛି। ଏହି ଜନସମାବେଶରେ ମୁଖ୍ୟ ଅତିଥି ରୂପେ ଏମ୍‌ପି ଷଡ଼ଙ୍ଗୀ ଯୋଗ ଦେବା ସହିତ ତାଙ୍କର ଗସ୍ତ ସୂଚୀକୁ ପରିଷଦ ଚୂଡ଼ାନ୍ତ କରିଛି। ୩୦ତାରିଖରେ ଏମ୍‌ପି ସକାଳ ୯ଘଟିକାରେ ହରିପୁରଠାରୁ ବାହାରି ନିମାପଡା, ଗୋପ ଦେଇ କୋଣାର୍କରେ ପହଞ୍ଚିବେ। କୋଣାର୍କରେ ହେବାକୁ ଥିବା ଏକ ପଦଯାତ୍ରାରେ ସାମିଲ ହୋଇ ମେଡିକାଲ ଛକ ନିକଟସ୍ଥ ଶାମୁକା ପଡିଆରେ ଜନସମାବେଶକୁ ସମ୍ବୋଧିତ କରିବେ। ଅନୁଷ୍ଠିତ ଏହି ସମ୍ମିଳନୀରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ କୁମାର ସାହୁ, ନେତା ନିକୁଞ୍ଜ ପଟ୍ଟନାୟକ, ମନ୍ମଥ ମଲ୍ଲିକ, ଧଉଳି ପଞ୍ଚାୟତର ପୂର୍ବତନ ସରପଞ୍ଚ ରବି ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶ ଚାହୁଁଛି ଚାରିଛକ ବଜାର

- ବସ୍‌ଷ୍ଟାଣ୍ଡ, ବିଶ୍ରାମାଗାର, ଶୌଚାଳୟ ନାହିଁ
- ସମସ୍ୟା ଦୂର ହେଉନି, ଲୋକେ ହଇରାଣ

ନିମାପଡ଼ା,୧୮।୬(ଡି.ଏନ୍.ଏ):



ପୁରୀ ଜିଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ବଜାର ହେଉଛି ପ୍ରାୟ ଶହେ ବର୍ଷର ପ୍ରାଚୀନ। ଏହା ସ୍ଥାନୀୟ ଅଞ୍ଚଳର ଏକ ମୁଖ୍ୟ ବ୍ୟବସାୟିକ କେନ୍ଦ୍ର ଭାବେ ଜଣାଶୁଣା। ଏହି ବଜାର ପୁରୀ, କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁରର ସଂଯୋଗ ସ୍ଥଳ। ନିମାପଡ଼ା ବ୍ଲକର ଭୋଦର, କଳାପାଞ୍ଚଣ, ତୁଳସୀପୁର, ବାହାରେଣା, ତମ୍ପାଳୋ, ଛଣିଜଙ୍ଗ, ତେରୁଣ୍ଡିଆ ଆଦି ପଞ୍ଚାୟତ ତଥା ପ୍ରାୟ ୪୦ ହଜାର ଜନସଂଖ୍ୟାକୁ ନେଇ ଚାରିଛକ ୨୧ନଂ. ଜିଲା ପରିଷଦ ଜୋନ ଗଠିତ। ଏହି ଛକରେ ପ୍ରାୟ ୭ ହଜାର ବ୍ୟବସାୟୀ ବ୍ୟବସାୟ କରିଥାନ୍ତି। ଦୈନିକ ଚାରିଛକ ବଜାର ଦେଇ କୋଣାର୍କ ସୂର୍ଯ୍ୟମନ୍ଦିର, ଶକ୍ତିପୀଠ କାକଟପୁର ମା' ମଙ୍ଗଳା, ଅସ୍ତରଙ୍ଗର ଜାହାନିଆ ପୀର ପୀଠ ସମେତ କଟକ, ପୁରୀ, ଭୁବନେଶ୍ୱର, ନିମାପଡ଼ା, ଗୋପ, କୋଣାର୍କ, ନିଆଳି, ପିପିଲି ଆଦି ଅଞ୍ଚଳକୁ ଶହଶହ ସଂଖ୍ୟାରେ ବସ୍, ଟ୍ୟାକ୍ସି, କ୍ୟାଣ୍ଟର, ଟ୍ରକ ଆଦି ଯାତାୟାତ କରିଥାଏ। ତେବେ ଏହି ବଜାରଟି ବର୍ତ୍ତମାନ ଅନେକ ସମସ୍ୟା ସହ ଅବହେଳିତ ଅବସ୍ଥାରେ ରହିଛି। ବଜାରର ସମସ୍ୟା ଦୂର ସହ ବିକାଶ ପାଇଁ ପ୍ରଶାସନ ଦୃଷ୍ଟି ଦେଉନାହିଁ।

ଚାରିଛକ ବଜାରରେ ବସ୍‌ଷ୍ଟାଣ୍ଡ, ଅଟୋଷ୍ଟାଣ୍ଡ କିମ୍ବା ଟ୍ୟାକ୍ସି ଷ୍ଟାଣ୍ଡ ନାହିଁ। ଯାତ୍ରୀଙ୍କ ପାଇଁ ବିଶ୍ରାମାଗାର, ସୁଲଭ ଶୌଚାଳୟ, ପରିସ୍ରାଗାର ବ୍ୟବସ୍ଥା ମଧ୍ୟ ନାହିଁ। ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ରାସ୍ତା ମଝିରେ ଆଣ୍ଠୁଏ ଲେଖାଏ ପାଣି ଜମି ରହୁଛି। ପାନୀୟ ଜଳ ଯୋଗାଣର ସୁବ୍ୟବସ୍ଥା ନ ଥିବାବେଳେ ପାଇପ୍ ଯୋଗେ ଜଳ ଯୋଗାଣ ଲାଗି ସମଗ୍ର ବଜାର ଅଞ୍ଚଳକୁ ପାଇପ୍ ବିଛାଯିବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏଭଳି ମୌଳିକ ସମସ୍ୟା ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। କେବେ ବଜାରର ଭାଗ୍ୟ ବଦଳିବ, ତାହା ହିଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ବାଚିତ ଜନପ୍ରତିନିଧି ଓ ପ୍ରଶାସନର ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହି ଚାରିଛକ ବଜାରଟି ଅବହେଳିତ ଅବସ୍ଥାରେ ରହିଥିବା ସ୍ଥାନୀୟ ସାମାଜିକ କର୍ମୀ ସନ୍ତୋଷ ପ୍ରଧାନ, ଦଳିତ ନେତା ଅଶୋକ କୁମାର ରାଉତ, ବ୍ରହ୍ମାନନ୍ଦ ଭୋଇ, ସୁମନ୍ତ ଭୋଇ, ସନ୍ତୋଷ ବେହେରା ପ୍ରମୁଖ କହିଛନ୍ତି। ଏହି ବଜାରରେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର, ମହିଳା ମହାବିଦ୍ୟାଳୟ, ବ୍ୟାଙ୍କ, ଫାଣ୍ଡି, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ ରହିଛି। ତେବେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନ ଥିବାରୁ ଯାତ୍ରୀବାହୀ ବସ୍‌ଗୁଡ଼ିକ ମୁଖ୍ୟ ରାସ୍ତା ଅବରୋଧ କରି ପାର୍କିଂ କରିବା ଯୋଗୁ ଯାତାୟାତ ଓ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ଦୁର୍ଘଟଣା ମଧ୍ୟ ଘଟୁଛି। ତୁରନ୍ତ ଚାରିଛକ ବଜାରର ସମସ୍ୟା ସମାଧାନ ଲାଗି ନିମାପଡ଼ା ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ଏବଂ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଶିକ୍ଷାବିତ୍ ଗୋପୀନାଥ କର, ସନ୍ତୋଷ ମିତ୍ର, ଅବସରପ୍ରାପ୍ତ ପ୍ରଶାସକ ଚନ୍ଦ୍ରକାନ୍ତ ଦଳେଇ, ସାମାଜିକ କର୍ମୀ ସନାତନ ପାତ୍ର, ମହେନ୍ଦ୍ର ନାୟକ, ଯୁବନେତା କୃଷ୍ଣଚନ୍ଦ୍ର ରାଉତ, ଚାରିଛକ ପ୍ରେସ୍ କ୍ଲବ ସଭାପତି ପ୍ରଫୁଲ୍ଲ କର ଏବଂ ସମ୍ପାଦକ ବସନ୍ତ ଦାସ ପ୍ରମୁଖ ଦୃଢ଼ ଦାବି କରିଛନ୍ତି। ଅନ୍ୟ ପକ୍ଷରେ ଚାରିଛକ ବଜାରର ବିକାଶ ଦିଗରେ ପଦକ୍ଷେପ ନେବାକୁ ଗଣଶିକ୍ଷା ମନ୍ତ୍ରୀ ଏବଂ ବିଡିଓଙ୍କୁ ଅବଗତ କରାଯାଇଥିବା ଜିଲାପରିଷଦ ସଭ୍ୟା ସସ୍ମିତା ନାୟକ ଓ ସ୍ଥାନୀୟ ସରପଞ୍ଚ ଗୁରୁଲତା ବେହେରା କହିଛନ୍ତି। ବିଡିଓ ବସନ୍ତ କୁମାର ମଲ୍ଲିକ କହିଛନ୍ତି, ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ। ସେହିପରି ଗଣଶିକ୍ଷା ମନ୍ତ୍ରୀ ତଥା ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି, ଚାରିଛକ ବଜାରର ବିଭିନ୍ନ ସମସ୍ୟା ଦୂର ପାଇଁ ପ୍ରୟାସ ଜାରି ରହିଛି।

### ଖବରଦାତାଙ୍କ ଘରୁ ସୁନା ଅଳଙ୍କାର ଚୋରି

ପିପିଲି,୧୮।୬(ସ୍ୱ.ପ୍ର.)

ପିପିଲି ପୌରାଞ୍ଚଳ ନରସିଂହପୁର ଶ୍ରୀରାମ ନଗର ଅଞ୍ଚଳରେ ରହୁଥିବା ସ୍ଥାନୀୟ ଅଞ୍ଚଳର ଖବରଦାତା ତଥା ସାମାଜିକ କର୍ମୀ ପ୍ରଭାତ କୁମାର ମହାପାତ୍ରଙ୍କ ଘରେ ଶୁକ୍ରବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ପଶି ଆଲମିରାରୁ ସୁନା ଅଳଙ୍କାର ଓ ୧୫ହଜାର ଟଙ୍କା ଚୋରି କରି ନେଇଥିବା ପିପିଲି ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଖବରଦାତା ମହାପାତ୍ର କୌଣସି କାର୍ଯ୍ୟରେ ନିମାପଡା ଯାଇଥିଲେ। ରାତି ୮ଟା ସମୟରେ ତାଙ୍କ ସ୍ତ୍ରୀ ବାସଭବନ ନିକଟରୁ ଘରର ସଉଦା ପାଇଁ ଯାଇଥିଲେ। ସଉଦା ଆଣି ଫେରିବା ବେଳକୁ ତାଙ୍କ ଘର କବାଟ ଖୋଲାଥିବାବେଳେ ସାମଗ୍ରୀ ସବୁ ଏଣେତେଣେ ପଡ଼ିଥିବା ଦେଖିଥିଲେ। ଏଥିସହ ଘର ଭିତରେ ଥିବା ଆଲମିରା ଖୋଲାଥିବା ବେଳେ ସେଥିରେ ଥିବା ୨୮ ଗ୍ରାମର ଏକ ସୁନା ଚେନ ଓ ନଗଦ ୧୫ହଜାର ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ନ ଥିଲା। ଏ ନେଇ ସେ ସ୍ୱାମୀ ପ୍ରଭାତଙ୍କୁ ଜଣାଇଥିଲେ। ସମସ୍ତ ଘଟଣା ଶୁଣି ଘରକୁ ଆସି ଦେଖିବା ସହ ରାତି ୧୦ଟା ୩୦ରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ଅଭିଯୋଗକୁ ୧୮ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି ଅନୁସନ୍ଧାନ କରାଯାଇ ନ ଥିବା ଖବରଦାତା ମହାପାତ୍ର କହିଛନ୍ତି।



ଅନ୍ତଃରାଷ୍ଟ୍ରୀୟ ଗୌଡୀୟ ବେଦାନ୍ତ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଶ୍ରୀମଦ୍ ଭଗବଦ୍ ଗୀତା ଶିକ୍ଷା ଶିବିର ଉଦ୍‌ଯାପନ ଉତ୍ସବରେ ସମ୍ବର୍ଦ୍ଧିତ ପ୍ରତିଭା ।

## ଗୀତାକୁ ଜୀବନ ଶୈଳୀରେ ଲଗାଇବା ହିଁ ଆଧ୍ୟାତ୍ମିକତା

ପୁରୀ ଅଫିସ, ୧୮।୬:

ଅନ୍ତଃରାଷ୍ଟ୍ରୀୟ ଗୌଡୀୟ ବେଦାନ୍ତ ଟ୍ରଷ୍ଟ ଆନୁକୂଲ୍ୟରେ ପୁରୀ ଚକ୍ରତୀର୍ଥ ରୋଡସ୍ଥିତ ଜୟ ଶ୍ରୀଦାମୋଦର ଗୌଡ଼ୀୟ ମଠ ପରିସରରେ ୭ଦିନ ଧରି ଚାଲିଥିବା ଶ୍ରୀମଦ୍ ଭଗବଦ୍ ଗୀତା ଶିକ୍ଷା ଶିବିର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଶ୍ରୀପାଦ ଭକ୍ତିବେଦାନ୍ତ ବୌଦ୍ଧାୟନ ମହାରାଜ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ପେଶ୍ ଆପ୍ଲିକେଶନ ସେଣ୍ଟରର ବିଶିଷ୍ଟ ବୈଜ୍ଞାନିକ ଡ. ପ୍ରଦୀପ କୁମାର ମିଶ୍ର ଯୋଗଦେଇ କହିଥିଲେ, ଜଣେ ବିଦେଶୀ ନାଗରିକ ମୀନା ଉଇଲିୟମ ଶ୍ରୀମଦ୍ ଭଗବତ୍ ଗୀତାକୁ ସାଙ୍ଗରେ ଧରି ଆକାଶ ପଥରେ ଯାତ୍ରା କରିଥିଲେ। ଭଗବତ୍ ଗୀତା ପ୍ରତି ପ୍ରଗାଢ଼ ଆସ୍ଥା ପାଇଁ ତାଙ୍କ ଯାତ୍ରା ଶୁଭଙ୍କର ହୋଇଥିଲା। ଭଗବତ୍ ଗୀତା ଅଧ୍ୟୟନ କରିବା ସହିତ ତାହାକୁ ଜୀବନ ଶୈଳୀରେ ଲଗାଇବା ହେଉଛି ଆଧ୍ୟାତ୍ମିକତା। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଶାସକ ବିଜୟ ନନ୍ଦ ଯୋଗଦେଇ ଭଗବତ୍ ଗୀତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶିଷ୍ଟ ଅତିଥି ରୂପେ ଭରତିଆ ଟ୍ରଷ୍ଟ ଅଧ୍ୟକ୍ଷ ଡ. କିଶନଲାଲ ଭରତିଆ ଯୋଗଦେଇ ଯୁବପିଢ଼ିଙ୍କୁ ଭଗବତ୍ ଚେତନା, ଆଧ୍ୟାତ୍ମିକ ଭାବ ପ୍ରତି ଉଦ୍‌ବୁଦ୍ଧ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ତଃରାଷ୍ଟ୍ରୀୟ ଗୌଡୀୟ ବେଦାନ୍ତ ଟ୍ରଷ୍ଟ ଦ୍ୱାରା ପରିଚାଳିତ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ରବିନ୍ଦ୍ର କୁମାର ସ୍ୱାଇଁ, ଭୁବନେଶ୍ୱର ଇସ୍କନର ସନ୍ୟାସୀ ଆପ୍ତକାମ୍ ବ୍ରହ୍ମଚାରୀ, ପୂଜ୍ୟପାଦ ନିଶକିଞ୍ଚନ ମହାରାଜ ମଞ୍ଚାସୀନ ଥିଲେ। ଗୁରୁଚରଣ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିବିରରେ ପ୍ରାୟ ଶହେ ଶିବିରାର୍ଥୀ ଯୋଗଦେଇଥିଲେ। ଗଞ୍ଜାମର ପବିତ୍ର କୁମାର ପାତ୍ର ପ୍ରଥମ, ତୋଫାନ ସେଠୀ ଦ୍ୱିତୀୟ ଏବଂ ସାଇରାମ ପ୍ରଧାନ ଓ ତନ୍ମୟ ସ୍ୱାଇଁ ମିଳିତ ଭାବେ ତୃତୀୟ ସ୍ଥାନ ହାସଲ କରିଥିଲେ। ସମସ୍ତ ପ୍ରତିଭା ଓ ୧୫ଜଣ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନରହରି ଦାସ ବ୍ରହ୍ମଚାରୀ ଧନ୍ୟବାଦ ଦେଇଥିଲେ।

## ରଥଖଳାରୁ

### ୩ ରଥର ବଡ଼ଧରା ପୋଟଳ ପଡ଼ିଲା



ରୂପକାର ସେବକଙ୍କ ଦ୍ୱାରା ରଥର ଚାର ପରିଛା ଖୋଦେଇ କରାଯାଉଛି ।

**ଚାର ପରିଛା ଖୋଦେଇ**

ପୁରୀ ଅଫିସ, ୧୮।୬

ରଥଯାତ୍ରା ନିମନ୍ତେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ତିନିରଥର ଆଗଆଣି ଡମକ ବାଡ଼ିଆ ପରେ ତୃତୀୟ ଭୂଇଁ ସଂଯୋଗ ହୋଇ ବଡ଼ଧରା ପୋଟଳ ରଥକୁ ଉଠିଥିଲା। ଶନିବାର ତିନିରଥର ବାକି ୧୨ଟି ପୋଟଳ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ଖପୁରି ଏବଂ ପାରାଭାଡ଼ିକୁ ମିଶାଇ ମୋଟ ୧୩ ପରସ୍ତ ପୋଟଳ ପଡ଼ିଥାଏ, ସେଥିମଧ୍ୟରୁ କେବଳ ତିନିରଥର 'ବଡ଼ଧରା' ପୋଟଳ ପଡ଼ିଛି। ତିନିରଥର ସମ୍ମୁଖ ଭାଗ ବ୍ୟତୀତ ଅନ୍ୟ ତିନି ପାର୍ଶ୍ୱରେ ତାଗ ବା ବଟନ ବାଡ଼ିଆ ଶେଷ ହୋଇଛି। ଏହାପରେ ବେଦି ଚାରିପଟେ ପଟା ପକାଯିବ। ଏଥିସହ ତିନିରଥର ମୂଳ କଇଁଛି ବା ନାହାକା କଇଁଛି ଦୁଇଟି ଲେଖାଏ ଉଭୟ ପାର୍ଶ୍ୱରେ ପଡ଼ିଛି। ତିନି ରଥର ଦୁଇଟି ଲେଖାଏ କତରା ନିର୍ମାଣ ଶେଷ ହୋଇ ରଥ ନିକଟରେ ସାଇତା ଯାଇଛି। ରବିବାର ଏହି କତରା ରଥତ୍ରୟରେ ଫିଟିଙ୍ଗ କରାଯିବ। ତିନିରଥର ୮ଟି ଲେଖାଏ ମଗର ମୁଖ ପଟା ନିର୍ମାଣ ସରିଛି। ତିନିରଥର ଚାର ପରିଛା ନିର୍ମାଣ ଶେଷ ପରେ ରୂପକାର ସେବକମାନେ ସେଥିରେ ଡାଳି ଲତା ଏବଂ ପଦ୍ମପାଖୁଡା ଖୋଦେଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ୧୨ଟି ଲେଖାଏ କଣି ଫାଉଡା ନିର୍ମାଣ ଶେଷ ହଉଛି। ତିନିରଥର ରୂପକାର ସେବକମାନେ ୮ଟି ଲେଖାଏ ନାଟ ଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ ଜାରି ରଖିବା ସହ ତିନିରଥର ଚାର ପରିଛାରେ ଡାଳି ଲତା ଏବଂ ପଦ୍ମ ପାଖୁଡ଼ା ଖୋଦେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚିତ୍ରକର ସେବକମାନେ ତିନିରଥର ପାର୍ଶ୍ୱ ଦେବଦେବୀ ମୂର୍ତ୍ତିଗୁଡିକରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି।

### ବିଭିନ୍ନ ଦାବିରେ ପ୍ରଧାନମନ୍ତ୍ରୀଙ୍କୁ ପୋଷ୍ଟକାର୍ଡ ପ୍ରେରଣ

ପୁରୀ ଅଫିସ, ୧୮।୬:

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ଆହ୍ୱାନ କ୍ରମେ ଶନିବାର ପୁରୀ ଜିଲା ଇପିଏଫ୍ ଆସୋସିଏଶନ ପକ୍ଷରୁ କଣାସ ବ୍ଲକର ଅଣ୍ଡାଳସିଂ ଗ୍ରାମରେ ବର୍ଦ୍ଧିତ ପେନସନ୍ ସହ ଅନ୍ୟାନ୍ୟ ଦାବି ପୂରଣ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପ୍ରାୟ ୧୫୦ ପୋଷ୍ଟକାର୍ଡ ପଠାଯାଇଛି। ମାସକୁ ୯ହଜାର ଟଙ୍କା ପେନସନ୍ ସହ ମହଙ୍ଗାଭତ୍ତା ପ୍ରଦାନ ଏବଂ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ଲାଗି ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ତଥା ରାଜ୍ୟ ଯୁଗ୍ମ ସମ୍ପାଦକ କସ୍ତୁରୀ ଚରଣ ସୁବୁଦ୍ଧି, ସଦସ୍ୟ କୈଳାସ ଜେନା, ବଳଭଦ୍ର ବିଶ୍ୱାଳ, ଭୀମସେନ ସାହୁ ଏବଂ କାଳୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ରଜ ଉତ୍ସବ ଲାଗି ପ୍ରକମ୍ପିତ ହେଲା ମା' ଅଡଙ୍ଗେଇ ପୀଠ

ଗୋପ,୧୮।୬(ଡି.ଏନ୍.ଏ.):

ଓଡ଼ିଆ ମାନଙ୍କ ଅନେକ ପର୍ବ ମଧ୍ୟରେ ରଜପର୍ବ ସ୍ୱତନ୍ତ୍ର। ପ୍ରତ୍ୟେକ ଗାଁରେ ଆବାଳବୃଦ୍ଧବନିତା ଏହି ୪ ଦିନିଆ ରଜପର୍ବକୁ ମନ ଭରି ଉପଭୋଗ କରିଥାନ୍ତି। ଗୋପ ବ୍ଲକ ନିକଟସ୍ଥ ମା' ଅଡଙ୍ଗେଇ ପୀଠରେ ଆୟୋଜିତ ରଜ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହା କହିଥିଲେ। ମା' ଅଡଙ୍ଗେଇ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଉତ୍ସବରେ ସାହିତ୍ୟିକ ପୁନେଶ କୁମାର ସେନାପତି, ସଂସ୍କୃତି ଗବେଷକ ଶକ୍ତିଦେବ ଶତପଥୀ, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ କୁମାର ମହାନ୍ତି, ଫକୀର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ପର୍ବର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମରୁ ଆସିଥିବା ମହିଳା ଓ କୁମାରୀମାନଙ୍କ ମଧ୍ୟରେ ପୁଚି, ଶଙ୍ଖ, ହୁଳହୁଳି, କାନ୍ଦଣା, ଘୋଡାନାଚ, ନାଗାନୃତ୍ୟ ସହିତ ହଜିଯାଉଥିବା ପରମ୍ପରା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ବିଭିନ୍ନ ପ୍ରକାରର ଖେଳକୁ ନେଇ ପ୍ରତିଯୋଗିତା ହୋଇଥିଲା।



ଉତ୍ସବରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥି ।

## କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୋଲିସ

ପୁରୀ ଅଫିସ,୧୮।୬

ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ସରକାରଙ୍କ ପକ୍ଷରୁ ଶନିବାର ପୁରୀ ପୌର ସଦନରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସମୀକ୍ଷା ବୈଠକ ହୋଇଥିଲା। ତେବେ ଏହା ବୈଠକରେ ଯୋଗଦେବାକୁ ଆସୁଥିବା ମନ୍ତ୍ରୀମାନଙ୍କୁ ବିରୋଧ କରାଯିବା ଖବରପାଇ ପୋଲିସ ଯୁବ ଓ ଛାତ୍ର କଂଗ୍ରେସର କେତେଜଣ କର୍ମୀଙ୍କୁ ଉଠାଇ ନେଇଥିଲା। ଅଟକ ଯୁବ କଂଗ୍ରେସ ନେତାଙ୍କ କହିବା ଅନୁଯାୟୀ, ଯୁବପିଢ଼ିଙ୍କ ନିଯୁକ୍ତି, ବେକାରି ସମସ୍ୟା ଏବଂ ଦାଦନ ସମସ୍ୟା ଥିବାବେଳେ ଶିକ୍ଷା ବିଭାଗରେ କେବଳ ୫-ଟି ସ୍କୁଲ କରିଦେଇ ଇଂଲିଶ ମିଡିୟମଗୁଡିକୁ ପ୍ରମୋଶନ କରାଯାଉଛି। ଜିଲା ଚିକିତ୍ସାଳୟରେ ଅବ୍ୟବସ୍ଥା, ପୁରୀର ସ୍ୱରେଜ ଓ ଡ୍ରେନେଜ ବିଭାଗ ଠିକ ନ ହେବାରୁ ରାସ୍ତାରେ ପାଣି ଲହଡ଼ି ମାରୁଛି। ଓଡ଼ିଶା ସରକାରଙ୍କ ଅନେକ ଯୋଜନା ପୁରୀରେ ଏଭଳି ସବୁ ଯୋଜନାରେ ଫେଲ ମାରିଥିବା ସରକାର ରଥଯାତ୍ରା ସମନ୍ୱୟ ବୈଠକ କରୁଛନ୍ତି। ତେଣୁ ଏହି ବୈଠକକୁ ବିରୋଧ କରାଯାଇଥିଲା। ତେବେ କଲେଜ ରୋଡରୁ ପୋଲିସ ୮ଜଣ କଂଗ୍ରେସ କର୍ମୀଙ୍କୁ ଉଠାଇ ନେଇ ଅଟକ ରଖିଥିଲା। ପୁରୀ ଜିଲା କଂଗ୍ରେସ ଯୁବ ନେତା ଆଲୋକ ଦାଶ, ଛାତ୍ର କଂଗ୍ରେସ ଜିଲା ସଭାପତି ଆଶୁତୋଷ ମିଶ୍ର, ସଦର ବ୍ଲକ ଯୁବନେତା ଆଦିତ୍ୟ ସାମନ୍ତରାୟ, ଅଗଷ୍ଟିନ ଜୋସେଫ, ଲକ୍ଷ୍ମୀଧର ସେଠୀ, ରୀଶାନ ଦାଶ, ବିଜ୍ଞାନ ନାୟକ, ସନ୍ତୋଷ ପରିଡା ପ୍ରମୁଖଙ୍କୁ ପୋଲିସ ଅଟକ ରଖିଥିଲା।

## ଦ୍ୱାରକାନାଥଙ୍କ ପ୍ରତିଭା ସମ୍ପର୍କରେ ଆଲୋକପାତ

ପୁରୀ ଅଫିସ, ୧୮।୬:

ସ୍ଥାନୀୟ ନାରୀ ସେବା ସଦନରେ ଦ୍ୱାରକାନାଥ ଦାସ ସ୍ମୃତି ସମିତି ଅନୁକୂଲ୍ୟରେ ଶ୍ରୀକ୍ଷେତ୍ର ରତ୍ନ ଦ୍ୱାରକାନାଥ ଦାସଙ୍କ ୩୩ତମ ଶ୍ରାଦ୍ଧ ବାର୍ଷିକୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ଦେବପ୍ରସାଦ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ହରେକୃଷ୍ଣ ଶତପଥି ଯୋଗଦେଇଥିଲେ। ଅନୁଷ୍ଠାନର ସହସମ୍ପାଦକ ଅନାମ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିମାନେ ଦ୍ୱାରକାନାଥଙ୍କ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱନାଥ ମିଶ୍ରଙ୍କୁ ଶିକ୍ଷା ସମ୍ମାନ, ଚିତ୍ତରଞ୍ଜନ ଦାଶଙ୍କୁ ସେବା ସମ୍ମାନ, ପୌର୍ଣ୍ଣମାସୀ ଦେବୀଙ୍କୁ ସାହିତ୍ୟ ସମ୍ମାନ, ଉର୍ମିଳା ପ୍ରଧାନଙ୍କୁ କଳା ସମ୍ମାନ ଏବଂ ପ୍ରଫୁଲ କୁମାର ମହାପାତ୍ରଙ୍କୁ ହରିହର ବାହିନୀପତି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ରମାଦେବୀଙ୍କ କବିତା ସଙ୍କଳନ 'ମନସ୍ୱିନୀ' ଓ 'ସେଇ ନାରୀ' ଉନ୍ମୋଚିତ ହୋଇଥିଲା। ସର୍ବାଣୀ ଦାଶ, ବିପିନ ବିହାରୀ ଦଳାଇ, ରାଧେଶ୍ୟାମ ରଥ, ଉମେଶ ଚନ୍ଦ୍ର ଦାସ, ପ୍ରଜ୍ଞା ପରମିତା ଏବଂ ମଞ୍ଜରୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିବ ସୁନ୍ଦର ମିଶ୍ର ଧନ୍ୟବାଦ ଦେଇଥିଲେ। ଦୟାନିଧି ପଣ୍ଡା କବିତା ପାଠ ଓ ବାସନ୍ତୀ ଦେବୀ ଭଜନ ପରିବେଷଣ କରିଥିଲେ। ସିଦ୍ଧ ମହାବୀର ସଙ୍ଗୀତ କଳା ପ୍ରତିଷ୍ଠାନ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା।




କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତି ବିଶେଷ

## ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ନେଇ ଆଲୋଚନା

**ଆଜି ବାତ୍ୟା ଆଶ୍ରୟ ସ୍ଥଳୀଗୁଡ଼ିକରେ ମକଡ୍ରିଲ**

ପୁରୀ ଅଫିସ/ସାକ୍ଷୀଗୋପାଳ/ଡେଲାଙ୍ଗ, ୧୮।୬(ଡି.ଏନ୍.ଏ.):

ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପୁରୀ ସଦ୍‌ଭାବନା ସଭାଗୃହରେ ଶନିବାର ଟେବୁଲ୍ ଟପ୍ ଏକ୍ସରସାଇଜ ଅନୁଷ୍ଠିତ ହୋଇଯାଇଛି। ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦିଲୀପ କୁମାର ମହାପାତ୍ର ଅଧ୍ୟକ୍ଷତା କରିବା ସହ ବିବିଧ ବିପର୍ଯ୍ୟୟର ମୁକାବିଲା ଲାଗି ପୂର୍ବ ବିପର୍ଯ୍ୟୟ ଓ ବିପର୍ଯ୍ୟୟ ପରର ପ୍ରସ୍ତୁତି ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଜରୁରିକାଳୀନ ଅଧିକାରୀ ତଥା ଡେପୁଟି କଲେକ୍ଟର ଜିତେନ୍ଦ୍ର କୁମାର ପାତ୍ର, ରାଜ୍ୟ ରିଲିଫ କମିଶନରଙ୍କ ସ୍ୱତନ୍ତ୍ର ଅଧିକାରୀ ବିଶ୍ୱନାଥ ସାହୁ, ଯୁଗ୍ମ ଏସ୍‌ଆର୍‌ସି ଲିପିକା ଦାସ, ଓସ୍‌ଡମାର ଟ୍ରେନିଂ ମ୍ୟାନେଜର ସ୍ୱାତୀ ସୁଲଗ୍ନା, ଜିଲା ସଂଯୋଜକ ଆଶୁତୋଷ ଦାସ, ଜିଲା ପ୍ରୋଜେକ୍ଟ ଅଫିସର ବାପି ବିଶ୍ୱଜିତ ସାହୁ ପ୍ରମୁଖ ବିପର୍ଯ୍ୟୟର କାରଣ, ନିରାକରଣ, ପ୍ରସ୍ତୁତି, ବିଭାଗ ଅନୁସାରେ ଆକ୍ସନ ପ୍ଲାନ୍ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ସେମାନଙ୍କ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ସମସ୍ତ ବ୍ଲକ୍‌ରେ ଏଭଳି ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଥିବାବେଳେ ରବିବାର ପୂର୍ବାହ୍ନ ୧୧ଟାରେ ଜିଲା ସଦର ମହକୁମା ସର୍କିଟ ହାଉସ ଓ ସମସ୍ତ ୧୭୯ ବହୁମୁଖୀ ବନ୍ୟା, ବାତ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ ଅନୁଷ୍ଠିତ ହେବ ବୋଲି ଜିଲା ଜରୁରିକାଳୀନ ଅଧିକାରୀ ସୂଚନା ଦେଇଛନ୍ତି।

ସେହିପରି ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିରୋ କାଜୁଆଲିଟି ନିମନ୍ତେ ସତ୍ୟବାଦୀ ପଞ୍ଚାୟତ ସମିତି ସଭା ଗୃହରେ ଏବଂ ଡେଲାଙ୍ଗ ବ୍ଲକ ପରିସରରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମଣ୍ଡଳ ଉନ୍ନୟନ ଅଧିକାରୀ କ୍ଷୀରୋଦ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ଜୟନ୍ତ କୁମାର ଜୟସିଂ ଯୋଗଦେଇଥିଲେ। ସାମ୍ଭାବ୍ୟ ବାତ୍ୟା 'ସିତରଙ୍ଗ'କୁ ନେଇ କାର୍ଯ୍ୟକ୍ରମରେ କୃଷି, ଉଦ୍ୟାନ, ପ୍ରାଣୀ ସମ୍ପଦ, ଯୋଗାଣ, ଶିକ୍ଷା, ବିଦ୍ୟୁତ୍, ଆରକ୍ଷୀ, ଅଗ୍ନିଶମ, ପାନୀୟ ଜଳ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହୋଇଥିବା ବ୍ୟବସ୍ଥା ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। କୃଷି ବିଭାଗ ପକ୍ଷରୁ ଫସଲ କାଟିବା ଓ ନିରାପଦ ସ୍ଥାନରେ ରଖିବା ପାଇଁ ସଚେତନ କରାଯାଇଛି। ସିଡିପିଓ କାର୍ଯ୍ୟାଳୟ ପକ୍ଷରୁ ଗର୍ଭବତୀ ଓ ଶିଶୁମାନଙ୍କ ପାଇଁ ଖାଦ୍ୟ ଯୋଗାଇବା ସହିତ ନିରାପଦ ସ୍ଥାନକୁ ସ୍ଥାନାନ୍ତର, ଅଗ୍ନିଶମ ବିଭାଗ ପକ୍ଷରୁ ୪ଟି ବାତ୍ୟା ଆଶ୍ରୟ ସ୍ଥଳରେ ଅସ୍ଥାୟୀ କ୍ୟାମ୍ପ, ଜେସିବି, କାଠ କଟା ମେସିନ, ଆସ୍କା ଲାଇଟର ଓ ବୋଟର ବ୍ୟବସ୍ଥା କରଯାଇଛି। ଏନେଇ ରବିବାର ୪ଟି ପର୍ଯ୍ୟାୟରେ ମକଡ୍ରିଲ ଅଭ୍ୟାସ କରାଯିବ। ଏଥିରେ ବ୍ଲକର ବିଭାଗୀୟ କର୍ମଚାରୀଙ୍କ ସହିତ ଟ୍ରେନିଂ ପ୍ରାପ୍ତ ଆପଦ ମିତ୍ରମାନେ ଯୋଗଦେଇ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟର ଅଭ୍ୟାସ କରିବେ। ଏହାର ଦାୟିତ୍ୱ ପଞ୍ଚାୟତ ସରପଞ୍ଚ ଓ ସମ୍ପାଦକ ବହନ କରିବେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କୃଷି ଅଧିକାରୀ କଲ୍ୟାଣ ରାୟ, ସିଡିପିଓ ବିଜୟଲକ୍ଷ୍ମୀ ଦାସ, ଯୋଗାଣ ନିରୀକ୍ଷିକା ଜୟଶ୍ରୀ ହରିଚନ୍ଦନ, ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀ ଅନିତାରାଜ ପଣ୍ଡା, ଜିପିଇଓ ସୌଭାଗ୍ୟରଞ୍ଜନ କର, ସତ୍ୟବାଦୀ ଥାନା ଏଏସ୍‌ଆଇ କୃଷ୍ଣଚନ୍ଦ୍ର ବେହେରା, ଏବିଇଓ ମୂଷା ମଲିକ ଏବଂ ସରପଞ୍ଚ ଦୁଃଶାସନ ପ୍ରଧାନଙ୍କ ସହିତ ଶୁକଳ, ବଳରାମପୁର ଗଡ଼ ଓ ଅଳଗୁମରେ ରହିଥିବା ଆଶ୍ରୟସ୍ଥଳର ସଭାପତି ଓ ସମ୍ପାଦକ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



**ନିରାକାରପୁର,୧୮।୬(ଡି.ଏନ୍.ଏ.):** ଟାଙ୍ଗୀ ବ୍ଲକ ଅଧୀନ ନିରାକାରପୁର ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଦାବି ଜୋର୍ ଧରିଛି। ଏହି ପରିପ୍ରେକ୍ଷୀରେ ଶନିବାର ୨୪ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସମିତିସଭ୍ୟା ଲୋପାମୁଦ୍ରା ଦାଶଙ୍କ ନେତୃତ୍ୱରେ ଜନପ୍ରତିନିଧିମାନେ ଟାଙ୍ଗୀ ବିଡିଓ ଏବଂ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ବିଜୁ ପକ୍କାଘର, ମୋ କୁଡ଼ିଆ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗ୍ୟ ହିତାଧିକାରୀଙ୍କୁ ବଣ୍ଟନ, ନିରାକାରପୁର ନରେନ୍ଦ୍ରପୁର ସାହିକୁ ରାଜସ୍ୱ ଗ୍ରାମର ମାନ୍ୟତା, ସ୍ଥାନୀୟ ଡାକ୍ତରଖାନାରେ ଡାକ୍ତର ଓ କର୍ମଚାରୀ ନିଯୁକ୍ତି, ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା, ବାତ୍ୟା ଆଶ୍ରୟସ୍ଥଳୀର ପୁନରୁଦ୍ଧାର, ପାନୀୟଜଳ ସମସ୍ୟା ଦୂରୀକରଣ, ପୋଖରୀର ପୁନରୁଦ୍ଧାର, ୯ର ପୋଖରୀକୁ ଅମୃତ ଯୋଜନାରେ ସାମିଲ, କ୍ଷେତ୍ରବାସୀ ଡିଏଭି କଲେଜକୁ ସ୍ଥାୟୀ ପଟ୍ଟା ପ୍ରଦାନ, ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ ଓ ସମସ୍ତ ମନ୍ଦିରର ଉନ୍ନତୀକରଣ ଆଦି ଦାବି ରହିଛି।

### ମାଗଣା ଯନ୍ତ୍ରଣା ଉପଚାର ଶିବିର

**ବାଣପୁର,୧୮।୬(ଡି.ଏନ୍.ଏ.):** ସ୍ଥାନୀୟ ଲକ୍ଷ୍ମୀ ମନ୍ଦିର ପ୍ରାଙ୍ଗଣରେ ବାଣପୁରର ଆରୋଗ୍ୟ ସେବାସଦନ ଓ ହେଲ୍ଥ ଭିଲେଜ୍ ହସ୍ପିଟାଲ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ମାଗଣା ଯନ୍ତ୍ରଣା ଉପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ଶୋଭନ କୁମାର ରଥ ଯୋଗଦେଇ ଶତାଧିକ ରୋଗୀଙ୍କ ବିଭିନ୍ନ ଯନ୍ତ୍ରଣା ସମସ୍ୟାର ଚିକିତ୍ସା କରିଥିଲେ। ଅବସରପ୍ରାପ୍ତ ଲେଖା ପରୀକ୍ଷା ଅଧିକାରୀ ଲୋକନାଥ ବେହେରା, ଅବସରପ୍ରାପ୍ତ ସମବାୟ ମହାପ୍ରବନ୍ଧକ ଭି.କାମେଶ୍ୱରୀ ଆଚାରୀ, ବରିଷ୍ଠ ଅଧ୍ୟାପକ ଦେବରାଜ ପାଲ୍‌ଟାସିଂହ, ସ୍ୱାସ୍ଥ୍ୟକର୍ମୀ ପ୍ରଦୀପ କୁମାର ସାହୁ, ସ୍ଥାନୀୟ ସ୍ୱେଚ୍ଛାସେବୀ ଭି.ଜଗନ୍ନାଥ ଆଚାରୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଆଗାମୀ ଦିନରେ ବାଣପୁରର ଆଖପାଖ ଅଞ୍ଚଳରେ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ଭି.କାମେଶ୍ୱର କହିଛନ୍ତି।

### ହନୁମାନ ମନ୍ଦିରରୁ ଚୋରି

**ବାଲିଅନ୍ତା,୧୮।୬(ଡି.ଏନ୍.ଏ.):** ବାଲିଅନ୍ତା ପଞ୍ଚାୟତର ତଳଗଡ଼ ଗ୍ରାମ ସମ୍ମୁଖ କୁଶଭଦ୍ରା ନଦୀ କୂଳରେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ହନୁମାନ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ଗ୍ରିଲ ତାଲା ଭାଙ୍ଗି ପିତଳ ଢାଳ, ବାଲ୍‌ଟି, ଘଣ୍ଟ, ଅଖଣ୍ଡ ଦୀପ ଓ ୨ଟି ଥାଳି ଆଦି ପୂଜା ସାମଗ୍ରୀ ନେଇଯାଇଛନ୍ତି। ସେହିପରି ମନ୍ଦିର ନିକଟରେ ଥିବା କେ ଷ୍ଟୋର୍‌ରୁମ୍ ତାଲା ଭାଙ୍ଗି ୨ଟି ପାଣି ମୋଟର ଚୋରି କରିନେଇଛନ୍ତି। ତେବେ ହନୁମାନଙ୍କ ମୁକୁଟ ଏବଂ ଗଦା ନେବାରେ ବିଫଳ ହୋଇଛନ୍ତି। ତେବେ ଶନିବାର ସକାଳେ ଗ୍ରାମବାସୀମାନେ ମନ୍ଦିର ଦ୍ୱାର ଖୋଲିବାବେଳେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ମନ୍ଦିର କମିଟିର ଉପଦେଷ୍ଟା ବ୍ରଜ କିଶୋର ସାହୁ ବାଲିଅନ୍ତା ଥାନାରେ ଚୋରି ସମ୍ପର୍କିତ ଲିଖିତ ଅଭିଯୋଗ କରିଥିଲେ। ଖବରପାଇ ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

# ବ୍ୟବଚ୍ଛେଦ ରିପୋର୍ଟକୁ ନେଇ ପରିବାରର ସନ୍ଦେହ

**ଭୁବନେଶ୍ୱର,୧୮।୬(ବ୍ୟୁରୋ)**

**ନାବାଳକ ଦୈତ୍ୟରାଜଙ୍କ ମୃତ୍ୟୁ ଘଟଣା**
- ଶରୀରରେ କୌଣସି ବାହ୍ୟ ଆଘାତ ନ ଥିବା ସୂଚନା
- ସିବିଆଇ ତଦନ୍ତ ଦାବି, ବାପାଙ୍କ ଆତ୍ମାହୁତି ଚେତାବନୀ
- ଭିସେରା ରିପୋର୍ଟକୁ ପୋଲିସର ଅପେକ୍ଷା

ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରିବିହାର ପଣ୍ଡାପାର୍କ ବସ୍ତି ନିକଟ ଏକ ଖାଲରୁ ନାବାଳକ ଦୈତ୍ୟରାଜ ନାୟକଙ୍କ ମୃତଦେହ ମିଳିବା ଘଟଣାକୁ ନେଇ କମିଶନରେଟ୍ ପୋଲିସ ଖୋଳତାଡ଼ କରୁଛି। ଶନିବାର ପୋଲିସ ଟିମ୍ ଉକ୍ତ ବସ୍ତିକୁ ଯାଇ କେତେଜଣଙ୍କୁ ପଚରାଉଚୁରା କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଦୈତ୍ୟରାଜଙ୍କ ବ୍ୟବଚ୍ଛେଦ ରିପୋର୍ଟ ପୋଲିସର ହସ୍ତଗତ ହୋଇଛି। ତାଙ୍କ ଗୁପ୍ତାଙ୍ଗଙ୍କୁ ମାଡ ମାରି ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। କିନ୍ତୁ ବ୍ୟବଚ୍ଛେଦ ରିପୋର୍ଟରେ ଦୈତ୍ୟରାଜଙ୍କ ଶରୀରରେ କୌଣସି ବାହ୍ୟ ଆଘାତ ନ ଥିବା ଉଲ୍ଲେଖ ରହିଛି ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି। ଏଥିସହ ଶରୀରରେ ବିଷକ୍ରିୟା ରହିଥିଲା କି ନାହିଁ ତାହା ଜାଣିବା ଲାଗି ଭିସେରା ଟେଷ୍ଟ ଲାଗି ନମୁନାକୁ ଫୋରେନସିକ୍ ଲାବୋରେଟୋରୀକୁ ପଠାଯାଇଛି। ରିପୋର୍ଟ ଆସିଲେ ସେହି ଆଧାରରେ ତଦନ୍ତ ଆଗେଇବ ବୋଲି ଡିସିପି ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଓ ଡିସିପିଙ୍କ ସୂଚନା ପରେ ଦୈତ୍ୟରାଜଙ୍କ ମୃତ୍ୟୁ ଆହୁରି ରହସ୍ୟାବୃତ ହୋଇପଡ଼ିଛି।

ଅନ୍ୟପକ୍ଷରେ ବ୍ୟବଚ୍ଛେଦ ରିପୋର୍ଟକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଦୈତ୍ୟରାଜଙ୍କ ବାପା ଯୁଧିଷ୍ଠିର କହିଛନ୍ତି, ଯଦି ଶରୀରରେ କୌଣସି ଆଘାତ ହୋଇନାହିଁ ତା'ହେଲେ ମୋର ପିଲାଟା ମଲା କେମିତି, ନା ନିଜେ ନାଳ ଭିତରେ ଯାଇ ମରିଗଲା। ନୀଳ ପଟ୍ଟନାୟକ, ଦୀପକ ଓ ଗେଡୁ ମିଶି ପେଟ୍ରୋଲ ପକାଇ ପୋଡି ମାରିଦେଇଛନ୍ତି। ଏମାନଙ୍କୁ ତଦନ୍ତ ପରିସରକୁ ଆଣିଲେ ସତ କ'ଣ ଜଣାପଡ଼ିବ। ସେ ଆହୁରି ମଧ୍ୟ କହିଛନ୍ତି, ମୋ ପୁଅ ହତ୍ୟାର ସିବିଆଇ ତଦନ୍ତ ହେଉ। ଯଦି ମୋତେ ନ୍ୟାୟ ନ ମିଳେ ତା'ହେଲେ ପରିବାରର ସମସ୍ତ ସଦସ୍ୟ ଜୀବନ ହାରିଦେବୁ ବୋଲି ଯୁଧିଷ୍ଠିର ଚେତାବନୀ ଦେଇଛନ୍ତି।

ବସ୍ତିବାସିନ୍ଦାଙ୍କ କହିବା ଅନୁଯାୟୀ, ଦୀପକ ନିଶା କାରବାର କରନ୍ତି। ଏଥିପାଇଁ ବସ୍ତିରେ ନିଶାଡ଼ିଙ୍କ ଭିଡ଼ ଜମୁଥିଲା। ଏହାକୁ ନେଇ ଦୀପକଙ୍କ ଶାଳୀ ଓ ଦୈତ୍ୟରାଜଙ୍କ ଭଉଣୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଉକ୍ତ ଘଟଣାର ଆପୋସ ସମାଧାନ ପାଇଁ କିଛିଦିନ ତଳେ ବୈଠକ ମଧ୍ୟ ହୋଇଥିଲା। ଏହାକୁ ନେଇ ଦୀପକ ଧମକ ଦେଇଥିଲେ ଓ ସେ ହିଁ ହତ୍ୟାକାରୀ ବୋଲି ମୃତ ଦୈତ୍ୟରାଜଙ୍କ ଭାଇ ଶିବଶଙ୍କର କହିଛନ୍ତି। ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟାରେ ଦୈତ୍ୟରାଜ ବସ୍ତିରେ ବୁଲାବୁଲି କରୁଥିଲେ। ରାତି ପ୍ରାୟ ୧୦ଟା ୩୦ରେ ଉକ୍ତ ବସ୍ତିରେ ରହୁଥିବା ଗେଡୁ ନାମକ ଜଣେ ଯୁବକ ଦୈତ୍ୟରାଜଙ୍କ ମୋବାଇଲ ଫୋନ୍ ଆଣି ପରିବାର ଲୋକଙ୍କୁ ଦେଇଥିଲେ। ପୁଅ କୁଆଡ଼େ ଗଲା ବୋଲି ପଚାରିବାରୁ ଗେଡୁ କିଛି ନ କହି ପଳାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପୁଅକୁ ପାଇ ନ ଥିଲେ। ବାପା ଯୁଧିଷ୍ଠିର ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତ ୧୫ ତାରିଖରେ ଦୈତ୍ୟରାଜଙ୍କ ମୃତଦେହ ବସ୍ତି ନିକଟରୁ ମିଳିଥିଲା।



**ପୁରୀ:** ରୂପକାର ସେବକଙ୍କ ଦ୍ୱାରା ଶନିବାର ରଥର ଚାରପରିଛା ଖୋଦେଇ କରାଯାଉଛି।

# ପୁନଃ ନିଯୁକ୍ତି ଦାବିରେ ଧାରଣା



ଆନ୍ଦୋଳନକାରୀଙ୍କୁ ପୋଲିସ ବୁଝାଶୁଝା କରୁଛି।

**ଜଟଣୀ,୧୮।୬(ଡି.ଏନ୍.ଏ.)**

ପୁନଃ ନିଯୁକ୍ତି ଓ ବକେୟା ଦରମା ଦାବିରେ ଶନିବାର ଜଟଣୀ ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜ ଆଗରେ କର୍ମଚାରୀମାନେ ଧାରଣା ଦେଇଥିଲେ। ସୂଚନା ମୁତାବକ, ୨୦୦୮ ମସିହାରେ ଏହି କଲେଜ ନିର୍ମାଣ ହୋଇଥିଲା। ଉକ୍ତ ସମୟରେ କଲେଜ କର୍ତ୍ତୃପକ୍ଷ ସ୍ଥାନୀୟ ଲୋକଙ୍କ ଠାରୁ ଜମି କିଣିବା ସହ ପ୍ରତିଶ୍ରୁତି ମୁତାବକ ଏଠାରେ ନିଯୁକ୍ତି ଦେଇଥିଲେ। ପରବର୍ତ୍ତୀ ସମୟରେ ଏହି କଲେଜକୁ ଅନ୍ୟ ଏକ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ କିଣିବା ପରେ ଉକ୍ତ ସମୟରେ ନିଯୁକ୍ତି ପାଇଥିବା କେତେଜଣ କର୍ମଚାରୀଙ୍କୁ ଛଟେଇ କରିବା ସହ ବକେୟା ଦରମା ପ୍ରଦାନ କରିନାହାନ୍ତି। ଏହାର ପ୍ରତିବାଦରେ ଶନିବାର କଲେଜ ଫାଟକ ଆଗରେ ୨୫ରୁ ଉର୍ଦ୍ଧ୍ୱ କର୍ମଚାରୀ ଧାରଣା ଦେଇଥିଲେ। ଖବର ପାଇ ପୋଲିସ ପହଞ୍ଚି କଲେଜ ପରିଚାଳନା କମିଟି ସହ ଆଲୋଚନା କରିଥିଲା। ଜୁଲାଇରେ ହେବାକୁ ଥିବା କର୍ମଚାରୀ ଓ ପରିଚାଳନା କମିଟି ବୈଠକରେ ଧାରଣାରତ କର୍ମଚାରୀଙ୍କ ଦାବି ପ୍ରତିନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ସ୍ୱଚ୍ଛତାର ବାର୍ତ୍ତା ଦେଲେ ଛାତ୍ରୀଛାତ୍ର

**ଖୋର୍ଦ୍ଧା ଅଫିସ,୧୮।୬**

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଓଡ଼ିଶା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସହଯୋଗରେ ଓର୍‌ମାସ ଖୋର୍ଦ୍ଧା ଆନୁକୂଲ୍ୟରେ ଶନିବାର ସ୍ୱଚ୍ଛ ଭାରତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ଏକ ଶିକ୍ଷାନୁଷ୍ଠାନ(ଟ୍ରଷ୍ଟ)ର ଛାତ୍ରୀଛାତ୍ରମାନେ ନୂଆ ବସ୍‌ଷ୍ଟାଣ୍ଡରୁ ପୋଷ୍ଟଅଫିସ ପର୍ଯ୍ୟନ୍ତ ପରିକ୍ରମା କରି ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ। ଓର୍‌ମାସ ଉପ ସହନିର୍ଦ୍ଦେଶକ ଗୁଣ୍ଡିଚା ବେହେରା ଏହାକୁ ସଂଯୋଜନା କରିଥିଲେ। ଦୀପ୍ତିରଞ୍ଜନ ସାହୁ, ଜିଲା ଦକ୍ଷତା ବିକାଶ ସଂଯୋଜକ ବିମଳ ଦାଶ, ଟ୍ରଷ୍ଟର ଓଡ଼ିଶା ମୁଖ୍ୟ ଜଗନ୍ନାଥ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୬ ମାସରେ ୬୨୬.୧୯ ଗ୍ରାମ୍‌ର ବ୍ରାଉନ୍‌ସୁଗାର ଜବତ

**ଭୁବନେଶ୍ୱର,୧୮।୬(ବ୍ୟୁରୋ)**

ରାଜଧାନୀରେ ବ୍ରାଉନସୁଗାର କାରବାର ବଢ଼ିଚାଲିଥିବା ବେଳେ ବସ୍ତିଠୁ ଆରମ୍ଭ କରି ଗଳିକନ୍ଦି ପର୍ଯ୍ୟନ୍ତ ସବୁଠି ବେପାର ଚାଲିଛି। ପୋଲିସ, ଅବକାରୀ, କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ଯେତେ ଧରିଲେ ମଧ୍ୟ ବେପାର ଥମିବାର ନାଁ ଧରୁନି। ଏପରିକି ପୋଲିସ ହାତରେ ଧରା ନ ପଡ଼ିବା ପାଇଁ ନିଶା ମାଫିଆମାନେ ମହିଳାମାନଙ୍କୁ ଏଥିରେ ସାମିଲ କରି କାରବାର ଚଳାଇଛନ୍ତି। ଫଳରେ ମହିଳାମାନେ ନିଶା କାରବାରରେ ମଙ୍ଗ ଧରି ଭୁବନେଶ୍ୱରରେ କାରବାର ଚଳାଇଛନ୍ତି। ତେଣୁ ନିଶା ଦ୍ରବ୍ୟର ବେଆଇନ ବିକ୍ରୟ ଓ ସେବନକୁ ପ୍ରତିହତ କରିବା ଲାଗି ଭୁବନେଶ୍ୱର ସହରାଞ୍ଚଳ ପୋଲିସ ତରଫରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କମିଶନରେଟ ପୋଲିସର ସମସ୍ତ ଥାନା ସ୍ତରରେ ସ୍ୱତନ୍ତ୍ର ରୂପେ ଗଠିତ ଅପରେଶନ ହ୍ୱାଇଟ ସ୍ୱାଇଡର ମାଧ୍ୟମରେ ପିଓପିଡି ଏବଂ ଟିମ-୬୦ ମିଳିତ ଉଦ୍ୟମରେ ଚଳିତବର୍ଷ ଜାନୁୟାରୀରୁ ଜୁନ ୧୭ତାରିଖ ମଧ୍ୟରେ ୧୯ଟି ବେଆଇନ ବ୍ରାଉନସୁଗାର ବିକ୍ରି ଜନିତ ମାମଲା ରୁଜୁ ହୋଇଛି। ଏଥିସହ ୭ ଜଣ ମହିଳାଙ୍କ ସମେତ ମୋଟ ୨୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ୬୨୬.୧୯ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ସେହିପରି ଏହି ନିଶା କାରବାରରେ ଆୟ ହୋଇଥିବା ମୋଟ ୨ ଲକ୍ଷ ୩୭ ହଜାର ୩୩୦ ଟଙ୍କା ମଧ୍ୟ ଜବତ କରାଯାଇଛି।

# ମହିଳାଙ୍କ ସମେତ ୪ ଅଟକ

**ଖୋର୍ଦ୍ଧା ଅଫିସ,୧୮।୬**

**ଅଖାରୁ ଯୁବକଙ୍କ ମୃତଦେହ ମିଳିବା ଘଟଣା**

ଖୋର୍ଦ୍ଧା ଟାଉନ ଥାନା ଅଧୀନ ନିଆଳ ପଥର ଖଣିରୁ ଶୁକ୍ରବାର ରାତିରେ ଅଖା ଭିତରୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଥିଲା। ମୃତକ ହେଲେ କେରଙ୍ଗ ଗ୍ରାମର ଅତଉଲ୍ଲା ଖାଁ(୨୫)। ଅନ୍ୟପକ୍ଷରେ ଅତଉଲ୍ଲାଙ୍କ ଗଳା କାଟି ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଶନିବାର ଟାଉନ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ର ଜବତ କରିଛି। ଏହି ଘଟଣାରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଅତଉଲ୍ଲାଙ୍କ ଟାଉନ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ପ୍ରେମସମ୍ପର୍କ ରହିଥିଲା। ପରବର୍ତ୍ତୀ ସମୟରେ କୌଣସି କାରଣରୁ ତାଙ୍କ ସହ ସମ୍ପର୍କ ଛିନ୍ନ ପରେ ଗତ ୩ ବର୍ଷ ପୂର୍ବେ ଅନ୍ୟ ଜଣଙ୍କୁ ବିବାହ କରିଥିଲେ। ତେବେ ସମ୍ପୃକ୍ତ ଯୁବତୀ ଜଣଙ୍କ ପ୍ରତିଶୋଧପରାୟଣା ହୋଇ ସହଯୋଗୀଙ୍କ ସହ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ କୁହନ୍ତି, ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଅଟକ ରଖି ପଚରାଉଚରା ଚାଲିଛି। ହତ୍ୟାକାଣ୍ଡରେ ଏମାନଙ୍କ ସମ୍ପୃକ୍ତି ରହିଥିବା ପ୍ରମାଣ ମିଳିଛି। ଏଥିରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ତାହାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ କରାଯିବ ବୋଲି ସେ କହିଛନ୍ତି।

## ବାଇକ୍‌କୁ ଧକ୍କା ଦେଇ ଓଲଟିଲା କାର୍

**ଭୁବନେଶ୍ୱର,୧୮।୬(ବ୍ୟୁରୋ)**

ଖଣ୍ଡଗିରି ଥାନା ଅଧୀନ ସୌଭାଗ୍ୟ ନଗର ଛକରେ ଶନିବାର ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ସିରିପୁରରୁ ଦ୍ରୁତଗତିରେ ଆସୁଥିବା ଗୋଟିଏ କାର୍ ସୌଭାଗ୍ୟ ଛକରେ ବୁଲାଇ ଯିବାବେଳେ ରାସ୍ତାକଡ଼ରେ ଥିବା ଏକ ବାଇକ୍‌କୁ ଆସି ଧକ୍କା ଦେଇଥିଲା। ଫଳରେ କାର୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ କାର୍ ଚାଳକ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେବାରୁ କିଛି ସମୟ ଟ୍ରାଫିକ ଜାମ ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହାପରେ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ କାର୍‌କୁ ଜବତ କରି ତଦନ୍ତ ଚଳାଇଛି।

## ଜିଲାସ୍ତରୀୟ ଟେବୁଲ ଟପ୍ ଏକ୍ସରସାଇଜ ବୈଠକ



ବୈଠକରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ମନୋଜ ପାଢ଼ୀ ଏବଂ ଅନ୍ୟ ଅଧିକାରୀ।

**ଖୋର୍ଦ୍ଧା ଅଫିସ,୧୮।୬**

ଖୋର୍ଦ୍ଧା ଜିଲାସ୍ତରୀୟ ବିପର୍ଯ୍ୟୟ ମୁକାବିଲା-୨୦୨୨ ପାଇଁ ଟେବୁଲ ଟପ୍ ଏକ୍ସରସାଇଜ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶନିବାର ଅତିରିକ୍ତ ଜିଲାପାଳ(ପ୍ରଶାସନ) ମନୋଜ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟର ମୁକାବିଲା ପାଇଁ ପୂର୍ବ, ବିପର୍ଯ୍ୟୟ ସମୟ ଏବଂ ପରେ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିପର୍ଯ୍ୟୟର କାରଣ, ନିରାକରଣ, ପ୍ରସ୍ତୁତି, ବିଭାଗ ଅନୁସାରେ ଆକ୍ସନ ପ୍ଲାନ୍ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ବିଭାଗର ଅଧିକାରୀ ସେମାନଙ୍କ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଏକ୍ସରସାଇଜ ଶନିବାର ସମସ୍ତ ବ୍ଲକସ୍ତରରେ ଅନୁଷ୍ଠିତ ହୋଇଥିବା ବେଳେ ରବିବାର ଜିଲା ସଦର ମହକୁମା ସମେତ ୫୧ଟି ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ କରାଯିବା ନେଇ ସୂଚନା ଦିଆଯାଇଛି। ଓସ୍‌ଡମା ପକ୍ଷରୁ ପ୍ରତିବର୍ଷ ଜୁନ୍ ୧୯ରେ ଜିଲାଠାରୁ ବ୍ଲକ ପର୍ଯ୍ୟନ୍ତ ଏବଂ ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ ଆୟୋଜନ କରାଯାଇଥାଏ। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମସ୍ତ ପ୍ରଶାସନିକ ଅଧିକାରୀ, ଜନତା, ସ୍ୱେଚ୍ଛାସେବୀ, ଅନୁଷ୍ଠାନଙ୍କ ସହ ସମନ୍ୱୟ ରକ୍ଷା କରି ବିପର୍ଯ୍ୟୟ ମୁକାବିଲା ଏବଂ ବିପର୍ଯ୍ୟୟରୁ କ୍ଷୟକ୍ଷତି, ଜନଜୀବନ ସୁରକ୍ଷାକୁ କିପରି ରକ୍ଷା କରାଯାଇପାରିବ, ତାହା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିରିକ୍ତ ଜିଲାପାଳ ପାଢ଼ୀ କହିଛନ୍ତି। ଏହି ବୈଠକରେ ଅତିରିକ୍ତ ଏସ୍‌ପି ଏସ୍.କେ. ମୁର୍ମୁ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଓ ଉନ୍ନୟନ ଅଧିକାରୀ ଦିଗନ୍ତ ରାଉତରାୟ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁଙ୍କ ସମେତ ଜିଲା ଆପତ୍‌କାଳୀନ ଏବଂ ଓସ୍‌ଡମାର ଅଧିକାରୀ ଉପସ୍ଥିତ ଥିଲେ।

# ଇ-ଅଫିସ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଖୋର୍ଦ୍ଧା ଅଫିସ,୧୮।୬**



ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଅନ୍ୟ ଅଧିକାରୀ।

ସରକାରୀ କାର୍ଯ୍ୟାଳୟରେ ପେପରଲେସ୍ ୱାର୍କ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଶନିବାର ଖୋର୍ଦ୍ଧା ଜିଲାର ସମସ୍ତ ସରକାରୀ କାର୍ଯ୍ୟ ଇ-ଅଫିସ ମାଧ୍ୟମରେ କରାଯିବ। ଶନିବାର ଏହି କାର୍ଯ୍ୟକ୍ରମକୁ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଛନ୍ତି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର। ସମସ୍ତ ତହସିଲ, ବ୍ଲକ ଏବଂ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ ଇ-ଅଫିସ ମାଧ୍ୟମରେ ଫାଇଲ କାର୍ଯ୍ୟ କରିବାକୁ ଜିଲାପାଳ ମହାପାତ୍ର ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟ ୫-ଟି ଅଧୀନରେ ଆସୁଛି। ଏହା ଦ୍ୱାରା ସ୍ୱଚ୍ଛତା ସହ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। କେଉଁ ଫାଇଲ କାହା ପାଖରେ ରହିଛି, କାହିଁକି ଅଟକିଛି, ଏହା ସହଜରେ ଜଣାପଡ଼ିବା ସହ କାର୍ଯ୍ୟ ତ୍ୱରିତ ହୋଇପାରିବ ବୋଲି ଜିଲାପାଳ ଆଶାବ୍ୟକ୍ତ କରିଛନ୍ତି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ମନୋଜ ପାଢ଼ୀ, ଭୁବନେଶ୍ୱର ଏଡିଏମ୍ ପ୍ରଫୁଲ୍ଲ ସ୍ୱାଇଁ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଓ ଉନ୍ନୟନ ଅଧିକାରୀ ଦିଗନ୍ତ ରାଉତରାୟ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ସମସ୍ତ ବିଡିଓ, ତହସିଲଦାରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସ୍ମୃତିଚାରଣ ସଭା

**ବୋଲଗଡ଼,୧୮।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ଗ୍ରାମର ମଧୁସୂଦନ ଦାସ ଓ ତାଙ୍କ ପୁଅ କ୍ଷୀରୋଦଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଶନିବାର ଦଶାହ ଅବସରରେ ଟାଉନ କ୍ଲବଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ। ଏହି ସଭାରେ ଲକ୍ଷ୍ମୀଧର ସାହୁ ସଭାପତିତ୍ୱ କରିଥିବା ବେଳେ ମିନ, ନାରଣ, କାବୁ, ପ୍ରତିମା, ଚପଳା, ମୁନିର, ରବୀନ୍ଦ୍ର, ପ୍ରସନ୍ନ, ନରେନ୍ଦ୍ର, ନିତ୍ୟାନନ୍ଦ, ଓଲି ମହମ୍ମଦ, ରତନା, ପ୍ରଫୁଲ୍ଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ନିଶା ବେପାରୀ ଦିଲୀପଙ୍କ ଦୋକାନ ଭାଙ୍ଗିଲା ପୋଲିସ

**ଭୁବନେଶ୍ୱର,୮।୬(ବ୍ୟୁରୋ)**



ଡୋଜର ମାଧ୍ୟମରେ ଘର ଭଙ୍ଗାଯାଉଛି।

ସାଲିଆ ସାହି ଆଦିବାସୀ ଗାଁରେ ସରକାରୀ ଜାଗାକୁ କବ୍‌ଜା କରି ଘର କରିଥିଲେ। ଭିତରେ ଗ୍ରସରୀ, ଆଉ ବାହାରେ ହେଉଥିଲା ଚା' ବେପାର। ହେଲେ ଦୋକାନ ବାହାନାରେ ଦମ୍ପତି ଚଳାଉଥିଲେ ବ୍ରାଉନସୁଗାର, ଗଞ୍ଜେଇ ଭଳି ନିଶା କାରବାର। ନୟାପଲ୍ଲୀ ଥାନା ପୋଲିସ ଶୁକ୍ରବାର ଚଢ଼ାଉ କରି ୬.୬ ଗ୍ରାମ୍‌ର ବ୍ରାଉନସୁଗାର, କାର ଓ ଟଙ୍କା ଜବତ କରିବା ସହ ଉଭୟ ଦିଲୀପ ବରାଳ ଓ ତାଙ୍କ ସ୍ତ୍ରୀ ପୂର୍ଣ୍ଣିମାଙ୍କୁ ଗିରଫ କରିଥିଲା। ଶନିବାର ନିଶା କାରବାରର ଆଡ୍ଡାସ୍ଥଳ ପାଲଟିଥିବା ଉକ୍ତ ଦୋକାନ ଘରକୁ ମାଟିରେ ମିଶାଇ ଦିଆଯାଇଛି। ବିଏମ୍‌ସି ପକ୍ଷରୁ ବୁଲ୍ ଡୋଜର ସହାୟତାରେ ଏହି ଉଚ୍ଛେଦ କରାଯାଇଥିବାବେଳେ ଫୋର୍ସ ସହ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ନିଶା ବେପାରୀଙ୍କ ଦୌରାତ୍ମ୍ୟକୁ ରୋକିବାକୁ ବଡ ପ୍ଲାନ ଆରମ୍ଭ କରିଛି କମିଶନରେଟ୍ ପୋଲିସ। ଆଗକୁ ଏଭଳି ପଦକ୍ଷେପ ଜାରି ରହିବ ବୋଲି ସୂଚନା ଦିଆଯାଇଛି।

# ବୈଠକ ପୂର୍ବରୁ କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୋଲିସ

**ପୁରୀ ଅଫିସ,୧୮।୬**

ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ସରକାରଙ୍କ ପକ୍ଷରୁ ଶନିବାର ସ୍ଥାନୀୟ ପୌରସଦନଠାରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ସମୀକ୍ଷା ବୈଠକ ହୋଇଥିଲା। ତେବେ ଏହା ପୂର୍ବରୁ ଯୁବ କଂଗ୍ରେସ ପକ୍ଷରୁ ବୈଠକରେ ଯୋଗଦେବାକୁ ଆସୁଥିବା ମନ୍ତ୍ରୀମାନଙ୍କୁ ବିରୋଧ କରାଯିବା ଖବରପାଇ ପୋଲିସ ଯୁବ ଓ ଛାତ୍ର କଂଗ୍ରେସର କେତେଜଣ କର୍ମୀଙ୍କୁ ଉଠାଇ ନେଇଥିଲା। ତେବେ ଅଟକ ଥିବା ଯୁବ କଂଗ୍ରେସ ନେତାଙ୍କ କହିବା ଅନୁଯାୟୀ, ପୁରୀ ପାଇଁ କାଳ ରାଜ୍ୟ ସରକାର। ଯୁବପିଢ଼ିଙ୍କ ନିଯୁକ୍ତି, ବେକାରି ସମସ୍ୟା ଏବଂ ଦାଦନ ସମସ୍ୟା ଥିବାବେଳେ ଶିକ୍ଷା ବିଭାଗରେ କେବଳ ୫-ଟି ସ୍କୁଲ କରିଦେଇ ଇଂରାଜୀ ମିଡିୟମଗୁଡିକୁ ପ୍ରମୋଶନ କରାଯାଉଛି। ଜିଲା ଚିକିତ୍ସାଳୟରେ ଅବ୍ୟବସ୍ଥା, ପୁରୀର ସ୍ୱରେଜ ଓ ଡ୍ରେନେଜ ବିଭାଗ ଠିକ ନ ହେବା ହେତୁ ରାସ୍ତାରେ ପାଣି ଲହଡ଼ା ମାରୁଛି। ଓଡ଼ିଶା ସରକାରଙ୍କ ଅନେକ ଯୋଜନା ପୁରୀ ସଦର ପଞ୍ଚାୟତର ଜନବସତିରେ ଅପହଞ୍ଚ। ଏଭଳି ସବୁ ଯୋଜନାରେ ଫେଲ ମାରିଥିବା ସରକାର ପୁରୀରେ ରଥଯାତ୍ରା ସମନ୍ୱୟ ବୈଠକ କରୁଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ବିରୋଧର ସମ୍ମୁଖୀନ ହେବେ ଜାଣି ପୁରୀ ଆସିବାକୁ ଡରିଗଲେ। ତେଣୁ ଭର୍ଚୁଆଲରେ ବୈଠକ ସମ୍ପାଦନ କରୁଛନ୍ତି। ହେଲେ ବୈଠକରେ ଯୋଗଦେବା ପାଇଁ ପୁରୀକୁ ଅନେକ ମନ୍ତ୍ରୀ ଓ ନେତାଙ୍କ ଆଗମନ ହେଉଛି। ହେଲେ ଏତେ ସବୁ ଯୋଜନା ଭିତରେ ପୁରୀ ଓଡ଼ିଶାର ପ୍ରାଣକେନ୍ଦ୍ର ହୋଇଥିଲେ ବି ଏଠାରେ ସବୁ ଫେଲ। ତେଣୁ ଏହି ବୈଠକକୁ ବିରୋଧ କରାଯାଉଥିଲା। ତେବେ କଲେଜ ରୋଡରୁ ପୋଲିସ ଛାତ୍ର ଓ ଯୁବ କଂଗ୍ରେସ କର୍ମୀଙ୍କୁ ଜବରଦସ୍ତି ବେଆଇନ ୮ଜଣ କର୍ମୀଙ୍କୁ ଅଟକ ରଖିବା ନିନ୍ଦନୀୟ। ପୁରୀ ଜିଲ୍ଲା କଂଗ୍ରେସ ଯୁବ ନେତା ଆଲୋକ ଦାଶ, ଛାତ୍ର ପୁରୀ ଜିଲ୍ଲା ସଭାପତି ଆଶୁତୋଷ ମିଶ୍ର, ସଦର ବ୍ଲକ ଯୁବନେତା ଆଦିତ୍ୟ ସାମନ୍ତରାୟ, ଅଗଷ୍ଟିନ ଜୋସେଫ, ଲକ୍ଷ୍ମୀଧର ସେଠୀ, ରୀଶାନ ଦାଶ, ବିଜ୍ଞାନ ନାୟକ, ସନ୍ତୋଷ ପରିଡା ପ୍ରମୁଖଙ୍କୁ ପୋଲିସ ଅଟକ ରଖିଥିଲା।

## ବାଙ୍କୀ କଲେଜକୁ 'ଲକ୍ଷ୍ମୀ ମଜୁମଦାର' ପୁରସ୍କାର

ବାଙ୍କୀ,(ସ୍ୱ.ପ୍ର.): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ଓ ରେଞ୍ଜର୍ସ ଉଲ୍ଲେଖନୀୟ ସାମାଜିକ କାର୍ଯ୍ୟ ପାଇଁ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଭାରତ ସ୍କାଉଟ୍ସ ଗାଇଡ ଓ ଶାଖା ଆନୁକୂଲ୍ୟରେ ଭୁବନେଶ୍ୱରର ରାଜଭବନଠାରେ ଏକ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଭବାନୀ ପ୍ରସାଦ ହୋତାଙ୍କୁ 'ଲକ୍ଷ୍ମୀ ମଜୁମଦାର' ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଉତ୍ସବରେ ବାଙ୍କୀ କଲେଜ ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହାବୋଧି ସୋସାଇଟି କର୍ମକର୍ତ୍ତାଙ୍କ ବୋଧିଦ୍ରୁମ ଦର୍ଶନ

ତିଗିରିଆ,୧୮।୬(ଡି.ଏନ.ଏ.): ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆର କଲିକତା ଏବଂ ଓଡ଼ିଶା ଶାଖା କର୍ମକର୍ତ୍ତା ଶନିବାର ତିଗିରିଆ ବ୍ଲକ ନୂଆପାଟଣା ଅଞ୍ଚଳ ଗସ୍ତକରି ବୁଦ୍ଧଜୟନ୍ତୀପୁରସ୍ଥିତ ବୁଦ୍ଧବିହାର ଏବଂ ବୋଧିଦ୍ରୁମ ପରିଦର୍ଶନ କରିଛନ୍ତି। ସୋସାଇଟ୍ର ଶାଖା କଲିକତା ଅତୋଦୀପର ସମ୍ପାଦକ ମଧୁଶ୍ରୀ ଚୌଧୁରୀ ଏବଂ ଓଡ଼ିଶାର ସମ୍ପାଦକ ସୌରେନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟ ୨ ସଦସ୍ୟ ଏହି ପରିଦର୍ଶନରେ ସାମିଲ ଥିଲେ। ଅତିଥିମାନେ ବୋଧିଦ୍ରୁମକୁ ଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ନୂଆପାଟଣା ବୌଦ୍ଧ ସଂଘ ସମ୍ପାଦକ ନିରଞ୍ଜନ ମହାପାତ୍ର, ସଭାପତି ରଙ୍ଗାଧର ପାତ୍ର, ସଦାନନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ରଜ ମହୋତ୍ସବ ଉଦ୍ୟାପିତ

କଟକ ସଦର, ୧୮।୬(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରଠାରେ ରଜ ମହୋତ୍ସବ ଶୁକ୍ରବାର ଉଦ୍ୟାପିତ ହୋଇଯାଇଛି। ୪ ଦିନ ବ୍ୟାପୀ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳ ଓ ରାଜ୍ୟର ସୁନାମଧନ୍ୟ କଳାକାରମାନେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଶିଳ୍ପୀ, କଳାକାର, ସାମାଜିକ କର୍ମୀ ଓ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କିଶୋରନଗର ଆଞ୍ଚଳିକ କଳା ପରିଷଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ସଭାପତି ପ୍ରକାଶ ଚନ୍ଦ୍ର ସେଠୀ, ସୂର୍ଯ୍ୟନାରାୟଣ ଦାଶ, କ୍ଷୀରୋଦ ସେଠୀ, ସତ୍ୟସିଦ୍ଧାନ୍ତ ଦାଶ, ଉପଦେଷ୍ଟା ଦେବେନ୍ଦ୍ର ବାରିକ, ଅଶୋକ ପଟ୍ଟନାୟକ, କମଳାକାନ୍ତ ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ।

### କଲଭର୍ଟ ଉଦ୍‌ଘାଟିତ

କଟକ ଅଫିସ, ୧୮।୬: କଟକ ମହାନଗର ନିଗମ(ସିଏମ୍ସି) ଅଧୀନ ୨୧ନଂ. ୱାର୍ଡରେ ଶନିବାର ଏକ କଲଭର୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସିଏମ୍ସି ମେୟର ସୁବାସ ସିଂ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡି.ଆର. ତ୍ରିପାଠୀ, ଧୀରେନ୍ଦ୍ର କୁମାର ପ୍ରଧାନ, ଡା. ସତ୍ୟବ୍ରତ ମହାପାତ୍ର, ସୁଭାଷ ସାହୁ, କର୍ପୋରେଟର ଅଶୋକ ଶର୍ମା, ବନଲତା ପ୍ରଧାନ ଓ କାଶୀନାଥ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଉକ୍ତ କଲଭର୍ଟ ଦୀର୍ଘବର୍ଷ ହେଲା ବିପଦସଙ୍କୁଳ ଅବସ୍ଥାରେ ଥିଲା। ସେଠାର ମୁଖ୍ୟ ଡ୍ରେନ୍ ପାଣି ନିଷ୍କାସନରେ ବାଧା ସୃଷ୍ଟି ହେଉଥିଲା। ସେଠାରେ ଏକ କଲଭର୍ଟ ନିର୍ମାଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଥିଲେ। ମେୟର ଉକ୍ତ ଦାବିକୁ ଗ୍ରହଣ କରିବା ପରେ ୧୫ ଦିନ ମଧ୍ୟରେ କଲ୍‌ଭର୍ଟ ନିର୍ମାଣ କରାଯାଇଛି।

### ୫ ଦୋକାନ ଭଙ୍ଗାଗଲା

ଖୁଣ୍ଟୁଣୀ,୧୮।୬(ଡି.ଏନ୍.ଏ.): ବେଆଇନ ଭାବେ ଦୀର୍ଘବର୍ଷ ଧରି ଖୁଣ୍ଟୁଣୀ ରାଧାନାଥ ବିଦ୍ୟାପୀଠ ପାଚେରି ଉପରେ ଥିବା ୫ଟି ଦୋକାନକୁ ତହସିଲ ପ୍ରଶାସନ ପକ୍ଷରୁ ଶନିବାର ଉଚ୍ଛେଦ କରାଯାଇଛି। ଉଚ୍ଛେଦ ଫଳରେ ଏବେ ସ୍ମାର୍ଟ ସ୍କୁଲ ପାଇଁ ଚାଲୁଥିବା ପାଚେରିକୁ ରଙ୍ଗ କରାଯାଇ ବିଭିନ୍ନ ଛବି ଅଙ୍କାଯିବ ବୋଲି ପ୍ରଧାନ ଶିକ୍ଷକ ସୌମେନ୍ଦ୍ର ପଣ୍ଡା କହିଛନ୍ତି। ଏହି ପାଚେରି ଉପରୁ ଦୋକାନ ଗୃହଗୁଡ଼ିକ ହଟାଇବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ଓ ପଞ୍ଚାୟତ ପକ୍ଷରୁ ଆଠଗଡ଼ ତହସିଲଦାରଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥିଲା। ତଦନୁଯାୟୀ ତହସିଲଦାର ପ୍ରିୟବ୍ରତ ଦାସ ବ୍ୟବସାୟୀମାନଙ୍କୁ ଗତ ଶୁକ୍ରବାର ସୁଦ୍ଧା ଦୋକାନ ଖୋଲିବାକୁ ନୋଟିସ୍ ଜାରି କରିଥିଲେ। ସେମାନେ ଦୋକାନରୁ ସାମଗ୍ରୀସବୁ ନେଇଯାଇଥିଲେ ବି ଘର କିମ୍ବା ଆଜବେଷ୍ଟସ ଭାଙ୍ଗି ନ ଥିଲେ। ଫଳରେ ଶନିବାର ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ ଓ ଖୁଣ୍ଟୁଣୀ ରାଜସ୍ୱ ନିରୀକ୍ଷକ ମୃତ୍ୟୁଞ୍ଜୟ ରାଉତଙ୍କ ଉପସ୍ଥିତିରେ ପୋଲିସ ସହାୟତାରେ ଦୋକାନଗୁଡ଼ିକ ଭଙ୍ଗାଯାଇଥିଲା।

# 'ଓଡ଼ିଆରେ ପ୍ରକାଶ ପାଉ ନ'ଅଙ୍କ ଦୁର୍ଭିକ୍ଷର ପୁସ୍ତକ'

**ନ'ଅଙ୍କ ଦୁର୍ଭିକ୍ଷ ଫଟୋ ପ୍ରଦର୍ଶନୀ ଉଦ୍‌ଘାଟିତ**

**■ପୋଷ୍ଟକାର୍ଡ, ସ୍ୱତନ୍ତ୍ର କଭର ଉନ୍ମୋଚିତ**

କଟକ ଅଫିସ, ୧୮।୬

ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର ଆର୍ଟ ଆଣ୍ଡ କଲଚରାଲ ହେରିଟେଜ (ଇନ୍‌ଟାକ) ଓ କଟକ କ୍ଲବର ମିଳିତ ଆନୁକୂଲ୍ୟରେ ନ'ଅଙ୍କ ଦୁର୍ଭିକ୍ଷ ସମୟର ଦୁଇଦିନିଆ ଫଟୋ ପ୍ରଦର୍ଶନୀ କ୍ଲବର ଆନେକ୍ସ ହଲ୍‌ରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ସମସ୍ତେ ଏହି ଦୁର୍ଭିକ୍ଷରୁ କିଛି ଶିଖିବା କଥା। ଦୁର୍ଭିକ୍ଷ କେବଳ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ହୁଏ ନାହିଁ, ଅଧିକାଂଶ ସମୟରେ ଏହା ମନୁଷ୍ୟକୃତ ହୋଇଥାଏ। ନ'ଅଙ୍କ ଦୁର୍ଭିକ୍ଷ ସମୟର ଦୃଶ୍ୟକୁ ଓଡ଼ିଆ ଭାଷାରେ ରୂପାନ୍ତରିତ କରି ପୁସ୍ତକ ପ୍ରକାଶନ କରାଯିବା ଉଚିତ। ଫଳରେ ସେ ସମୟର ଅବସ୍ଥା ବିଷୟରେ ସାଧାରଣ ଲୋକମାନେ ଜାଣିପାରିବେ। ଏଥିସହ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଏହି ପ୍ରଦର୍ଶନୀରେ ସାମିଲ କରି ନ'ଅଙ୍କ ଦୁର୍ଭିକ୍ଷ ବିଷୟରେ ଜଣାଇବାକୁ ସେ କହିଥିଲେ। ଏଥିସହ ସେ ଗୋଟିଏ ସେଟ୍ ପୋଷ୍ଟକାର୍ଡ ଓ ଦୁଇଟି ସ୍ୱତନ୍ତ୍ର କଭରକୁ ଉନ୍ମୋଚନ କରିଥିଲେ। ଏହାପରେ ଅନିଲ ଧୀର ଓ ରମେଶ ଚନ୍ଦ୍ର ମହାପାତ୍ରଙ୍କ ଲିଖିତ ଇଂଲିଶ ପୁସ୍ତକ 'ଦି ଗ୍ରେଟ୍ ଓଡ଼ିଶା ଫେମିନ ୧୮୬୬' ଉପସ୍ଥାପନ କରାଯାଇଥିଲା। ସୂଚନାଯୋଗ୍ୟ, ୧୮୬୬ ମସିହାରେ ଓଡ଼ିଶାରେ ଦେଖାଦେଇଥିବା ନ'ଅଙ୍କ ଦୁର୍ଭିକ୍ଷର ୧୫୬ ବାର୍ଷିକୀ ଅବସରରେ ଇନ୍‌ଟାକ୍ ଓ କଟକ କ୍ଲବ ପକ୍ଷରୁ ଏହି ପ୍ରଦର୍ଶନୀ ଆୟୋଜନ କରାଯାଇଛି। ଏଥିରେ ବିଦେଶ ଗଣମାଧ୍ୟମରେ ଦୁର୍ଭିକ୍ଷ ସମୟରେ ପ୍ରକାଶିତ ହୋଇଥିବା ଫଟୋ, ରେଖାଚିତ୍ର ଓ ପ୍ରତିକୃତି ସ୍ଥାନିତ ହୋଇଛି। ଏହି ଫଟୋ ପ୍ରଦର୍ଶନୀକୁ ମୁଖ୍ୟ ବିଚାରପତି ମୁରଲୀଧର ବୁଲି ଦେଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଇନ୍‌ଟାକ୍‌ର ରାଜ୍ୟ କନ୍‌ଭେନର ଅମିୟ ଭୂଷଣ ତ୍ରିପାଠୀ, ଇନ୍‌ଟାକ କଟକ ଚାପ୍‌ଟରର କନଭେନର ଇଂ. ଗୋପାଳକ୍ରିଷ୍ଣ ବେହେରା ଓ କଟକ କ୍ଲବର ସମ୍ପାଦକ ସାତ୍ୟକି ଘୋଷ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଡା. ନିରଞ୍ଜନ ତ୍ରିପାଠୀ, ଆଡ୍‌ଭୋକେଟ ତୁଷାରକାନ୍ତ ଘୋଷ, ରୋଟାରୀ କ୍ଲବର ସୁଜିତା ଶତପଥୀ, ଧୀରେନ୍ଦ୍ର କୁମାର ବିଶ୍ୱାଳ, ଡ. ଦୀପକ ସାମନ୍ତରା ଓ କବିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଫଟୋ ପ୍ରଦର୍ଶନୀକୁ ଦେଖୁଛନ୍ତି।

# ଆଜି ୨୫ ବହୁମୁଖୀ ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ

କଟକ ଅଫିସ, ୧୮।୬

ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ନିମନ୍ତେ ଜିଲାସ୍ତରୀୟ ନକଲ ଅଭ୍ୟାସ କୌଶଳ ପ୍ରଦର୍ଶନୀ ପରିଚାଳନା ବୈଠକ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଜ୍ଞାନ ଦାସ ଯୋଗଦେଇ ରବିବାର ଜିଲାର ବିଭିନ୍ନ ବ୍ଲକର ୨୫ଟି ବହୁମୁଖୀ ଆଶ୍ରୟସ୍ଥଳୀରେ ହେବାକୁ ଥିବା ମକ୍‌ଡ୍ରିଲ ସମ୍ବନ୍ଧରେ ଅବଗତ ହୋଇଥିଲେ। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରି ମକ୍‌ଡ୍ରିଲକୁ ସଫଳତାର ସହ ପ୍ରଦର୍ଶନ ଓ ପରିଚାଳନା କରିବାକୁ ଜିଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜନମାନସରେ ଏହାର ପ୍ରତିଛବି ଜୀବନ୍ତ କରି ରଖିପାରିଲେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍ୱତଃପ୍ରବୃତ୍ତ ଭାବେ ଜନସାଧାରଣ ଜୀବନଜୀବିକା ବଞ୍ଚାଇବାରେ ପ୍ରଶାସନକୁ ସହଯୋଗ କରିବେ। ଫଳରେ ସରକାରଙ୍କ ଆଭିମୁଖ୍ୟ ଶୂନ ମୃତ୍ୟୁହାର ସମ୍ଭବ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗର ବିପର୍ଯ୍ୟୟ ପ୍ରସ୍ତୁତି ପରିଚାଳନାକୁ ପାୱାର ପଏଣ୍ଟ ମାଧ୍ୟମରେ ଜିଲା କାର୍ଯ୍ୟକ୍ରମ ଅଧିକାରୀ ସଚ୍ଚିଦାନନ୍ଦ ପତି ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିରେ ଜିଲା ଜରୁରିକାଳୀନ ଅଧିକାରୀ ଏନ୍.ଏନ୍. ରାଜଲକ୍ଷ୍ମୀ ଓଝା, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କୁମାର କର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ, ସହକାରୀ ଜିଲା ଜରୁରିକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ନିୟନ୍ତ୍ରଣରେ କାର୍ଯ୍ୟ କର

**ସମନ୍ୱିତ ରୋଗ ନିୟନ୍ତ୍ରଣ ପରିଚାଳନା ବୈଠକ**

କଟକ ଅଫିସ, ୧୮।୬

କଟକ ଜିଲାରେ ସମନ୍ୱିତ ରୋଗ ନିୟନ୍ତ୍ରଣ ପରିଚାଳନା ବୈଠକ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ସତ୍ୟବ୍ରତ ଛୋଟରାୟ ଯୋଗଦେଇ ଶିଶୁ, ବୃଦ୍ଧାବୃଦ୍ଧ, ଗର୍ଭବତୀ ଓ ପ୍ରସୂତିଙ୍କ ଯତ୍ନ ନେବାରେ ପରିବାର ସଦସ୍ୟ ସଚେତନ ହେବାକୁ କହିଥିଲେ। ଏଥିସହ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଚିକିତ୍ସାରେ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଅଧ୍ୟକ୍ଷତା କରି ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ନିୟନ୍ତ୍ରଣ ଓ ମୂଳୋତ୍ପାଟନ ଦିଗରେ କାର୍ଯ୍ୟ କରିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ଚଳିତ ଜୁନ୍ ୨୧ରୁ ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ଜିଲାରେ ସମନ୍ୱିତ ରୋଗ ନିୟନ୍ତ୍ରଣ ପରିଚାଳନା କାର୍ଯ୍ୟକ୍ରମ ଚାଲୁ ରହିବ। ଏହି ସମୟରେ ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସ୍ୱାସ୍ଥ୍ୟ, ଶିକ୍ଷା ଓ ସଚେତନତା ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବେ। ସେହିପରି ପ୍ରତ୍ୟେକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ସମନ୍ୱିତ ରୋଗ ନିୟନ୍ତ୍ରଣ ନେଇ ସଚେତନ ବାର୍ତ୍ତା ଦିଆଯିବ। ଗ୍ରାମାଞ୍ଚଳରେ ଅଙ୍ଗନୱାଡି କେନ୍ଦ୍ର ଏବଂ ପଞ୍ଚାୟତସ୍ତରରେ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର କରାଯାଇ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଓ କୋଭିଡ ରୋଗର ନିରାକରଣ ଉପରେ ସଚେତନ କରାଯିବ। ଏହି ବୈଠକରେ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଡିପିଏଚ୍‌ଓ ଡା. ନୀଳାକ୍ଷୀ ଶିରକାର, ଏଡିଏମ୍‌ଓ ଡା. ମମତା ମହାପାତ୍ର, ଏଡିପିଏଚ୍‌ଓ ଡା. ଦୀପା ପ୍ରଧାନ, ଜିଲା ମ୍ୟାଲେରିଆ ନିୟନ୍ତ୍ରଣ ଅଧିକାରୀ ଡା. ରଞ୍ଜନ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# କାର୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

ତିଗିରିଆ,୧୮।୬(ଡି.ଏନ.ଏ.)

ତିଗିରିଆ ଥାନା ଅନ୍ତର୍ଗତ ୬୫ ନଂ. ରାଜ୍ୟ ରାଜପଥର ଗୋପୀନାଥପୁର ଶାସନ କଦଳୀବାଡ଼ି ଶବରସାହି ନିକଟରେ ଶନିବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ଏକ କାର ୨ ପୃଥକ୍ ବାଇକ୍ ଆରୋହୀଙ୍କୁ ପଛପଟୁ ଧକ୍କାଦେବା ଫଳରେ ଉଭୟ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ନୂଆପାଟଣାର ପ୍ରଦୀପ ବସ୍ତି ନିଜର ସ୍କୁଟି ଏବଂ ମାନପୁର ଗ୍ରାମର ପ୍ରଦୀପ ମହାରଣା ନିଜ ବାଇକ୍‌ରେ ତିଗିରିଆରୁ କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ ତିଗିରିଆ ପଟୁ ଦ୍ରୁତଗତିରେ ଆସୁଥିବା ଏକ କାର ସେମାନଙ୍କୁ ପଛପଟୁ ଧକ୍କା ଦେବାଫଳରେ ଆରୋହୀମାନେ ନିଜ ନିଜ ଗାଡ଼ି ସହ ଖସିପଡ଼ିଥିଲେ। ଉଭୟ ଗୁରୁତରଙ୍କୁ ଲୋକେ ଉଦ୍ଧାର କରି ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଗାଡ଼ିଟି ଧକ୍କା ଦେଇ ନୂଆପାଟଣା ଆଡ଼କୁ ପଳାଇଥିବା ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି।

# ଶୋଭାଯାତ୍ରାରେ ସଚେତନତା ବାର୍ତ୍ତା



ଡିଆର୍‌ଡିଏ କାର୍ଯ୍ୟାଳୟ ନିକଟରୁ ବାହାରିଥିବା ଶୋଭାଯାତ୍ରା।

କଟକ ଅଫିସ, ୧୮।୬

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ କଟକ ଓର୍‌ମାସ ଏବଂ ପିଆଇଏ (ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟିଂ ଏଜେନ୍ସିଜ୍) ପକ୍ଷରୁ ସ୍ୱଚ୍ଛତା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ) କାର୍ଯ୍ୟାଳୟ ନିକଟରୁ ବାହାରିଥିବା ଶୋଭାଯାତ୍ରାକୁ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କୁମାର କର ଉଦ୍‌ଘାଟନ କରିଥିଲେ। ଏହି ଶୋଭାଯାତ୍ରା ଚାନ୍ଦିନିଚୌକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଛାତ୍ରୀଛାତ୍ରମାନେ ପରିବେଶ ସଫା ରଖିବାକୁ ସଚେତନତା ବାର୍ତ୍ତା ଦେଇଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଇ ସିଡିଏ ସେକ୍ଟର-୯ ଓ ସେକ୍ଟର-୧୧ରେ ଥିବା ପିଆଇଏ ରେଡ୍‌ଟେକ୍ ପ୍ରାଇଭେଟ ଲିମିଟେଡ୍ ଓ ରୋମାନ ଟେକ୍ନୋଲୋଜିକ୍ ପରିସର ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଓର୍‌ମାସର ଯୁଗ୍ମ ସିଇଓ ବିପିନ ରାଉତ ଉପସ୍ଥିତ ଥିଲେ।

# ରାସାୟନିକ ସାର, କୀଟନାଶକ ବର୍ଜନ ଉପରେ ଗୁରୁତ୍ୱ

**ଜିଲାସ୍ତରୀୟ ଆତ୍ମନିର୍ଭର କୃଷକ ଅଭିଯାନ ଉଦ୍‌ଯାପିତ**



ଶୋଭାଯାତ୍ରାରେ ସାମିଲ ହୋଇଥିବା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଦସ୍ୟ ଓ ଅନ୍ୟମାନେ।

ବାଙ୍କୀ,୧୮।୬(ସ୍ୱ.ପ୍ର)

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଓ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଏବଂ କୃଷି ଓ ଗ୍ରାମବିକାଶ ତରଫରୁ ମେ'୨୨ରୁ ଚାଲିଥିବା ଆତ୍ମନିର୍ଭର କୃଷି ଅଭିଯାନ ୨୮ ଦିନ ପରେ ଶନିବାର ବାଙ୍କୀରେ ଉଦ୍‌ଯାପିତ ହୋଇଯାଇଛି।

ଏହି ଅଭିଯାନ ଜରିଆରେ କଟକ ଜିଲାର ବିଭିନ୍ନ ଗାଁ ଗଣ୍ଡାରେ ସଚେତନ ରଥ ବୁଲି ରାସାୟନିକ ସାର ଓ କୀଟନାଶକକୁ ସମ୍ପୂର୍ଣ୍ଣ ବର୍ଜନ କରିବା ଉପରେ ବାର୍ତ୍ତା ପ୍ରଦାନ କରିଥିଲା। ବାଙ୍କୀ କଚେରି ଛକ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାସାୟନିକ, କୀଟନାଶକ ପ୍ରୟୋଗ ଦ୍ୱାରା ଲୋକେ ବିଭିନ୍ନ ରୋଗର ଶିକାର ହେଉଛନ୍ତି ବୋଲି କହିଥିଲେ। ଯୌଗିକ ଓ ଜୈବିକ କୃଷିକୁ ଆପଣାଇଲେ ଉନ୍ନତ ଧରଣର ଚାଷ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ଏନ୍‌ଏସି ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, ଜିଲା ପରିଷଦ ସଭ୍ୟା ମିନତି ମହାପାତ୍ର, ପୂର୍ବତନ କେନ୍ଦ୍ର ସମବାୟ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ପୂର୍ବତନ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ସମରେନ୍ଦ୍ର ମହାପାତ୍ର, ଏନ୍‌ଏସି କାଉନସିଲର ସନାତନ ବେହେରା ପ୍ରମୁଖ ଯୋଗଦେଇଥିଲେ। କୃଷି ବିଶେଷଜ୍ଞ ବ୍ରହ୍ମକୁମାର ଗୋପାଳ କହିଥିଲେ, ଗୋମୂତ୍ର,ଗୋବର, ଦହି, ବେସନ ଓ ଗୁଡ଼କୁ ମିଶ୍ରଣ କରି ଜୀବାମୃତ ତିଆରି କରି କ୍ଷେତରେ ପ୍ରୟୋଗ କଲେ ଜମିର ଉର୍ବରତା ଫେରି ଆସିଥାଏ।

ଏହି ଅବସରରେ ଏକ ରାଲି ଚର୍ଚ୍ଚିକା ଗ୍ରାମ, ସାହାଡାପଦା ସମେତ ଅନ୍ୟାନ୍ୟ ଅଞ୍ଚଳକୁ ଯାଇ ଜନସାଧାରଣଙ୍କୁ ସଚେତନ କରାଇଥିଲା। କାର୍ଯ୍ୟକ୍ରମକୁ ଗୌରୀ, ବ୍ରହ୍ମକୁମାରୀ ଅରୁଣା, ସରସ୍ୱତୀ, କୃଷ୍ଣା, ରଞ୍ଜିତା , ରୀତା ଭଉଣୀ ପ୍ରମୁଖ ପରିଚାଳନା କରିଥିଲେ।

# ପାଲା ମହୋତ୍ସବ ଉଦ୍‌ଯାପିତ

ଚୌଦ୍ୱାର,୧୮।୬(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ଅନ୍ତର୍ଗତ ନିମାପଡ଼ା ଗ୍ରାମରେ ୧୫୦ତମ ବାର୍ଷିକ ପାଲା ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଅନୁଷ୍ଠିତ ଏହି ମହୋତ୍ସବରେ ଗାୟକ ସୌରଭ ପ୍ରେମାନନ୍ଦ ବର୍ଦ୍ଧନ ଓ ଉତ୍କଳ ପ୍ରତିଭା ସିଦ୍ଧେଶ୍ୱର ନାୟକ ପାଲା ପରିବେଷଣ କରିଥିଲେ। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ଚୌଦ୍ୱାର ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଡ. ବିଚିତ୍ରାନନ୍ଦ ସ୍ୱାଇଁ, ମଧୁସୂଦନ ବେହେରା, ଯୋବ୍ରା ପାଲା ଅନୁଷ୍ଠାନର ଚିରଞ୍ଜୀବୀ ବେହେରା, ବିଚିତ୍ରାନନ୍ଦ ନାୟକ, ପୂର୍ବତନ ସରପଞ୍ଚ କଲ୍ୟାଣୀ ସାମଲ, ନରେନ୍ଦ୍ର ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସୁକାନ୍ତ ସ୍ୱାଇଁ, ଦୁର୍ଗାମାଧବ ମୁଦୁଲି, ବିଜୟ ସ୍ୱାଇଁ, ଅଜୟ ନାୟକ, କୀର୍ତ୍ତିଚନ୍ଦ୍ର ସାମନ୍ତ, ଅର୍ଜୁନୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୁଷ୍ମନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

# 'ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ନମୁନା ହୋଇଛି'

ବାଙ୍କୀ/ତିଗିରିଆ/ କଟକ ସଦର, ୧୮।୬(ସ୍ୱ.ପ୍ର./ଡି.ଏନ୍.ଏ.)

ବାଙ୍କୀ ଓ ଡମପଡ଼ା ବ୍ଲକ ସଭାଗୃହରେ ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ମୁକାବିଲା ପାଇଁ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଭୟ ବ୍ଲକରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜ୍ଞାନଦାସ ଯୋଗଦେଇ କହିଥିଲେ, ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମର ନୀତି ହେଉଛି, ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଏହି ନୀତିକୁ ଅନୁସରଣ କରି ଓଡ଼ିଶା ଅନ୍ୟ ରାଜ୍ୟ ଆଗରେ ନମୁନା ହୋଇଛି। ବୈଠକରେ ଜିଲା ଜରୁରୀକାଳୀନ ଅଧିକାରୀ ସଚ୍ଚିଦାନନ୍ଦ ପତି, ବିଡିଓ ଯୋଗେଶ୍ୱର ନାୟକ, ଅତିରିକ୍ତ ବିଡିଓ ସୁଚିସ୍ମିତା ନାୟକ, ମଧୁସ୍ମିତା ପରିଜା, ଚିତ୍ତରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଡମପଡା ବ୍ଲକରେ ଆୟୋଜିତ ବୈଠକରେ ବିଡିଓ ଶ୍ୟାମଳ ରାୟ, ଜିଲା ଜରୁରିକାଳୀନ ଅଧିକାରୀ ସଚ୍ଚିଦାନନ୍ଦ ପତି, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ ପଟେଲ, ବାଙ୍କୀ ବିଡିଓ ଯୋଗେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତିଗିରିଆ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ହୋଇଥିବା ବୈଠକରେ ତିଗିରିଆ ତହସିଲଦାର ପ୍ରମୋଦ ବାସ୍କେ ଅଧ୍ୟକ୍ଷତା କରିଥିଲେ। ଏଥିରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗଙ୍ଗାଧର ବେହେରା, ସହକାରୀ ଯନ୍ତ୍ରୀ ଅଶୋକ ନନ୍ଦ, ନିର୍ବାହୀ ଯନ୍ତ୍ରୀ ସମୀର ରଥ, ମନ୍ତ୍ରୀଙ୍କ ପ୍ରତିନିଧି ଗୌରହରୀ ପରିଡ଼ାଙ୍କ ସମେତ ୩ ବାତ୍ୟା ଓ ବନ୍ୟା ବିପର୍ଯ୍ୟୟ ଆଶ୍ରୟସ୍ଥଳର ସମ୍ପାଦକ ଗଦାଧରପୁରର ସୁରେନ୍ଦ୍ର ସ୍ୱାଇଁ, ହାଟମାଳର ବ୍ରଜବନ୍ଧୁ ପଣ୍ଡା ଏବଂ ବଉଳାଙ୍ଗର ବସନ୍ତ ସାମଲ ଉପସ୍ଥିତ ଥିଲେ।

କଟକ ସଦର ବ୍ଲକ କାର୍ଯ୍ୟାଳୟରେ ଏନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପାଧ୍ୟକ୍ଷା ଅମ୍ବିକା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୃଷି, ସ୍ୱାସ୍ଥ୍ୟ, ଯୋଗାଣ, ପ୍ରାଣୀଧନ, ଜଳଯୋଗାଣ, ସମନ୍ୱିତ ଶିଶୁ ବିକାଶ ଓ ଅଗ୍ନିଶମ ବିଭାଗର ପ୍ରତିନିଧିମାନେ ଯୋଗଦେଇ ସମ୍ଭାବ୍ୟ ବାତ୍ୟା, ବନ୍ୟାର ମୁକାବିଲା ପାଇଁ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଏହି ବୈଠକ କରାଯାଇଥିବା ବିଡିଓ ରାଜୀବ ଲୋଚନ ପରିଡା କହିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ବିକାଶ ଭୂୟାଁ, କନିଷ୍ଠ ଯନ୍ତ୍ରୀ ସତ୍ୟରଞ୍ଜନ ମିଶ୍ର, ଜିପିଇଓ ଯାଜ୍ଞସେନୀ ଗୋଚ୍ଛାୟତ ଓ ବିଧାୟକଙ୍କ ପ୍ରତିନିଧି ବିଭୂତି ଭୂଷଣ ପରିଡ଼ା ଯୋଗଦେଇଥିଲେ।

# ମା'ରଚିକବାସିନୀ ରଜ ମହୋତ୍ସବ ଉଦ୍‌ଯାପିତ

ବାଙ୍କୀ,୧୮।୬(ସ୍ୱ.ପ୍ର)

ବାଙ୍କୀ ସଂସ୍କୃତି ଜାଗରଣ ପରିଷଦ ଆନୁକୂଲ୍ୟରେ ଆୟୋଜିତ ମା'ରଚିକବାସିନୀ ରଜ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ରଚିକା ହାଟ ପରିସରରେ ଆୟୋଜିତ ସଭାରେ ଅନୁଷ୍ଠାନ ସଭାପତି ସଚ୍ଚିଦାନନ୍ଦ ସାମଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ ଯୋଗଦେଇ ରଜ ମହୋତ୍ସବ ମାଧ୍ୟମରେ ବାଙ୍କୀର ଐତିହ୍ୟ, ପରମ୍ପରା, ଲୋକକଳାଗୁଡିକ ଆଦୃତ ହୋଇପାରୁଛି ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତାଭାବେ ଶିକ୍ଷାବିତ ଡ. ଗଣେଶ୍ୱର ସ୍ୱାଇଁ ଯୋଗଦେଇ ବାଙ୍କୀର ହଜିଯାଇଥିବା କଳା, ସାହିତ୍ୟ, ଲୋକକଳା, ପାଲା, ଦାସକାଠିଆ ଏହି ଉତ୍ସବ ଜରିଆରେ ଲୋକଲୋଚନକୁ ଆସିପାରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡମପଡ଼ା ବିଡିଓ ଶ୍ୟାମଳ ଚନ୍ଦ୍ର ରାୟ, ଜିଲା ପରିଷଦ ସଭ୍ୟ ଆଶିଷ କୁମାର ସାହୁ, ଅଇନଜୀବୀ ପ୍ରକାଶ ଚନ୍ଦ୍ର ବେଉରା ଓ ଯୁବନେତା ଶ୍ରୀନିବାସ ବେହେରା ଯୋଗଦେଇ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଓ କନିଷ୍ଠ ସଂଗୀତରେ ସୃଜନିକା, କ୍ୟାରମ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପଟେଲ ପୁରସ୍କୃତ କରିଥିଲେ। ସମ୍ପାଦକ ଅଶୋକ କୁମାର ଗିରି ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ନକୁଳ ବେହେରା ଧନ୍ୟବାଦ ଦେଇଥିଲେ। ଶେଷରେ ମେଲୋଡି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ରଜ ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଅସରାଏ ବର୍ଷା, ରାସ୍ତାରେ ପାଣି

ଚୌଦ୍ୱାର,୧୮।୬(ଡି.ଏନ୍.ଏ.)

ଶନିବାର ଅପରାହ୍ନରେ ଦୀର୍ଘ ସମୟ ଧରି ବର୍ଷା ଲାଗିରହିବାରୁ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ରାସ୍ତାରେ ପାଣି ଜମି ରହିଥିଲା। ବିଶେଷକରି ପୌରପାଳିକାର ୧୭ନଂ. ୱାର୍ଡର ମୁଖ୍ୟ ପ୍ରବେଶ ପଥରେ ଥିବା ଡ୍ରେନ୍ ମୁହଁରେ ଆବର୍ଜନା ଜମିରହି ଜାମ୍ ହୋଇଯାଇଛି। ଏଥିଯୋଗୁ ଜଳ ନିଷ୍କାସନ ବାଧାପ୍ରାପ୍ତ ହୋଇଛି। ସେହିପରି ଉକ୍ତ ୱାର୍ଡର ଅନ୍ୟ ଡ୍ରେନ୍‌ଗୁଡ଼ିକରେ ସମାନ ଅବସ୍ଥା ଦେଖିବାକୁ ମିଳିଛି। ବର୍ଷାଜଳ ନିଷ୍କାସନ ହୋଇ ନ ପାରିବାରୁ ନୂଆସାହି ଅଞ୍ଚଳର ଲୋକଙ୍କ ଘର ସମ୍ମୁଖରେ ବର୍ଷାପାଣି ଲହଡ଼ି ଭାଙ୍ଗୁଥିଲା। ରାସ୍ତାରେ ପାଣି ଜମି ରହିବାରୁ ଯାତାୟାତରେ ଅସୁବିଧା ହୋଇଥିଲା। ବର୍ଷା ଆରମ୍ଭରୁ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି। ଯଦି ଆଗାମୀ ଦିନରେ ଡ୍ରେନ୍ ସଫା ନ କରାଯାଏ ତେବେ ଲୋକମାନେ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା ପ୍ରକାଶ ପାଇଛି। ତୁରନ୍ତ ପୌର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ୱାର୍ଡବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରା କହିଛନ୍ତି, ଜାତୀୟ ରାଜପଥ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ମୁଖ୍ୟ ଡ୍ରେନ୍ କାର୍ଯ୍ୟ ହୋଇପାରୁନାହିଁ। ତେଣୁ ଏଭଳି ପରିସ୍ଥିତି ସୃଷ୍ଟି ହେଲା। ଏହାର ସମାଧାନ ପାଇଁ ଖୁବ୍‌ଶୀଘ୍ର ଅସ୍ଥାୟୀ ଭାବେ ପଦକ୍ଷେପ ନିଆଯିବ।



ରାସ୍ତାରେ ଜମି ରହିଥିବା ବର୍ଷା ପାଣି।